


Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 34 | ISSUE 40 | ଭାଗ ୩୪ | ସଂଖ୍ୟା ୪୦ — Bhubaneswar | Saturday 3 May 2025 | Page 8 Rs. 4.00 — ● ଭୁବନେଶ୍ୱର ଶନିବାର ୩ ମେ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


# ଆତ୍ମହତ୍ୟାର ଉପତ୍ୟକା କିଟ୍

- ପୁଣି ଜଣେ ନେପାଳୀ ଛାତ୍ରୀଙ୍କ ମୃତ୍ୟୁ
- ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ: ଆଇନ ମନ୍ତ୍ରୀ
- ୯ ସୁଦ୍ଧା ତଦନ୍ତ ରିପୋର୍ଟ ଦିଅ: ଏନଆରଏଚସି
- କମିଟି ଗଠନ କଲା ୟୁଜିସି
- ଓଏଚଆରସିକୁ ଗଲା ମାମଲା



**ଭୁବନେଶ୍ୱର, ୨।୫(ସଂଚାର ବ୍ୟୁରୋ):** ଜାତୀୟ ନୁହେଁ, ଅନ୍ତର୍ଜାତୀୟ ସ୍ତରରେ ବେଶ୍ ନାମ କମାଇପାରିଛି ବୋଲି କିଟ୍ କର୍ତ୍ତୃପକ୍ଷ ବାହାବା ନେଉଥିଲେ ମଧ ଏହାର ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ। ଏଠି ଛାତ୍ରଛାତ୍ରୀଙ୍କୁ ଉଚ୍ଚ ଶିକ୍ଷା ନାଁରେ ଶୋଷଣ କରାଯାଉଛି ବୋଲି କ୍ରମାଗତ ଅଭିଯୋଗ ଆସୁଛି। ଏପରିକି ଗତ ଫେବୃଆରୀରେ ଜଣୈକା ନେପାଳୀ ଛାତ୍ରୀ ଆତ୍ମହତ୍ୟା ଘଟଣାରେ କିଟ୍ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଓ ବେପରୁଆ ମନୋଭାବ ପାଇଁ ଓଡ଼ିଶା ଅନ୍ତର୍ଜାତୀୟ ସ୍ତରରେ ବଦନାମ ମୁଣ୍ଡାଇଥିଲା। ଏହି ବିବାଦ ସମ୍ପୂର୍ଣ୍ଣ ଭାବେ ଶୀତଳ ହୋଇନଥିବା ବେଳେ ପୁଣି ଜଣେ ନେପାଳୀ ଛାତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିବା ଫଳରେ କିଟ୍ ମୃତ୍ୟୁର ଉପତ୍ୟକା ପାଲଟିଯାଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ।

ସୂଚନାନୁସାରେ, କିଟ୍ ପରିସରରେ ଥିବା ଏକ ହଷ୍ଟେଲରୁ ଉକ୍ତ ନେପାଳୀ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଗୁରୁବାର ଉଦ୍ଧାର କରାଯାଇଛି। ପୁଲିସ କମିଶନର୍ ଏସ୍. ଦେବଦତ୍ତ ସିଂ ଏନେଇ ସୂଚନା ଦେବା ସହ ତଦନ୍ତ ଆରମ୍ଭ ହୋଇଥିବା କହିଛନ୍ତି। ମୃତ ଛାତ୍ରୀ ଜଣଙ୍କ ପ୍ରୀଶା ଶାହା ହୋଇଥିବା ବେଳେ ସେ ମଧ ବି.ଟେକ୍ ଛାତ୍ରୀ ଥିଲେ। ଏହି ମାମଲାରେ ପୁଲିସ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ତେବେ ଏହି ଘଟଣାରେ ଜାତୀୟ ମାନବାଧିକାର କମିଶନ (ଏନଆରଏଚସି)ଙ୍କ ପକ୍ଷରୁ ଗଭୀର ଉଦବେଗ ପ୍ରକାଶ ପାଇଛି। ଏନେଇ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଓ ଡିଜିଙ୍କୁ ନୋଟିସ ଜାରି କରାଯାଇଛି। ପୀଡ଼ିତାଙ୍କ ମାନବାଧିକାର ଉଲ୍ଲଙ୍ଘନ ହୋଇଛି। ୩ ମାସରେ ୨ ଜଣ ନେପାଳୀ ଛାତ୍ରୀଙ୍କ ମୃତ୍ୟୁ ଅତ୍ୟନ୍ତ ଦୁଃଖଦ ଘଟଣା। ତେଣୁ ତୁରନ୍ତ ମାମଲା ରୁଜୁ କରି ତଦନ୍ତ କରିବାକୁ କମିଶନ୍ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୯ ତାରିଖ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ କମିଶନ୍‌ଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ନେପାଳୀ ଛାତ୍ରୀ ମୃତ୍ୟୁ ଘଟଣାର ତଦନ୍ତ ପାଇଁ ଫ୍ୟାକ୍ଟ ଫାଇଣ୍ଡିଂ କମିଟି ଗଠନ କରାଯାଇଛି। ଇଗ୍ନୋର ପୂର୍ବତନ ଅଧକ୍ଷ ନାଗେଶ୍ୱର ରାଓଙ୍କ ଅଧକ୍ଷତାରେ ଏହି କମିଟି ଗଠନ କରାଯାଇଥିବା ବେଳେ ଏଥିରେ ୩ ଜଣ ସଦସ୍ୟ ଅଛନ୍ତି। କାହିଁକି ଏପରି ଘଟୁଛି, ସୁରକ୍ଷା ବ୍ୟବସ୍ଥା କିପରି ରହିଛି, ତାହା କମିଟି ତଦନ୍ତ କରି ୧୦ ଦିନ ଭିତରେ ରିପୋର୍ଟ ପ୍ରଦାନ କରିବେ। ସେହିପରି ଓକିଲ ➪ପୃଷ୍ଠା-୬

### ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶିତ

# ସଫଳତା ହାର ୯୪.୯୩ ପ୍ରତିଶତ

- ଛାତ୍ରଙ୍କୁ ଟପିଲେ ଛାତ୍ରୀ
- ୧୪ରୁ ସପ୍ଲିମେଣ୍ଟାରୀ ପାଇଁ ଆବେଦନ
- ପାସ୍ ହାରରେ ଗଜପତି ନଂ.୧




**ଭୁବନେଶ୍ୱର,୨।୫(ସଂଚାର ବ୍ୟୁରୋ):** ଆଜି ପ୍ରକାଶ ପାଇଛି ମାଟ୍ରିକ୍ ପରୀକ୍ଷା ଫଳ। ଚଳିତ ବର୍ଷ ସଫଳତା ହାର ୯୪.୯୩ ପ୍ରତିଶତ ରହିଥିବା ବେଳେ ପୁଣିଥରେ ଛାତ୍ରୀମାନେ ଛାତ୍ରଙ୍କୁ ପଛରେ ପକାଇଦେଇଛନ୍ତି। ଚଳିତ ବର୍ଷ ୫ ଲକ୍ଷ ୨ ହଜାର ୪୧୭ ଜଣ ରେଗୁଲାର୍ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୪ ଲକ୍ଷ ୮୪ ହଜାର ୮୬୩ ଜଣ କୃତକାର୍ଯ୍ୟ ହୋଇଛନ୍ତି ବୋଲି ଘୋଷଣା ବେଳେ କହିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ଛାତ୍ରଙ୍କ ପାସ୍ ହାର ୯୪ ପ୍ରତିଶତ ରହିଥିବା ବେଳେ ୯୬ ପ୍ରତିଶତ ଛାତ୍ରୀ ପାସ୍ କରିଛନ୍ତି। ସେହିପରି ପରୀକ୍ଷାରେ ସାମିଲ୍ ହୋଇଥିବା ସ୍କୁଲ୍ ମଧ୍ୟରୁ କୌଣସି ସ୍କୁଲରେ ପରୀକ୍ଷା ଫଳ ଶୂନ ହୋଇନାହିଁ। ଅନ୍ୟପକ୍ଷରେ ରାଜ୍ୟର ୩୨୭୩ ସ୍କୁଲର ସବୁ ଛାତ୍ରଛାତ୍ରୀ ପାସ୍ କରିଛନ୍ତି। ରେଗୁଲାର୍‌ରେ ୫ ଲକ୍ଷ ୧୦ ହଜାର ୭୭୯ ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିଲେ। ଉତ୍ତୀର୍ଣ୍ଣ ହୋଇଥିବା ପରୀକ୍ଷାର୍ଥୀଙ୍କ ମଧରେ ୨ ଲକ୍ଷ ୪୦ ହଜାର ୨୫୧ ଜଣ ଛାତ୍ର ଏବଂ ୨ ଲକ୍ଷ ୪୪ ହଜାର ୬୧୨ ଜଣ ଛାତ୍ରୀ ଅଛନ୍ତି। ଏଥିରେ ଏ୧ ଗ୍ରେଡ୍‌ରେ ୧୮୧୨ ଜଣ, ଏ୨ ଗ୍ରେଡ୍‌ରେ ୧୨,୨୦୦ ଜଣ, ବି୧ ଗ୍ରେଡ୍‌ରେ ୩୮,୮୩୧ ଜଣ, ବି୨ ଗ୍ରେଡ୍‌ରେ ୮୪ ହଜାର ୯୭୧ ଜଣ, ସି' ଗ୍ରେଡ୍‌ରେ ୧ ଲକ୍ଷ ୩୩ ହଜାର ୮୮୨ ଜଣ, ଡି' ଗ୍ରେଡ୍‌ରେ ୧ ➪ପୃଷ୍ଠା-୬

## ବଧେଇ ଦେଲେ ମୁଖ୍ୟମନ୍ତ୍ରୀ

ଆଜି ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ସଫଳତା ହାସଲ କରିଥିବା ପରୀକ୍ଷାର୍ଥୀମାନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଧେଇ ଜଣାଇଛନ୍ତି। ସେ ଏଚ୍ଏସ୍‌ସି ଓ ମଧମା ଏବଂ ଏସ୍‌ଓଏସ୍ ଛାତ୍ରଛାତ୍ରୀମାନଙ୍କୁ ମଧ ବଧେଇ ଜଣାଇବା ସହ ସମସ୍ତ ଛାତ୍ରଛାତ୍ରୀଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି। କୃତକାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ରଛାତ୍ରୀ ସେମାନଙ୍କ ସ୍ୱପ୍ନ ସାର୍ଥକ କରିବା ସକାଶେ ଲକ୍ଷ୍ୟପଥରେ ଅଗ୍ରସର ହୁଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ 'ଏକ୍ସ' ହ୍ୟାଣ୍ଡଲ୍‌ରେ ଉଲ୍ଲେଖ କରିଛନ୍ତି। ସେହିପରି ଯେଉଁ ଛାତ୍ରଛାତ୍ରୀମାନେ ଇପ୍‌ସିତ ଫଳ ପାଇପାରିନାହାନ୍ତି, ସେମାନେ ମଧ ନିରାଶ ନ ହେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେବା ସହ କଠିନ ପରିଶ୍ରମ ଓ ନିଜ ଦକ୍ଷତା ଉପରେ ଭରସା ମାଧମରେ ସେମାନେ ଦିନେ ନା ଦିନେ ନିଶ୍ଚିତ ଭାବେ ଇପ୍‌ସିତ ଫଳାଫଳ ପାଇପାରିବେ ବୋଲି କହିଛନ୍ତି।

## ୧୦ରେ ଶାହଙ୍କ ଦୁଇଦିନିଆ ଓଡ଼ିଶା ଗସ୍ତ



**ଭୁବନେଶ୍ୱର,୨।୫(ସଂଚାର ବ୍ୟୁରୋ):** ଆସନ୍ତା ୧୦ ତାରିଖରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ଓଡ଼ିଶା ଗସ୍ତରେ ଆସିବେ। ଏହି ଦୁଇଦିନିଆ ଗସ୍ତରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଶାହ ଭୁବନେଶ୍ୱରରେ ପହଞ୍ଚିବା ପରେ ଜଟଣୀ ଅଭିମୁଖେ ଯାତ୍ରା କରିବେ, ଯେଉଁଠାରେ ଫରେନ୍‌ସିକ୍ ୟୁନିଭର୍ସିଟିର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହେବ। ଶ୍ରୀ ଶାହଙ୍କ ଓଡ଼ିଶା ଗସ୍ତ ସମ୍ପର୍କରେ ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ନେଇ ଆଜି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ସୂଚନା ଦେଇଛନ୍ତି। ଶ୍ରୀ ସାମଲଙ୍କ ସୂଚନାନୁସାରେ, ୧୦ ତାରିଖରେ ଶ୍ରୀ ଶାହ ଜଟଣୀରେ ଫରେନ୍‌ସିକ୍ ୟୁନିଭର୍ସିଟିର ଶିଳାନ୍ୟାସ ଉତ୍ସବରେ ଯୋଗଦେବା ଅପସରେ ଅପରାହ୍ନରେ ପୁରୀ ଯାଇ ସେଠାରେ ମହାପ୍ରଭୁଙ୍କ ଦର୍ଶନ କରିବେ। ପୁରୀରେ ରାତ୍ରିଯାପନ କରିବା ପରେ ୧୧ ତାରିଖରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ପଶ୍ଚିମ ଓଡ଼ିଶା ଗସ୍ତରେ ଯିବେ। ➪ପୃଷ୍ଠା-୬

## ପିଓକେରେ ହାଇ ଆଲର୍ଟ
## ଯୁଦ୍ଧ ଶଙ୍କା
## ୨ ମାସ ପାଇଁ ଖାଦ୍ୟ ମହଜୁଦ ରଖ

**ଇସଲାମାବାଦ,୨।୫:** ଭାରତ ଓ ପାକିସ୍ତାନ ମଧରେ ପହଲଗାମ୍ ଆତଙ୍କୀ ଆକ୍ରମଣ ଘଟଣା ପରେ ପରିସ୍ଥିତି କ୍ରମଶଃ ଉତ୍ତେଜନାପୂର୍ଣ୍ଣ ହୋଇଚାଲିଥିବା ବେଳେ ପାକିସ୍ତାନ ସରକାର ପିଓକେରେ ହାଇ ଆଲର୍ଟ ଜାରି କରିଛନ୍ତି। ଉଭୟ ଦେଶ ମଧରେ କୌଣସି ମୁହୂର୍ତ୍ତରେ ଯୁଦ୍ଧ ହେବାର ଆଶଙ୍କା ଘନଉଥିବା ବେଳେ ଆଜି ପିଓକେ ପ୍ରଧାନମନ୍ତ୍ରୀ ଚୌଧୁରୀ ଅନୱର୍ ଉଲ୍ ହକ୍ ଆଗାମୀ ୨ ମାସ ପାଇଁ ଖାଦ୍ୟ ସାମଗ୍ରୀ ମହଜୁଦ କରି ରଖିବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି। ନିୟନ୍ତ୍ରଣ ରେଖା ନିକଟବର୍ତ୍ତୀ ୧୩ଟି ନିର୍ବାଚନମଣ୍ଡଳୀ ପାଇଁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହାଛଡ଼ା ଆଞ୍ଚଳିକ ସରକାର ମଧ ଖାଦ୍ୟ, ଔଷଧ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ନିମନ୍ତେ ୩.୫ ନିୟୁତ ଡଲାର୍‌ର ଏକ ଜରୁରୀକାଳୀନ ପାଣ୍ଠି ➪ପୃଷ୍ଠା-୬

## ସ୍କାନରରେ ୭ ଜିଲ୍ଲା

**ଭୁବନେଶ୍ୱର:** ଭାରତ-ପାକ ଯୁଦ୍ଧ ଆଶଙ୍କା ବଢ଼ୁଛି। କୌଣସି ପରିସ୍ଥିତିରେ କିଛି ବି ହୋଇପାରେ। ଏହାରି ଭିତରେ ୭ଟି ସମ୍ବେଦନଶୀଳ ଅଞ୍ଚଳକୁ ଚିହ୍ନଟ କରିଛି ଗୁଇନ୍ଦା ବିଭାଗ। ଶତ୍ରୁର ନଜର ଏସବୁ ଅଞ୍ଚଳ ଉପରେ ପଡ଼ିଥିବା କୁହାଯାଉଥିବାରୁ ସମ୍ପୃକ୍ତ ଅଞ୍ଚଳର ସୁରକ୍ଷା ବ୍ୟବସ୍ଥାକୁ ହଠାତ ବଢ଼ାଇ ଦିଆଯାଇଛି। ଏଥିରେ ଓଡ଼ିଶା ବି ରହିଛି। ଓଡ଼ିଶା ସୀମାନ୍ତ ଅଞ୍ଚଳରେ ଅନୁପ୍ରବେଶ ଆଶଙ୍କା ରହିଥିବାରୁ ରାଜ୍ୟ ସରକାର ଓ ପୁଲିସ ପକ୍ଷରୁ ହାଇ ➪ପୃଷ୍ଠା-୬

## ୩୯୦୦ କୋଟିର ନିବେଶକୁ ଅନୁମୋଦନ

**ଭୁବନେଶ୍ୱର,୨।୫(ସଂଚାର ବ୍ୟୁରୋ):** ରାଜ୍ୟ ସରକାର ରାଜ୍ୟର ଅର୍ଥନୈତିକ ବିକାଶ ଓ ନିଯୁକ୍ତି ସୃଷ୍ଟିକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜ୍ୟ ସରକାର ୧୯ଟି ପ୍ରକଳ୍ପ ପାଇଁ ୩,୮୯୮.୫୪ କୋଟି ଟଙ୍କାର ନୂତନ ନିବେଶକୁ ଅନୁମୋଦନ କରିଛନ୍ତି, ଯାହା ରାଜ୍ୟର ୧୧ଟି ଜିଲ୍ଲାରେ ୭,୪୬୪ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଶିଳ୍ପ ବିଭାଗର ଅଧିକାରୀଙ୍କ ମତରେ, ଏହି ନିବେଶ ଓଡ଼ିଶାକୁ ଏକ ପ୍ରମୁଖ ଶିଳ୍ପ କେନ୍ଦ୍ର ଭାବେ ପ୍ରତିଷ୍ଠା କରିବାରେ ସହାୟକ ହେବ। ଏହା ସହ ରାଜ୍ୟ ସରକାରଙ୍କର ବିଜନେସ୍-ଫ୍ରେଣ୍ଡଲି ନୀତି ଏବଂ ସହଜ ପ୍ରକ୍ରିୟା ମଧ ବିଦେଶୀ ତଥା ଘରୋଇ ନିବେଶକମାନଙ୍କୁ ଆକର୍ଷିତ କରୁଛି। ନିଯୁକ୍ତି କ୍ଷେତ୍ରରେ ଏକ ନୂତନ ଉଚ୍ଚତା ଆଡ଼କୁ ନେଇଯିବ ବୋଲି ଆଶା କରାଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ➪ପୃଷ୍ଠା-୬

### ଆଇପିଏସ୍ ସ୍ତରରେ ଅଦଳବଦଳ
## ସୁଶାନ୍ତ ନାଥ ଜେଲ୍ ଡିଜି



**ଭୁବନେଶ୍ୱର,୨।୫(ସଂଚାର ବ୍ୟୁରୋ):** ରାଜ୍ୟରେ ଆଇପିଏସ୍ ସ୍ତରରେ ବଡ଼ ଧରଣର ଅଦଳବଦଳ ହୋଇଛି। ଏହି ଅଦଳବଦଳ କ୍ରମେ ସୁଶାନ୍ତ କୁମାର ନାଥଙ୍କୁ ମିଳିଛି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ। ସେ ନୂଆ ଜେଲ ଡିଜି ଭାବେ ଦାୟିତ୍ୱ ପାଇଛନ୍ତି। କେନ୍ଦ୍ରୀୟ ଡେପୁଟେସନରୁ ଫେରିବା ପରେ ତାଙ୍କୁ ଏହି ନିଯୁକ୍ତି ମିଳିଛି। ୧୯୯୩ ବ୍ୟାଚର ଏହି ବରିଷ୍ଠ ଭାରତୀୟ ପୋଲିସ ସେବା (ଆଇପିଏସ) କେନ୍ଦ୍ରୀୟ ଡେପୁଟେସନରେ କାର୍ଯ୍ୟ କରିବା ପରେ ଓଡ଼ିଶା ଫେରିଛନ୍ତି। ସେହିପରି ଦୟାଲ ଗଙ୍ଗୱାର ଅତିରିକ୍ତ ଡିଜି (କମ୍ୟୁନିକେସନ) ଭାବେ ଦାୟିତ୍ୱ ପାଇଛନ୍ତି। ଆହୁରି ପ୍ରତୀକ ମହାନ୍ତି ଅତିରିକ୍ତ ଡିଜି (ହେଡକ୍ୱାର୍ଟର୍ସ) ଭାବେ ନିଯୁକ୍ତି ପାଇଛନ୍ତି।

# ୪୦ କୋଟିର ସହାୟତା ଦେଲେ ମୁଖ୍ୟମନ୍ତ୍ରୀ

- 'ଓଡ଼ିଶା ଶ୍ରମିକ ସାଥୀ' ଆପ୍‌ର ଶୁଭାରମ୍ଭ
- ବହୁମୁଖୀ 'ଶ୍ରମିକ ପ୍ରତୀକ୍ଷା କେନ୍ଦ୍ର' ଉଦ୍‌ଘାଟିତ




**ଭୁବନେଶ୍ୱର, ୨।୫ (ସଂଚାର ବ୍ୟୁରୋ):** ଦଶନ୍ଧି ଦଶନ୍ଧି ଧରି ଦେଶର ପ୍ରଗତିର ଚକ୍ରକୁ ଶ୍ରମିକମାନେ ଅବିରତ ଭାବେ ଚଳେଇ ଆସୁଛନ୍ତି ଓ ବିକାଶରେ ନିଜର ଯୋଗଦାନ ନିରବଚ୍ଛିନ୍ନ ଭାବେ ଦେଇଆସୁଛନ୍ତି। ଦାୟିତ୍ୱ ନେବାର ପ୍ରଥମ ଦିନରୁ ହିଁ ଆମ ସରକାର ରାଜ୍ୟର ସବା ତଳ ପାହାଚରେ ଥିବା ଲୋକଙ୍କ କଲ୍ୟାଣ ଓ ବିକାଶ ପାଇଁ ସମର୍ପିତ ହୋଇ କାର୍ଯ୍ୟ କରୁଛି। ଆନ୍ତର୍ଜାତିକ ଶ୍ରମିକ ଦିବସ ଅବସରରେ ସ୍ଥାନୀୟ ଓୟୁଏଟି କୃଷି ଶିକ୍ଷା ସଦନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଇ ଏହା କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରର ଦୁଇଟି ପ୍ରମୁଖ ଶ୍ରମିକ ପ୍ରତୀକ୍ଷା ସ୍ଥାନ- ଡୁମ୍‌ଡୁମା ଏବଂ କଳ୍ପନା ଛକଠାରେ ବହୁମୁଖୀ 'ଶ୍ରମିକ ପ୍ରତୀକ୍ଷା କେନ୍ଦ୍ର'ର ଉଦ୍‌ଘାଟନ କରିଥିଲେ। ଏହି ପ୍ରତୀକ୍ଷା କେନ୍ଦ୍ରମାନଙ୍କରେ ଶ୍ରମଜୀବୀମାନଙ୍କ ପାଇଁ ସାମୟିକ ଆଶ୍ରୟ ସ୍ଥଳର ସୁବିଧା ସହିତ ପାନୀୟ ଜଳ, ଶୌଚାଳୟ ଓ ପାର୍କ ଆଦିର ବ୍ୟବସ୍ଥା କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀ ବିଭିନ୍ନ ଶ୍ରମିକ ସଂଗଠନର କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ଶିକ୍ଷା ସହାୟତା, ବିବାହ ସହାୟତା, ପ୍ରସୂତିକାଳୀନ ସହାୟତା, ମୃତ୍ୟୁକାଳୀନ ସହାୟତା ଓ ଅନ୍ତ୍ୟେଷ୍ଟି କ୍ରିୟା ସହାୟତା ବଣ୍ଟନ କରିଥିଲେ। ଗତକାଲି ସାରା ରାଜ୍ୟରେ ଏକକାଳୀନ ପାଖାପାଖି ୩ ହଜାର ଯୋଗ୍ୟ ନିର୍ମାଣ ଶ୍ରମିକମାନଙ୍କୁ ନୂତନ ଭାବେ ପରିଚୟପତ୍ର ପ୍ରଦାନ କରାଯାଇଛି ଏବଂ ଯୋଗ୍ୟ ହିତାଧିକାରୀମାନଙ୍କୁ ବିଭିନ୍ନ ସହାୟତା ବାବଦରେ ୪୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସହାୟତା ରାଶି ପ୍ରଦାନ କରାଯାଇଛି। ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ର ବିଭିନ୍ନ ସେବାକୁ ଶ୍ରମିକମାନଙ୍କ ହାତ ପାହାନ୍ତାରେ ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ 'ଓଡ଼ିଶା ଶ୍ରମିକ ସାଥୀ' ମୋବାଇଲ୍ ଆପ୍‌ର ଶୁଭାରମ୍ଭ କରିଥିଲେ।

କାର୍ଯ୍ୟକ୍ରମରେ ଶ୍ରମ ଓ କର୍ମଚାରୀ ରାଜ୍ୟବୀମା, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ବିଧାୟକ ବାବୁ ସିଂ, ମେୟର ସୁଲୋଚନା ଦାସ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପ୍ରମୁଖ ଯୋଗଦେଇଥିଲେ। ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ପ୍ରମୁଖ ଶାସନ ସଚିବ ଚିତ୍ରା ଅରୁମୁଗମ୍ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

### ସିବିଆଇ ଅଧିକାରୀଙ୍କ ବିରୁଦ୍ଧରେ ମାମଲା
## ଓକିଲଙ୍କ ଆଗରେ ମହକିଲଙ୍କୁ ଚାପୁଡ଼ା

### ସିବିଆଇ କୋର୍ଟରେ ମାମଲା ରୁଜୁ




**ଭୁବନେଶ୍ୱର,୨।୫(ସଂଚାର ବ୍ୟୁରୋ):** ତଦନ୍ତ ପାଇଁ ସିବିଆଇ ଦପ୍ତରକୁ ଡାକି ତାଙ୍କ ଓକିଲଙ୍କ ସାମ୍ନାରେ ଜଣେ ବ୍ୟକ୍ତିଙ୍କୁ ସିବିଆଇ ଅଧିକାରୀ ପୁଷ୍ପେନ୍ଦ୍ର ସିଂହ ଚାପୁଡ଼ା ମାରି ଏବେ ହରଡଘଣାରେ । ଚାପୁଡ଼ା ମାଡ ଖାଇଥିବା ଭଦ୍ରକର ଉକ୍ତ ବ୍ୟକ୍ତି ଜଣଙ୍କ ଏବେ ଖୋଦ୍ ସିବିଆଇ ଅଦାଲତରେ ସିବିଆଇ ଅଧିକାରୀଙ୍କ ବିରୁଦ୍ଧରେ ମାମଲା ରୁଜୁ କରିଛନ୍ତି। ଶ୍ରୀ ସାହୁଙ୍କ ପକ୍ଷରୁ ମାମଲା ରୁଜୁ କରିଥିବା ଆଇନ୍‌ଜୀବୀ ସୁକାନ୍ତ କୁମାର ସାହୁ କହିଛନ୍ତି ଯେ ଡାକ ବିଭାଗ ନିଯୁକ୍ତି ଦୁର୍ନୀତିର ତଦନ୍ତ ପାଇଁ ସିବିଆଇ ପକ୍ଷରୁ ଭଦ୍ରକର ହିମାଂଶୁ ଭୂଷଣ ସାହୁଙ୍କୁ ସିବିଆଇ ହ୍ୱାଟସ୍‌ଆପ୍‌ରେ ମେସେଜ୍ କରି ଡାକିଥିଲା। ପୂର୍ବରୁ ଏ ନେଇ ଆଲୋଚନା ହୋଇଥିଲେ ମଧ ମେସେଜ ପାଇ ଶ୍ରୀ ସାହୁ ଆଜି ନିଜ ଓକିଲଙ୍କ ସହିତ ସିବିଆଇ ଅଦାଲତରେ ହାଜର ହୋଇଥିଲେ। ତେବେ ସିବିଆଇ ଦପ୍ତରକୁ ଯିବା ବେଳେ ସେ ତାଙ୍କ ସାଥୀରେ ଆଇନ୍‌ଜୀବୀ ମନୋରଞ୍ଜନ ଦାସଙ୍କୁ ନେଇଥିଲେ। ଶ୍ରୀ ସାହୁ ସିବିଆଇ ଦପ୍ତରରେ ପହଞ୍ଚିବା ସମୟରେ ସେଠାରେ ତଦନ୍ତକାରୀ ଅଧିକାରୀ ଅଙ୍କୁର ମୌର୍ଯ୍ୟଙ୍କ ସହିତ ପୁଷ୍ପେନ୍ଦ୍ର ସିଂହ ଉପସ୍ଥିତ ଥିଲେ। ଶ୍ରୀ ସାହୁଙ୍କୁ ସିବିଆଇ ଅଧିକାରୀ ଶ୍ରୀ ସିଂହ ପଚାରିଥିଲେ ଯେ ସାଙ୍ଗରେ କାହାକୁ ନେଇ ଆସିଛ? ଶ୍ରୀ ସାହୁ ➪ପୃଷ୍ଠା-୬



## କାନ ଡେରିଥା

ହୋମ ଯଜ୍ଞ ଏଠି ଯେତେ କଲେ
ମଧ
ମାନସିକ ଶାନ୍ତି ନାହିଁ
ପ୍ରଭୁଙ୍କ ଭକ୍ତିରେ ଏକ ମନ ହେଲେ
ଅଶାନ୍ତି ଯିବ ଉଭେଇ
ଯଜ୍ଞ ଏଠି କାହା ପାଇଁ...
ନୂଆଁ ବସ୍ତ୍ର ପିନ୍ଧି ଠାକୁର ଡାକିଲେ
ଠାକୁର ଶୁଣିବେ ନାହିଁ
ବିଶ୍ୱାସ ଜଗାଅ ଭାଇ!

■ ଦେବାଶିଷ

# ମହାପ୍ରଭୁଙ୍କ ଦାରୁ ବିକିଦେଲେ ଦଇତାପତି!

- ଓଡ଼ିଶା ବିରୋଧରେ ମମତାଙ୍କ ଷଡ଼ଯନ୍ତ୍ର
- ଦାରୁବ୍ରହ୍ମଙ୍କ ଦାରୁ ନୁହେଁ, ନିମ୍ବ କାଠରେ ତିଆରି ହୋଇଛି ମୂର୍ତ୍ତି: ରାମକୃଷ୍ଣ
- ଦୀଘା ମନ୍ଦିରରେ ଲେଖି ହେବନି ଜଗନ୍ନାଥ ଧାମ



### ତଦନ୍ତ ନିର୍ଦ୍ଦେଶ ଦେଇ ଖସିଗଲେ ଆଇନ ମନ୍ତ୍ରୀ



ଦୀଘା ଜଗନ୍ନାଥ ମନ୍ଦିରକୁ ନେଇ ଉଠିଥିବା ବିବାଦର ତଦନ୍ତ ନିର୍ଦ୍ଦେଶ ଦେଲେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଶ୍ରୀମନ୍ଦିର ପ୍ରଶାସନ ଏକ ଅନ୍ତରୀଣ ତଦନ୍ତ କରି ସତ୍ୟାସତ୍ୟ ଅନୁସନ୍ଧାନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାରେ ଯଦି କେହି ଦୋଷୀ ସାବ୍ୟସ୍ତ ହେଉଛନ୍ତି, ତା'ହେଲେ ତାଙ୍କ ବିରୋଧରେ ରାଜ୍ୟ ସରକାରଙ୍କ ଅନୁମତି କ୍ରମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମହାପ୍ରଭୁଙ୍କ ମନ୍ଦିର ଓ ଶ୍ରୀଜଗନ୍ନାଥ ସଂସ୍କୃତିକୁ ନେଇ ଗତକିଛି ଦିନ ଧରି ଗଣମାଧମରେ ପ୍ରକାଶିତ ଦ୍ୱନ୍ଦ୍ୱାତ୍ମକ ତଥ୍ୟକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି ଆଇନ ମନ୍ତ୍ରୀ। ଦୀଘା ଜଗନ୍ନାଥ ମନ୍ଦିରକୁ ଜଗନ୍ନାଥ ଧାମ ବୋଲି ଲେଖାଯିବା ଓ କିଛି ସେବାୟତ ମନ୍ଦିର ପ୍ରତିଷ୍ଠାରେ ଯୋଗଦେବା ସହ ବଳକା ଦାରୁ କାଠରେ ପ୍ରତିମା ନିର୍ମାଣ କରାଯାଇଥିବା ଆଦି ଚର୍ଚ୍ଚାର ତଦନ୍ତ ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

**ପୁରୀ,୨।୫(ସଂଚାର ବ୍ୟୁରୋ):** ଦୀଘା ଜଗନ୍ନାଥ ମନ୍ଦିର ପାଇଁ ଶ୍ରୀମନ୍ଦିରରୁ ଦାରୁ ନେଇଗଲେ ବରିଷ୍ଠ ଦଇତାପତି ରାମକୃଷ୍ଣ ଦାସ ମହାପାତ୍ର। ଜାତୀୟ ଗଣମାଧମକୁ ଦେଇଥିବା ଏକ ସାକ୍ଷାତକାରରେ ଖୋଦ ରାମକୃଷ୍ଣ ଦାସମହାପାତ୍ର ଏହା କହିଛନ୍ତି। ମହାପ୍ରଭୁଙ୍କ ଦଇତାପତି ହୋଇ କିଭଳି ସେ ଶ୍ରୀମନ୍ଦିରରୁ ଦାରୁ ନେଇ ଦୀଘା ଜଗନ୍ନାଥ ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତି ନିର୍ମାଣ କଲେ, ତାକୁ ନେଇ ଏବେ ବଡ଼ ବିବାଦ ସୃଷ୍ଟି ହୋଇଛି। ଜାତୀୟ ଗଣମାଧମକୁ ସେ ଦେଇଥିବା ସାକ୍ଷାତକାରରେ କହିଥିଲେ, "ସ୍ୱୟଂ ପ୍ରଭୁ ଜଗନ୍ନାଥଙ୍କୁ ମୁଁ ତିଆରି କରି ଆଣିଛି। ୧୨ ବର୍ଷ, ୧୯ ବର୍ଷ ଅନ୍ତରରେ ଯେଉଁ ନବକଳେବର ହୁଏ, ଯେଉଁ ଦାରୁ ବ୍ରହ୍ମ ନେଇ ଆମକୁ ସ୍ୱପ୍ନାଦେଶ ହୁଏ, ସେହି ଦାରୁ ବ୍ରହ୍ମରୁ ମୂର୍ତ୍ତି ତିଆରି ପରେ କିଛି ଦାରୁ ବଳିଥାଏ; ଯାହା ମନ୍ଦିର ଭିତରେ ଥାଏ । ଯେତେବେଳେ ଆମକୁ ମମତା ବାନାର୍ଜୀ ମନ୍ଦିର କଥା କହିଲେ, ମୁଁ ଶୁଣିଥିଲି ଏଠାରେ ପଥର ମୂର୍ତ୍ତି ବସିବ ବୋଲି। କିନ୍ତୁ ମୁଁ କହିଲି ନା, ପଥର ମୂର୍ତ୍ତି ନୁହେଁ। ଦାରୁ ବ୍ରହ୍ମ ମୂର୍ତ୍ତି ବସିବେ, ତାଙ୍କର ପ୍ରାଣପ୍ରତିଷ୍ଠା ହେବ, ତାଙ୍କର ପୂଜା ହେବ। ସେ ମୋତେ କହିଲେ, ଆପଣ ଏହି ଦାୟିତ୍ୱ ନିଅନ୍ତୁ। ତେଣୁ ସେ ଠାକୁରଙ୍କୁ ମୁଁ ନେଇଆସିଛି। ରାମକୃଷ୍ଣ ଦାସ ମହାପାତ୍ରଙ୍କ ଏଭଳି ବୟାନ ପରେ ସାରା ରାଜ୍ୟର ଜଗନ୍ନାଥପ୍ରେମୀ ନିରାଶ ହୋଇଛନ୍ତି। ତାଙ୍କୁ ଦାରୁ ନେବାକୁ କିଏ ଅନୁମତି ଦେଲା, ସେନେଇ ପ୍ରଶ୍ନ ଉଠାଇଛନ୍ତି ଜଗନ୍ନାଥପ୍ରେମୀ। ଏତେ ବଡ଼ ଘଟଣା ସମ୍ପର୍କରେ ଗଜପତି ମହାରାଜ, ଶ୍ରୀମନ୍ଦିର ପ୍ରଶାସନ, ଶଙ୍କରାଚାର୍ଯ୍ୟ ଅବଗତ ଅଛନ୍ତି କି ନାହାନ୍ତି, ସେନେଇ ମଧ ପ୍ରଶ୍ନ ଉଠିଛି।

ତେବେ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହାକୁ ସେ ଖଣ୍ଡନ କରିଛନ୍ତି। ଶ୍ରୀମନ୍ଦିରରୁ ଦାରୁ ନେଇଥିବା ସେ କୌଣସି ଗଣମାଧମକୁ କହିନଥିବା ସ୍ପଷ୍ଟ କରିଛନ୍ତି। ପୁରୀ ଶ୍ରୀମନ୍ଦିର ଛଡା ଅନ୍ୟ କୌଣସି ଜଗନ୍ନାଥ ମନ୍ଦିରରେ ଠାକୁରଙ୍କଠାରେ ବ୍ରହ୍ମ ସ୍ଥାପନ ହୁଏ ନାହିଁ ବୋଲି ମଧ ସେ କହିଛନ୍ତି। ଏପରିକି ଦୀଘା ଜଗନ୍ନାଥ ମନ୍ଦିରରେ ଦିଅଁଙ୍କର ପଥର ମୂର୍ତ୍ତୀ ଥିଲା। କିନ୍ତୁ ପଥର ମୂର୍ତ୍ତି ପୂଜା ହୋଇପାରିବ ନାହିଁ ବୋଲି କହି ସେ ନିଜେ ପୁରୀରୁ ନିମ୍ବ କାଠରେ ତିନି ଠାକୁରଙ୍କ ମୂର୍ତ୍ତି ତିଆରି ➪ପୃଷ୍ଠା-୬

## ଜିଲ୍ଲାରେ ମାଟ୍ରିକ ପରୀକ୍ଷାଫଳ ୯୬.୪ପ୍ରତିଶତ
# ଶୁଭମଜ୍ୟୋତି ଜିଲ୍ଲା ଟପ୍ପର



**କେନ୍ଦ୍ରାପଡ଼ା,୨।୫ (ସଂଚାର ବ୍ୟୁରୋ):** ଆଜି ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଛି । ଚଳିତ ବର୍ଷ ରାଜ୍ୟରେ ମାଟ୍ରିକ ପରୀକ୍ଷା ଫଳ ୯୪.୯୩ ପ୍ରତିଶତ ହୋଇଥିବା ବେଳେ କେନ୍ଦ୍ରାପଡା ଜିଲ୍ଲାରେ ଏହା ୯୬.୪ପ୍ରତିଶତ ହୋଇଛି । ମାଟ୍ରିକ ପରୀକ୍ଷା ଫଳ ପ୍ରକାଶିତ ହେବା ପରେ ସାରା ରାଜ୍ୟରେ କେନ୍ଦ୍ରାପଡା ଜିଲ୍ଲା ତୃତୀୟ ସ୍ଥାନରେ ରହିଥିବା ଜଣାପଡିଛି। ଜିଲ୍ଲାର ୩୪୬ଟି ବିଦ୍ୟାଳୟର ମୋଟ ୧୮ହଜାର ୧୯୩ଜଣ ଛାତ୍ରଛାତ୍ରୀ ଚଳିତବର୍ଷ ମାଟ୍ରିକ ପରୀକ୍ଷା ପାଇଁ ଫର୍ମ ପୁରଣ କରିଥିବା ବେଳେ ସେଥିମଧ୍ୟରୁ ୨୭୭ଜଣ ଅନୁପସ୍ଥିତ ଥିବା ବେଳେ ୧୭ହଜାର ୯୧୬ଜଣ ମାଟ୍ରିକ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ଏ-୧ ଗ୍ରେଡ୍‌ରେ ୬୩ଜଣ, ଏ-୨ଗ୍ରେଡ୍‌ରେ ୪୨୮ଜଣ,ବି-୧ ଗ୍ରେଡ୍‌ରେ ୧୩୩୩ଜଣ, ବି-୨ ଗ୍ରେଡ୍‌ରେ ୩୧୬୬ଜଣ, ସି- ଗ୍ରେଡ୍‌ରେ ୪୯୮୮ଜଣ, ଡି- ଗ୍ରେଡ୍‌ରେ ୫୧୮୭ଜଣ ଓ ଇ- ଗ୍ରେଡ୍‌ରେ ୨୧୦୮ଜଣ ପାସ କରିଛନ୍ତି । ଜଣଙ୍କର ପରିକ୍ଷା ଫଳ କପି ଯୋଗୁଁ ସ୍ଥଗିତ ରହିଥିବା ବେଳେ ୬୪୨ଜଣ ଫେଲ ହୋଇଛନ୍ତି । ମୋଟ ୧୭ହଜାର ୨୭୩ଜଣ ଛାତ୍ରଛାତ୍ରୀ ପାସ କରିଥିବା ବେଳେ ସେମାନଙ୍କ ମଧ୍ୟରେ ୮ହଜାର ୪୯୪ଜଣ ଛାତ୍ର ଓ ୮ହଜାର ୭୭୯ଜଣ ଛାତ୍ରୀ ଅଛନ୍ତି । ଜିଲ୍ଲାର ମୋଟ ପାସ ହାର ୯୬.୪ପ୍ରତିଶତ ହୋଇଥିବା ବେଳେ ଛାତ୍ର ପାସହାର ୪୭.୪୧ ପ୍ରତିଶତ ଓ ଛାତ୍ରୀଙ୍କ ପାସ ହାର ୪୯ପ୍ରତିଶତ ରହିଛି । କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ କାଠିଆପଡାର ଦକ୍ଷିଣେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଶୁଭମଜ୍ୟୋତି ରାଉତ ମୋଟ ୫୭୫ନମ୍ବର ମାର୍କ ରଖି ଏ-୧ଗ୍ରେଡରେ ପାସ କରିବା ସହ ଜିଲ୍ଲା ଟପ୍ପର ହୋଇଥିବା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଜିଲ୍ଲା ବିଜ୍ଞାନ ପରିଦର୍ଶକ ନିଶିଥ କୁମାର ବାରିକ ସୂଚନା ଦେଇଛନ୍ତି । ଶୁଭମଜ୍ୟୋତି ହେଉଛନ୍ତି ମହାକାଳପଡା ବ୍ଲକର ଖୋଲାନଈ ଗ୍ରାମର ମନୋଜ କୁମାର ରାଉତ ଓ ମିନତୀ ସୁନ୍ଦରରାୟଙ୍କ ପୁତ୍ର ।

## ମୋନାଲି ପଣ୍ଡା ମହାକାଳପଡ଼ା ବ୍ଲକ ଟପ୍ପର



**ମହାକାଳପଡ଼ା,୨।୫ (ସଂଚାର ବ୍ୟୁରୋ):** ଆଜି ପ୍ରକାଶ ପାଇଛି ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ପରୀକ୍ଷା ଫଳ। ମହାକାଳପଡ଼ା ବ୍ଲକ୍ ରୁ ମୋନାଲି ପଣ୍ଡା ସର୍ବାଧିକ ୫୫୪ ନମ୍ବର ରଖି ବ୍ଲକ୍ ରେ ଟପ୍ପର ହୋଇଛନ୍ତି। ବ୍ରଜସୁନ୍ଦର ପଣ୍ଡା ଓ ରଶ୍ମିତା ପଣ୍ଡାଙ୍କ ଝିଅ ହେଉଛନ୍ତି ମୋନାଲି। ମୋନାଲିଙ୍କ ଘର ଜଗତସିଂହପୁର ଜିଲ୍ଲାରେ। ସେ ମାର୍ଶାଘାଇ ରେ ରହି ପାଠ ପଢୁଥିଲେ। ମହାକାଳପଡ଼ା ବ୍ଲକ ଅଧୀନ ପଞ୍ଚାୟତ ହାଇସ୍କୁଲ ଜୟଚନ୍ଦ୍ରପୁରର ଛାତ୍ରୀ ହେଉଛନ୍ତି ସୋନାଲି। ସୋନାଲି ଙ୍କ ସଫଳତାରେ ପରିବାର ବହୁତ ଆନନ୍ଦିତ। ଝିଅର କଠିନ ପରିଶ୍ରମ ପାଇଁ ଆଜି ଆଶାନୁରୂପ ସଫଳତା ମିଳି ପାରିଛି ବୋଲି ପରିବାର ଲୋକେ କହିଛନ୍ତି। ସେହିପରି ସୋନାଲି ତାଙ୍କ ସଫଳତା ପଛରେ ବାପା ମାଆ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଅବଦାନ ରହିଛି ବୋଲି ମତବ୍ୟକ୍ତ କରିଛନ୍ତି।

## ମାଟ୍ରିକ ପରୀକ୍ଷାରେ ୧୦ଜଣ ସଫଳ ଛାତ୍ରଛାତ୍ରୀ

**ପଟ୍ଟାମୁଣ୍ଡାଇ,୨।୫ (ସଂଚାର ବ୍ୟୁରୋ):** ଚଳିତବର୍ଷର ମାଟ୍ରିକ ପରୀକ୍ଷା ଫଳ ଶୁକ୍ରବାର ଅପରାହ୍ନରେ ପ୍ରକାଶ ପାଇଛି । ପଟ୍ଟାମୁଣ୍ଡାଇ ବ୍ଲକରେ ୧୦ଜଣ ଛାତ୍ରଛାତ୍ରୀ ସର୍ବୋଚ୍ଚ ନମ୍ବର ରଖି ପ୍ରଥମ ୧୦ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରେ ପଟ୍ଟାମୁଣ୍ଡାଇ ବ୍ଲକ କାଠିଆପଡା ଦକ୍ଷିନେଶ୍ୱର ହାଇସ୍କୁଲର ଛାତ୍ର ତଥା ମନୋଜ ରାଉତ ଓ ମିନତୀ ସୁନ୍ଦରରାୟଙ୍କ ପୁତ୍ର ଶୁଭମ ଜ୍ୟୋତି ରାଉତ ସର୍ବୋଚ୍ଚ ୫୭୫ନମ୍ବର ଅର୍ଥାତ୍ ୯୫.୮୩% ରଖି ଜିଲ୍ଲା ଟପ୍ପର ହେବାର ଗୌରବ ଅର୍ଜନ କରିଛନ୍ତି । ଅନନ୍ୟା ସ୍ମିତିପ୍ରଜ୍ଞା ସାହୁ ୫୬୦, ସାଇରୁପା ନନ୍ଦ ୫୪୮ ଓ ସମୀକ୍ଷା କର ୫୪୩ ଏମ ଏନ ହାଇସ୍କୁଲ ପଟ୍ଟାମୁଣ୍ଡାଇ, ରାଜେଶ ମଲ୍ଲିକ ୫୫୯ ଓ ଅନନ୍ୟା ପାତ୍ର ୫୫୩,ସରସ୍ୱତୀ ଶିଶୁ ମନ୍ଦିର ପଟ୍ଟାମୁଣ୍ଡାଇ, ହର୍ଷିତା ଆଦର୍ଶିନୀ ଦାସ ୫୫୩ ଦକ୍ଷିଣେଶ୍ୱର ହାଇସ୍କୁଲ କାଠିଆପଡା,ସ୍ୱଦେଶ ଦାସ ୫୪୩ ନିତାଇ ଚୈତନ୍ୟ ହାଇସ୍କୁଲ ବଡ଼ମୂଳବସନ୍ତ, ନିବେଦିତା ବେହେରା ୫୪୧ ମଦନପୁର ମହାବୀର ହାଇସ୍କୁଲ ବ୍ଲକ ସ୍ତରରେ ପ୍ରଥମ ୧୦ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି । ଏହି ସଫଳ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

## ଆଇନସେବା ପ୍ରାଧିକରଣ ଓ ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ




**କେନ୍ଦ୍ରାପଡା, ୨।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଓ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ମିଳିତ ଉଦ୍ୟମରେ ବିଶ୍ୱ ଶ୍ରମିକ ଦିବସ ପୌରସଂସ୍ଥା ଟାଉନହଲ ଠାରେ ପାଳନ କରାଯାଇଛି । ପ୍ରାଧିକରଣର ସଚିବ ସୁମିତ୍ରା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡିଭିଜନାଲ ଲେବର କମିଶନର ପ୍ରଦୀପ କୁମାର ହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଉଥିବା ବେଳେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଦେବାଶିଷ ଧଳ, ଜିଲ୍ଲା ଶ୍ରମ ଅଧିକାରୀ ଅନନ୍ତ ପଟ୍ଟନାୟକ ମହାମାନସିଂହ, ସହକାରୀ ଶ୍ରମ ଅଧିକାରୀ ଅଶୋକ କୁମାର ମୁର୍ମୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଆନ୍ତର୍ଜାତିକ ଶ୍ରମ ଦିବସର ତାତ୍ପର୍ଯ୍ୟ ତଥା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆନ୍ତରାଜ୍ୟ ପ୍ରବାସୀ ଶ୍ରମିକ ଆଇନରେ ଥିବା ସୁବିଧା ସୁଯୋଗ ଓ ଅଧିକାର ସମ୍ବନ୍ଧରେ ଆଲୋଚନା କରାଯାଇ ଥିଲା । ଏହା ସହ ଓଡିଶା ଅଣ ସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ଅଧିନରେ ୬୦ ଗୋଟି ବର୍ଗରେ ଶ୍ରମିକ ବିନା ମୂଲ୍ୟରେ ପଞ୍ଜିକୃତ ହୋଇ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଥିଲା । ଏହି ଅବସରରେ ୨୦୦ ଜଣ ଶ୍ରମିକ ଓ ୨୦ ଜଣ ଅଣ ସଂଗଠିତ ଶ୍ରମିକଙ୍କ ପାଇଁ ଶ୍ରମକାର୍ଡ ବଣ୍ଟନ କରାଯାଇ ଥିଲା । କାର୍ଯ୍ୟକ୍ରମ ପରିଚାଳନା ରେ ପ୍ୟାନେଲ ଲୟାର ଗଦାଧର ଶତପଥୀ ମଂଚ ପରିଚାଳନା କରିଥିବା ବେଳେ, କଳିଙ୍ଗ ନାରାୟଣ, ଜ୍ୟୋତି ରଂଜନ ପରିଡା ଓ ଆଶୁତୋଷ ପଟେଲ ପ୍ରମୁଖ ସହକାରୀ ଶ୍ରମ ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ଭଦ୍ରେଶ୍ୱର ଅଞ୍ଚଳ ପାଲଟିଛି କାଠମାଫିଆଙ୍କ ଚରାଭୂଇଁ
## ରାସ୍ତା ମଝିରେ ଚାଲିଛି ବିପଦସଙ୍କୁଳ ଅବସ୍ଥାରେ ବେଆଇନ କାଠ ଲୋଡିଂ



**ମାହାଙ୍ଗା, ୨।୫ (ସଂଚାର ବ୍ୟୁରୋ):** କଟକ ଜିଲ୍ଲା ମାହାଙ୍ଗା ତହସିଲ ଭଦ୍ରେଶ୍ୱର ଥାନା ଅଞ୍ଚଳ ଏବେ ପାଲଟିଛି ଚୋରା କାଠମାଫିଆଙ୍କ ଚରାଭୂଇଁ। ଅଖାଧୁ କାଠ ମାଫିଆଙ୍କ ସାମ୍ରାଜ୍ୟରେ କେଉଁଠି କାଠ ଗଣ୍ଡି ତଳେ ଚାପି ହୋଇ ଶ୍ରମିକଙ୍କ ଜୀବନ ଯାଉଛି ତ ଆଉ କେଉଁଠି ଥାନା ଅଧିକାରୀ ମାନଙ୍କ ଆଖିରେ ଆଙ୍ଗୁଠି ଗେଂଜି ରାସ୍ତା ମଝିରେ ବିପଦ ସଂକୁଳ ଅବସ୍ଥାରେ ଟ୍ରାକ୍ଟରରେ ଚାଲିଛି ବେଆଇନ୍ କାଠ ଲୋଡ଼ିଙ୍ଗ। ଯେଉଁଥି ପାଇଁ ହଟହଟା ହେବାକୁ ପଡୁଛି ଗ୍ରାମବାସୀଙ୍କ ସମେତ ପଥଚାରିଙ୍କୁ।

ସୂଚନା ମୁତାବକ କେହି କାଠମାଫିଆ ଭଦ୍ରେଶ୍ୱର ଥାନା ଅଞ୍ଚଳ ଝାଡ଼େଶ୍ୱରପୁର ଅଂଚଳରୁ କିଛି ବଡ ବଡ ଗଛ କାଟିଥିଲେ। ଗତକାଲି ସେହି ଗଛର କାଠଗଣ୍ଡିକୁ କୌଣସି ଖୋଲାସ୍ଥାନ ବା ପଡିଆ ପରିବର୍ତ୍ତେ ବେଆଇନ୍ ଭାବରେ ସେହି କାଠଗଣ୍ଡି ଗୁଡ଼ିକୁ ଟ୍ରାକ୍ଟର ଯୋଗେ ୬ନଂ କେନାଲ ଦେଇ ଯାଇଥିବା ଗୋବିନ୍ଦପୁର-ସାହାନିଆଜ୍ ପୁର ରାସ୍ତାର ଝାଡ଼େଶ୍ୱରପୁର ମିଶ୍ରସାହି-ସ୍ୱାଇଁ ସାହି ଛକ ଉପରକୁ ଆଣିଥିଲେ। ଦୀର୍ଘ ସମୟ ରାସ୍ତା ମଝିରେ ପଡି ରହିବା ପରେ ଟ୍ରାକଟର ଯୋଗେ ବିପଦ ସଂକୁଳ ଅବସ୍ଥାରେ ଲୋଡ଼ିଙ୍ଗ କରି ଅନ୍ୟତ୍ର ସ୍ଥାନାନ୍ତର କରାଯାଉଥିବା ଦେଖିବାକୁ ମିଳିଛି। ଏହି ରାସ୍ତା ଭଦ୍ରେଶ୍ୱର ଦେଇ ପଞ୍ଚୁପାଣ୍ଡବକୁ ମୁଖ୍ୟରାସ୍ତା ଚଣ୍ଡିଖୋଲ ପାରାଦୀପକୁ ସଂଯୋଗ କରୁଥିବା ବେଳେ ଦୈନିକ ଏହି ରାସ୍ତାଦେଇ ଶହ ଶହ ଲୋକ ଯାତାୟତ କରିବା ସାଙ୍ଗକୁ ବହୁ ଆମ୍ବୁଲାନ୍ସ ଯିବା ଆସିବା କରିଥାନ୍ତି। ରାସ୍ତା ଉପରେ ଏଭଳି ବେପ୍ରୁଆ ଭାବେ ଟ୍ରାକ୍ଟରରେ କାଠ ଲୋଡ ହେବା ଦ୍ୱାରା ସ୍ଥାନୀୟ ଗ୍ରାମବାସୀଙ୍କ ସମେତ ବହୁ ପଥଚାରୀ ହଟହଟା ହେବା ଭଳି ଘଟଣା ଦେଖିବାକୁ ମିଳିଥିଲା।

ଏଠି ପ୍ରଶ୍ନ ଉଠୁଛି ଯେଉଁଭଳି ବିପଦପୂର୍ଣ୍ଣ ଭାବେ କାଠ ଉପରକୁ ଉଠାଯାଉଛି ଯଦି କିଛି ଅଘଟଣ ଘଟେ ତେବେ ଦାୟୀ ହେବ କିଏ? କିଛିଦିନ ପୂର୍ବେ ଗୋପାଳପୁର ଅଞ୍ଚଳରେ କାଠ ଗଣ୍ଡି ତଳେ ଚାପି ହୋଇ ମୃତ୍ୟୁବରଣ କରିଥିବା ଶ୍ରମିକ ଦୁର୍ଘଟଣାର ରୂପଦେଇ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ସ୍ଥାନୀୟ ପୁଲିସ ଏବେ ସବୁ ଜାଣି କାଠ ମାଫିଆ କିପରି ଭାବରେ ରାସ୍ତା ମଝିରେ ବେଆଇନ୍ କାଠ ଲୋଡ଼ିଙ୍ଗ କରୁଛନ୍ତି ତାକୁ ନେଇ ଉଠୁଛି ଅନେକ ପ୍ରଶ୍ନ।



## ନଦୀବନ୍ଧର ମୂଳ ତାଡ଼ି ଉପର ମଜବୁତ୍ କରୁଛନ୍ତି ଠିକାଦାର

**ଡେରାବିଶ,୨।୫ (ସଂଚାର ବ୍ୟୁରୋ):** କଟକ ନର୍ଥ ଡିଭିଜନ ଅଧୀନରେ ଥିବା ଡେରାବିଶ ବ୍ଲକ୍ ଅନ୍ତର୍ଗତ ଲୁଣାନଦୀର ଦକ୍ଷିଣ ପାର୍ଶ୍ୱ ବନ୍ଧର ଯଅଁରାବାରିମୂଳ ପଂଚାୟତ ଅନ୍ତର୍ଗତ ଗରାମଠାରୁ ଇନ୍ଦାଲୋ ପଂଚାୟତ ଚାରିଗୋଡ଼ିଆ ପର୍ଯ୍ୟନ୍ତ ବନ୍ଧର ସୁଦୃଢ଼ୀକରଣ କାମ ଚାଲିଛି। ଏଥିରେ ଠିକାଦାର ଜଣକ ପ୍ରଥମେ ମାଟି ପକାଇ ଉଚ୍ଚା କରିବା ସହିତ ଡଷ୍ଟ ଓ ମେଟାଲ ବିଛା ଏବଂ ଏହା ଉପରେ ପିଚୁ କାର୍ଯ୍ୟ ଚାଲିଛି । ତେବେ ଡ଼ଷ୍ଟ ଓ ମେଟାଲ ବିଛାଇବା ପରେ ଠିକାଦାର ଜଣକ ଏହାକୁ ବାନ୍ଧି ରଖିବା ପାଇଁ ଆବଶ୍ୟକ ହେଉଥିବା ମାଟି ଦୂରରୁ ନ ଆଣି ସେହି ବନ୍ଧର ନିମ୍ନଭାଗରୁ ଜେସିବି ମାଧମରେ ତାଡ଼ି ବନ୍ଧ ଉପରେ ପକାଉଛନ୍ତି । ଏହାଦ୍ୱାରା ବନ୍ଧର ଉପରିଭାଗ ସୁଦୃଢ଼ ହେଲେ ମଧ ବନ୍ଧର ନିମ୍ନଭାଗ କଡ଼ରୁ ଜେସିବି ଦ୍ୱାରା ମାଟି ଆଣିବା ଫଳରେ ବନ୍ଧର ମୂଳ ଦୁର୍ବଳ ହେଉଥିବା ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ନାନକାର ଗ୍ରାମ ନିବାସୀ ସମାଜସେବୀ ଅକ୍ଷୟ କୁମାର ବିଶ୍ୱାଳ ପ୍ରକାଶ କରିଛନ୍ତି। ଏହି ନିର୍ମାଣ କାର୍ଯ୍ୟ ଚାଲୁଥିବା ସମୟରେ ବିଭାଗୀୟ କର୍ମଚାରୀ ନ ରହିବା ଯୋଗୁଁ ଏଭଳି କାମ ହେଉଥିବା ସେ ଅଭିଯୋଗ କରିଛନ୍ତି ।

## ଶ୍ରମିକଙ୍କୁ ସମ୍ମାନିତ କଲା ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ



**କେନ୍ଦ୍ରାପଡ଼ା,୨।୫ (ସଂଚାର ବ୍ୟୁରୋ):** ମେ ୧ ତାରିଖ ବିଶ୍ୱ ଶ୍ରମିକ ଦିବସ ଉପଲକ୍ଷେ ଶ୍ରମ କ୍ଷେତ୍ର ବୁଲି ମୁଣ୍ଡ ଝାଳ ତୁଣ୍ଡେ ମାରି ଶ୍ରମ ଦାନ କରିଥିବା କୁଶଳୀ ଶ୍ରମିକ ମାନଙ୍କୁ ସେମାନଙ୍କର ସେବା ପାଇଁ ଉତ୍ତରୀୟ ପ୍ରଦାନ ପୂର୍ବକ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ତରଫରୁ ସମ୍ବର୍ଦ୍ଧନା କରାଯାଇ ଅଛି। ଆଜି ଶ୍ରମିକ ଦିବସ ପରିପ୍ରେକ୍ଷୀରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ତରଫରୁ ସେହି ପରି କୁଶଳୀ ଶ୍ରମିକ ମାନଙ୍କୁ ଖୋଜି ଖୋଜି ନିଜ ନିଜର କର୍ମ କ୍ଷେତ୍ର ଉପରେ ସେମାନଙ୍କୁ ବାଃ ବାଃ କରିବା ସହିତ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଛି । "ଦୁନିଆରେ ସମସ୍ତେ ସମାନ କୌଣସି କର୍ମ ଛୋଟ ନୁହେଁ, ଆପଣ ମାନେ ମଧ ଏ ଦେଶ ଜାତିର ଗର୍ବ ଓ ଗୌରବ" ଏହି ବାର୍ତ୍ତା ଦେଇ ଟ୍ରଷ୍ଟ ର ସଭାପତି ଦମନ ମହାନ୍ତି ଶ୍ରମିକ ମାନଙ୍କ ସହ ବାର୍ତ୍ତାଳାପ କରିଥିଲେ। କେନ୍ଦୁଝର ଜିଲ୍ଲାର ଘଟଗାଁ ,ଯାଜପୁର ର ପାଣିକୋଇଲି ଓ କେନ୍ଦ୍ରାପଡ଼ାର ଦୁହୁରିଆ ଗୋପ ଛକ ପଟ୍ଟାମୁଣ୍ଡାଇ ଆଦି ବିଭିନ୍ନ ସ୍ଥାନରେ କାର୍ଯ୍ୟ କରୁଥିବା ଶ୍ରମିକ ମାନଙ୍କ ପାଇଁ ଏ ପରି ସମ୍ମାନ ଜନକ କାର୍ଯ୍ୟ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ସଂସ୍କୃତି ବିଭାଗୀୟ ଅଧିକାରୀ ସଞ୍ଜୀବ କୁମାର ତରାଇ ସମ୍ପାଦନ କରିଥିବା ବେଳେ ଟ୍ରଷ୍ଟ ର ଅତିରିକ୍ତ ସଭାପତି ସଂଗ୍ରାମ କୁମାର ଦାସ, ମନୋଜ କୁମାର ରାଉତ, କୁମାର ଅହିତ୍ରାଂଶୁ ଓ ଜିତେନ୍ଦ୍ର ସେଠୀ ପରିଚାଳନା କରିଥିଲେ।

# ମହାକାଳପଡ଼ାରେ ଅନାସ୍ଥା ଭେଳିକି

**ମହାକାଳପଡ଼ା,୨।୫ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତଙ୍କ ବିରୋଧରେ ଅନାସ୍ଥା ରାଜନୀତି ଥମିନଥିବା ବେଳେ ପୁଣି ଜଣେ ସରପଞ୍ଚଙ୍କ ବିରୋଧରେ ଆସିଛି ଅନାସ୍ଥା ପ୍ରସ୍ତାବ। ଆଜି ପଞ୍ଚାୟତ କାର୍ଯ୍ୟାଳୟରେ ଅନାସ୍ଥା ବୈଠକ ହେବାକୁ ଚିଠି ହୋଇଥିଲା। ଯାହାକୁ ସ୍ଥଗିତ ରଖିଛି ଜିଲ୍ଲା ପ୍ରଶାସନ। ବୈଠକରେ ସଭାପତିତ୍ୱ କରିବାକୁ ଦାୟିତ୍ୱରେ ଥିବା ମହାକାଳପଡ଼ା ତହସିଲଦାର ଶିବ ମଲ୍ଲିକ ଅଚାନକ ଅସୁସ୍ଥ ହୋଇପଡିବାରୁ ଅନାସ୍ଥା ବୈଠକକୁ ସ୍ଥଗିତ ରଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଉପଜିଲ୍ଲାପାଳ। ମହାକାଳପଡ଼ା ବ୍ଲକ ଜୟଚନ୍ଦ୍ରପୁର ଗ୍ରାମପଞ୍ଚାୟତର ସରପଞ୍ଚ ପ୍ରିୟଙ୍କା ସାମଲଙ୍କ ଅପାରଗତା, ଅସହଯୋଗ ପାଇଁ ପଞ୍ଚାୟତରେ ଉନ୍ନୟନ ମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଯାହାକୁ ନେଇ ପଞ୍ଚାୟତର ୱାର୍ଡ ସଭ୍ୟମାନେ ସରପଞ୍ଚଙ୍କ ବିରୋଧରେ ୭ ଏପ୍ରିଲରେ ବୈଠକ କରି ଉପଜିଲ୍ଲାପାଳଙ୍କ ନିକଟରେ ଅନାସ୍ଥା ପାଇଁ ପ୍ରସ୍ତାବ ରଖିଥିଲେ।

> **ସରପଞ୍ଚଙ୍କ ବିରୋଧରେ ହୋଇଥାନ୍ତା ଅନାସ୍ଥା**
>
> **ତହସିଲଦାରଙ୍କ ଅସୁସ୍ଥତା ଯୋଗୁଁ ସ୍ଥଗିତ ରହିଲା ବୈଠକ**

ପ୍ରସ୍ତାବ କ୍ରମେ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ବୈଠକ ଆୟୋଜନ କରିବାକୁ ୧୬ ଏପ୍ରିଲରେ ପଞ୍ଚାୟତର ନିର୍ବାଚିତ ସଦସ୍ୟମାନେଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ଚିଠି ହୋଇଥିଲା। ମେ ୨ରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନାସ୍ଥା ବୈଠକରେ ମହାକାଳପଡ଼ା ତହସିଲଦାର ଶିବ ମଲ୍ଲିକ ସଭାପତିତ୍ୱ କରିବାକୁ ଚିଠିରେ ଉଲ୍ଲେଖ କରାଯାଇଥିଲା। ଆଜି ବୈଠକ ଆୟୋଜନ ହୋଇଥାଆନ୍ତା ହେଲେ ଅଚାନକ ତହସିଲଦାର ଅସୁସ୍ଥ ହୋଇପଡିବାରୁ ହେବାକୁ ଥିବା ଅନାସ୍ଥା ବୈଠକକୁ ସ୍ଥଗିତ ରଖିବାକୁ ଚିଠି କରି ସୂଚନା ଦେଇଛନ୍ତି କେନ୍ଦ୍ରାପଡ଼ା ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ।

ପୂର୍ବରୁ ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତଙ୍କ ବିରୋଧରେ ଅନାସ୍ଥା ଭୋଟ୍ ପୂର୍ବରୁ ସ୍ୱାସ୍ଥ୍ୟଗତ ସମସ୍ୟା ଦର୍ଶାଇ ଭୋଟ୍ କୁ ସ୍ଥଗିତ ରଖାଯାଇଥିବା ଦେଖିବାକୁ ମିଳିଛି। ଏବେ ତହସିଲଦାରଙ୍କ ଅଚାନକ ଅସୁସ୍ଥତା ପାଇଁ ଅନାସ୍ଥା ବୈଠକ ସ୍ଥଗିତ ଘଟଣା ଚର୍ଚ୍ଚାକୁ ବେଶ୍ ଖୋରାକ ଯୋଗାଇଛି।

## ଶ୍ରମିକ ଦିବସରେ ଶ୍ରମିକଙ୍କୁ ଖରାରେ କାମ କରାଇଲେ ଠିକାଦାର
# ବଳରାମପୁର-ମହମ୍ମଦପୁର ରାସ୍ତାକାମ ନିମ୍ନମାନର



**ନିଶ୍ଚିନ୍ତକୋଇଲି,୨।୫ (ସଂଚାର ବ୍ୟୁରୋ):** କଟକ ଜିଲ୍ଲା ସାଲେପୁର ପୂର୍ତ୍ତ ବିଭାଗ ଅଧିନରେ ବଳରାମପୁର ମହମ୍ମଦପୁର ଲୁଣା ଚିତ୍ରୋତ୍ପଳା ନଦୀ ବନ୍ଧ ୪୪କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କା ବେୟ ବରାଦରେ ୨୩ କି.ମି ରାସ୍ତା କାର୍ଯ୍ୟ ଆରମ୍ଭ ହେବାର ଦୀର୍ଘ ୧ବର୍ଷ ବିତିବାକୁ ବସିଥିବା ବେଳେ ଅତି ନିମ୍ନମାନରେ କାର୍ଯ୍ୟ ଚାଲୁଥିବା ବେଳେ ବିଭାଗୀୟ ଅଧିକାରିମାନଙ୍କ ଅନୁପସ୍ଥିତ ରହିବା ଭଳି ଦୃଶ୍ୟ ଦେଖିବାକୁ ମିଳୁଛି। ଯାହାକୁ ନେଇ ବାହୁବଳି ଠିକାଦାର ଜଣଙ୍କ କାର୍ଯ୍ୟସ୍ଥଳରେ ଗୁଣ୍ଡା ଶ୍ରେଣୀର ଲୋକମାନଙ୍କୁ ନିୟୋଜିତ କରାଇ ଅତ୍ୟନ୍ତ ନିମ୍ନମାନରେ କାର୍ଯ୍ୟ କରାଇ ନେଉଥିବା ବେଳେ ରାସ୍ତାର ସ୍ଥାୟୀତ୍ୱକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଭାରତୀୟ ଜନତା ପାର୍ଟି ସରକାର ନିଜକୁ ପିସିମୁକ୍ତ ବୋଲି ଡିଣ୍ଡିମ ପିଟୁଥିବା ବେଳେ ସାଲେପୁର ପୂର୍ତ୍ତ ବିଭାଗୀୟ ଅଧିକାରିମାନେ ଠିକାଦାର ମାନଙ୍କ ଠାରୁ ମୋଟା ଅଙ୍କର ପିସି ନେଇ କାର୍ଯ୍ୟ ସ୍ଥଳକୁ ନଆସିବା ଘଟଣା ସାଧାରଣରେ ଚର୍ଚ୍ଚର ବିଷୟ ପାଲଟିଛି।

ଅନ୍ୟପଟେ ମେ ମାସ ୧ତାରିଖ ଆନ୍ତର୍ଜାତୀୟ ଶ୍ରମିକ ଦିବସ ହୋଇଥିବା ବେଳେ ଉକ୍ତ ରାସ୍ତା କାମରେ ଠିକାଦାର ଜଣଙ୍କ ଶ୍ରମିକ ମାନଙ୍କୁ ରାସ୍ତା କାର୍ଯ୍ୟରେ ନିୟୋଜିତ କରାଇବା ସହ ଶ୍ରମିକ ମାନଙ୍କୁ ଉଚିତ୍ ପାରିଶ୍ରମିକ ନଦେବା ଅଭିଯୋଗ ହୋଇଛି। ଅନ୍ୟପଟେ ରାସ୍ତାର ଉଭୟ ପାର୍ଶ୍ୱରେ ମୋରମ ବାଲି ଦ୍ୱାରା ଫିଲିଙ୍ଗ କରାଇବା ନିୟମ ଥିବା ସ୍ଥଳେ ଠିକାଦାର ଜଣଙ୍କ ଅଳ୍ପ ମାତ୍ରାର ମୋରମ୍ ସହିତ ବାଲି ମିଶାଇ ଅଳ୍ପ ଅଳ୍ପ ଚିଞ୍ଚି ଚାଲିଥିବା ଭଳି ଦୃଶ୍ୟ ଦେଖିବାକୁ ମିଳୁଛି। ଯାହାକୁ ନେଇ ଉକ୍ତ ରାସ୍ତାର ସ୍ଥାୟୀତ୍ୱ ଏବେ ଉଭୟ ପୂର୍ତ୍ତ ବିଭାଗିୟ ଅଧିକାରି ଓ ଠିକାଦାର ମାନଙ୍କ ଦ୍ୱାରା ଏହା ଦୀର୍ଘକାୟ ରାସ୍ତାର ବିକାଶ ହେବା ସ୍ଥଳେ ବିନାଶମୂଖି ହେବାକୁ ଯାଉଥିବା କଥା ସାଧାରଣରେ କୁହାଯାଉଛି।

> **କୋଟି କୋଟି ଟଙ୍କା ପାଣିରେ ପଡିବା ଆଶଙ୍କା**

## କୋଣାର୍କ ଥାନା ସମ୍ମୁଖରେ ଆମରଣ ଅନଶନ




**କୋଣାର୍କ,୨।୫ (ସଂଚାର ବ୍ୟୁରୋ):** ଶୁକ୍ରବାର କୋଣାର୍କ ଥାନା ସମ୍ମୁଖରେ ନ୍ୟାୟ ଦାବିରେ ରୀତା କାଣ୍ଡି ଓ ତାଙ୍କ ସ୍ୱାମୀ ଆମରଣ ଅନଶନରେ ବସି ରହିଛନ୍ତି। କୋଣାର୍କ ଏନଏସି ୫ ନଂ ୱାର୍ଡ ଡାଳିମ୍ବଗୋରଡି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ପାଚିକା ରୀତା କାଣ୍ଡିଙ୍କ ପ୍ରତି ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସ୍ନେହପ୍ରଭା ସ୍ୱାଇଁ ଜାତିଆଣା ଆକ୍ଷେପ ଓ ଦୁର୍ବ୍ୟବହାର ପ୍ରଦର୍ଶନ ନେଇ କୋଣାର୍କ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ କେଶ ରୁଜୁ କରି ଅଭିଯୁକ୍ତଙ୍କୁ ଅନୁକମ୍ପା ଦେଖାଇ ଚୁପ ହୋଇ ବସି ରହିଥିବା ରୀତା ଅଭିଯୋଗ କରିଛନ୍ତି। ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଆମେ ଅନଶନରେ ବସିବୁ ବୋଲି କହିଛନ୍ତି ରୀତା କାଣ୍ଡି। ସୂଚନାଥାଉକି, ଦଳିତଙ୍କୁ ନ୍ୟାୟ ପ୍ରଦାନ, ଅଭିଯୁକ୍ତମାନଙ୍କୁ ଗିରଫ ଓ ପୁଲିସର ନିଷ୍କ୍ରିୟତା ପ୍ରତିବାଦରେ ଗତ ୨୨ତାରିଖରେ ଅନୁସୂଚିତ ଜାତି ଓ ଜନଜାତି ବିକାଶ ସଂଗଠନ ପକ୍ଷରୁ କୋଣାର୍କ ଥାନା ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା।

### ୪କୋଟି ୩୦ଲକ୍ଷ ଟଙ୍କା ବ୍ୟୟରେ ନପଙ୍ଗ-ବନ୍ଧସାହି ରାସ୍ତା ଶିଳାନ୍ୟାସ
## ବଡ଼ମୂଳବସନ୍ତ- ଡିହାପଡା ବିକାଶ ସଂକଳ୍ପ



**ପଟ୍ଟାମୁଣ୍ଡାଇ,୨।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀ ତଥା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଦମୂଳବସନ୍ତ ଓ ଡିହାପଡା ପଂଚାୟତର ସାର୍ବିକ ବିକାଶ ଆମର ସଂକଳ୍ପ ବୋଲି ୪କୋଟି ୩୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନପଙ୍ଗ - ବନ୍ଧସାହି ରାସ୍ତା ଶିଳାନ୍ୟାସ କରି ଆୟୋଜିତ ଉତ୍ସବରେ କେନ୍ଦ୍ରାପଡ଼ା ବିଧାୟକ ପୂର୍ବତନମନ୍ତ୍ରୀ ଗଣେଶ୍ୱର ବେହେରା ପ୍ରକାଶ କରିଛନ୍ତି । ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ କେନ୍ଦ୍ରାପଡ଼ା ବିଧାୟକ ପୂର୍ବତନମନ୍ତ୍ରୀ ଶ୍ରୀବେହେରା ଜନସାଧାରଣଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିବା ପାଇଁ ଶିକ୍ଷା ସ୍ୱାସ୍ଥ୍ୟ, ଗମନାଗମନ ଓ ପିଇବା ପାଣି ଆଦି ପ୍ରତ୍ୟେକଟି କ୍ଷେତ୍ରର ବିକାଶ ପାଇଁ ସେ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି ବୋଲି ପ୍ରକାଶ କରି ବିଧାୟକ ଏ ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ବିଧାୟକଙ୍କ ନିଷ୍ଠାପର ଉଦ୍ୟମ ଯୋଗୁଁ ସ୍ଥାନୀୟ ଅଂଚଳବାସୀଙ୍କ ଦୀର୍ଘଦିନର ଦାବୀ ନପଙ୍ଗ - ବନ୍ଧସାହି ରାସ୍ତା ନିର୍ମାଣ ପୂରଣ ହୋଇଥିବାରୁ ଅଂଚଳବାସୀ ଙ୍କ ପକ୍ଷରୁ ବିଧାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ଏହି ଉତ୍ସବରେ ବଡ଼ମୂଳବସନ୍ତ ସମିତିସଭ୍ୟା ସ୍ମୃତିମୟୀ ମଲିକ,ପୂର୍ବତନ ସମିତି ସଭ୍ୟ କଳ୍ପତରୁ ଦାସ, ବରିଷ୍ଠ ନେତା ଅଜୟ ପ୍ରଧାନ, ଡିହାପଡା ସରପଞ୍ଚ ଶତ୍ରୁଘ୍ନ ମଲିକ, ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ ବଡ଼ମୂଳବସନ୍ତ ସମବାୟ ସମିତି ସଭାପତି ସଞ୍ଜୟ ଲେଙ୍କା,ବରିଷ୍ଠ ନେତା ସଞ୍ଜୟ ଦାସ, ଯୁବନେତା ସଂଗ୍ରାମ ସ୍ୱାଇଁ, ସମାଜସେବୀ ସୁଶାନ୍ତ ରାଉତ,ସୁବ୍ରତ ସ୍ୱାଇଁ,ରୁଦ୍ର ନାରାୟଣ ସାମନ୍ତରାୟ, କାର୍ତ୍ତିକ ପରିଡା,ଜନକର ମଲିକ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ସ୍ଥାନୀୟ ଲୋକପ୍ରତିନିଧି ଯୋଗ ଦେଇ ଏହି ରାସ୍ତା ନିର୍ମାଣ ପାଇଁ ବିଧାୟକଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ । ଶେଷରେ ଯୁବନେତା ସଂଗ୍ରାମ ସ୍ୱାଇଁ ଧନ୍ୟବାଦ ଦେଇଥିଲେ । ଏହି ଉତ୍ସବ ବହୁ ସଂଖ୍ୟକ ପୁରୁଷ ଓ ମହିଳା ଯୋଗ ଦେଇଥିଲେ । ବିଧାୟକ ଓ ବ୍ଲକ ଅଧ୍ୟକ୍ଷ ବଡ଼ମୂଳବସନ୍ତ ପଂଚାୟତ ପୋହଳ ଛକ ଠାରେ ପହଂଚିବା ମାତ୍ରେ ସ୍ଥାନୀୟ ଜନସାଧାରଣ ଉଭୟଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରିବା ସହିତ ବାଜା ବଜାଇ ବାଣ ଫୁଟାଇ ଏକ ବିରାଟ ଶୋଭାଯାତ୍ରାରେ ଶିଳାନ୍ୟାସ ଉତ୍ସବସ୍ଥଳକୁ ପାଛୋଟି ନେଇଥିଲେ ।

# କୃଷକ ବିକାଶ ସମିତିର ଚାଷୀ ସଚେତନତା ସମାବେଶ




**କେନ୍ଦ୍ରାପଡ଼ା,୨।୫(ସଂଚାର ବ୍ୟୁରୋ):** ପୂର୍ବକାଳରେ ଚାଷ ଯାହାର, ସୁଖ ତାହାର ବୋଲି ଲୋକ କଥା ଥିଲା । କିନ୍ତୁ ଏବେ ଚାଷୀ ଓ ଚାଷ ଉଜୁଡିବାକୁ ବସିଛି। ଏହାର ନିରାକରଣ ତଥା ଚାଷୀଙ୍କ ଆର୍ଥିକ ବିକାଶ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ପ୍ରୋତ୍ସାହିତ କରୁଛନ୍ତି। ବିଭିନ୍ନ ଯୋଜନାରେ ସମନ୍ୱିତ ଚାଷ କରିବା ଓ ସମବାୟ ସମିତି ସହିତ ଜଡିତ ହୋଇ ପାରିଲେ କୃଷକ ଲାଭବାନ ହେବ ବୋଲି କୃଷକ ବିକାଶ ସମବାୟ ସମିତି ପକ୍ଷରୁ ଆୟୋଜିତ ବିରାଟ ଚାଷୀ ସଚେତନତା ସମାବେଶରେ ବିଶିଷ୍ଟ ବ୍ୟକ୍ତିମାନେ ମତ ରଖିଛନ୍ତି ।

ସମିତିର ସଭାପତି ପ୍ରମୋଦ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶ ସହରର ଟାଉନହଲ ଠାରେ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସମବାୟବିତ ତଥା ଚାଷୀନେତା ଗୋଲକ ମହାପାତ୍ର କହିଥିଲେଯେ ଓଡିଶାର ୨୫ ପ୍ରତିଶତ ଅର୍ଥନୀତି କୃଷିଭିତ୍ତିକ। ରାଜ୍ୟରେ ୫୦ ପ୍ରତିଶତ ପରିବାର କୃଷି ଉତ୍ପାଦନ ଉପରେ ନିର୍ଭରଶୀଳ। ପୂର୍ବରୁ ଚାଷ କେବଳ ପୁରୁଣା ଜ୍ଞାନକୌଶଳରେ ଚାଲିଥିଲା। ଏବେ ତୃଣମୂଳସ୍ତରରେ କୃଷିଭିତ୍ତିକ ବିଭିନ୍ନ ଯୋଜନାରେ ସାମିଲ ହେବା ସହ କୃଷି ଦକ୍ଷତାକୁ ପ୍ରେତ୍ସାହିତ କରାଯାଇଛି। ଚାଷୀମାନେ ସମବାୟ ସମିତି କରିଆରେ ଚାଷ ପରିଚାଳନାକୁ ଗୁରୁତ୍ୱ ଦେଲେ ଆର୍ଥିକ ଉନ୍ନତି ସହିତ ସହଭାଗିତା ବଢ଼ିବ ବୋଲି ସେ ପ୍ରକାଶ କରିଥିଲେ। କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ଡ. ଅରବିନ୍ଦ ଦାସ ଓ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କମଳାକାନ୍ତ ପାଣିଗ୍ରାହୀ କହିଥିଲେ ଯେ ପାରମ୍ପରିକ ଚାଷର ରୂପାନ୍ତରୀକରଣ ହୋଇଛି। ଅଧିକ ଲାଭ ପାଇଁ ଧାନ ଚାଷ ସହ ପାଣି ସିଙ୍ଗଡା ଚାଷ ଠାରୁ ଆରମ୍ଭ କରି ବିନା ମାଟିରେ ଆଳୁ ଚାଷ ସମ୍ଭବ ହେଲାଣି। ଏଥିପ୍ରତି ଚାଷୀଙ୍କ ଆଗ୍ରହ ଓ ସଚେତନତା ଆବଶ୍ୟକ। ଏହାର ପ୍ରୋତ୍ସାହନ ପାଇଁ ସମବାୟ ସଂସ୍ଥାଗୁଡିକ ଲାଗି ପଡିଛନ୍ତି। ଏଥିମଧ୍ୟରୁ କେନ୍ଦ୍ରାପଡ଼ାର କୃଷକ ବିକାଶ ସମବାୟ ସମିତି ଅନ୍ୟତମ ବୋଲି ସେ କହିଥିଲେ। ସମାରୋହରେ ଶିକ୍ଷାବିତ ଡ. ନିରୂପମା ରାଉତ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳୀ ସେଠୀ, ପାଟକୁରାର ଯୁବନେତା ତେଜେଶ୍ୱର ପରିଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଭାପତି ସାହୁ କେନ୍ଦ୍ରାପଡାରେ କୃଷିଭିତ୍ତିକ ବୈଷୟିକ ବିଶ୍ୱବିଦ୍ୟାଳୟର ଆବଶ୍ୟକ ଥିବା ଉପସ୍ଥାପନ କରିଥିଲେ। ଏହି ଅବସରରେ କଟକ, କେନ୍ଦ୍ରାପଡ଼ା, ଯାଜପୁର ଓ ଜଗତସିଂହପୁରର ୨୦ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା

# ଭୁଲ ଇଞ୍ଜେକସନ ନେଲା କି ଯୁବକଙ୍କ ଜୀବନ ?
## ପୁଲିସ ରଖି ନଥିଲା ଏତଲା, ନ୍ୟାୟ ଦାବିରେ ରାସ୍ତାରୋକ କଲେ ଗ୍ରାମବାସୀ

**ଆଳି,୨।୫ (ସଂଚାର ବ୍ୟୁରୋ):** ମେଡ଼ିସିନ ଷ୍ଟୋରରୁ ଭୁଲ ଇଞ୍ଜେକେସନ ନେବା ଯୋଗୁଁ ଜଣେ ଭେଣ୍ଡିଆ ଯୁବକଙ୍କ ମୃତ୍ୟୁ ଘଟିଛି । ଏଭଳି ଏକ ଦୁଃଖଦ ଘଟଣା ଆଳି ଅଞ୍ଚଳରେ ଘଟିଥିବା ଦେଖିବାକୁ ମିଳିଛି ।

ଏଭଳି ସଙ୍ଗୀନ ଅଭିଯୋଗ ଆସିଛି କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ଭରତପୁର ଗ୍ରାମରୁ । ଗ୍ରାମର କଳାକାର ସାହୁଙ୍କ ପୁଅ ପ୍ରଶାନ୍ତ ସାହୁଙ୍କ ଗୋଡ଼ ମଚକି ଯାଇ ଥିବାରୁ ସେ ସିଙ୍ଗିରି ବଜାରରେ ଥିବା ଏକ ମେଡ଼ିସିନ ଷ୍ଟୋରକୁ ଚିକିତ୍ସା ନିମନ୍ତେ ଯାଇଥିଲେ। ମେଡିସିନ ଷ୍ଟୋର ମାଲିକ ତାଙ୍କୁ ଚିକିତ୍ସା କରିବା ସହ ଦୁଇଟି ଇଞ୍ଜେକସନ ଦେଇଥିଲେ। ଇଞ୍ଜେକେସନ ନେବା ପରେ ସଙ୍ଗେ ସଙ୍ଗେ ପ୍ରଶାନ୍ତ ବାନ୍ତି କରିବା ସହ ଗୁରୁତର ହୋଇ ପଡ଼ିଥିଲେ। ତାଙ୍କୁ ସଙ୍ଗେ ପଟ୍ଟାମୁଣ୍ଡାଇ ମେଡିକାଲ ନିଆ ଯାଇଥିଲା। ସେଠାରୁ ତାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲା ମେଡିକାଲକୁ ସ୍ଥାନାନ୍ତର କରା ଯାଇଥିଲା । ସେଠାରେ କିନ୍ତୁ ଡାକ୍ତର ପ୍ରଶାନ୍ତଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପ୍ରଶାନ୍ତଙ୍କ ବାପା କଳାକାର ଆଳି ଥାନାରେ ମେଡ଼ିସିନ ଷ୍ଟୋର ମାଲିକଙ୍କ ନାମରେ ଅଭିଯୋଗ କରିବାକୁ ଯାଇଥିବା ବେଳେ ପ୍ରଥମେ ଥାନା ଅଧିକାରୀ ଏତଲା ରଖି ନଥିବା ବେଳେ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି । ପରେ ଗ୍ରାମବାସୀ କଟକ-ଚାନ୍ଦବାଲି ରାସ୍ତାରେ ମୃତଦେହ ରଖି ଟାୟାର ଜାଳି ରାସ୍ତାରୋକ କରିଥିଲେ।



ଏହାକୁ ଦେଖି ଆଳି ପୁଲିସ ସିଙ୍ଗିରି ବଜାରରେ ଥିବା ମେଡ଼ିସିନ ଷ୍ଟୋର ଓ ତାଙ୍କ ଘର ନିକଟରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା । ପ୍ରଶ୍ନ ଉଠେ ଏତେ ବଡ଼ ସମ୍ବେଦନ ଶିଳ ଘଟଣାରେ ଏତଲା ରଖିବା ପୁଲିସର କାର୍ଯ୍ୟ ଦକ୍ଷତା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ରାସ୍ତାରୋକର ଖବର ପାଇ ଘଟଣା ସ୍ଥଳରେ ପଟ୍ଟାମୁଣ୍ଡାଇ ଏସଡ଼ିପିଓ କ୍ଷମା ସାଗର ପଣ୍ଡା, ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର ପହଞ୍ଚି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶୃତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

# କୃଷି ଓ କୃଷକ ସଶକ୍ତିକରଣ ବିଭାଗର ୪ ନିଗମ ସହ ଚୁକ୍ତି



ଭୁବନେଶ୍ୱର,୨।୫(ସଂଚାର ବ୍ୟୁରୋ): ଆଜି ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଚାରୋଟି ନିଗମ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ନିଗମ ଗୁଡିକ ହେଲା ଓଡ଼ିଶା କୃଷି ଶିଳ୍ପ ନିଗମ (ଓଏଆଇସି), ଓଡ଼ିଶା କୃଷି ପ୍ରୋତ୍ସାହନ ଏବଂ ପୁଞ୍ଜି ଲଗାଣ ନିଗମ ଲିମିଟେଡ୍ (ଅପିକଲ୍), ଓଡ଼ିଶା ରାଜ୍ୟ ବିହନ ନିଗମ ଲିମିଟେଡ (ଓଏସ୍‌ଏସ୍‌ସି) ଓ ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଲିମିଟେଡ୍ (ଓଏସ୍‌ସିଡିସିଏଲ୍)। ବିଗତ ବର୍ଷରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଓଡ଼ିଶା କୃଷି ଶିଳ୍ପ ନିଗମ ଓ ଓଡ଼ିଶା କୃଷି ପ୍ରୋତ୍ସାହନ ଏବଂ ପୁଞ୍ଜି ଲଗାଣ ନିଗମ ଲିମିଟେଡ୍ ଅଧ୍ୟକ୍ଷଙ୍କୁ ପ୍ରଶଂସାପତ୍ର ପ୍ରଦାନ କରି କହିଥିଲେ ଯେ ଅନୁବନ୍ଧିତ ସମସ୍ତ ନିଗମ ଉତ୍ସାହଜନକ ପ୍ରଦର୍ଶନ କରିଛନ୍ତି। ଚଳିତ ଆର୍ଥିକ ବର୍ଷରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ରାଜ୍ୟ ସରକାରଙ୍କ ଏକ ପ୍ରମୁଖ ବିଭାଗ ଭାବେ ଅନୁମୋଦିତ ବଜେଟର ୯୪.୭ ପ୍ରତିଶତ ଖର୍ଚ୍ଚ କରିପାରିଛି।

ଓଡ଼ିଶା କୃଷି ଶିଳ୍ପ ନିଗମ ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ନିମନ୍ତେ ୪୫,୦୦୦ ଟନ୍ ସାର, ୨୦ କୋଟି ଟଙ୍କାର ଜୈବିକ ସାର ଓ କୀଟନାଶକ, ୨୦୦୦ ଟ୍ରାକ୍ଟର, ୧୦୦୦ ପାୱାର ଟିଲର ଏବଂ ଅନ୍ୟାନ୍ୟ କୃଷି ଯନ୍ତ୍ରପାତି, ୫୨୦୦ ବିଦ୍ୟୁତ ଚାଳିତ କ୍ଷୁଦ୍ର ଉଠା ଜଳସେଚନ ପ୍ରକଳ୍ପ, ୪୮୦୦ ସୌରଚାଳିତ ଜଳନିଧି ପ୍ରକଳ୍ପ, ୧୦୦୦ ଅଗଭୀର ନଳକୂପ ପ୍ରକଳ୍ପ ଓ ନିର୍ମାଣ କାର୍ଯ୍ୟ ନିମନ୍ତେ ଚଳିତ ବର୍ଷ ୩୦ କୋଟି ଟଙ୍କା କାର୍ଯ୍ୟ ପାଇଁ ଲକ୍ଷ୍ୟ ରଖିଛି। ସମୁଦାୟ ୧୦୦୦ କୋଟି ଟଙ୍କାର କାରବାର କରିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେହିଭଳି ଓଡ଼ିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ ସହ ହୋଇଥିବା ସହଭାଗୀତା ଓଡ଼ିଶାର ବିହନ ଉତ୍ପାଦନ ଏବଂ ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲକ୍ଷ୍ୟ ରଖିଛି। କୃଷି ବିଭାଗ ପ୍ରଜନନକାରୀ ପ୍ରାମାଣିକ ବିହନର ସମୟୋଚିତ ଯୋଗାଣ ସୁନିଶ୍ଚିତ କରି ଚାଷୀଙ୍କ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବ। ଏହି ସହଯୋଗରେ ଉଭୟପକ୍ଷ ସମନ୍ୱିତ ଚାଷୀ ସଚେତନତା ଅଭିଯାନ ମାଧ୍ୟମରେ ବିହନ ପ୍ରତିସ୍ଥାପନ ଓ କିସମ ଉନ୍ନତିକୁ ପ୍ରୋତ୍ସାହିତ କରିବା ପାଇଁ ମିଳିତ ଭାବେ କାର୍ଯ୍ୟ ସମ୍ପାଦନ କରିବେ। ଏଥିପାଇଁ ୫୬ କୋଟି ଟଙ୍କାର କାରବାର ଲକ୍ଷ୍ୟ ରହିଛି।

ଓଡ଼ିଶା କୃଷି ପ୍ରୋତ୍ସାହନ ଏବଂ ପୁଞ୍ଜି ଲଗାଣ ନିଗମ ଲିମିଟେଡ୍ ୬,୫୦୦ଟି ବ୍ୟବସାୟିକ ଉଦ୍ୟମ ନିର୍ମାଣ ସହିତ ୨୫୦ କୋଟି ମୂଲ୍ୟର ସବସିଡି ପ୍ରଦାନ କରିବା ଲକ୍ଷ୍ୟ ରଖିଛି। ସେଥିରୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା (ଏମ୍‌କେୟୁୱାଇ) ପାଇଁ ୨୦୦ କୋଟି ଏବଂ ଶୀତଳ ଭଣ୍ଡାର ସହାୟତା ଯୋଜନା ପାଇଁ ୫୦ କୋଟି ରହିଛି। ଅନୁରୂପଭାବେ, ଓଡ଼ିଶାରେ କାଜୁ ଚାଷକୁ ସୁଦୃଢ଼ କରିବା ପାଇଁ ୨୦୨୫-୨୬ ଆର୍ଥିକ ବର୍ଷରେ ନିଗମ ୫୦୦ ହେକ୍ଟର ହାଇବ୍ରିଡ୍ କାଜୁ ପୁନଃରୋପଣ କାର୍ଯ୍ୟକ୍ରମ ଏବଂ ୧୧୩୨.୨୨ ହେକ୍ଟରକୁ ଅଧିକ ବୃକ୍ଷର ରକ୍ଷଣାବେକ୍ଷଣ କରିବ। ଏହାଛଡ଼ା ଏହାର ବିଦ୍ୟମାନ ୨୦ଟି କ୍ଲୋନାଲ୍ ନର୍ସରୀରୁ ୩୫ ଲକ୍ଷ ହାଇବ୍ରିଡ୍ କାଜୁ କଲମ୍ ଉତ୍ପାଦନ ପାଇଁ ଲକ୍ଷ୍ୟ ରହିଛି। ଏହି ଏମଓୟୁ ସ୍ୱାକ୍ଷର ସମୟରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢ଼ୀ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ଉଦ୍ୟାନ କୃଷି ନିର୍ଦ୍ଦେଶକ ନିଖିଲ ପଓନ କଲ୍ୟାଣ, ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### 'ଡେମୋଗ୍ରାଫିକ କଣ୍ଟେଷ୍ଟେସନ୍ସ ଆଣ୍ଡ୍ ଲେଜିସଲେଟିଭ୍ ପ୍ରୋସେସ୍ ଇନ୍ ଇଣ୍ଡିଆ' ପୁସ୍ତକ ଉନ୍ମୋଚିତ

# ଗଣତନ୍ତ୍ର ବିକାଶ ପ୍ରକ୍ରିୟାରେ ବଡ଼ ସହାୟକ ହେବ: ଧର୍ମେନ୍ଦ୍ର




ଭୁବନେଶ୍ୱର,୨।୫(ସଂଚାର ବ୍ୟୁରୋ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ନୂଆଦିଲ୍ଲୀଠାରେ ରାଜ୍ୟସଭାର ଯୁଗ୍ମ ସଚିବ ତଥା ଲେଖକ ଡଃ ରାଘବ ପ୍ରସାଦ ଦାଶଙ୍କ ଦ୍ୱାରା ଲିଖିତ ଇଂରାଜୀ ପୁସ୍ତକ 'ଡେମୋଗ୍ରାଫିକ କଣ୍ଟେଷ୍ଟେସନ୍ସ ଆଣ୍ଡ୍ ଲେଜିସଲେଟିଭ୍ ପ୍ରୋସେସ୍ ଇନ୍ ଇଣ୍ଡିଆ' ଉନ୍ମୋଚନ କରିଛନ୍ତି। ଉନ୍ମୋଚିତ ପୁସ୍ତକଟି ଗଣତନ୍ତ୍ରର ବିକାଶରେ ଉତ୍ପ୍ରେରକ ଭାବରେ କାର୍ଯ୍ୟ କରିବ ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତୀୟ ସଂସଦ ହେଉଛି

## ଡଃ ରାଘବ ପ୍ରସାଦ ଦାଶଙ୍କୁ ଧନ୍ୟବାଦ ଜଣାଇଲେ

ଗଣତନ୍ତ୍ରର ଏକ ପ୍ରକୃତ ମନ୍ଦିର, ଯାହାର ବହୁମୁଖୀ ଭୂମିକା ରହିଛି। ଏହା କେବଳ ଆଇନ ପ୍ରଣୟନରେ ସୀମିତ ନୁହେଁ ବରଂ ଲୋକଙ୍କ ସ୍ୱରକୁ ବ୍ୟବସ୍ଥାରେ ଥିବା ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଏକ ପ୍ରମୁଖ ମାଧ୍ୟମ ଭାବରେ କାର୍ଯ୍ୟ କରେ। ଯେତେବେଳେ ମୁଁ ପ୍ରଥମ ଥର ପାଇଁ ଗୃହରେ ପାଦ ରଖିଲି ସେତେବେଳେ ସ୍ୱର୍ଗତ ଅଟଳଜୀଙ୍କଠାରୁ ଏହି କଥା ଶିକ୍ଷା ଲାଭ କରିଥିଲି। ସେହିପରି ପୁସ୍ତକ କେବଳ ବର୍ତ୍ତମାନର ପିଢ଼ିକୁ ନୁହେଁ ନୂଆପିଢ଼ିକୁ ମଧ୍ୟ ପ୍ରେରିତ କରିଥାଏ। ପୁସ୍ତକ ଭବିଷ୍ୟତ ପିଢ଼ି ପାଇଁ ଜ୍ଞାନର ଭଣ୍ଡାର ମଧ୍ୟ ଅଟେ। ଭାରତର ସଂସଦୀୟ ପ୍ରକ୍ରିୟାକୁ ବୁଝିବାରେ ଏହି ଉଲ୍ଲେଖନୀୟ ଅବଦାନ ପାଇଁ ଡଃ ଦାଶଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ଡଃ ଦାଶଙ୍କ ଦ୍ୱାରା ଲିଖିତ ପୁସ୍ତକ, ଭାରତରେ ଗଣତାନ୍ତ୍ରିକ ପ୍ରତିଦ୍ୱନ୍ଦିତା ଏବଂ ବିଧାୟିକ ପ୍ରକ୍ରିୟା ବିଷୟରେ ଦିଗଦର୍ଶନ ପ୍ରଦାନ କରିବ।

ବାବାସାହେବ ଭାରତରତ୍ନ ଡକ୍ଟର ବି.ଆର୍ ଆମ୍ବେଦକରଙ୍କ ପାଇଁ ଭାରତୀୟ ସମ୍ବିଧାନର ପ୍ରସ୍ତୁତ ହେଲା, ଯାହା ଗଣତନ୍ତ୍ରରେ ବଡ ଉପଲବ୍ଧି। ଭାରତର ଶାସନ ବ୍ୟବସ୍ଥା ସମ୍ବିଧାନ ପ୍ରଦତ୍ତ ବ୍ୟବସ୍ଥାରେ ତିଆରି ହୋଇଛି। ଏହିଭଳି ଏକ ବିଷୟରେ ସରଳ ଓ ସାବଲୀଳ ଭାଷାରେ ଦସ୍ତାବିଜ ପ୍ରସ୍ତୁତ କରି ପୁସ୍ତକର ରୂପ ଦିଆଯାଇଛି, ଯାହା ପ୍ରଶଂସନୀୟ। ଏହି କାର୍ଯ୍ୟ ଭାରତୀୟ ସଂସଦର ବିକାଶ ଏବଂ କାର୍ଯ୍ୟକାରିତା ବିଷୟରେ ସୂଚନା ପ୍ରଦାନ କରି ପବ୍ଲିକ ପଲିସିର ଛାତ୍ରଛାତ୍ରୀ ଏବଂ ଅଧ୍ୟାପକମାନଙ୍କ ପାଇଁ ଏକ ମୂଲ୍ୟବାନ ସମ୍ବଳ ଭାବରେ କାର୍ଯ୍ୟ କରିବ। ଗଣତନ୍ତ୍ର ହେଉଛି ଏକ କ୍ରମାଗତ ବିକଶିତ ପ୍ରକ୍ରିୟା। ଏହି ପୁସ୍ତକ ସେହି ବିକାଶରେ ଏକ ଉତ୍ପ୍ରେରକ ଭାବରେ କାର୍ଯ୍ୟ କରିବ ଏବଂ ପ୍ରଶାସକ, ବିଧାୟକ ଏବଂ ସାର୍ବଜନୀନ ନୀତି ଚିନ୍ତକମାନଙ୍କ ପାଇଁ ଏକ ପ୍ରମୁଖ ପ୍ରସଙ୍ଗ ଭାବରେ ଉଭା ହେବ ବୋଲି ଶ୍ରୀ ପ୍ରଧାନ ମତ ପ୍ରକାଶ କରିଛନ୍ତି। ଏହି ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ସାଂସଦ ଭର୍ତ୍ତୃହରି ମହତାବ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଇଏମ ଅଭିଭାବକ ସଂଘର ଆମରଣ ଅନଶନ ସ୍ଥଗିତ



ଭୁବନେଶ୍ୱର, ୨।୫(ସଂଚାର ବ୍ୟୁରୋ): ବିଜେଇମ ସ୍କୁଲରେ ଚାଲିଥିବା ଫି' ବୃଦ୍ଧି ଓ ଦୁର୍ନୀତି ବିରୁଦ୍ଧରେ ସ୍କୁଲ ଅଭିଭାବକ ସଂଘର ପ୍ରାୟ ୨୦୦ ଅଭିଭାବକ ସଭାପତି ରଞ୍ଜନ ଦାସଙ୍କ ନେତୃତ୍ୱରେ ବିଭାଗୀୟ ମୁଖ୍ୟାଳୟ ସମ୍ମୁଖରେ ଆଜିଠାରୁ ଆମରଣ ଅନଶନ କରିବା ସକାଶେ ଚେତାବନୀ ଦେଇଥିଲେ। ଏହି ନିଷ୍ପତ୍ତି ଅନୁସାରେ, ଆଜି ଅଭିଭାବକମାନେ ଅନଶନରେ ବସିବା ପରେ ଏକାମ୍ର ବିଧାୟକ ବାବୁ ସିଂ ଆଲୋଚନା କରିଥିଲେ। ଅପରାହ୍ନରେ ନିର୍ଦ୍ଦେଶକ ଅନଶନରତ ଅଭିଭାବକମାନଙ୍କୁ ଡାକିଥିଲେ। ସଭାପତି ଶ୍ରୀ ଦାସ ଓ କୋଷାଧ୍ୟକ୍ଷ ସତ୍ୟ ସୁନ୍ଦର ସାହୁ, ଓଡ଼ିଶା ଅଭିଭାବକ ମହାସଂଘର ସଭାପତି ବାସୁଦେବ ଭଟ୍ଟ, ମହାସଚିବ ଅଶୋକ ପାଇକରାୟ, କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ, ପ୍ରଦୀପ୍ତ କୁମାର ମିଶ୍ରଙ୍କ ସହ ଆଲୋଚନା ହୋଇଥିଲା। ଏଥିସହ ନିର୍ଦ୍ଦେଶକ ବୀରେନ୍ଦ୍ର କର୍କରା ଏ ସଂକ୍ରାନ୍ତରେ ମୁଁ ସଚିବଙ୍କ ସହ ଆଲୋଚନା କରିସାରିଛନ୍ତି। ଆସନ୍ତାକାଲି ଏକ ଉଚ୍ଚସ୍ତରୀୟ ବୈଠକ ପାଇଁ ଦିନ ସଚିବ ନିଷ୍ପତ୍ତି ନେଇଥିବାରୁ ସ୍ଥଗିତ ରଖିବା ସକାଶେ ନିବେଦନ କରିଥିଲେ। ତାଙ୍କ ଅନୁରୋଧକୁ ସମ୍ମାନ ଜଣାଇ ସଂଘ ତା'ର ଆମରଣ ଅନଶନକୁ ସ୍ଥଗିତ ରଖିଛି। ଆଜିର ଧାରଣାରେ ରାଷ୍ଟ୍ରୀୟ ଅଭିଭାବକ ସଂଘ ପକ୍ଷରୁ ମହାସଚିବ ପ୍ରଦୀପ୍ତ ମିଶ୍ର, ତାପସ ଦାସ ଏବଂ ସ୍କୁଲ ଅଭିଭାବକ ସଂଘର ସମ୍ପାଦକ ନିତ୍ୟାନନ୍ଦ ବେହେରା, ଶୁଭେନ୍ଦୁ କୁମାର ସାମନ୍ତ, ଦୀପକ କୁମାର ନାୟକ, ସନ୍ତୋଷ କୁମାର ସାହୁ, ବିଶ୍ୱଜିତ୍ ମହାପାତ୍ର ଉପସ୍ଥିତ ଥିଲେ।

## ହାଇୱା ଧକ୍କାରେ ଛାତ୍ରୀ ମୃତ

ଭୁବନେଶ୍ୱର, ୨।୫ (ସଂଚାର ବ୍ୟୁରୋ) : ଭୁବନେଶ୍ୱର ଆଇଗିଣିଆ ଚଣ୍ଡୀ ମନ୍ଦିର ସମ୍ମୁଖରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ହାଇୱା ଧକ୍କାରେ ଛାତ୍ରୀ ମୃତ। ମୃତ ଛାତ୍ରୀ ଜଣକ ସୁଶ୍ରୀ ସୌମ୍ୟା ବୋଲି ଜଣାପଡ଼ିଛି। ମୃତ ସୁଶ୍ରୀଙ୍କ ଘର ନୟାଗଡ଼ ଜିଲ୍ଲାରେ ହୋଇଥିବା ବେଳେ ସେ ଭୁବନେଶ୍ୱରର ଏକ ଘରୋଇ କଲେଜରେ ରହି ପାଠ ପଢୁଥିଲେ। ତେବେ ସୌମ୍ୟା ରାସ୍ତା ପାରି ହେବା ବେଳେ ହାଇୱା ଧକ୍କା ଦେଇଥିଲା। ଦେଖଣାହାରୀଙ୍କ କହିବା କଥା ହାଇୱା ଧକ୍କା ଦେବା ପରେ ୩୦ ମିଟର ଘୋଷାଡି ନେଇଥିଲା ହାଇୱା। ଖୋର୍ଦ୍ଧା ପଟୁ ଆସୁଥିବା ଲୋଡେଡ୍ ହାଇୱା ଧକ୍କା ଦେଇଥିଲା। ଘଟଣା ପରେ ହାଇୱା ଡ୍ରାଇଭର ଗାଡ଼ି ରଖି ଫେରାର ହୋଇ ଯାଇଥିବା ବେଳେ ଗାଡ଼ି ଜବତ କରିଛି ପୋଲିସ୍। ସେପଟେ ଦୀର୍ଘ ସମୟ ଧରି ରାସ୍ତା ରୋକ କରିଥିଲେ ସ୍ଥାନୀୟ ବାସିନ୍ଦା।

## ୪୮ କେ.ଜି ଗଂଜେଇ ଜବତ: ୨ ଗିରଫ




ଗୋପାଳପୁର,୨।୫ (ସଂଚାର ବ୍ୟୁରୋ) : ଗୋପାଳପୁର ପୁଲିସ ଆଜି ଗଂଜେଇ ଚୋରା ଚାଲାଣ ବେଳେ ୨ ଜଣକୁ କାବୁ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ଗଜପତି ଜିଲ୍ଲା ମୋହନା ଥାନା ଅନ୍ତର୍ଗତ ଡିଙ୍ଗିନୀ ପଦର ଗ୍ରାମର ଦାସ ନାୟକ ଏବଂ ସେହି ଥାନା ଅଂଚଳର କଳାମେଲ ଗ୍ରାମର ମନୋଜ ବିର ବୋଲି ପୁଲିସ କହିଛି। ସେମାନଙ୍କ ଠାରୁ ୪୮ କେ.ଜି ଗଂଜେଇ ଜବତ କରିଛି। ସୂଚନା ମୁତାବକ, ଶୁକ୍ରବାର ସକାଳେ ଗୋପାଳପୁର ଥାନା ପକ୍ଷରୁ ଜାତୀୟ ରାଜପଥରେ ନାକା ଡ୍ୟୁଟି ଚାଲିଥିଲା। ପଥରା ଓଭରବ୍ରିଜ ପଟୁ ଏକ କାର ନମ୍ବର ଓଡି ୦୨ ସିପି ୮୩୦୪ ର ଆଗକାଚ ଭାଙ୍ଗି ଯାଇ ଯାଉ ଥିବା ବେଳେ ଡ୍ୟୁଟିରେ ଥିବା ପୁଲିସ ଅଟକାଇ ପଚରା ଉଚରା କରିଥିଲା। ପଚାରିବା ପରେ ପଥରା ଓଭରବ୍ରିଜ ନିକଟରେ ଏକ ବାଇକ ଧକ୍କା ଦେବାରୁ ଆଗ ଗ୍ଲାସ ଭାଙ୍ଗି ଯାଇଥିବା କହିଥିଲେ। ପୁଲିସକୁ ସନ୍ଦେହ ହେବାରୁ କାର ଟିକୁ ଯାଞ୍ଚ କରି ପଛ ପଟ ଡ଼ିକି ଖୋଲି ବାକୁ କହିଥିଲେ। ଦେଖିବା ବେଳକୁ ଦୁଇଟି ଜରି ବସ୍ତା ରହିଥିବାରୁ ଖୋଲି ଦେଖିବା ବେଳକୁ ସେଥିରେ ଗଂଜେଇ ଥିବା ଜାଣିବାକୁ ପାଇଥିଲେ। ପରେ ଓଜନ ବେଳେ ୪୮ କେ.ଜି ଗଂଜେଇ ଥିବାରୁ ଅଭିଯୁକ୍ତ ଦୁଇ ଜଣକୁ କାବୁ କରିବା ସହ କାର,ଦୁଇ ଟି ମୋବାଇଲ,୧୬୭୦ ଟଙ୍କା,ପାନ କାର୍ଡ ଆଦି ନଥିପତ୍ର ଜବତ କରି କେସ ନମ୍ବର ୧୨୮/୨୫ ମାମଲା ରୁଜୁ କରି ଆଜି କୋର୍ଟ ଚାଲାଣ କରିଛନ୍ତି। ଯାଞ୍ଚ ବେଳେ ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକ,କନିସି ଅତିରିକ୍ତ ତସିଲଦାର ଚିତ୍ର ସେନ ଦଳେଇ,ଏସ ଆଇ ମଣି ଦାଡ଼ିଆ ପ୍ରମୁଖ ଉପସ୍ଥିତ ଥିଲେ।

## ୧୦୮ ଆମ୍ବୁଲାନ୍ସ କର୍ମଚାରୀ ସଂଘର କାର୍ଯ୍ୟକାରିଣୀ ବୈଠକ



ଭୁବନେଶ୍ୱର,୨।୫(ସଂଚାର ବ୍ୟୁରୋ): ଗତକାଲି ଶ୍ରମିକ ଦିବସରେ ସ୍ଥାନୀୟ ବ୍ରହ୍ମେଶ୍ୱର ପାଟଣା ଜଗନ୍ନାଥ ଆଶ୍ରମରେ ଅଲ୍ ଓଡ଼ିଶା ୧୦୮ ଆମ୍ବୁଲାନ୍ସ କର୍ମଚାରୀ ସଂଘର ଏକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ସଂଘର ବରିଷ୍ଠ କର୍ମକର୍ତ୍ତା କ୍ରିଷ୍ଣାଚାନ୍ଦ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ୩୦ଟିଯାକ ଜିଲ୍ଲାର ବରିଷ୍ଠ କର୍ମକର୍ତ୍ତାମାନେ ଯୋଗଦେଇ ସଂଘର ବିଭିନ୍ନ ସମସ୍ୟା ଓ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଦୀର୍ଘ ୧୨ ବର୍ଷ ଧରି ଓଡ଼ିଶାରେ ୧୦୮ ଆମ୍ବୁଲାନ୍ସ କର୍ମଚାରୀମାନେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧିନରେ ୫ବର୍ଷିଆ ଟେଣ୍ଡର ହିସାବରେ ଠିକା ସଂସ୍ଥାମାନଙ୍କ ଦ୍ୱାରା ନିଯୁକ୍ତି ପାଇ ଦୈନିକ ୧୨ ଘଣ୍ଟା ସିଫ୍ଟ ଡ୍ୟୁଟି କରୁଛନ୍ତି। କିନ୍ତୁ ଏହା ସତ୍ତ୍ୱେ ବି ସମ୍ପୃକ୍ତ ଠିକା ସଂସ୍ଥା ୮ ଘଣ୍ଟାର ପାରିଶ୍ରମିକ ଦେଇ କର୍ମଚାରୀଙ୍କୁ ପ୍ରତାରଣା କରୁଛି। ଏନେଇ ବିଭିନ୍ନ ସମୟରେ ଅଭିଯୋଗ କରାଯାଉଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ଏପରିକି ଓଭରଟାଇମ୍ ବାବଦ ପାରିଶ୍ରମିକ ବି ମିଳୁନାହିଁ। ଅଧିକନ୍ତୁ କର୍ତ୍ତବ୍ୟ ସମ୍ପାଦନ ସମୟରେ କୌଣସି କର୍ମଚାରୀ ମୃତ୍ୟୁବରଣ କଲେ, ତାଙ୍କ ପରିବାରକୁ ମଧ୍ୟ କୌଣସି ଆର୍ଥିକ ସହାୟତା ଯୋଗାଇ ଦିଆଯାଉନାହିଁ ବୋଲି ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ସମସ୍ୟା ନେଇ ଜଣାଇଲେ ଛଟେଇ କରିବାର ଧମକ ଦିଆଯାଉଛି। ଏପରିକି କିଛି କର୍ମଚାରୀଙ୍କୁ ଅତୀତରେ ଛଟେଇ ବି କରାଯାଇଛି। ଏଣୁ ସଂଘ ପକ୍ଷରୁ ଆଗାମୀ ଦିନରେ ଏକ ଟ୍ରେଡ ୟୁନିୟନ ମାଧ୍ୟମରେ ସରକାରଙ୍କ ପାଖରେ ସମସ୍ତ ଦାବି ସମସ୍ୟା ଓ ଠିକା ସଂସ୍ଥାର ଅନ୍ୟାୟ ସମ୍ପର୍କରେ ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବା ସକାଶେ ନିଷ୍ପତ୍ତି ହୋଇଛି। ଏଥିପାଇଁ ୧୦୮ ଆମ୍ବୁଲାନ୍ସ କର୍ମଚାରୀମାନେ ଏକ ଟ୍ରେଡ ୟୁନିୟନର ପଞ୍ଜିକରଣ କରିଛନ୍ତି, ଯାହାର ନମ୍ବର କେଏଚ୍‌ଡବ୍ଲ୍ୟୁ/ ଆରଟିଓ/୨୦୨୫/୦୦୦୧୫୭ ରହିଛି। ଏହାର ମୁଖ୍ୟ କାର୍ଯ୍ୟାଳୟ ଡୁମୁଡୁମା, ହାଉସିଂ ବୋର୍ଡ଼ ଫେଜ୍-୨, ଡିଡିଏଲ-୮୨୯, ଥାନା ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୧୯ରେ ରହିଛି ବୋଲି ସଂଘ ସଭାପତି ରାମଚନ୍ଦ୍ର ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

### ପ୍ରଥମ ରଥଯାତ୍ରା ସମନ୍ୱୟ ବୈଠକ, ୨୧ଟି ପ୍ରସଙ୍ଗ ଉପରେ ଆଲୋଚନା

# ସ୍ୱତନ୍ତ୍ର ଆପ୍ ସହ ୱେବ୍‌ସାଇଟ୍ ଖୋଲିବ

ଭୁବନେଶ୍ୱର,୨।୫ (ସଂଚାର ବ୍ୟୁରୋ): ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଓ ଶ୍ରୀଜଗନ୍ନାଥ ଧାମକୁ ନେଇ ସ୍ୱତନ୍ତ୍ର ଆପ୍ ସହ ୱେବ୍‌ସାଇଟ୍ ହେବ। ରଥଯାତ୍ରା ସମୟରେ ୩୬୫ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ। ସିସିଟିଭି, ଅତ୍ୟାଧୁନିକ ଡ୍ରୋନ କ୍ୟାମେରା, ଏଆଇ କ୍ୟାମେରା ନଜରରେ ରହିବ ପୁରୀ। ରଥଯାତ୍ରା ସମୟରେ ପୁରୀ ପୌରାଞ୍ଚଳରେ ଭକ୍ତଙ୍କ ପାଇଁ ୫ ଲକ୍ଷ ଟଙ୍କାର ବୀମା କରାଯିବ ବୋଲି ପ୍ରଥମ ସମନ୍ୱୟ ବୈଠକରେ ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ବି . ପରମେଶ୍ୱରମ୍‌ଙ୍କ ଅଧ୍ୟକ୍ଷତାରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ପ୍ରଥମ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ରେଳବାଇ ଆଇଜି, ଆରକ୍ଷୀ ଅଧିକ୍ଷକ, ଏସପି ପ୍ରମୁଖ ଉପସ୍ଥିତ ଥିଲେ। ବିଶେଷକରି ରଥ କାଠ ଯୋଗାଣ, ରଥ ନିର୍ମାଣ, ନୀତି ସମ୍ପାଦନ, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ଯୋଗାଣ ଆଦି ୨୧ଟି ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ପୁରୀ ପୌରାଞ୍ଚଳରେ ଚନ୍ଦନ ଯାତ୍ରାରେ ୧୦ ଜଣଙ୍କ ପାଇଁ ୫ ଲକ୍ଷ ଟଙ୍କାର ବୀମା କରାଯାଇଛି। ରଥଯାତ୍ରା ସମୟରେ ଲୋକଙ୍କ ପାଇଁ ୫ ଲକ୍ଷର ବୀମା ହେବ। ରଥଯାତ୍ରା ପାଇଁ ୭୨ ଫାଶୀ କାଠ ଆବଶ୍ୟକତା ଥିବା ବେଳେ ୭୬ ଫାଶୀ କାଠର ପହଞ୍ଚି ସାରିଛି। ୨୬ ଦଉଡ଼ି, ଅଣସର ପାଇଁ ୧୬୮ କେ.ଜି ଝୁଣା, ୩୦୦ କେ.ଜି ଚନ୍ଦନ କାଠ ମହଜୁଦ ଅଛି। ରଥଯାତ୍ରା ପାଇଁ। ୮୬୫ ଖଣ୍ଡ କାଠର ଆବଶ୍ୟକତା ଥିବା ବେଳେ ବିଗତ ବର୍ଷର ୫୧ ଖଣ୍ଡ ବଳକା ରହିଛି। ଏହାମଧ୍ୟରୁ ଖପୁରିଆ କରତ କଳକୁ ଆବଶ୍ୟକ ୪୧୮ ଖଣ୍ଡ କାଠ ମଧ୍ୟରୁ ୧୫୭ ଖଣ୍ଡ ଏବଂ ରଥଖଳା ପାଇଁ ଆବଶ୍ୟକ ୩୯୬ ଖଣ୍ଡ କାଠ ମଧ୍ୟରୁ ୧୬୯ ଖଣ୍ଡ କାଠ ପହଞ୍ଚି ସାରିଛି ବୋଲି ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ ସୂଚନା ଦେଇଥିଲେ। ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥାକୁ ନେଇ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। ରଥଯାତ୍ରା ସମୟରେ ୧୪୦ଟି ଅଧିକ ଶଯ୍ୟା, ୩୩ଟି ଆଶୁ ଚିକିତ୍ସା କେନ୍ଦ୍ର ଓ ୫ ଜଣ ଫୁଡ୍ ଇନ୍ସପେକ୍ଟର ଆସିବେ। ଶୃଙ୍ଖଳିତ ନୀତି, ଜନଗହଳି ନିୟନ୍ତ୍ରଣ, ବିଭିନ୍ନ ବିଭାଗର ସେବା ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ସହ ନିଷ୍ପତ୍ତି ନିଆଯାଇଛି। ବଡ଼ଦାଣ୍ଡକୁ ୧୫ଟି ଜୋନରେ ବିଭକ୍ତ କରାଯାଇଛି। ୧୪ଟି ଜଳମଗ୍ନ ଅଞ୍ଚଳ ଚିହ୍ନଟ କରାଯାଇଛି। ଜୁନ୍ ସୁଦ୍ଧା ବଡ଼ଦାଣ୍ଡକୁ ସଂଯୋଗ କରୁଥିବା ସାହି, ଗଳିକନ୍ଦି ନାଳ ସଫେଇ ଶେଷ କରାଯିବ। ରଥଯାତ୍ରା ସମୟରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଇଛି।

### ନଜର ରଖିବ ଅତ୍ୟାଧୁନିକ ଡ୍ରୋନ ଓ ଏଆଇ କ୍ୟାମେରା




# ମନରେଗାରେ ୪୦୦ କୋଟିର ଦୁର୍ନୀତି

- ହିତାଧିକାରୀଙ୍କ ଅଜାଣତରେ ଉଠିଛି ଅର୍ଥ
- ଆବାସ ସମ୍ପୂର୍ଣ୍ଣ କରିଥିବା ହିତାଧିକାରୀଙ୍କୁ ମିଳିନି, ବିନା ଗୃହରେ ଉଠିଛି ଟଙ୍କା

କେନ୍ଦୁଝର,୨।୫(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲାରେ ମନରେଗାରେ ମନଇଚ୍ଛା ଦୁର୍ନୀତି ହୋଇଛି। ୩ ଆର୍ଥିକ ବର୍ଷରେ ଜିଲ୍ଲାରେ ବିଭିନ୍ନ କ୍ଷେତ୍ରରେ ମନରେଗା ଯୋଜନାରେ ପ୍ରାୟ ୪ ଶହ କୋଟି ଟଙ୍କାର ଆର୍ଥିକ କାରବାର ହୋଇଛି। ଜବକାର୍ଡଧାରୀ ଶ୍ରମିକଙ୍କ ଅର୍ଥନୈତିକ ଉନ୍ନତି ପାଇଁ ଏହି ଅର୍ଥ ବ୍ୟୟବରାଦ ହୋଇଥିଲା। ହେଲେ ଯୋଜନାରେ ବ୍ୟାପକ ଆର୍ଥିକ ଅନିୟମିତତା ହୋଇଛି। ଜିଲ୍ଲାରେ ଘର ପିଛା ୯୫ ଦିନର ମଜୁରୀ ପ୍ରଦାନ ବ୍ୟବସ୍ଥା ରହିଛି। କିନ୍ତୁ ଜିଲ୍ଲାରେ ଗୃହ ସମ୍ପୂର୍ଣ୍ଣ କରିଥିବା ହଜାର ହଜାର ହିତାଧିକାରୀଙ୍କୁ ଏହି ଅର୍ଥ ପ୍ରଦାନ କରାଯାଇନାହିଁ ବୋଲି ଆଜି ଏଠାରେ ଦୁର୍ନୀତି ବିରୋଧୀ ପ୍ରଗତିଶୀଳ ମଞ୍ଚ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଯଜ୍ଞ ପ୍ରସାଦ ସାହୁ ଏଭଳି ଅଭିଯୋଗ କରିଛନ୍ତି।

ଘଷିପୁରାସ୍ଥିତ ହୋଟେଲ ଗାୟତ୍ରୀରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସାହୁ ହାଟଡିହି ବ୍ଲକର ଉଦାହରଣ ଦେଇ ସମ୍ପୂର୍ଣ୍ଣ ତଥ୍ୟ ରଖିଛନ୍ତି। ଶାଳଣିଆଁ ପଞ୍ଚାୟତରେ ୨୦୧୪-୧୫ ଆର୍ଥିକ ବର୍ଷରୁ ଏଯାବତ୍ ୬୯୨ ଜଣକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ପ୍ରଦାନ କରାଯାଇଛି। ଅଧିକାଂଶ ହିତାଧିକାରୀ ଘର ସଂପୂର୍ଣ୍ଣ କରି ୧ ଲକ୍ଷ ୩୦ ହଜାର ଟଙ୍କା ଅନୁଦାନ ପାଇଥିଲେ ମଧ୍ୟ ଜବକାର୍ଡ ମାଧ୍ୟମରେ ୯୫ ଦିନର ଶ୍ରମ ମଜୁରୀ ପାଇ ନାହାନ୍ତି। ଷୋଲପଗା ଗ୍ରାମର ହିତାଧିକାରୀ ଗାୟତ୍ରୀ ଜେନା, ମଞ୍ଜୁଲତା ନାୟକ ଗୃହ ନିର୍ମାଣ ଶେଷ କରିଥିଲେ ମଧ୍ୟ ମଜୁରୀ ଅର୍ଥ ପାଇନାହାନ୍ତି। ସେହିପରି ଗୃହ ନିର୍ମାଣ ଶେଷ କରିଥିଲେ ମଧ୍ୟ ଶାଳଣିଆଁ ଗ୍ରାମର ଅହଲ୍ୟା ବିଶ୍ୱାଳ, ବିଷ୍ଣୁପୁର ଗ୍ରାମର ନିରୁପମା ପାତ୍ର, ଜାନକୀ ଜେନା, ବ୍ରାହ୍ମଣୀକଳାର ସୁଷମା ଜେନା, ଦେବକୀ ସ୍ୱାଇଁ, ସୋଲପଟା ଗ୍ରାମର ଅଲେଖ ନାୟକ ପ୍ରମୁଖ ଶତାଧିକ ହିତାଧିକାରୀଙ୍କୁ ୨୨ ହଜାର ୫୧୫ ଟଙ୍କା ବଦଳରେ ମାତ୍ର ଦିନକର ମଜୁରୀ ୨୩୭ ଟଙ୍କା ଦିଆଯାଇଛି। ଅବଶିଷ୍ଟ ଟଙ୍କା କୁଆଡ଼େ ଗଲା ବୋଲି ସେ ପ୍ରଶ୍ନ କରିଛନ୍ତି।

ସେହିପରି ଗୃହ କାର୍ଯ୍ୟ ଆରମ୍ଭ କରି ନଥିବା ଶାଳଣିଆଁ ପଞ୍ଚାୟତର ୪୪ ହିତାଧିକାରୀଙ୍କ ନାଁରେ ୮ ଲକ୍ଷରୁ ଅଧିକ ଟଙ୍କା ଆତ୍ମସାତ କରାଯାଇଛି। ଉକ୍ତ ୪୪ ଜଣଙ୍କ ଜବ୍‌କାର୍ଡ ପରିବର୍ତ୍ତେ ଅନ୍ୟ ଗ୍ରାମର କେତେକ ଲୋକଙ୍କ କାର୍ଡ ବ୍ୟବହାର କରାଯାଇ ଅର୍ଥ ଆତ୍ମସାତ ହୋଇଥିବା ଶ୍ରୀ ସାହୁ ଅଭିଯୋଗ କରିଛନ୍ତି। ଶାଳଣିଆଁର ନାରାୟଣ ଚନ୍ଦ୍ର ଜେନା ୨୦୧୮ରେ ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ ପାଇଁ କାର୍ଯ୍ୟାଦେଶ ସହ ପ୍ରଥମ କିସ୍ତି ବାବଦରେ ମାତ୍ର ୨୦ ହଜାର ଟଙ୍କା ପାଇଥିଲେ। ଗତ ୭ ବର୍ଷ ମଧ୍ୟରେ ସେ ଗୃହ ନିର୍ମାଣ କରିପାରିନାହାଁନ୍ତି। କିନ୍ତୁ ତାଙ୍କ ନାମରେ ୧୭୭୮୦ ଟଙ୍କା ଉଠାଣ ହୋଇଛି। ସୋଲପଟା ଗ୍ରାମର ଅନାଥ ଜେନା, ତ୍ରିନାଥ ବାରିକ, ତପସ୍ୱିନୀ ନାୟକ, ଅଭିମନ୍ୟୁ ସ୍ୱାଇଁଙ୍କ ନାମରେ ମଧ୍ୟ ଅର୍ଥ ଉଠାଯାଇଛି। ଆବାସ ଗୃହ ହିତାଧିକାରୀ ନିଜେ ନିଜେ କିମ୍ବା ନିଜ ପରିବାର ସଦସ୍ୟଙ୍କ ଜବକାର୍ଡ ଜରିଆରେ କାର୍ଯ୍ୟ କରି ଅର୍ଥ ଉଠାଣା ନିୟମ ରହିଥିଲେ ହେଁ ଆଲୋଚ୍ୟ ମାମଲାରେ ଏହାକୁ ଉଲ୍ଲଙ୍ଘନ କରାଯାଇଛି। ବିଷ୍ଣୁପୁର ଗ୍ରାମର ମାନସୀ ଜେନା, ସଞ୍ଜୁଲତା ଜେନା ଘର କରି ନଥିଲେ ମଧ୍ୟ ସେମାନଙ୍କ ନାଁରେ ଟଙ୍କା ଉଠାଣ ହୋଇଛି ବୋଲି ସାମ୍ବାଦିକ ସମ୍ମିଳନୀରେ ମହଜୁଦ ସାମାଜିକ କର୍ମୀ ହିମାଂଶୁ ଶେଖର ନାୟକ ଅଭିଯୋଗ କରିଛନ୍ତି।

ତାଙ୍କ କହିବାନୁସାରେ, ୨୦୨୪-୨୫ ଆର୍ଥିକ ବର୍ଷରେ ଶାଳନିଆଁ ପଞ୍ଚାୟତରେ ଜବକାର୍ଡ ମାଧ୍ୟମରେ ୩୭ ଲକ୍ଷ ୩୭ ହଜାର ଟଙ୍କା ଉଠିଛି। ସେହିପରି ହାଟଡିହି ବ୍ଲକରେ ୮ କୋଟି ୯୫ ଲକ୍ଷ, ଘଷିପୁରା ବ୍ଲକରେ ୬ କୋଟି ୮୬ ଲକ୍ଷ ୯୨ ହଜାର ଓ ଆନନ୍ଦପୁର ବ୍ଲକରେ ୧୧ କୋଟି ୧୭ ଲକ୍ଷ ୮୫ ହଜାର ଟଙ୍କା ଉଠାଣ ହୋଇଛି। ଏହାଛଡ଼ା କେନ୍ଦୁଝର ଜିଲ୍ଲାରେ ଗତ ୩ ବର୍ଷରେ ମନରେଗା ଜବକାର୍ଡ ମାଧ୍ୟମରେ ୩୯୮ କୋଟି ୯୯ ଲକ୍ଷ ଟଙ୍କା ଉଠାଣ ହୋଇଛି। ପୋଖରୀ ଖୋଳା, ମୃତ୍ତିକା ସଂରକ୍ଷଣ, ଫାର୍ମ ପଣ୍ଡ, ଆବାସ ଗୃହ ନିର୍ମାଣ, ଚାରାରୋପଣ ନାମରେ ଏହି ଅର୍ଥ ଆତ୍ମସାତ ହୋଇଥିବା ଶ୍ରୀ ନାୟକ ଅଭିଯୋଗ କରିଛନ୍ତି। ତେଣୁ ଏନେଇ ବିଧିବଦ୍ଧ ତଦନ୍ତ ସହ ଦୋଷୀ ସରକାରୀ କର୍ମଚାରୀ ଓ ଜନପ୍ରତିନିଧିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିବା ସକାଶେ ସେ ଦାବି କରିଛନ୍ତି।

# କନଜର୍ଭେନ୍ସି ଟାଇଲ୍, ସ୍ୱେରେଜ ଲାଇନ୍‌କୁ ସମସ୍ୟା



ଭୁବନେଶ୍ୱର,୨।୫: କନଜର୍ଭେନ୍ସିରେ ପରିବା ହାଟ ଖୋଲିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମସି)ର ଘୋଷଣା ଅଧାରେ ରହିଯାଇଥିବା ବେଳେ କନଜର୍ଭେନ୍ସିରେ ପଡ଼ିଥିବା ଟାଇଲ୍ ଏବେ ଅନେକ ସ୍ଥାନରେ ଲୋକଙ୍କ ପାଇଁ ସମସ୍ୟା ହେଲାଣି। ନିମ୍ନମାନର କାମ ଯୋଗୁଁ ଟାଇଲ ଉଠିବା ସହିତ ଟାଇଲ୍ ତଳେ ଥିବା ବାଲିଗୁଡିକ ସ୍ୱେରେଜ ଲାଇନ୍‌ରେ ପଶିବାରେ ଲାଗିଛି।

ସରକାରୀ କ୍ୱାର୍ଟର୍ସ ଓ ବାସଗୃହ ମଧ୍ୟ ଭାଗରେ ଥିବା କନଜରଭେନ୍ସିଗୁଡ଼ିକ ମଶା ଓ ମୂଷାଙ୍କ ବାସସ୍ଥାନ ନେଇ ବାରମ୍ବାର ଅଭିଯୋଗ ହେବା ପରେ ଏହାକୁ ସଫା କରିବା ସହିତ ଏଠାରେ ଟାଇଲ୍ ବିଛାଇବା ପାଇଁ ବିଏମସି ପଦକ୍ଷେପ ଗ୍ରହଣ କରିଥିଲା। ଏଭଳି ପଦକ୍ଷେପକୁ ସବୁଆଡୁ ସ୍ୱାଗତ କରାଯାଇଥିଲା। କନଜର୍ଭେନ୍ସିରେ ଥିବା ଶହ ଶହ ଟ୍ରକ ଅଳିଆକୁ ଉଠାଇ ସେହି ସ୍ଥାନରେ କର୍ତ୍ତୃପକ୍ଷ ଟାଇଲ୍ ବିଛାଇଥିଲେ।

ଟାଇଲ୍ ବିଛା କାର୍ଯ୍ୟ ସରିବାପରେ ଏହାକୁ ନେଇ ଜୋରଦାର ପ୍ରଚାର ହୋଇଥିଲା। ବିଏମ୍‌ସି କର୍ତ୍ତୃପକ୍ଷ ଏହାର ଫଟୋକୁ ବିଭିନ୍ନ ସୋସିଆଲ ମିଡିଆରେ ଛାଡି ନିଜର ସଫଳତା ବୋଲି ଦର୍ଶାଇଥିଲେ। ତେବେ ଟାଇଲ୍ ପଡି କନଜର୍ଭେନ୍ସିଂଗୁଡ଼ିକ ଚକାଚକ୍ ହେବା ପରେ ସେଠାରେ ପରିବା ବଜାର ଖୋଲାଯିବ ବୋଲି ବିଏମ୍‌ସି ଘୋଷଣା କରିଥିଲା। ଏହାଦ୍ୱାରା ସ୍ଥାନୀୟ ଲୋକଙ୍କ ହାତକୁ ରୋଜଗାର ଯୋଗାଇ ଦିଆଯିବ ବୋଲି କୁହାଯାଇଥିଲା। ଲୋକେ ବି ଉତ୍ସାହିତ ହୋଇଥିଲେ।

ତେବେ ବିଏମ୍‌ସି ଏହି ଯୋଜନା କାର୍ଯ୍ୟକାରୀ କରିବା ପୂର୍ବରୁ ରାଜ୍ୟରେ ସରକାର ବଦଳି ଯିବାରୁ ଯୋଜନାଟି ଶୀତଳଭଣ୍ଡାରରେ ରହିଗଲା। କନଜର୍ଭେନ୍ସି ସଫାସୁତରା ହୋଇଥବାରୁ କେତେକ ସ୍ଥାନରେ ଲୋକେ ଏଠାରେ ଜବରଦଖଲ କରି ବସବାସ ବି ଆରମ୍ଭ କରିଦେଲେଣି। ପରିବା ହାଟ ଖୋଲିବାକୁ ଘୋଷଣା କରିଥିବା ବିଏମ୍‌ସି ଏବେ ଏହି ଜବରଦଖଲ ହଟାଇବାକୁ ଆଗ୍ରହ ପ୍ରକାଶ କରୁନାହିଁ।

ତେବେ ଟାଇଲ୍ ବିଛାଇବା ପାଇଁ ଠିକାଦାରମାନେ ଯେଉଁ ବାଲି ପକାଇଥିଲେ ତାହା ଏବେ କନଜନଭେନ୍ସିରେ ଥିବା ସ୍ୱରେଜ ଲାଇନ୍ ପାଇଁ କାଳ ହୋଇଛି। ବାଲିଗୁଡିକ ଦବିଯିବା ଫଳରେ ବହୁ ସ୍ଥାନରେ ଟାଇଲ୍ ଧସିଗଲାଣି। ବାଲିଗୁଡିକ ସ୍ୱରେଜ ଲାଇନ୍‌ରେ ପଶିବା ଯୋଗୁଁ ତାହା ଜାମ୍ ହୋଇଯାଉଛି। ଲୋକେ ଏ ନେଇ ବାରମ୍ବାର ଅଭିଯୋଗ କରିବାରେ ଲାଗୁଛନ୍ତି। ତେବେ ଠିକାଦାରମାନେ କାମ କରିବା ସମୟରେ ଯନ୍ତ୍ରୀମାନେ କାର୍ଯ୍ୟ ତଦାରଖ ନକରି ବିଲ୍ ପଇଠ କରିଦେବାରୁ ଏଭଳି ସ୍ଥିତି ଉପୁଜିଥିବା ଅଭିଯୋଗ ହେଉଛି।

ସ୍ୱେରେଜ ଲାଇନ୍‌ରେ ଜମୁଥିବା ଏହି ବାଲି କଢାଯାଉଥିବାବେଳେ ତାହାକୁ ବହୁ ସ୍ଥାନରେ ଠିକାଦାରମାନେ ଉଠାଉନଥିବାରୁ ଅସରାଏ ବର୍ଷା ହେଲେ ତାହା ପୁଣି ସ୍ୱରେଜ ଲାଇନ୍‌ରେ ପଶିଯାଉଛି। ତେଣୁ ଯେଉଁସବୁ ସ୍ଥାନରେ କନଜରଭେନ୍ସିରେ ଏଭଳି ଦୁର୍ବଳ ଟାଇଲ୍ କାମ ହୋଇଛି ତାହାର ତଦାରଖ କରି ମରାମତି କରାଯିବା ସହିତ କନଜର୍ଭେନ୍ସିରେ ହେଉଥିବା ଜବରଦଖଲ ଉଠାନଗଲେ, ତାହା ପୁଣିଥରେ ମଶା ଓ ମୂଷାଙ୍କ ବାସସ୍ଥାନ ପାଲଟିବ ବୋଲି ମତପ୍ରକାଶ ପାଇଲାଣି। (ତଥ୍ୟ)

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଞ୍ଚାର

୪ ଶନିବାର ୩ ମେ ୨୦୨୫, ଭୁବନେଶ୍ୱର
Saturday 3 May 2025, Bhubaneswar

# ମୋଦିଙ୍କ ମାଷ୍ଟର ଷ୍ଟ୍ରୋକ



ଚଳିତ ବର୍ଷ ଶେଷ ଭାଗାରେ ବିହାର ବିଧାନସଭା ନିର୍ବାଚନ ହେବକୁ ଯାଉଛି। ଆସନ୍ତା ବର୍ଷ ପଶ୍ଚିମବଙ୍ଗ ଏବଂ ୨୦୨୭ରେ ୟୁପି ବିଧାନସଭା ନିର୍ବାଚନ ହେବ। ଉଭୟ ୟୁପି ଓ ବିହାର ରାଜନୀତି ଅନେକାଂଶରେ ଜାତି ଆଧାରିତ। ଏକ ନିର୍ଦ୍ଦିଷ୍ଟ ନିର୍ବାଚନମଣ୍ଡଳୀରେ ଯେଉଁ ଜାତିର ସଂଖ୍ୟା ଅଧିକ, ସେହି ଜାତିର ପ୍ରାର୍ଥୀ ସେଠାରେ ନିର୍ବାଚିତ ହେବା ଦେଖାଯାଏ। ୟୁପି ଓ ବିହାର ରାଜନୀତିର ଏହି କଳଙ୍କ ଅନ୍ୟ ରାଜ୍ୟକୁ ମଧ ସମ୍ପ୍ରସାରିତ ହେଉଛି। ଏହାର ବିଷ ଭାରତୀୟ ରାଜନୀତିକୁ କଳୁଷିତ କରୁଛି। ଜାତି ଆଧାରିତ ରାଜନୀତି ପାଇଁ ଆଜି ସଂରକ୍ଷଣ ବ୍ୟବସ୍ଥା ଏକ ଭୋଟ ପାଲଟିଗଲାଣି। ବାବା ସାହେବ ଭୀମରାଓ ଆମ୍ବେଦକର ସମ୍ବିଧାନରେ ଅନୁସୂଚିତ ଜାତି ଏବଂ ଜନଜାତିଙ୍କ ପାଇଁ ସଂରକ୍ଷଣ ଏକ ନିର୍ଦ୍ଦିଷ୍ଟ ସମୟସୀମା ପର୍ଯ୍ୟନ୍ତ ହେବ ବୋଲି କହିଥିଲେ। କିନ୍ତୁ ଏହାକୁ ଉଚ୍ଛେଦ କରିବାର କ୍ଷମତା ବା ଲକ୍ଷ୍ୟ ଭାରତର କୋ÷ଣସି ରାଜନୈତିକ ଦଳର ନାହିଁ। ସଂରକ୍ଷଣ ବ୍ୟବସ୍ଥା ଏବେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବଢ଼ିଛି। ଏବେ କିଛି ରାଜନୈତିକ ଦଳ ଏହାର ସୀମା ୫୦%ରୁ ଅଧିକ ବଢ଼ାଇବା ପାଇଁ ଦାବି କରିବା ଆରମ୍ଭ କରି ଦେଲେଣି। ସମ୍ବିଧାନରେ ସ୍ପଷ୍ଟ ଉଲ୍ଲେଖ ରହିଛି ଯେ, କୋ÷ଣସି ପରିସ୍ଥିତିରେ ମଧ ମୋଟ ସଂରକ୍ଷଣ ସୀମା ୫୦%ରୁ ଅଧିକ ହେବ ନାହିଁ। କିନ୍ତୁ ରାହୁଲ ଗାନ୍ଧି, ଷ୍ଟାଲିନଙ୍କ ଭଳି ନେତାମାନେ ଏହାକୁ ୯୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଦାବି କରୁଛନ୍ତି। ଏଥିଲାଗି ଜାତି ଜନଗଣନା ସପକ୍ଷରେ ସେମାନେ ଯୁକ୍ତି ଉପସ୍ଥାପନ କରୁଛନ୍ତି। ଦେଶରେ ଜାତି ଭିତ୍ତିକ ଜନଗଣନା ପାଇଁ ବିଭିନ୍ନ ରାଜନୈତିକ ଦଳ ବିଶେଷ କରି କଂଗ୍ରେସ ଏବଂ ଏହାର ସହଯୋଗୀ ଦଳମାନେ ଦୀର୍ଘଦିନ ହେବ ଦାବି କରି ଆସୁଛନ୍ତି। କିନ୍ତୁ କେନ୍ଦ୍ର ସରକାର ଏହାକୁ ଗ୍ରହଣ କରୁନଥିଲେ।ାସକ ଦଳ ବିଜେପି ନୀତିଗତ ଭାବେ ଜାତି ଜନଗଣନାର ବିରୋଧୀ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାରମ୍ବାର କହି ଆସିଛନ୍ତି ଯେ, ଜାତିଗତ ଜନଗଣନା ଦେଶ ଏବଂ ସମାଜ ଲାଗି ବିପଦ। ଏହା ଦ୍ୱାରା ଆମ ସମାଜ ବିଭାଜିତ ହେବ ଏବଂ ଜାତିଗତ ବିଭେଦ ଅଧିକ ବଢ଼ିବ। ପ୍ରଧାନମନ୍ତ୍ରୀଙ୍କ ଏହି ଯୁକ୍ତିର ଯଥାର୍ଥତା ରହିଛି। ବାସ୍ତବରେ ହିନ୍ଦୁ ସମାଜରୁ ଜାତି ପ୍ରଥା ବା ଜାତି ବିଭେଦ ଦୂର କରିବାକୁ ହେଲେ ଜାତି ସମ୍ପର୍କିତ ଅଧିକ ସମୀକ୍ଷା ଏବଂ ତର୍ଜମାକୁ ଏଡ଼ାଇବା ଉଚିତ। କିନ୍ତୁ ଗତ ବୁଧବାର କେନ୍ଦ୍ର କ୍ୟାବିନେଟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। କେନ୍ଦ୍ରର ଏହି ନିଷ୍ପତ୍ତି ଅନୁଯାୟୀ ଆଗାମୀ ଜନଗଣନା ବେଳେ ଦେଶରେ ଜାତିଗଣ ସର୍ଭେ କରାଯିବ। ଜାତିଗତ ସର୍ଭେ ଅର୍ଥ ଜାତି ଜନଗଣନା ବୋଲି କୁହାଯାଇପାରେ। କିନ୍ତୁ କେନ୍ଦ୍ର ସରକାର ଏ ସମ୍ପର୍କରେ କିଛି ସ୍ପଷ୍ଟ କରି ନାହାଁନ୍ତି। କେବେ ଜନଗଣନା ହେବ ତାହା ମଧ କେନ୍ଦ୍ର ସରକାର କହି ନାହାଁନ୍ତି। ୧୮୮୧ରୁ ଭାରତରେ ପ୍ରତି ୧୦ ବର୍ଷରେ ଥରେ ଜନଗଣନା ହୋଇଥାଏ। କିନ୍ତୁ କୋଭିଡ ମହାମାରୀ ଯୋଗୁ ୨୦୨୧ରେ ଜନଗଣନା ହୋଇପାରିନଥିଲା। ଶେଷ ଥର ପାଇଁ ୨୦୧୧ରେ ଜନଗଣନା ହୋଇଥିଲା। କୁହାଯାଉଛି ଯେ, ଚଳିତ ବର୍ଷ ଶେଷ ଭାଗରେ ଜନଗଣନା ହେବ ଏବଂ ଚୁଡ଼ାନ୍ତ ରିପୋର୍ଟ ୨୦୨୬ରେ ବାହାରିବ। କିନ୍ତୁ ଏ ଯାବତ ଏଥିଲାଗି କିଛି ପ୍ରସ୍ତୁତି ଆରମ୍ଭ ହୋଇନାହିଁ। ତେଣୁ ଚଳିତ ବର୍ଷ ଭାରତରେ ଜନଗଣନା ପ୍ରକ୍ରିୟା ଆରମ୍ଭ ହେବ ବୋଲି ବିଶ୍ୱାସ ନାହିଁ। ଭାରତ ଭଳି ବିଶ୍ୱର ସର୍ବାଧିକ ଜନବହୁଳ ଦେଶରେ ଜନଗଣନା ଏକ ବିରାଟ କାର୍ଯ୍ୟ। ଗାଁଠାରୁ ଆରମ୍ଭ କରି ସହର, ଜଙ୍ଗଲ, ପାହାଡ଼, ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ଗଣନାରେ ସାମିଲ କରିବାକୁ ହେବ। କେହି ଜଣେ ହେଲେ ବ୍ୟକ୍ତି ଯେପରି ଏଥିରୁ ବାଦ ନପଡ଼ନ୍ତି, ସେଥିପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ଏଥିପାଇଁ ଲକ୍ଷ ଲକ୍ଷ କର୍ମଚାରୀ ନିୟୋଜିତ ହେବେ। ଏସମସ୍ତ କାର୍ଯ୍ୟ ନିମନ୍ତେ ବହୁ ପୂର୍ବରୁ ପ୍ରସ୍ତୁତିର ଆବଶ୍ୟକତା ରହିଛି ଯାହାର କୋ÷ଣସି ସୂଚନା ଏବେ ସୁଦ୍ଧା ନାହିଁ। ତେବେ କେନ୍ଦ୍ର ସରକାର ଆକସ୍ମିକ ଭାବେ ଜାତି ଗଣନା କରାଯିବ ବୋଲି ଯେଉଁ ଘୋଷଣା କଲେ ତାହା ପଛରେ କ'ଣ ରହସ୍ୟ ଅଛି? କାହିଁକି କେନ୍ଦ୍ର ସରକାର ଏଭଳି ନିଷ୍ପତ୍ତି ନେଲେ ଯାହାକୁ ପୂର୍ବରୁ ବିରୋଧ କରୁଥିଲେ? ଏହାର କାରଣ ହେଲା ଭୋଟ ବ୍ୟାଙ୍କ ରାଜନୀତି। ଜାତିଗତ ଜନଗଣନା ଦାବି କରି କଂଗ୍ରେସ ଏବଂ ଏହାର ସହଯୋଗୀ ଦଳମାନେ ଆଦିବାସୀ, ହରିଜନ, ଦଳିତ, ଅନ୍ୟ ପଛୁଆ ବର୍ଗଙ୍କ ସମର୍ଥନ ହାସଲ କରିବେ ବୋଲି ଆଶଙ୍କା କରି ବିଜେପି ଏହାକୁ ନିଜ ସପକ୍ଷରେ ଆଣିବାକୁ ଏଭଳି ନିଷ୍ପତ୍ତି ନେଇଛି। ଚଳିତ ବର୍ଷ ବିହାର ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଜାତିଗତ ରାଜନୀତି ଲାଗି କୁଖ୍ୟାତ ବିହାରରେଦଳିତ ଏବଂ ଓବିସି ବର୍ଗଙ୍କ ସଂଖ୍ୟା ଯଥେଷ୍ଟ ଅଧିକ। ଏଥିପାଇଁ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର ବିହାରରେ ଜାତିଗତ ଜନଗଣନା ଦାବି କରି ଆସୁଥିଲେ। ସମ୍ଭବତଃ ନୀତିଶ କୁମାରଙ୍କ ପ୍ରରୋଚନା ଏବଂ ଚାପରେ ବିଜେପି ଜାତିଜନଗଣନା ପାଇଁ ନିଷ୍ପତ୍ତି ନେଇଛି। କାଳେ ବିହାରରେ ଆରଜେଡି-କଂଗ୍ରେସ ମେଣ୍ଟ ଜାତି ଭିତ୍ତିକ ଭୋଟର ସିଂହଭାଗ ନେଇଯିବ ସେଥିପାଇଁ ବିଜେପି ଜାତି ଗଣନା ପାଇଁ ନିଷ୍ପତ୍ତି ନେଇଛି। ଏହାକୁ ଅନେକ ମୋଦିଙ୍କ ମାଷ୍ଟର ଷ୍ଟ୍ରୋକ ବୋଲି କହୁଛନ୍ତି। କିନ୍ତୁ ବାସ୍ତବରେ ଜାତି ଜନଗଣନା ହେବ କି ନାହିଁ, ଯଦି ହେବ କାହିଁକି ଏବଂ କେଉଁ ଉଦ୍ଦେଶ୍ୟରେ ଏହା ହେବ ତାହା ଅସ୍ପଷ୍ଟ। କେନ୍ଦ୍ରର ଜାତି ଜଣନା ନିଷ୍ପତ୍ତିକୁ କଂଗ୍ରେସ ରାହୁଲ ଗାନ୍ଧିଙ୍କ ବିଜୟ ବୋଲି ଦାବି କରୁଛି। କାରଣ ରାହୁଲ ଗାନ୍ଧି ଜାତିଜନଗଣନା ପାଇଁ ଦୀର୍ଘ ଦିନରୁ ଦାବି କରି ଆସୁଥିଲେ। ରାହୁଲ କହିଛନ୍ତି ଯେ, କଂଗ୍ରେସ କ୍ଷମତାକୁ ଆସିଲେ ସମ୍ବିଧାନ ସଂଶୋଧନ କରି ୫୦% ସଂରକ୍ଷଣ ସୀମାକୁ ହଟାଇଦେବେ। ଯେଉଁ ଜାତିର ସଂଖ୍ୟା ଯେତିକି ସେହି ଜାତିକୁ ଶିକ୍ଷାନୁଷ୍ଠାନରେ ଆଡମିଶନ ଏବଂ ସରକାରୀ ଚାକିରୀ କ୍ଷେତ୍ରରେ ସେତିକି ସଂରକ୍ଷଣ ସୁବିଧା ମିଳିବା ଉଚିତ। ଏହା ଏକ ଅତି ବିପଜ୍ଜନକ ଚିନ୍ତାଧାରା। ରାହୁଲଙ୍କ ଜାତି ଗଣନା ଦାବି ପଛରେ ଏହି ଉଦ୍ଦେଶ୍ୟ ରହିଛି। କିନ୍ତୁ ଏବେ କେନ୍ଦ୍ର ସରକାର ଯେଉଁ ଜାତି ଗଣନା ବା ସର୍ଭେ ନିଷ୍ପତ୍ତି ନେଇଛନ୍ତି ତାହାର ଉଦ୍ଦେଶ୍ୟ କ'ଣ, ସଂରକ୍ଷଣ ଅନୁପାତ ବଢ଼ିବ କି ନାହିଁ ତାହା କେନ୍ଦ୍ର ସରକାର ସ୍ପଷ୍ଟ କରି ନାହାଁନ୍ତି। ଜାତି ଜନଗଣନା ଏକ ଅନାବଶ୍ୟକ କାର୍ଯ୍ୟ। ଏହା ଦ୍ୱାରା ଦେଶର ବିକାଶ ହୋଇପାରିବ ବୋଲି କୁହାଯାଇପାରିବନି। ଏହା ଏକ ପଛୁଆ ଚିନ୍ତାଧାରାର ସଙ୍କେତ। ଯଦି ଜାତିଗଣନା ରିପୋର୍ଟ ଆଧାରରେ ସଂରକ୍ଷଣ ପରିସୀମା ବଢ଼େ ତେବେ ଏହାର ପରିଣାମ ଭୟଙ୍କର ହେବ। ଏହା ଭାରତୀୟ ସମାଜକୁ କଳୁଷିତ କରିବା ସହ ହିନ୍ଦୁ ସମାଜକୁ ଖଣ୍ଡ ଖଣ୍ଡ କରିଦେବ। ଭୋଟ ବ୍ୟାଙ୍କ ରାଜନୀତି ନାମରେ ଏହା ହେବ ସବୁଠାରୁ ବଡ଼ ବିପର୍ଯ୍ୟୟ। ବିହାର ନିର୍ବାଚନ ଜିତିବା ପାଇଁ ମୋଦିଜୀ ଯଦି ଜାତି ଗଣନା ନିଷ୍ପତ୍ତି ନେଇଥିବେ ତେବେ ସେଥିରେ କିଛି ଯାଏ ଆସେ ନାହିଁ। କିନ୍ତୁ ସଂରକ୍ଷଣ ସୀମା ବୃଦ୍ଧି ପାଇଁ ନିଷ୍ପତ୍ତି ବୁମେରାଂ ସାବ୍ୟସ୍ତ ହେବ। ଯେଉଁମାନେ ଏହାକୁ ମୋଦିଙ୍କ ମାଷ୍ଟର ଷ୍ଟ୍ରୋକ ବୋଲି କହୁଛନ୍ତି ସେମାନେ ଦେଶର ଭବିଷ୍ୟତ ସମ୍ପର୍କରେ ଚିନ୍ତା କରୁ ନାହାଁନ୍ତି। ନିର୍ବାଚନ ଜିତିବା ପାଇଁ ବା ତତ୍କାଳ ଲାଭ ପାଇଁ ଯେଉଁ ନିଷ୍ପତ୍ତି ନିଆଯାଏ ତାହାର ଦୀର୍ଘକାଳୀନ ପ୍ରଭାବ ସମ୍ପର୍କରେ ବିଚାର କରାଯିବା ଉଚିତ। ନିର୍ବାଚନରେ ଜୟପରାଜ୍ର ଲାଗି ରହିଛି। ପ୍ରତି ୫ ବର୍ଷରେ ଥରେ ନିର୍ବାଚନ ହୁଏ। କିନ୍ତୁ ନିର୍ବାଚନ ଜିତିବା ପାଇଁ ଦେଶର ବୃହତ୍ତର ସ୍ୱାର୍ଥକୁ ବାଜି ଲଗାଇବା କଦାପି ସ୍ପୃହଣୀୟ ନୁହେଁ।

# ପ୍ରକୃତି କୋଳରେ ସବୁଜ ହୀରା



କିଶୋର ଚନ୍ଦ୍ର ବେହେରା

ରତ୍ନ ଭିତରେ ହୀରା ହେଉଛି ଶ୍ରେଷ୍ଠ। ହୀରା ଏକ ଅତୁଳନୀୟ ରତ୍ନପଥର। ଏହା ଅତ୍ୟନ୍ତ ମୂଲ୍ୟବାନ୍ ହୋଇଥିବା ବେଳେ ଏହାର ସହୋଦର ଗ୍ରାଫାଇଟ୍ ଓ କୋଇଲାର ମୂଲ୍ୟ ନଗଣ୍ୟ। ଏସବୁ କାର୍ବନ ବା ଅଙ୍ଗାରକର ପରିବର୍ତ୍ତିତ ରୂପ। ଖଣି ଭିତରେ ଅତ୍ୟଧିକ ଚାପ ଓ ତାପ ପାଇ କୋଇଲା ହିଁ ହୀରାରେ ପରିଣତ ହୁଏ। କଠିନତା, ଔଜ୍ଜ୍ୱଲ୍ୟ ଓ ଚମକ ହିଁ ହୀରାକୁ ଅତୁଳନୀୟ ରତ୍ନରେ ପରିଣତ କରିଥାଏ। ପୃଥିବୀ ପ୍ରାକୃତିକ ହୀରା ତିଆରି କରେ। ମଣିଷ କୃତ୍ରିମ ହୀରା ତିଆରି କରେ କିନ୍ତୁ ସବୁଜ ହୀରା ସଦାସର୍ବଦା ପ୍ରକୃତର ବରଦାନ। ବନବାସୀମାନଙ୍କ ଆୟ ଉପାର୍ଜନରେ କେନ୍ଦୁପତ୍ରର ଯୋଗଦାନ ଅଧିକ। ଖାସ୍ ଏଇଥିପାଇଁ କେନ୍ଦୁପତ୍ରକୁ ଲୋକେ "ସବୁଜ ହୀରା" କହିଥାନ୍ତି। ଏହି ପତ୍ରର ସଂଗ୍ରହ ଓ ପ୍ରକ୍ରିୟାକରଣ କାର୍ଯ୍ୟରେ ଦେଶର ୧୫ ଲକ୍ଷ ପରିବାର ଜଡ଼ିତ ଥିବାବେଳେ ଆମ ରାଜ୍ୟର ବଲାଙ୍ଗୀର, କଳାହାଣ୍ଡି, ଦେବଗଡ଼, କନ୍ଧମାଳ, ନୂଆପଡ଼ା ଆଦି ଜିଲ୍ଲାରେ ଲକ୍ଷାଧିକ ଲୋକଙ୍କ ଜୀବନ ଓ ଜୀବିକା କ୍ଷେତ୍ରରେ କେନ୍ଦୁପତ୍ରର ଯଥେଷ୍ଟ ଗୁରୁତ୍ୱ ରହିଛି। ଦେଶରେ ହେଉଥିବା ମୋଟ କେନ୍ଦୁପତ୍ର ଉତ୍ପାଦନ ମଧ୍ୟରୁ ୫୮ ପ୍ରତିଶତ ମଧ୍ୟପ୍ରଦେଶରୁ ସଂଗ୍ରହ ହେଉଥିବା ବେଳେ ଓଡ଼ିଶାରୁ ୧୨ ରୁ ୧୪ ପ୍ରତିଶତ ପତ୍ର ସଂଗ୍ରହ ହୋଇଥାଏ। ଛତିଶଗଡ଼ ଏବଂ ମହାରାଷ୍ଟ୍ରରୁ ମଧ ବେଶ୍ କିଛି ଆଖିଦୃଶିଆ ପରିମାଣର କେନ୍ଦୁପତ୍ର ସଂଗ୍ରହ ହୋଇଥାଏ। ବନବାସୀମାନେ ସଂଗ୍ରହ କରୁଥିବା ସମସ୍ତ ବନଜାତ ଦ୍ରବ୍ୟଗୁଡ଼ିକ ମଧ୍ୟରୁ କେନ୍ଦୁପତ୍ରରୁ ଅଧିକ ଲାଭ ମିଳିଥାଏ। କୋଟି କୋଟି ଟଙ୍କାର ରାଜସ୍ୱ କେନ୍ଦୁପତ୍ରରୁ ମିଳୁଥିବା ଦୃଷ୍ଟିରୁ ଓଡ଼ିଶା ସରକାର କେନ୍ଦୁପତ୍ର ଉପରେ ଲୋକଙ୍କୁ ସଂଗ୍ରହ, ଗଚ୍ଛିତ ପ୍ରକ୍ରିୟା ଓ ବିକ୍ରି ପାଇଁ କୌଣସି ଅଧିକାର ପ୍ରଦାନ କରିନାହାନ୍ତି। ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶ ଆଦି ରାଜ୍ୟରେ ୨୦ଟି କେନ୍ଦୁପତ୍ରର ଦର ୨ ରୁ ୪ ଟଙ୍କା ଯାଏଁ ଥିଲାବେଳେ ଓଡ଼ିଶା ସରକାର ୨୦ଟି ପତ୍ରକୁ ମାତ୍ର ୧ଟଙ୍କା ୬୦ ପଇସା ଦରରେ କିଣୁଛନ୍ତି। ପତ୍ରତୋଳାଳିଙ୍କ ପାଇଁ ରାଜ୍ୟ ସରକାର ଯେଉଁ ବୀମା ଯୋଜନା, ଛାତ୍ର ବୃତ୍ତି ଯୋଜନା, ଜୋତା, କମ୍ବଳ, ପାଣି ବୋତଲ ସହାୟତା ଦେଉଛନ୍ତି ତାହା ପତ୍ର ତୋଳୁଥିବା ସବୁ ପରିବାର ପାଇନାହାନ୍ତି। ତେଣୁ ପତ୍ରତୋଳାଳିମାନେ ସରକାରଙ୍କୁ ନ ବିକି ଘରୋଇ କମ୍ପାନି ଓ ବ୍ୟବସାୟିକ ବିକ୍ରି କରିବାକୁ ପସନ୍ଦ କରିଥାନ୍ତି। ଦେଶ ସ୍ୱାଧୀନତାର ୨୬ ବର୍ଷ ବିତିଯାଇଥିଲେ ମଧ ଅର୍ଥାତ ୧୯୭୩ ମସିହା ପୂର୍ବରୁ କେନ୍ଦୁପତ୍ର ତୋଳା ସହିତ ଏହାର ବେପାର ଭାର ଘରୋଇ ସଂସ୍ଥାମାନଙ୍କ ଉପରେ ଆମ ରାଜ୍ୟ ସରକାର ଠିକାଭାବରେ ନ୍ୟସ୍ତ କରିଥିଲେ। ଏହାର ଯେଉଁ ଲାଭ ଆସୁଥିଲା, ତାହା ଘରୋଇ କମ୍ପାନୀମାନେ ନେଉଥିଲେ। ରାଜ୍ୟ ସରକାରଙ୍କୁ ଏଥିରୁ କିଛି ମିଳୁ ନଥିଲା। ଶ୍ରୀମତୀ ନନ୍ଦିନୀ ଶତପଥିଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ୧୯୭୪ମସିହାରେ କେନ୍ଦୁପତ୍ର ଜାତୀୟକରଣ ହେଲା ଓ ସରକାର ପ୍ରତ୍ୟକ୍ଷ ଭାବରେ ଏହାର ସମସ୍ତ ପ୍ରକାର କାର୍ଯ୍ୟ କେନ୍ଦୁପତ୍ର ବିଭାଗ ମାଧମରେ ସମ୍ପାଦନ କଲେ। ଏହାର ଲାଭାଂଶ ସରକାରଙ୍କ ନିକଟକୁ ଆସିଲା। ସେବେଠାରୁ କେନ୍ଦୁପତ୍ର ଓ ତୋଳାଳୀଙ୍କୁ ମିଳିଲା ନୂଆ ପରିଚୟ। ରାଇଜ ସାରା ହୁରୀ ପଡୁଥାଏ "ନନ୍ଦିନୀ ନାନୀ ବଡ ଚତୁରୀ, ଚାଉଳ କିଲ କ ଟଙ୍କେ ସତୁରୀ" ସେଇ ନନ୍ଦିନୀ ଶତପଥୀ କେନ୍ଦୁ ନିଗମ ଗଠନକରି କେନ୍ଦୁପତ୍ର ତୋଳାଳୀ ପରିବାରଙ୍କ ପାଇଁ ନାନା ପ୍ରକାର ଯୋଜନା ପ୍ରଣୟନ କରିଥିଲେ। ଗାଆଁ ଭୁଇଁ ସବୁ ଖୁସିରେ ତାଙ୍କ ଗୁଣ ଗାନ କରୁଥିଲେ। ଖାଲି ତେଲ ଲୁଣ ଯୋଗାଡ ପାଇଁ ପରିବାର ସଦସ୍ୟ ବାହାରି ପଡ଼ନ୍ତି ଜଙ୍ଗଲକୁ ପତର ତୋଳିବା ପାଇଁ। ଘର ଚଳେଇବାରେ କିଛି ଅଭାବ ଅସୁବିଧା ହେଉ ନ ଥିଲା। ଏପରିକି ସାହି ଭାଇ ବି ଋଣକରଜ ନିଅନ୍ତି ତାଙ୍କ ଘରୁ। ଯୋଗୀ ଭିକାରୀ କେବେ ଖାଲି ହାତରେ ଫେରିନ୍ତି ନାହିଁ। କେନ୍ଦୁପତ୍ର ସଂଗ୍ରହ କରିବା ପାଇଁ ଭୋର୍‌ରୁ ଉଠି ୮ ରୁ ୧୦ କି.ମି. ଯିବାକୁ ପଡୁଛି। ଘରକୁ ଫେରିବା ବେଳକୁ ୧୨ଟା ସମୟ ହୋଇଯାଉଛି। ପୁଣି ପତ୍ର ସବୁକୁ ଛାଟି ବିଡ଼ା ବାନ୍ଧି ଫଡ଼ିକୁ ଆଣିଲେ ସନ୍ଧ୍ୟା ହେଉଛି। ପରିଶ୍ରମ ଅନୁସାରେ ସରକାର ପ୍ରାପ୍ୟ କମ୍ ହେଉଥିବାର ଅନେକ ଶ୍ରମିକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସରକାର ଯଦି ଏଥିପ୍ରତି ଧ୍ୟାନ ଦେଇ ପତ୍ର ତୋଳାଳୀଙ୍କ ମଜୁରୀ ବୃଦ୍ଧି କଲେ ରାଜ୍ୟର ରାଜସ୍ୱ ବୃଦ୍ଧି ହେବା ସହ ଅନେକ ପରିବାର ଜୀବନ ଜୀବିକାରେ ସ୍ୱଚ୍ଛଳ ଆସିପାରିବ। ଆମ ରାଜ୍ୟ ଓଡିଶାରେ କେନ୍ଦୁପତ୍ର ଉପରେ ବହୁତ ଗରିବ ଶ୍ରେଣୀର ଲୋକ ନିର୍ଭର କରି ରୋଜଗାର କରୁଛନ୍ତି। ଏଥିରେ ପ୍ରାୟ ୮ ଲକ୍ଷ କାର୍ଡଧାରୀ କେନ୍ଦୁପତ୍ର ତୋଳାଳି ଭାବେ କାମ କରୁଥିବା ବେଳେ କାର୍ଡଧାରୀ ଓ ଅଣ କାର୍ଡଧାରୀ ତୋଳାଳିଙ୍କ ସଂଖ୍ୟା ୧୫ ଲକ୍ଷ ଅଟେ। ଏହାସହ ୧୮ ହଜାର ସିଜନାଲ କର୍ମଚାରୀ, ୨୦ହଜାର ବନ୍ଧେଇ ଶ୍ରମିକ କାମ କରୁଛନ୍ତି। ତେବେ ବର୍ତ୍ତମାନ ଏହି କର୍ମଚାରୀ ମାନେ ବହୁତ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ରାଜ୍ୟ ସରକାରଙ୍କ ନୀତି ତଥା କେନ୍ଦୁ ପତ୍ର ଉପରେ ୧୮% ଜିଏସଟି ଲାଗିବା ପରେ ଏବେ ସମସ୍ୟା ବଢ଼ି ଯାଇଥିବା ଅଭିଯୋଗ ହୋଇଛି। ବର୍ତ୍ତମାନ କେନ୍ଦୁପତ୍ରରେ ଜିଏସଟି ଯେଉଁ ଦିନଠୁଁ ଲାଗିଲା, ତାସହ ଜଳବାୟୁ ପରିବର୍ତ୍ତନ, କାରଖାନା ଇତ୍ୟାଦି ଯେତେବେଳେ ଗଢି ଉଠିଲା କେନ୍ଦୁପତ୍ରର ଉତ୍ପାଦନ ଓ ସଂଗ୍ରହ କମିଗଲା। ଏହା ସହ ଜିଏସଟି ଯୋଗୁଁ ଓ ଅନ୍ୟାନ୍ୟ କାରଣ ଯୋଗୁଁ ବିକ୍ରି ମୂଲ୍ୟ ବି କମିଗଲା। କେନ୍ଦୁପତ୍ର ହିତାଧିକାରୀମାନଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର, ୨୦୨୪ କେନ୍ଦୁପତ୍ର ଶସ୍ୟ ବର୍ଷ ପାଇଁ ୮,୫୯,୪୪୯ ଜଣ କେନ୍ଦୁପତ୍ର ତୋଳାଳିମାନଙ୍କ ପାଇଁ ଶତକଡା ୨୫ ହାରରେ ୫୨.୬୩ କୋଟି ଟଙ୍କା ଲାଭାଂଶ ପ୍ରଦାନ କରିବାପାଇଁ ଘୋଷଣା କରିଥିଲେ। ୮,୫୯,୪୪୯ ଜଣ ତୋଳାଳୀଙ୍କ ମଧ୍ୟରୁ ୮୩.୯୨% ମହିଳା ଅଟନ୍ତି।

୨୦,୫୦୨ ଜଣ କେନ୍ଦୁପତ୍ର ବନ୍ଧେଇ ଶ୍ରମିକମାନଙ୍କୁ ଶତକଡା ୫ ହାରରେ ୧.୯୪ କୋଟି ଟଙ୍କା ପ୍ରୋତ୍ସାହନ ରାଶି ଏବଂ ୧୬,୭୫୪ ଜଣ କେନ୍ଦୁପତ୍ର ସାମୟିକ କର୍ମଚାରୀମାନଙ୍କୁ ଶତକଡା ୫ ହାରରେ ୪.୯୯ କୋଟି ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରିବାପାଇଁ ରାଜ୍ୟ ସରକାର ଘୋଷଣା କରିଛନ୍ତି। ଉପରୋକ୍ତ ଲାଭାଂଶକୁ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ (ଡ଼ିବିଟି) ମାଧ୍ୟମରେ ପ୍ରଦାନ କରାଯାଉଅଛି। ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର ତୋଳାଳି ଯୋଜନାର ସଫଳ ରୂପାୟନ ପାଇଁ ୨୦୨୪-୨୫ ଆର୍ଥିକ ବର୍ଷରେ "ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର କଲ୍ୟାଣ ପାଣ୍ଠି" ମାଧ୍ୟମରେ ୫୦.୦୦ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରାଯାଇଅଛି। ରାଜ୍ୟରେ କେନ୍ଦୁପତ୍ରର ଚାହିଦା ଏବଂ ଆବଶ୍ୟକତା ରହିଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଏହି ପଦକ୍ଷେପ ନେଇଛନ୍ତି। ଏତଦ୍ ବ୍ୟତୀତ ରାଜ୍ୟ ବାହାରକୁ ମଧ ଏହାର ରପ୍ତାନି ରହିଛି। ଆଦିବାସୀଙ୍କ ପାଇଁ ଜୀବିକା ଉତ୍ସ ଥିବା କେନ୍ଦୁପତ୍ର ବିକାଳିଙ୍କ କେନ୍ଦୁପତ୍ର ବିକିବା ସମସ୍ୟା ଦୂର ହେବା ସହ ଗ୍ରାମସଭା ସଂଗଠନ ମାଧ୍ୟମରେ ଲୋକେ ଏବେ ସହଜରେ କେନ୍ଦୁପତ୍ର ବିକିବା ସହ ଭଲ ରୋଜଗାର କରିପାରୁଛନ୍ତି।

ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ସିଦ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ
ନନ୍ଦପୁର, ଜିଲ୍ଲା: କୋରାପୁଟ
ମୋବାଇଲ୍: ୯୪୩୭୯୫୫୫୬୮

# ଆତ୍ମହତ୍ୟା ଉଦ୍‌ବେଗଜନକ ସ୍ଥିତିରେ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଭାରତୀୟ ଯୁବକ-ଯୁବତୀ ସେମାନଙ୍କର ଜୀବନ ହାରିଦେବା ଏବେ ଏକ ଉଦ୍‌ବେଗଜନକ ପର୍ଯ୍ୟାୟରେ ପହଁଚିଛି। ଯାହାକି ପରିସଂଖ୍ୟାନ ରିପୋର୍ଟ କହେ। ଜାତୀୟ କ୍ରାଇମ୍ ରେକର୍ଡ ବ୍ୟୁରୋ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ, ୨୦୨୨ରେ ଦେଶରେ ୧,୭୦,୯୨୪ ଯୁବକ-ଯୁବତୀ ଆତ୍ମହତ୍ୟା କରିଛନ୍ତି। ଯାହାକି ବିଶ୍ୱରେ ସବୁଠାରୁ ସର୍ବାଧିକ। ସେହିପରି ସେମାନଙ୍କର ବୟସ ୧୮ରୁ ୩୦ମଧ୍ୟରେ ଅର୍ନ୍ତଭୁକ୍ତ ଥିବାବେଳେ ସେମାନଙ୍କ ମଧ୍ୟରୁ ୩୫ପ୍ରତିଶତ ପ୍ରାପ୍ତବୟସ୍କ, ହୋଇଥିବା ଏବଂ ୬ପ୍ରତିଶତ ନାବାଳକ ବୋଲି ରିପୋର୍ଟରେ ଦର୍ଶାଯାଇଛି। କେବଳ ଯୁବଗୋଷ୍ଠୀ ନୁହଁନ୍ତି, ଛାତ୍ରଛାତ୍ରୀଙ୍କ ମଧ୍ୟରେ ମଧ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଇବାରେ ଲାଗିଛି। ଯାହାକି ମୋଟ ଆତ୍ମହତ୍ୟା କରିଥିବା ଯୁବଗୋଷ୍ଠୀଙ୍କ ମଧ୍ୟରେ ୭.୬ ପ୍ରତିଶତ। ଗତ ୨୦୨୨ରେ ଦେଶରେ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ୧୩,୦୪୪ ଥିଲା। ତେବେ ୨୦୨୨ରେ କେବଳ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା ୪ପ୍ରତିଶତ ବୃଦ୍ଧି ପାଇଥିବା କୁହାଯାଇଛି। ଏଭଳି ମାନସିକତା ନିଶ୍ଚିତ ଭାବେ ଚିନ୍ତାଜନକ, ଏଥିରେ ସନ୍ଦେହ ନାହିଁ। ସେହିପରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ) ରିପୋର୍ଟରେ କୁହାଯାଇଛି ଯେ, ୧୫ରୁ ୨୯ବର୍ଷ ମଧ୍ୟରେ କିଶୋର-କିଶୋରୀ, ଯୁବକ-ଯୁବତୀଙ୍କ ଆତ୍ମହତ୍ୟା ଘଟଣା ଏବେ ବିଶ୍ୱରେ ତୃତୀୟ ସର୍ବାଧିକ ମୃତ୍ୟୁ ଭାବେ ଉଭା ହୋଇଛି। ୨୦୨୪ରେ ସ୍ପିଙ୍ଗରରେ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ, ବିଶ୍ୱରେ ବାର୍ଷିକ ୫୨,୦୦୦ କିଶୋର-କିଶୋରୀ ଆତ୍ମହତ୍ୟା କରି ଜୀବନ ହରାଉଛନ୍ତି। ପରୀକ୍ଷା ଜନିତ ଚାପ, ଉତମ ଫଳାଫଳ, ଅଭିଭାବକମାନଙ୍କ ଉଚ୍ଚାଭିଳାଷ, ଶିକ୍ଷାନୀତିରେ ର୍‌ୟାଙ୍କ, ପ୍ରତିଯୋଗିତା, ସୁନାମଧନ୍ୟ ଶିକ୍ଷାନୁଷ୍ଠାନଗୁଡିକରେ ପ୍ରତିଯୋଗିତାମୂଳକ ଚାପ ଏବଂ ମାନସିକ ଚାପ ଯୋଗୁଁ ଅତିଶୟ ଭାରାକ୍ରାନ୍ତ ଯୋଗୁଁ ଶେଷରେ କୋମଳମତି ଛାତ୍ରଛାତ୍ରୀମାନେ ଜୀବନ ହାରିବାକୁ ବାଧ ହେଉଛନ୍ତି ବୋଲି ନିକଟରେ ଅନୁଷ୍ଠିତ ଜାତୀୟ ଆତ୍ମହତ୍ୟା ନିରାକରଣ ସମ୍ମିଳନୀରେ ମତ ପ୍ରକାଶ ପାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ପ୍ରତିଯୋଗିତାମୂଳକ ପରୀକ୍ଷାର କୋଚିଂ ହବ୍ ଭାବେ ପରିଚିତ 'କୋଟା'ରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା ପରୀକ୍ଷା ଜନିତ ଚାପ ଯୋଗୁଁ ବଢ଼ିବାରେ ଲାଗିଥିବା କୁହାଯାଏ। ଚଳିତ ୨୦୨୫ରେ ମାତ୍ର ଦୁଇ ମାସ ମଧ୍ୟରେ ୭ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିସାରିଲେଣି। ଗତ ୨୦୨୪ରେ ୩୨ଜଣ ଛାତ୍ରଛାତ୍ରୀ କୋଟାରେ ଆତ୍ମହତ୍ୟା କରିଥିଲେ। ଆହୁରି ମଧ ଦେଶରେ ଯଥେଷ୍ଟ ମାତ୍ରାରେ ନିଯୁକ୍ତି ନଥିବା, ବେକାରୀ, ବେରୋଜଗାରୀ ବୃଦ୍ଧି ଯୋଗୁଁ ହା ହତାଶ ହୋଇ ଯୁବଗୋଷ୍ଠୀ ଶେଷରେ ଜୀବନ ହାରିବା ପନ୍ଥା ବାଛି ନେଉଛନ୍ତି। ଦେଶର କେତେକ ସୁନାମଧନ୍ୟ ଉଚ୍ଚ ବୈଷୟିକ ଶିକ୍ଷାନୁଷ୍ଠାନ ତଥା ଆଇଆଇଟି, ଡାକ୍ତରୀ କଲେଜରେ ମଧ ଅଧ୍ୟୟନରତ ଥିବା ଛାତ୍ରଛାତ୍ରୀ ଆତ୍ମହତ୍ୟା ଘଟଣା ବଢ଼ିବାରେ ଲାଗିଛି। ସେହିପରି ଶ୍ରମିକଙ୍କ କ୍ଷେତ୍ରରେ ନିର୍ଯ୍ୟାତନା, ବାଛବିଚାର ଯୋଗୁଁ ଯୁବଗୋଷ୍ଠୀ ଦିନ ମଜୁରିଆଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବଢୁଥିବାବେଳେ ପ୍ରେମର ବିଫଳତା, ପ୍ରତାରଣା,ଦାରିଦ୍ର୍ୟତା ଯୋଗୁଁ ବହୁ ଯୁବକ ଯୁବତୀ, ନବ ବିବାହିତା ଆତ୍ମହତ୍ୟା ଘଟଣା ମଧ ବଢ଼ିବାରେ ଲାଗିଛି। ଏହା ନିସନ୍ଦେହ ଯେ, କୋମଳମତି ଛାତ୍ରଛାତ୍ରୀ, ଯୁବଗୋଷ୍ଠୀଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ନିରାକରଣ ପାଇଁ ଭାରତ ମାନସିକ ସ୍ୱାସ୍ଥ୍ୟ ଉପରେ ଅଗ୍ରାଧିକାର ଦେବା ଜରୁରୀ। ଜାତୀୟ ଶିକ୍ଷାନୀତିରେ ବିଦ୍ୟାଳୟ ଶିକ୍ଷା ପାଠ୍ୟକ୍ରମରେ ମାନସିକ ସ୍ୱାସ୍ଥ୍ୟ ବିଷୟ ବସ୍ତୁ ପ୍ରଚଳନ ଏ ଦିଗରେ ଏକ ସକରାତ୍ମକ ପଦକ୍ଷେପ। ତେବେ ଏହି ପାଠ୍ୟକ୍ରମକୁ ବିଭିନ୍ନ ସହବର୍ଦ୍ଧିତ କ୍ଷେତ୍ରରେ ମଧ କାର୍ଯ୍ୟକାରୀ କରାଯିବା ଜରୁରୀ। ସର୍ବ ଭାରତୀୟ ପ୍ରତିଯୋଗିତାମୂଳକ ଶିକ୍ଷାକ୍ରମରେ, ଡାକ୍ତରୀ ଶିକ୍ଷାନୁଷଠାନରେ ମଧ ମାନସିକ ସ୍ୱାସ୍ଥ୍ୟ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଛି। ଏହା ବ୍ୟତୀତ ମାନସିକ ସ୍ତରରେ ଦୁର୍ବଳ ହୋଇପଡିଥିବା ଛାତ୍ରଛାତ୍ରୀ, ଯୁବଗୋଷ୍ଠୀଙ୍କ ମାନସିକ ଦୃଢତା ପାଇଁ ଆବଶ୍ୟକୀୟ ଅତ୍ୟାଧୁନିକ ଚିକିତ୍ସା ସୁବିଧା ମଧ ସୁଲଭ ମୂଲ୍ୟରେ ବା ମାଗଣାରେ ଯୋଗାଇଦେବାର ଆବଶ୍ୟକତା ରହିଛି। ଯେକୌଣସି ପରିସ୍ଥିତିରେ ମୁକାବିଲା ପାଇଁ ଯୁବଗୋଷ୍ଠୀ, ଛାତ୍ରଛାତ୍ରୀ ଧୈର୍ଯ୍ୟହରା ନହୋଇ ମାନସିକ ସ୍ତରରେ ସୁସ୍ଥ, ସବଳ ରହିବାକୁ ନିଜେକୁ ନିଜେ ପ୍ରସ୍ତୁତ କରିବାକୁ ହେବ। ଜୀବନ ହେଉଛି ଅମୂଲ୍ୟ ସମ୍ପଦ, ଏହା ମନେ ରଖିବାକୁ ହେବ।

ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋବାଇଲ ନଂ-୭୯୭୮୬୬୬୪୦୩

# ଆତଙ୍କବାଦ ବିରୁଦ୍ଧରେ ଭାରତର ସିନ୍ଧୁ ଚୁକ୍ତିର ରଣନୀତି



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ଭାରତର ଇଂରାଜୀ ନାମ ଇଣ୍ଡିଆ ମଧ ସିନ୍ଧୁ ନଦୀର ଇଂରାଜୀ ନାମ ଇଣ୍ଡସ୍‌ରୁ ଉଦ୍ଧୃତ। ସଂସ୍କୃତ ଭାଷାରେ ଏହି ନଦୀକୁ ସିନ୍ଧୁ ଓ ପାର୍ସୀ ଭାଷାରେ ଏହି ନଦୀକୁ ହିନ୍ଦୁ ବୋଲି କୁହାଯାଏ। ସଂସ୍କୃତରେ ସିନ୍ଧୁ ଶବ୍ଦର ଅର୍ଥ ହେଲା ସାଗର, ମହାସାଗର ଅଥବା କୌଣସି ବୃହତ୍ ଜଳାଶୟ। ପରବର୍ତ୍ତୀ ସମୟରେ ପାରସ୍ୟ ଭାଷାରେ ସିନ୍ଧୁ ନଦୀକୁ ଦରିଆ ବୋଲି ମଧ ନାମିତ କରାଯାଇଛି। ଦରିଆ ଶବ୍ଦଟି ମଧ କୌଣସି ବୃହତ୍ ଜଳାଶୟ ଅଥବା ସାଗରକୁ ସୂଚାଇଥାଏ। ସ୍ଥଳପଥରେ ବାହାରୁ ଭାରତକୁ ଆସୁଥିବା ଲୋକେ ସିନ୍ଧୁ ନଦୀକୁ ସୀମାନ୍ତ ନଦୀ ବା ସୀମାରେ ଥିବା ନଦୀ ବୋଲି କହୁଥିଲେ। ପ୍ରାଚୀନ ଇରାନୀୟ ଭାଷାରେ *ସ ଧ୍ୱନି ହ ବୋଲି ଉଚ୍ଚାରିତ ହେଉଥିବାରୁ ଏପରି ଦୁଇଟି ନାମ ସୃଷ୍ଟି ହୋଇଥିଲା। ଆସ୍କୋ ପାର୍ପୋଲାଙ୍କ ମତରେ ଆନୁମାନିକ ଖ୍ରୀଷ୍ଟପୂର୍ବ ୮୫୦-୬୦୦ ବେଳକୁ ଏହି ଦୁଇ ନାମର ପ୍ରଚଳନ ଆରମ୍ଭ ହୋଇଥିଲା। ପାରସ୍ୟର ଆକେମେନିଡ୍ ସାମ୍ରାଜ୍ୟରୁ ଗ୍ରୀକ୍ ଲୋକେ ଏହି ନଦୀର ନାମ ଜାଣିବା ପରେ ତାହାକୁ ନିଜ ଭାଷାରେ ଇଣ୍ଡୋସ୍ ବୋଲି ଉଚ୍ଚାରଣ କଲେ। ପରେ ପ୍ରାଚୀନ ରୋମ୍ ସଭ୍ୟତାରେ ଏହି ନାମ ସାମାନ୍ୟ ଅପଭ୍ରଷ୍ଟ ହୋଇ ଇଣ୍ଡସ୍ ବୋଲାଇଲା। ପ୍ରଚଳିତ ଇଂରାଜୀ ଭାଷାରେ ମଧ ଇଣ୍ଡସ୍ ନାମ ରହିଛି। ଋକବେଦରେ ଅନେକ ନଦୀର ଉଲ୍ଲେଖ ରହିଛି ଯାହା ମଧ୍ୟରୁ "ସିନ୍ଧୁ" ନଦୀ ଅନ୍ୟତମ। ଋକବେଦରେ ୧୭୬ ଥର ଏକବଚନ ଶବ୍ଦ "ସିନ୍ଧୁ" ଓ ୯୪ ଥର ବହୁବଚନ ଶବ୍ଦ "ସିନ୍ଧବଃ" ଉଲ୍ଲିଖିତ ଅଛି। ସିନ୍ଧୁ ଶବ୍ଦଟି ଅଧିକାଂଶ ସମୟରେ ନଦୀ ପାଇଁ ହିଁ ବ୍ୟବହୃତ ହୋଇଛି। ପରବର୍ତ୍ତୀ କାଳରେ ରଚିତ ଓ ଋକବେଦରେ ସମ୍ମିଳିତ ସ୍ତୋତ୍ର ସବୁରେ ସିନ୍ଧୁ ଶବ୍ଦ କେବଳ ସିନ୍ଧୁ ନଦୀ ପାଇଁ ବ୍ୟବହୃତ ହୋଇଛି ; ଉଦାହରଣ ସ୍ୱରୂପ ନଦୀସ୍ତୁତି ସୁକ୍ତ। ଋକବେଦର ଶ୍ଳୋକରେ ବ୍ରହ୍ମପୁତ୍ର ବ୍ୟତୀତ ଅନ୍ୟ ସମସ୍ତ ନଦୀଙ୍କୁ ସ୍ତ୍ରୀଲିଙ୍ଗବାଚୀ ଶବ୍ଦରେ ସମ୍ବୋଧନ କରାଯାଇଛି। ପାକିସ୍ତାନର ଅର୍ଥନୀତିରେ ସିନ୍ଧୁ ନଦୀର ଜଳ ସମ୍ବଳର ବିଶେଷ ଭୂମିକା ରହିଛି। ମୁଖ୍ୟତଃ ପାକିସ୍ତାନର ପଞ୍ଜାବ ଓ ସିନ୍ଧ ଅଞ୍ଚଳ ସିନ୍ଧୁ ନଦୀଦ୍ୱାରା ବିଶେଷ ରୂପେ ଉପକୃତ ହୋଇଥାନ୍ତି। ପଞ୍ଜାବ ଶବ୍ଦର ଅର୍ଥ ହେଲା - "ପାଞ୍ଚ ନଦୀର ଦେଶ"। ଏଠାରେ ପାଞ୍ଚଟି ନଦୀ ହେଲେ ଝେଲମ, ଚେନାବ, ରାଭି, ବେଆସ୍ ଓ ଶତଲେଜ ଯାହା ମିଳିତ ଭାବେ ସିନ୍ଧୁ ନଦୀରେ ନିଷ୍କାସିତ ହୋଇଥାନ୍ତି। ଏତଦ୍ ବ୍ୟତୀତ ସିନ୍ଧୁ ନଦୀ ପାକିସ୍ତାନର ବହୁ ଉଦ୍ୟୋଗକୁ ଆବଶ୍ୟକୀୟ ପାଣି ଓ ଅନ୍ୟାନ୍ୟ ସହର ପାଇଁ ଉଦ୍ଦିଷ୍ଟ ପାନୀୟ ଜଳ ଯୋଗାଇଥାଏ। ପାକିସ୍ତାନ ଗଠିତ ହେବା ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ୧୯୬୦ ମସିହାରେ ସିନ୍ଧୁ ଜଳ ଚୁକ୍ତି ସ୍ୱାକ୍ଷରିତ ହେଲା ଏବଂ ଏହା ଯୋଗୁଁ ଉପରମୁଣ୍ଡ ଭାରତରେ ଥିଲେ ହେଁ ପାକିସ୍ତାନକୁ ସିନ୍ଧୁ, ଝେଲମ୍ ଓ ଚେନାବ ନଦୀର ସିଂହଭାଗ ଜଳ ମିଳିଲା। ପରିକଳ୍ପିତ ସିନ୍ଧୁ ଅବବାହିକା ଯୋଜନା ଅନୁସାରେ ଝେଲମ ନଦୀ ଉପରେ ମଙ୍ଗଳା ବନ୍ଧ ଏବଂ ସିନ୍ଧୁ ନଦୀ ଉପରେ ତର୍ବେଲା ବନ୍ଧ ଏବଂ କିଛି କ୍ଷୁଦ୍ର ସହାୟକ ନଦୀବନ୍ଧ ନିର୍ମିତ ହେବାର ଥିଲା। ପାକିସ୍ତାନର ଜଳ ଓ ଶକ୍ତି ଉନ୍ନୟନ ବିଭାଗ ଚସମା ଓ ଝେଲମ ଯୋଡ଼ ସେଚନ କେନାଲ୍‌ର କାର୍ଯ୍ୟ ଆରମ୍ଭ କରିଥିଲା। ପାକିସ୍ତାନର ଅର୍ଥନୀତି ଓ ଜନଜୀବନ ପାଇଁ ସିନ୍ଧୁ ନଦୀ ଅତି ଗୁରୁତ୍ୱପୂର୍ଣ୍ଣ। ଇଂରେଜ ଶାସନର ସମାପ୍ତି ପରେ ଭାରତ ଓ ପାକିସ୍ତାନ ସ୍ୱାଧୀନ ହୋଇଥିଲେ, କିନ୍ତୁ ସିନ୍ଧୁ ଓ ପୂର୍ବ ପଟର ପାଞ୍ଚ ଉପନଦୀର ଜଳକୁ ନେଇ ଘୋର ବିବାଦ ସୃଷ୍ଟି ହେଲା। ଶତଲେଜ ନଦୀର ଜଳସେଚନ ନାଳ ଓ ବାରି ଦୋଆବର ନାଳଗୁଡ଼ିକ ପାକିସ୍ତାନ ପଟରେ ରହିଗଲା କିନ୍ତୁ ତାହାର ନିୟନ୍ତ୍ରଣ କରୁଥିବା ବନ୍ଧ ଭାରତ ପଟରେ ରହିଲା। ଏହା ଫଳରେ ପାକିସ୍ତାନରେ ଜଳସେଚନ ବାଧାପ୍ରାପ୍ତ ହେଲା। ପୁଣି ପଞ୍ଜାବ ଅଞ୍ଚଳରେ ଭାରତ ନୂତନ ବନ୍ଧ ନିର୍ମାଣ କରିବାଦ୍ୱାରା ପାକିସ୍ତାନକୁ ଜଳ ଯୋଗାଣ କମିଯିବାର ଆଶଙ୍କା ହେଲା। ଯୁଦ୍ଧ ସମୟରେ ଭାରତ ନଦୀମାନଙ୍କ ପାଣିକୁ ନିଜ ପାଇଁ ବ୍ୟବହାର ଓ ପାକିସ୍ତାନକୁ ହଇରାଣ କରିପାରେ ବୋଲି ପାକିସ୍ତାନରେ ଏକ ରାଜନୈତିକ ଚିନ୍ତା ସୃଷ୍ଟି କଲା। ତେଣୁ ୧୯୬୦ ମସିହାରେ ବିଶ୍ୱବ୍ୟାଙ୍କର ମଧ୍ୟସ୍ଥତାରେ ଭାରତ ଓ ପାକିସ୍ତାନ ମଧ୍ୟରେ କୂଟନୈତିକ ଆଲୋଚନା ହୋଇ ଉଭୟ ରାଷ୍ଟ୍ରଙ୍କଦ୍ୱାରା ସିନ୍ଧୁ ଜଳ ଚୁକ୍ତି (Indus Waters Treaty) ସ୍ୱାକ୍ଷରିତ ହୋଇଥିଲା। ଏହି ଚୁକ୍ତି ଅନୁସାରେ ଭାରତ ପାଖରେ ଶତଲେଜ, ବେଆସ୍ ଏବଂ ରାଭି ନଦୀର ଜଳକୁ ନିୟନ୍ତ୍ରଣ କରିବାର କ୍ଷମତା ରହିଥିବା ବେଳେ ପାକିସ୍ତାନ ପାଖରେ ଝେଲମ, ଚେନାବ ଓ ସିନ୍ଧୁ ନଦୀର ଜଳ ନିୟନ୍ତ୍ରଣ କରିବାର କ୍ଷମତା ରହିଲା। ଭାରତ ପାଖରେ ପଶ୍ଚିମ ନଦୀ ତିନୋଟିକୁ ଜଳସେଚନ ବ୍ୟତୀତ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରିବାର ଅଧିକାର ରହିଲା। ଇତିହାସରୁ ଜଣାଯାଏ ଯେ ସିନ୍ଧୁ ନଦୀ ତଥା ଇଂରାଜୀରେ Indus River ଏସିଆ ମହାଦେଶର ଦୀର୍ଘତମ ନଦୀମାନଙ୍କ ମଧ୍ୟରୁ ଅନ୍ୟତମ। ତିବ୍ବତ ମାଳଭୂମିରେ ମାନସରୋବର ହ୍ରଦ ନିକଟବର୍ତ୍ତୀ ଅଞ୍ଚଳରୁ ଏହି ନଦୀର ଉତ୍ପତ୍ତି। ନିଜ ଉତ୍ପତ୍ତିସ୍ଥଳରୁ ବାହାରି ଏହି ନଦୀ ଲଦାଖ ଅଞ୍ଚଳ ଅତିକ୍ରମ କରି ଗିଲ୍‌ଗିଟ୍ - ବାଲ୍‌ଟିସ୍ତାନରେ ହିନ୍ଦୁକୁଶ ପର୍ବତମାଳାର ଉପତ୍ୟକାରେ ପ୍ରବେଶ କରିଛି। ତାହା ପରେ ଏହା ଦକ୍ଷିଣମୁଖୀ ହୋଇ ପାକିସ୍ତାନରେ ପ୍ରବାହିତ ହୋଇ ବନ୍ଦର ନଗରୀ କରାଚୀ ନିକଟରେ ଆରବ ସାଗର ସହିତ ସମ୍ମିଳିତ ହୋଇଛି। ସିନ୍ଧୁ ନଦୀ ପାକିସ୍ତାନର ଦୀର୍ଘତମ ନଦୀ ଓ ଏହାକୁ ପାକିସ୍ତାନର ଜାତୀୟ ନଦୀ ବୋଲି କୁହାଯାଏ। ସିନ୍ଧୁ ନଦୀର ଅବବାହିକା ୧୧,୬୫,୦୦୦ ବର୍ଗ କିଲୋମିଟର୍ ଅଞ୍ଚଳରେ ବ୍ୟାପ୍ତ। ଏହାର ବାର୍ଷିକ ପ୍ରବାହ ହାରାହାରି ୨୪୩ ଘନ କିଲୋମିଟର୍ ଯାହା ନୀଳ ନଦୀର ବାର୍ଷିକ ପ୍ରବାହର ୨ ଗୁଣ ଓ ୟୁଫ୍ରେଟିସ୍-ଟାଇଗ୍ରିସ୍ ନଦୀର ମିଳିତ ପ୍ରବାହର ୩ ଗୁଣ। ଏହି କାରଣରୁ ଜଳ ନିଷ୍କାସନ ହାର ଦେଖିଲେ ସିନ୍ଧୁ ନଦୀକୁ ବିଶ୍ୱର ବୃହତ୍ତମ ନଦୀମାନଙ୍କ ଶ୍ରେଣୀରେ ଗଣନା କରାଯାଇପାରେ। ଲଦାଖରେ ଜାନ୍‌ସ୍କାର ନଦୀ ଏହାର ବାମ ତୀରର ଉପନଦୀ। ସମତଳ ଅଞ୍ଚଳକୁ ପ୍ରବେଶ କରିବା ପରେ ସିନ୍ଧୁର ବାମ ତୀରରେ ପଞ୍ଚନଦ ଏହାର ମୁଖ୍ୟ ଉପନଦୀ ଯାହା ଚେନାବ, ଝେଲମ୍, ରାଭି, ବେଆସ୍ ଓ ଶତଲେଜ୍ ନଦୀର ମିଳନରୁ ସୃଷ୍ଟି। ଡାହାଣ ତୀରରେ ମିଶୁଥିବା ଉପନଦୀମାନଙ୍କ ମଧ୍ୟରେ ଶ୍ୟୋକ୍, ଗିଲ୍‌ଗିଟ୍, କାବୁଲ୍, ଗୋମଲ୍ ଓ କୁର୍ରମ୍ ନଦୀ ପ୍ରଧାନ। ଏକ କ୍ଷୁଦ୍ର ପାହାଡ଼ିଆ ଝରଣା ରୂପେ ସୃଷ୍ଟ ସିନ୍ଧୁ ନଦୀ ହିମସ୍ରୋତ, ତଥା ହିମାଳୟ, କାରାକୋରମ୍ ଓ ହିନ୍ଦୁକୁଶର ନଦୀ ମାନଙ୍କ ଦ୍ୱାରା ପରିବୃଦ୍ଧ ହୋଇଛି। ସିନ୍ଧୁ ଉପତ୍ୟକାର ଉତ୍ତର ପାର୍ଶ୍ୱ "ପଞ୍ଜାବ ଅଞ୍ଚଳ" ଏବଂ ନିମ୍ନାଂଶ "ସିନ୍ଧ ଅଞ୍ଚଳ" ରୂପେ ପରିଚିତ। ଏହି ଅଞ୍ଚଳରେ ବସବାସ କରିଆସିଥିବା ଅତୀତର ବିଭିନ୍ନ ସଂସ୍କୃତିରେ ସିନ୍ଧୁ ନଦୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଖ୍ରୀଷ୍ଟପୂର୍ବ ୩୦୦୦ରେ ସିନ୍ଧୁ ଉପତ୍ୟକାରେ ସିନ୍ଧୁ ସଭ୍ୟତା ଗଢ଼ି ଉଠିଥିଲା। ଏହା କାଂସ୍ୟ ଯୁଗର ଏକ ପ୍ରମୁଖ ନଗର ସଭ୍ୟତା ଭାବେ ପରିଚିତ। ଖ୍ରୀଷ୍ଟପୂର୍ବ ୨୦୦୦ ବେଳକୁ ରଚିତ ଋକବେଦରେ ପଞ୍ଜାବ ଅଞ୍ଚଳକୁ ସପ୍ତ ସିନ୍ଧୁ ବୋଲି କୁହାଯାଇଛି। ପାର୍ସୀମାନଙ୍କ ଅବେସ୍ତାରେ ଏହି ଅଞ୍ଚଳକୁ ହପ୍ତ ହିନ୍ଦୁ ବୋଲି ଅଭିହିତ କରାଯାଇଛି। ଉଭୟ ଶବ୍ଦର ଅର୍ଥ ହେଲା ସାତ ନଦୀ। ଐତିହାସିକ ରାଜ୍ୟ ବା ସାମ୍ରାଜ୍ୟମାନଙ୍କ ମଧ୍ୟରୁ ଗାନ୍ଧାର, ରୋର ଓ ଶୌବୀର ପ୍ରଭୃତି ରାଜ୍ୟ ସିନ୍ଧୁ ଉପତ୍ୟକାରେ ଅବସ୍ଥିତ ଥିଲା। ପାରସ୍ୟର ରାଜା ଡାରିୟସ୍ ଜଣେ ଦୂତଙ୍କୁ ଖ୍ରୀଷ୍ଟପୂର୍ବ ୫୧୫ରେ ଏହି ନଦୀ ବିଷୟରେ ଅଧିକ ଜାଣିବାକୁ ପଠାଇଥିଲେ ଓ ତାହା ପରଠାରୁ ପାଶ୍ଚାତ୍ୟ ଦେଶର ଲୋକେ ସିନ୍ଧୁ ନଦୀ ବିଷୟରେ ଜାଣିବାକୁ ପାଇଲେ। ସିନ୍ଧୁ ନଦୀର ଜଳ ପଞ୍ଜାବ ଓ ସିନ୍ଧର ସମତଳ ଅଞ୍ଚଳରେ ଖାଦ୍ୟ, ପାନୀୟ ଓ କୃଷିର ମେରୁଦଣ୍ଡ ପରି। ସିନ୍ଧୁ ଉପତ୍ୟକାର ନିମ୍ନାଂଶରେ ବୃଷ୍ଟିପାତର ମାତ୍ରା କମ ଥିବାରୁ ସେଠାରେ ସିନ୍ଧୁ ନଦୀର ମହତ୍ତ୍ୱ ଆହୁରି ବଢ଼ିଯାଏ। ସିନ୍ଧୁ ସଭ୍ୟତା ସମୟରୁ ଲୋକେ ସିନ୍ଧୁ ନଦୀରୁ ଜଳସେଚନ ପାଇଁ କେନାଲ୍ ଖୋଳି ବ୍ୟବହାର କରିଆସୁଛନ୍ତି। ପରବର୍ତ୍ତୀ ସମୟରେ କୁଶାଣ ଓ ମୋଗଲ ସାମ୍ରାଜ୍ୟର ଲୋକେ ଅନେକ ଜଳସେଚନ କେନାଲ୍ ନିର୍ମାଣ କରିଥିଲେ। ଇଂରେଜ ଇଷ୍ଟ୍ ଇଣ୍ଡିଆ କମ୍ପାନୀ ସମୟରେ ୧୮୫୦ ମସିହାରେ କିଛି ଆଧୁନିକ କେନାଲ୍‌ର ନିର୍ମାଣ ଓ ଅନେକ ପୁରାତନ କେନାଲ୍‌ର ମରାମତି କରାଯାଇଥିଲା। ଇଂରେଜ ମାନେ ଏଠାରେ ବିଶ୍ୱର ଜଟିଳ ସେଚନ ବ୍ୟବସ୍ଥାର ନିର୍ମାଣ କରାଇଥିଲେ। ଗୁଡ୍ଡୁ ବ୍ୟାରେଜ୍ ୧୩୫୦ ମିଟର୍ ଲମ୍ବା ଓ ଏହା ସୁକ୍କୁର, ଜାକବାବାଦ, ଲର୍କାନା, କଲାତ ଆଦି ଅଞ୍ଚଳକୁ ସେଚିତ କରିଥାଏ। ସୁକ୍କୁର ବ୍ୟାରେଜ୍ ୨୦,୦୦୦ ବର୍ଗ କି.ମି.ରୁ ବଡ଼ ଅଞ୍ଚଳରେ ଜଳସେଚନର ସୁବିଧା ପହଞ୍ଚାଇ ଥାଏ।

ତେବେ ଆଜି ଏହି ପବିତ୍ର ନଦୀ କୁ ନେଇ ସମଗ୍ର ବିଶ୍ୱର ନଜର ରହିଛି। କାରଣ ନିକଟରେ ଜାମ୍ମୁ କାଶ୍ମୀରରେ ପାକିସ୍ତାନ ଆତଙ୍କବାଦୀ ଦ୍ୱାରା ହୋଇଥିବା ନିରୀହ ଲୋକଙ୍କ ଉପରେ ବର୍ବର ଗୁଳିକାଣ୍ଡ କୁ ନେଇ ଭାରତ ସରକାର ଶକ୍ତ ଓ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅର୍ଡର ଦେଇଛି। ଫଳ ସ୍ୱରୁପ ସିନ୍ଧୁ ନଦୀର ପାଣି ପାକିସ୍ତାନ କୁ ଟୋପେ ବି ନ ଦିଆ ଯିବାକୁ ସଂକଳ୍ପ ହୋଇଛି, ଯାହା ଦ୍ୱାରା ପାକିସ୍ତାନ ର ସରକାର ଠାରୁ ଆରମ୍ଭ କରି ସାଧାରଣ ଜନତା ଛାନିଆ ହୋଇଛନ୍ତି। କାରଣ ସିନ୍ଧୁ ନଦୀର ପାଣି ଉପରେ ପାକିସ୍ତାନର ଚାଷ, ଇଲେକ୍ଟ୍ରିସିଟି ଓ ଅର୍ଥନୈତିକ ବ୍ୟବସ୍ଥା ନିର୍ଭର କରେ। ଭାରତ ସରକାର ର ଏ ନିଷ୍ପତ୍ତି ମଧ ସଠିକ କାରଣ ସୀମା ସେପଟରୁ ଆତଙ୍କବାଦ କୁ ମୂଳ ନିପାତ କରିବାକୁ ହେଲେ ତାକୁ ଅର୍ଥନୈତିକ ଦୃଷ୍ଟି କୋଣରୁ ପ୍ରହାର ଦିଆଯିବା ଉଚିତ୍। ତେବେ ପାକିସ୍ତାନ ତାହାର ଆତଙ୍କବାଦୀ ସଂଗଠନ କୁ ନିୟନ୍ତ୍ରଣ କରିବ ଓ ଦୁଇ ଦେଶ ଭିତରେ ଶାନ୍ତି ସ୍ଥାପନ ହେବ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ୍: ୮୨୪୯୫୦୨୭୭୬

ଏନଆଇଏର ବଡ଼ ଖୁଲାସା

# ପହଲଗାମ ଆକ୍ରମଣ ପଛରେ ପାକ୍ ସେନା

## ଆଇଏସଆଇର ବି ରହିଛି ହାତ | ୨୦ ଉପତ୍ୟକା ଓଜିଡବ୍ଲ୍ୟୁକୁ ପଚରାଉଚରା

**ନୂଆଦିଲ୍ଲୀ,୨।୫:** କାଶ୍ମୀର ପହଲଗାମ ଆତଙ୍କୀ ଆକ୍ରମଣରେ ପାକିସ୍ତାନ ସେନାର ହାତ ଥିବା ନେଇ ବଡ଼ ଖୁଲସା କରିଛି ଏନଆଇଏ। ଜାତୀୟ ତଦନ୍ତକାରୀ ଏଜେନ୍ସି (ଏନ୍ଆଇଏ) ତା'ର ପ୍ରାଥମିକ ରିପୋର୍ଟରେ ଏପ୍ରିଲ ୨୨ ତାରିଖରେ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ପାକିସ୍ତାନର ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଏବା (ଏଲଇଟି), ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସଆଇ) ଏବଂ ପାକିସ୍ତାନ ସେନାର ସମ୍ପୃକ୍ତିକୁ ନିଶ୍ଚିତ କରିଛି। ଫେଡେରାଲ ଆଣ୍ଟି ଟେରରିଷ୍ଟ ଏଜେନ୍ସି କାଶ୍ମୀର ଉପତ୍ୟକାରୁ ପ୍ରାୟ ୨୦ ଜଣ ଓଭରଗ୍ରାଉଣ୍ଡ ୱାର୍କର୍ସ (ଓଜିଡବ୍ଲ୍ୟୁ)ଙ୍କୁ ଚିହ୍ନଟ କରିଛି, ଯେଉଁମାନେ ଆକ୍ରମଣକାରୀଙ୍କୁ ଲଜିଷ୍ଟିକ୍ ସହାୟତା ପ୍ରଦାନ କରିଥିଲେ। ବର୍ତ୍ତମାନ ଏହି ବ୍ୟକ୍ତିମାନଙ୍କୁ ପଚରାଉଚରା କରାଯାଉଛି ବୋଲି ମିଳିଥିବା ସୂତ୍ରରୁ ଜଣାପଡ଼ିଛି।



ବର୍ତ୍ତମାନ ଜମ୍ମୁର କୋଟ ଭାଲୱାଲ ଜେଲରେ ବନ୍ଦୀ ଥିବା ଦୁଇ ପ୍ରମୁଖ ଓଜିଡବ୍ଲ୍ୟୁ ନିସାର ଅହମ୍ମଦ ଓରଫ ହାଜି ଏବଂ ମୁସ୍ତାକ ହୁସେନଙ୍କୁ ମଧ୍ୟ ଏନଆଇଏ ପଚରାଉଚରା କରିବାକୁ ପ୍ରସ୍ତୁତି ଚଳାଇଛି । ଅଧିକାରୀଙ୍କ କହିବା ଅନୁଯାୟୀ, ଏହି ଦୁଇ ଜଣ ଲସ୍କର-ଏ-ତୋଇବାର ଜଣାଶୁଣା ସହଯୋଗୀ ଏବଂ ୨୦୨୩ରେ ଭାଟା ଧୁରିଆନ୍ ଏବଂ ତୋଟାଗାଲିରେ ସେନା କନଭୟ ଉପରେ ହୋଇଥିବା ଆକ୍ରମଣରେ ସମ୍ପୃକ୍ତ ଆତଙ୍କବାଦୀଙ୍କୁ ସହାୟତା କରିବା ଅଭିଯୋଗରେ ସେମାନଙ୍କୁ ଗିରଫ କରାଯାଇଥିଲା।

ଏନଆଇଏର ଅନୁସନ୍ଧାନ ଅନୁଯାୟୀ, ପହଲଗାମ ଆକ୍ରମଣକୁ ଲସ୍କର-ଏ-ତୋଇବା ଆଇଏସଆଇ ଏବଂ ସେନା ସମେତ ଦୁଇ ପାକିସ୍ତାନୀ ସକ୍ରିୟ ସମର୍ଥକ ଏବଂ ନିର୍ଦ୍ଦେଶରେ ଯୋଜନା କରିଥିଲା। ଦୁଇ ମୁଖ୍ୟ ସନ୍ଦିଗ୍ଧ ହାସ୍ମି ମୁସା ଓରଫ ସୁଲେମାନ ଏବଂ ଅଲ୍ଲୀ ଭାଇ ଓରଫ ତଲହା ଭାଇ ପାକିସ୍ତାନୀ ନାଗରିକ ବୋଲି ଚିହ୍ନଟ କରାଯାଇଛି, ଯେଉଁମାନେ ସୀମାପାର ହେଣ୍ଡଲରମାନଙ୍କ ସହିତ ନିରନ୍ତର ଯୋଗାଯୋଗରେ ଥିଲେ ଏବଂ ଲଜିଷ୍ଟିକ୍ସ, ସମୟ ଏବଂ କାର୍ଯ୍ୟକାରିତା ବିଷୟରେ ନିର୍ଦ୍ଦେଶ ପାଉଥିଲେ। ଅନୁସନ୍ଧାନରୁ ଜଣାପଡିଛି ଯେ ଆକ୍ରମଣକାରୀମାନେ ଆକ୍ରମଣର କିଛି ସପ୍ତାହ ପୂର୍ବରୁ ଅନୁପ୍ରବେଶ କରିଥିଲେ ଏବଂ ସେମାନଙ୍କୁ ସ୍ଥାନୀୟ ଓଜିଡବ୍ଲ୍ୟୁଙ୍କ ଏକ ନେଟୱାର୍କ ସମର୍ଥନ କରିଥିଲା ଯେଉଁମାନେ ସେମାନଙ୍କୁ ଆଶ୍ରୟ ପ୍ରଦାନ କରିଥିଲେ, ଯାଞ୍ଚ କରିଥିଲେ ଏବଂ ଯାତାୟାତରେ ସୁବିଧା କରିଥିଲେ ।

ସୂତ୍ରରୁ ପ୍ରକାଶ ଯେ ଆତଙ୍କବାଦୀମାନେ ଏପ୍ରିଲ ୧୫ ତାରିଖ ବେଳକୁ ପହଲଗାମରେ ପହଞ୍ଚି ୪ଟି ସମ୍ଭାବ୍ୟ ସ୍ଥାନ- ବୈସରଣ ଉପତ୍ୟକା, ଅରୁ ଉପତ୍ୟକା, ବେତାବ ଉପତ୍ୟକା ଏବଂ ଏକ ସ୍ଥାନୀୟ ମନୋରଞ୍ଜନ ପାର୍କ ଉପରେ ସର୍ଭେ କରିଥିଲେ। ନିରାପତ୍ତା କମ୍ ଥିବାରୁ ଶେଷରେ ସେମାନେ ବୈସରଣଙ୍କୁ ବାଛିଥିଲେ। ଘଟଣାସ୍ଥଳରୁ ଏନଆଇଏ ୪୦ରୁ ଅଧିକ ଗୁଳି ଜବତ କରିଛି, ଯାହାକୁ ବାଲିଷ୍ଟିକ ଏବଂ ରାସାୟନିକ ବିଶ୍ଳେଷଣ ପାଇଁ ପଠାଯାଇଛି । ଅନୁସନ୍ଧାନକାରୀମାନେ ସେହି ଅଞ୍ଚଳର ୩ଡି ମ୍ୟାପିଂ କରିଥିଲେ ଏବଂ ନିକଟସ୍ଥ ମୋବାଇଲ ଟାୱାରରୁ ଟାୱାର ଡମ୍ପ ଡାଟା ବାହାର କରିଥିଲେ। ଏକ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଆକ୍ରମଣ ପୂର୍ବରୁ ଏହି ଅଞ୍ଚଳରେ ସାଟେଲାଇଟ୍ ଫୋନ୍ କାର୍ଯ୍ୟକଳାପ ବୃଦ୍ଧି ପାଇଥିଲା। ବୈସରଣ ଓ ଏହାର ଆଖପାଖ ଅଞ୍ଚଳରେ ଅତି କମରେ ୩ଟି ସାଟେଲାଇଟ୍ ଫୋନ୍ କାର୍ଯ୍ୟକ୍ଷମ ଥିବା ବେଳେ ୨ଟି ର ସିଗ୍ନାଲ୍ ଠାବ କରି ବିଶ୍ଳେଷଣ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୨,୮୦୦ରୁ ଅଧିକ ଲୋକଙ୍କୁ ପଚରାଉଚରା କରାଯାଇଛି। ସନ୍ଦିଗ୍ଧ ଓଜିଡବ୍ଲ୍ୟୁ ଏବଂ ଜମାତ-ଏ-ଇସଲାମି ଭଳି ନିଷିଦ୍ଧ ସଂଗଠନ ଏବଂ ବିଭିନ୍ନ ହୁରିୟାତ ଗୋଷ୍ଠୀ ସହ ଜଡ଼ିତ ବ୍ୟକ୍ତିଙ୍କ ସମେତ ୧୫୦ରୁ ଅଧିକ ଲୋକ ହାଜତରେ ଅଛନ୍ତି।

ପହଲଗାମ ଏବଂ ଏହାର ଆଖପାଖ ଅଞ୍ଚଳରେ ଥିବା ଟ୍ରାନଜିଟ୍ ପଏଣ୍ଟ ଏବଂ ସାର୍ବଜନୀନ ସ୍ଥାନର ସିସିଟିଭି ଫୁଟେଜ୍ ଏବଂ ଆଞ୍ଚଳିକ ସୁରକ୍ଷା ଚେକ୍ ପଏଣ୍ଟର ତଥ୍ୟକୁ ମଧ୍ୟ ଏଜେନ୍ସି ସମୀକ୍ଷା କରୁଛି। ଅଧିକାରୀମାନେ କହିଛନ୍ତି ଯେ ପହଲଗାମ ଆକ୍ରମଣକାରୀ ଏବଂ ରାଜୌରୀ-ପୁଞ୍ଛ କାଫିଲା ଆକ୍ରମଣ ପାଇଁ ଦାୟୀ ବ୍ୟକ୍ତିମାନଙ୍କ ମଧ୍ୟରେ ଏକ ସମ୍ଭାବ୍ୟ ଲିଙ୍କ୍ ଅନୁସନ୍ଧାନ କରାଯାଉଛି। ନିସାର ଓ ମୁସ୍ତାକଙ୍କୁ ପଚରାଉଚରା କରିବା ଉପରେ ଏହି ତଦନ୍ତ ପୁଣି ଥରେ ଦୃଷ୍ଟି ଆକର୍ଷଣ କରିଛି। ତେବେ ପ୍ରାକୃତିକ ଗୁମ୍ଫା ଓ ଜଙ୍ଗଲରେ ଆତଙ୍କବାଦୀମାନେ ଲୁଚି ରହିଥିବା ସନ୍ଦେହ କରାଯାଉଛି। ବୈସରଣ ଉପତ୍ୟକାର ଘଞ୍ଚ ଜଙ୍ଗଲ ଅଞ୍ଚଳ, ତରନାଉ ହପ୍ତଗୁଣ୍ଡ, ଡାଓରୁ ଏବଂ ଆଖପାଖ ଅଞ୍ଚଳରେ ୧୦ ଦିନରୁ ଅଧିକ ସମୟ ଧରି ତୀବ୍ର ସର୍ଚ୍ଚ ଅପରେସନ ଜାରି ରହିଛି ।

ନ୍ୟାସନାଲ ହେରାଲ୍ଡ ମାମଲା

# ସୋନିଆ ଓ ରାହୁଲଙ୍କୁ ଦିଲ୍ଲୀ କୋର୍ଟଙ୍କ ନୋଟିସ



**ନୂଆଦିଲ୍ଲୀ,୨।୫:** ନେସନାଲ ହେରାଲ୍ଡ ମନି ଲଣ୍ଡରିଂ ମାମଲାରେ ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ସୋନିଆ ଗାନ୍ଧି, ରାହୁଲ ଗାନ୍ଧି ଏବଂ ଅନ୍ୟ ପ୍ରସ୍ତାବିତ ଅଭିଯୁକ୍ତଙ୍କ ବିରୋଧରେ ଦାଖଲ ହୋଇଥିବା ଚାର୍ଜସିଟ୍କୁ ଗ୍ରହଣ କରିବା ପ୍ରଶ୍ନରେ ଶୁଣାଣି ପାଇଁ ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ଗୁରୁବାର ନୋଟିସ୍ ଜାରି କରିଛନ୍ତି। ଚାର୍ଜସିଟରେ ଥିବା ତ୍ରୁଟି ଦୂର ହୋଇଛି ଏବଂ ବର୍ତ୍ତମାନର ପ୍ରସଙ୍ଗ ହେଉଛି ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍ଏସ୍ଏସ୍)ର ଧାରା ୨୨୩ ଅନୁଯାୟୀ ନୋଟିସ୍ ଜାରି କରାଯିବା ଉଚିତ କି ନାହିଁ। କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧି ଓ ରାହୁଲ ଗାନ୍ଧିଙ୍କୁ ନୋଟିସ ଜାରି କରିଛନ୍ତି। ସ୍ୱତନ୍ତ୍ର ବିଚାରପତି ବିଶାଲ ଗୋଗନେ କହିଛନ୍ତି ଯେ ଚାର୍ଜସିଟ୍ ଗ୍ରହଣ ସମୟରେ ସେମାନଙ୍କ ଶୁଣାଣି ଅଧିକାର ଉପଲବ୍ଧ ଥିଲା। ମେ' ୮ ତାରିଖରେ ଏହି ମାମଲାର ଶୁଣାଣି ହେବ। ବିଚାରପତି କହିଛନ୍ତି, ଯେକୌଣସି ପର୍ଯ୍ୟାୟରେ ଶୁଣାଣି ହେବାର ଅଧିକାର ନିରପେକ୍ଷ ଶୁଣାଣିରେ ପରିଣତ ହୋଇଛି। ୨୦୧୪ ଜୁନ୍ ୨୬ତାରିଖରେ ବିଜେପି ନେତା ସୁବ୍ରମଣ୍ୟମ ସ୍ୱାମୀଙ୍କ ବ୍ୟକ୍ତିଗତ ଅଭିଯୋଗକୁ ମାଜିଷ୍ଟ୍ରେଟ୍ ଅଦାଲତ ଗ୍ରହଣ କରିବା ପରେ ନିକଟରେ ଚାର୍ଜସିଟ୍ ଦାଖଲ କରିଥିବା ଇଡି ୨୦୨୧ରେ ତଦନ୍ତ ଆରମ୍ଭ କରିଥିଲା। ଇଡି କହିଛି ଯେ ଏହି ଅଭିଯୋଗରେ ସୋନିଆଙ୍କ ନେତୃତ୍ୱାଧୀନ କଂଗ୍ରେସ ଦଳର ପ୍ରଥମ ପରିବାର, ତାଙ୍କ ସାଂସଦ ପୁଅ ରାହୁଲ, ସ୍ୱର୍ଗତ କଂଗ୍ରେସ ନେତା ମୋତିଲାଲ ଭୋରା ଏବଂ ଓସ୍କାର ଫର୍ଣ୍ଣାଣ୍ଡିଜଙ୍କ ବ୍ୟତୀତ ଦୁବେ, ପିତ୍ରୋଡା ଏବଂ ଏକ ଘରୋଇ କମ୍ପାନୀ ୟଙ୍ଗ ଇଣ୍ଡିଆନଙ୍କ ସମେତ ଅନେକ ପ୍ରମୁଖ ରାଜନୈତିକ ବ୍ୟକ୍ତିତ୍ୱଙ୍କ ଅପରାଧୀକ ଷଡ଼ଯନ୍ତ୍ରକୁ ଦର୍ଶାଯାଇଛି। କଂଗ୍ରେସ ନେତ୍ରୀ ସୋନିଆ ଓ ରାହୁଲ ୟଙ୍ଗ ଇଣ୍ଡିଆନର ସଂଖ୍ୟାଗରିଷ୍ଠ ଅଂଶଧନଧାରୀ ହୋଇଥିବା ବେଳେ ଉଭୟଙ୍କ ପାଖରେ ୩୮ ପ୍ରତିଶତ ଅଂଶଧନ ରହିଛି। କିଛି ବର୍ଷ ତଳେ ଏହି ମାମଲାରେ ଇଡି ସେମାନଙ୍କୁ ଘଣ୍ଟା ଘଣ୍ଟା ଧରି ପଚରାଉଚରା କରିଥିଲା। ନେସନାଲ ହେରାଲ୍ଡର ପ୍ରକାଶକ ଆସୋସିଏଟେଡ୍ ଜର୍ଣ୍ଣାଲ୍ସ ଲିମିଟେଡ୍ (ଏଜେଏଲ୍)ର ୯୯% ଅଂଶଧନକୁ ମାତ୍ର ୫୦ ଲକ୍ଷ ଟଙ୍କାରେ ହସ୍ତାନ୍ତର କରି ୨୦୦୦ କୋଟି ଟଙ୍କାର ସମ୍ପତ୍ତି ହଡ଼ପ କରିବାକୁ ସୋନିଆ ଗାନ୍ଧି ଓ ତାଙ୍କ ପୁଅ ରାହୁଲ ଅପରାଧୀକ ଷଡ଼ଯନ୍ତ୍ର କରିଥିଲେ ବୋଲି ଇଡି ଅଭିଯୋଗ କରିଛି। ସୋନିଆ ଓ ରାହୁଲଙ୍କ ନିୟନ୍ତ୍ରଣରେ ଥିବା ୟଙ୍ଗ ଇଣ୍ଡିଆନ୍ ନାମକ ଏକ ଘରୋଇ ସଂସ୍ଥା ଏହି ସମ୍ପତ୍ତି ଅଧିଗ୍ରହଣ କରିଥିଲା। ନେସନାଲ ହେରାଲ୍ଡ ମନି ଲଣ୍ଡରିଂ ମାମଲାରେ ସୋନିଆ ଓ ରାହୁଲଙ୍କ ସମେତ କଂଗ୍ରେସ ନେତା ସାମ୍ ପିତ୍ରୋଡା ଓ ସୁମନ ଦୁବେଙ୍କୁ ଇଡି ଅଭିଯୁକ୍ତ କରିଛି।

କାଗଜପତ୍ର ଯାଞ୍ଚ କରିବାକୁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ

# ପାକିସ୍ତାନୀ ପରିବାରକୁ ସୁପ୍ରିମକୋର୍ଟଙ୍କ ସୁରକ୍ଷା

**ନୂଆଦିଲ୍ଲୀ,୨।୫:** ନାଗରିକତା ଦାବି ଯାଞ୍ଚ ନ ହେବା ପର୍ଯ୍ୟନ୍ତ ଭିସା ଅବଧି ଅତିକ୍ରମ କରିଥିବା ଗୋଟିଏ ପରିବାରର ୬ ଜଣ ସଦସ୍ୟଙ୍କୁ ପାକିସ୍ତାନ ପ୍ରତ୍ୟାର୍ପଣ ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଏନ୍ କୋଟିଶ୍ୱର ସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ ନକରି ପରିବାରର ପାସପୋର୍ଟ, ଆଧାର କାର୍ଡ, ପାନ୍ କାର୍ଡ ଇତ୍ୟାଦି ପରିଚୟ ପତ୍ର ଓ ଅନ୍ୟାନ୍ୟ ପ୍ରାସଙ୍ଗିକ ତଥ୍ୟ ଯାଞ୍ଚ କରିବାକୁ କର୍ତ୍ତୃପକ୍ଷଙ୍କୁ କହିଛନ୍ତି। ଏହି ମାମଲାର ଅଦ୍ଭୁତ ତଥ୍ୟ ଓ ପରିସ୍ଥିତିକୁ ଦୃଷ୍ଟିରେ ରଖି କର୍ତ୍ତୃପକ୍ଷ ଉପଯୁକ୍ତ ନିଷ୍ପତ୍ତି ନ ନେବା ପର୍ଯ୍ୟନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ନାହିଁ। ଯଦି ଆବେଦନକାରୀମାନେ ଚୂଡ଼ାନ୍ତ ନିଷ୍ପତ୍ତିରେ ଅସନ୍ତୁଷ୍ଟ ହୁଅନ୍ତି, ତେବେ ସେମାନେ ଜମ୍ମୁ-କାଶ୍ମୀର ଓ ଲଦାଖ ହାଇକୋର୍ଟର ଦ୍ୱାରସ୍ଥ ହୋଇପାରିବେ। ଆଦେଶକୁ ଉଦାହରଣ ଭାବେ ବିବେଚନା କରାଯିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। କାଶ୍ମୀରରେ ରହୁଥିବା ଏବଂ ପୁଅମାନେ ବେଙ୍ଗାଲୁରୁରେ କାମ କରୁଥିବା ଏହି ପରିବାର ପହଲଗାମ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କ ଜୀବନ ଯିବା ପରେ ପାକିସ୍ତାନ ପ୍ରତ୍ୟର୍ପଣର ସମ୍ମୁଖୀନ ହୋଇଥିଲେ। ଏହି ପ୍ରସଙ୍ଗ ମାନବିକ ଦୃଷ୍ଟିକୋଣ ସହ ଜଡ଼ିତ ବୋଲି ଦର୍ଶାଇ ଖଣ୍ଡପୀଠ ଦସ୍ତାବିଜ ଯାଞ୍ଚ ଆଦେଶରେ ଅସନ୍ତୁଷ୍ଟ ହେଲେ ପରିବାରକୁ ଜମ୍ମୁ-କାଶ୍ମୀର ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାର ସ୍ୱାଧୀନତା ଦେଇଛନ୍ତି। ପରିବାର ପକ୍ଷରୁ ଆଇନଜୀବୀ ନନ୍ଦ କିଶୋର ଦାବି କରିଥିଲେ ଯେ ସେମାନଙ୍କ ପାଖରେ ବୈଧ ପାସପୋର୍ଟ ଏବଂ ଆଧାର କାର୍ଡ ରହିଛି। ସେ କହିଛନ୍ତି ଯେ ଶ୍ରୀନଗରରେ ଥିବା ପରିବାର ସଦସ୍ୟଙ୍କୁ ଏକ ଜିପରେ ବସାଇ ୱାଘା ସୀମାକୁ ଫେରାଇ ଅଣାଯାଇଥିଲା ଏବଂ ବର୍ତ୍ତମାନ ସେମାନଙ୍କୁ ଦେଶ ବାହାରକୁ ଚାଲିଯିବାର ଦ୍ୱାରରେ ରହିଛି।



# ବାୟୁସେନା ଉପମୁଖ୍ୟ ହେଲେ ଏୟାର ମାର୍ଶାଲ ଏନ ତିୱାରୀ



**ନୂଆଦିଲ୍ଲୀ,୨।୫:** ପହଲଗାମ ଆକ୍ରମଣ ପରେ ପ୍ରତିରକ୍ଷା କ୍ଷେତ୍ରକୁ ସକ୍ରିୟ କରିବା ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଆଯାଇଥିବା ପ୍ରମୁଖ ପଦକ୍ଷେପ ମଧ୍ୟରେ ଏୟାର ମାର୍ଶାଲ ଏନ ତିୱାରୀଙ୍କୁ ବାୟୁସେନା ଉପମୁଖ୍ୟ ଭାବେ ଆଜି ନିଯୁକ୍ତ କରାଯାଇଛି। ୩,୬୦୦ ଘଣ୍ଟାରୁ ଅଧିକ ସମୟର ଉଡ଼ାଣ ଅଭିଜ୍ଞତା ଥିବା ବିଶିଷ୍ଟ ଲଢୁଆ ପାଇଲଟ୍ ହେଉଛନ୍ତି ଏୟାର ମାର୍ଶାଲ ନର୍ମଦେଶ୍ୱର ତିୱାରୀ। ଏପ୍ରିଲ ୩୦ରେ ଅବସର ନେଇଥିବା ଏୟାର ମାର୍ଶଲ ଏସ୍ ପି ଧରକରଙ୍କ ସ୍ଥାନରେ ସେ ଦାୟିତ୍ୱ ତୁଲାଇବେ। ବାୟୁସେନା ଉପମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ଏୟାର ମାର୍ଶଲ ତିୱାରୀ ଗାନ୍ଧିନଗରସ୍ଥିତ ଦକ୍ଷିଣ ପଶ୍ଚିମ ବାୟୁସେନା କମାଣ୍ଡ (ଏସଡବ୍ଲ୍ୟୁଏସି)ର ଏୟାର ଅଫିସର କମାଣ୍ଡିଂ-ଇନ୍-ଚିଫ୍ (ଏଓସି-ଇନ୍-ସି) ଭାବରେ କାର୍ଯ୍ୟ କରିଥିଲେ। ବାୟୁସେନା ମୁଖ୍ୟାଳୟ ବାୟୁ ଭବନରେ ଏହି ଏୟାର ମାର୍ଶାଲଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଏୟାର ମାର୍ଶାଲ ନର୍ମଦେଶ୍ୱର ତିୱାରୀ ପିଭିଏସଏମ ଏଭିଏସଏମ ଭିଏସଏମ ଭିଏମ ମେ ୨୫ ରେ ବାୟୁସେନାର ଉପମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଆରଆଇଏମସି, ଏନଡିଏ ଏବଂ ୟୁଏସ ଏୟାର କମାଣ୍ଡ ଆଣ୍ଡ ଷ୍ଟାଫ କଲେଜର ପୂର୍ବତନ ଛାତ୍ର। ସେ ଜଣେ ବିଶିଷ୍ଟ ଲଢୁଆ ପାଇଲଟ, ପରୀକ୍ଷଣ ପାଇଲଟ ଏବଂ ଏସଡବ୍ଲ୍ୟୁଏସିର ପୂର୍ବତନ ଏଓସି-ଇନ୍-ସି, ତାଙ୍କର ୩୬୦୦ ଘଣ୍ଟାରୁ ଅଧିକ ସମୟର ଉଡ଼ାଣ ଅଭିଜ୍ଞତା ରହିଛି।

● ପାକିସ୍ତାନକୁ ସହାୟତା ଦେଉଥିଲା ବିଶ୍ୱାସଘାତକ

# ଗୁପ୍ତଚରକୁ ଗିରଫ କଲା ରାଜସ୍ଥାନ ଇଣ୍ଟେଲିଜେନ୍ସ



**ନୂଆଦିଲ୍ଲୀ,୨।୫:** ପାକିସ୍ତାନ ଗୁପ୍ତଚରକୁ ଗିରଫ କରିଛି ରାଜସ୍ଥାନ ଇଣ୍ଟେଲିଜେନ୍ସ । ଅଭିଯୁକ୍ତ ଗୁପ୍ତଚର ଜୈସାଲମିରର ପଠାନ ଖାନ୍ ବୋଲି ଜଣାପଡ଼ିଛି। ସେ ପାକିସ୍ତାନ ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ ବା ଆଇଏସଆଇରେ ଗୁପ୍ତଚର ଭାବେ କାର୍ଯ୍ୟ କରୁଥିଲା। ବିଏସଏଫର ସିକ୍ରେଟ ସୂଚନା ସବୁ ପଠାନ୍ ପାକିସ୍ତାନ ଏଜେନ୍ସିକୁ ଦେଉଥିଲା । ତେବେ କିଛି ବର୍ଷ ହେବ ପଠାନ୍ ପାକିସ୍ତାନ ପାଇଁ କାମ କରୁଛି । ସୀମାରେ ସନ୍ଦେହଜନକ କାର୍ଯ୍ୟ କରୁଥିବାବେଳେ ପଠାନକୁ ଦେଖାଯାଇଥିବା କହିଛନ୍ତି ରାଜସ୍ଥାନ ଇଣ୍ଟେଲିଜେନ୍ସର ଆଇଜି ବିଷ୍ଣୁକାନ୍ତ। ଆଇଏସଆଇ ସହିତ ପଠାନ୍ କଣ୍ଟାକରେ ରହୁଥିଲା । ସୋସିଆଲ ମିଡିଆ ଏବଂ ବ୍ୟକ୍ତିଗତ ସାକ୍ଷାତକାର ଜରିଆରେ ପଠାନ୍ ଗୁଇନ୍ଦା ସୂଚନା ପାକିସ୍ତାନ ଏଜେନ୍ସିକୁ ଦେଉଥିବା ଜଣାପଡ଼ିଛି । ୨୦୧୩ରେ ପଠାନ୍ ପ୍ରଥମ ଥର ଲାଗି ପାକିସ୍ତାନ ଯାଇଥିଲା । ଯେଉଁଠାରେ ସେ ଆଇଏସଆଇ ସହିତ ଭାରତର ଗୁଇନ୍ଦା ତଥ୍ୟ ଦେବା ନେଇ କଥାବାର୍ତ୍ତା ହୋଇଥିଲା ।ଭାରତ ଫେରିବା ପରେ ପାକିସ୍ତାନ ଆଇଏସଆଇ କଣ୍ଟାକ୍ଟରେ ପଠାନ୍ ରହିଥିଲା ଏବଂ ଭାରତୀୟ ସିମକାର୍ଡ ପାକିସ୍ତାନକୁ ଯୋଗାଉଥିଲା । ତେବେ ବର୍ତ୍ତମାନ ଜୟପୁରରେ ପାଠାନକୁ ପଚରାଉଚରା ଚାଲିଛି । ତା'ମୋବାଇଲ ଫୋନରୁ ଅନେକ ଭିଡିଓ ଓ ଗୁଇନ୍ଦା ତଥ୍ୟ ସଂଗ୍ରହ କରାଯାଇଛି ।

# ଡାଲ ହ୍ରଦରେ ଓଲଟିଲା ବୋଟ୍, ସାହାଯ୍ୟ ପାଇଁ ଲୋକଙ୍କ ଚିତ୍କାର



**ଶ୍ରୀନଗର,୨।୫:** ଜମ୍ମୁ ଓ କଶ୍ମୀରର ପ୍ରସିଦ୍ଧ ଡାଲ ହ୍ରଦରେ ଏକ ବଡ଼ ଦୁର୍ଘଟଣା ଘଟିଛି। ଶୁକ୍ରବାର ହ୍ରଦରେ ଏକ ଶିକାରା (ନୌକା), ଯେଉଁଥିରେ ପର୍ଯ୍ୟଟକମାନେ ଥିଲେ, ସେହି ଡଙ୍ଗାଟି ପ୍ରବଳ ପବନ ଯୋଗୁଁ ଓଲଟି ପଡ଼ିଛି। ଏହି ଦୁର୍ଘଟଣାରେ ଅନେକ ପର୍ଯ୍ୟଟକ ହ୍ରଦକୁ ଖସି ପଡିଥିବା ଜଣାପଡ଼ିଛି। ଘଟଣାସ୍ଥଳରୁ ଆସିଥିବା ଏକ ଭିଡିଓରେ ଦେଖାଯାଇଛି ଯେ, କେତେକ ଲୋକ ହ୍ରଦ ମଧ୍ୟରେ ସାହାଯ୍ୟ ପାଇଁ ଚିତ୍କାର କରୁଛନ୍ତି। ସ୍ଥାନୀୟ ଲୋକଙ୍କ ସହ ପୋଲିସ ଓ ଅନ୍ୟାନ୍ୟ ଉଦ୍ଧାରକାରୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି। ଏକ ରିପୋର୍ଟ ଅନୁସାରେ, ଜଣେବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇଛି, କିନ୍ତୁ ଅନ୍ୟ ଜଣେ ବୁଡି ଯାଇଥିବା ସନ୍ଦେହ କରାଯାଉଛି। ନିଖୋଜ ବ୍ୟକ୍ତିଙ୍କୁ ଖୋଜିବା ପାଇଁ ସର୍ଚ୍ଚ ଅପରେସନ ଜାରି ରହିଛି। ଏହି ଘଟଣା ହଜ୍ୱାକ ନିକଟବର୍ତ୍ତୀ ଡାଲ ହ୍ରଦରେ ଘଟିଥିବା ଜଣାପଡ଼ିଛି। ପ୍ରବଳ ପବନ ଯୋଗୁଁ ଡଙ୍ଗାଟି ନିୟନ୍ତ୍ରଣ ହରାଇ ଓଲଟି ପଡ଼ିଥିବା ସୂଚନା ମିଳିଛି। ଏହା ପୂର୍ବରୁ ମଧ୍ୟ ଜମ୍ମୁ ଓ କଶ୍ମୀରରେ ନୌକା ଦୁର୍ଘଟଣା ଘଟିଥିଲା। ଗତ ବର୍ଷ ଏପ୍ରିଲ ୧୬, ୨୦୨୪ରେ ଶ୍ରୀନଗରର ଝେଲମ ନଦୀରେ ଏକ ନୌକା ଓଲଟି ପଡ଼ିଥିଲା, ଯେଉଁଥିରେ ୬ ଜଣଙ୍କର ମୃତ୍ୟୁ ଘଟିଥିଲା ଏବଂ ଅନେକ ଲୋକ ନିଖୋଜ ଥିଲେ।

# ଭବ୍ୟତା ଭିତରେ ଭକ୍ତଙ୍କ ପାଇଁ ଖୋଲିଲା କେଦାରନାଥ ମନ୍ଦିର



ହେଲିକପ୍ଟରରୁ ଭକ୍ତଙ୍କ ଉପରେ ପୁଷ୍ପ ବର୍ଷା

**ଡେରାଡୁନ,୨।୫:** ରୁଦ୍ରପ୍ରୟାଗରେ ଅବସ୍ଥିତ ୧୨ଟି ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଅନ୍ୟତମ ବିଶ୍ୱପ୍ରସିଦ୍ଧ କେଦାରନାଥ ଧାମର ପବିତ୍ର ଦ୍ୱାର ଶୁକ୍ରବାର ସକାଳେ ବିଧିବଦ୍ଧ ଭାବେ ଖୋଲିଛି। ପ୍ରଥମେ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ରାଜ୍ୟର ସୁଖ ସମୃଦ୍ଧି ଓ ଶାନ୍ତି କାମନା କରିଥିଲେ। ସକାଳ ୭ଟାରେ ବାବା କେଦାରଙ୍କ ଦ୍ୱାର ଖୋଲିଥିଲା, ଯେଉଁଥିରେ ମନ୍ତ୍ର ଉଚ୍ଚାରଣ, ହର ହର ମହାଦେବଙ୍କ ସ୍ଲୋଗାନ ଏବଂ ସେନାର ଗ୍ରେନେଡିୟର ରେଜିମେଣ୍ଟର ବ୍ୟାଣ୍ଡ ଦ୍ୱାରା ବଜାଯାଇଥିବା ଭକ୍ତିମୟ ସଙ୍ଗୀତ ଦେଖିବାକୁ ମିଳିଥିଲା । ଦ୍ୱାର ଖୋଲିବା ଅବସରରେ ସମସ୍ତ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ ଧାମି କହିଛନ୍ତି, ରାଜ୍ୟ ତଥା ସମଗ୍ର ଦେଶ ଏହି ମୁହୂର୍ତ୍ତକୁ ଉତ୍ସାହର ସହ ଅପେକ୍ଷା କରିଛି। କେଦାରନାଥ ଧାମ ସନାତନ ଧର୍ମର ଅନୁଗାମୀମାନଙ୍କ ପାଇଁ ଧାର୍ମିକ ଆସ୍ଥାର ଏକ ପ୍ରମୁଖ କେନ୍ଦ୍ର ଏବଂ ଏହା ଭାରତର ଆଧ୍ୟାତ୍ମିକ ଓ ସାଂସ୍କୃତିକ ଐତିହ୍ୟର ପ୍ରତୀକ। ଆମ ରାଜ୍ୟ ପାଇଁ ଏହା ଏକ ଉତ୍ସବର ସମୟ। ଆଜି ମନ୍ଦିର ଖୋଲିବା ପରେ ପ୍ରାୟ ୧୫ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ବାବାଙ୍କ ଦୁର୍ଲଭ ଦର୍ଶନ କରିଥିଲେ। ପ୍ରତିବର୍ଷ ବାବା କେଦାରଙ୍କ ପୀଠକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଉଥିବାରୁ ଧାମୀ ଆଲୋକପାତ କରିଥିଲେ। ବାବା କେଦାରଙ୍କ ଆଶୀର୍ବାଦରେ ଚଳିତ ବର୍ଷର ଚାରିଧାମ ଯାତ୍ରା ମଧ୍ୟ ଏକ ନୂଆ ରେକର୍ଡ ସୃଷ୍ଟି କରିବ ବୋଲି ସେ ବିଶ୍ୱାସ ବ୍ୟକ୍ତ କରିଛନ୍ତି। ତାଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ରାଜ୍ୟ ସରକାର କ୍ରମାଗତ ଭାବେ ବିକାଶର ନୂଆ ଦିଗ ପ୍ରତିଷ୍ଠା କରୁଛନ୍ତି। ଶୁଭ ଉଦଘାଟନ ପୂର୍ବରୁ କେଦାରନାଥ ମନ୍ଦିରକୁ ଚମତ୍କାର ଫୁଲରେ ସଜ୍ଜାରେ ସଜ୍ଜିତ କରାଯାଇଥିଲା। ଶ୍ରୀମନ୍ଦିରକୁ ୧୦୮ କୁଇଣ୍ଟାଲରୁ ଅଧିକ ଫୁଲରେ ସଜ୍ଜିତ କରାଯାଇ ଏକ ଜୀବନ୍ତ ଦୃଶ୍ୟମାନ ସୃଷ୍ଟି କରାଯାଇଥିଲା। ଏହି ଭବ୍ୟ ପୁଷ୍ପ ପ୍ରଦର୍ଶନ ମଧ୍ୟରେ ଶେଷରେ ଦ୍ୱାର ଖୋଲିବା ପରେ ହେଲିକପ୍ଟରରୁ ଶ୍ରଦ୍ଧାଳୁଙ୍କ ଉପରେ ଫୁଲ ବର୍ଷା ଏହି ମୁହୂର୍ତ୍ତର ପବିତ୍ରତାକୁ ଆହୁରି ବଢ଼ାଇ ଦେଇଥିଲା, ଯାହା ଏକାଠି ହୋଇଥିବା ଶ୍ରଦ୍ଧାଳୁମାନଙ୍କୁ ଆଶ୍ଚର୍ଯ୍ୟ ଓ ଭାବପ୍ରବଣ କରିଦେଇଥିଲା।

# ଗଙ୍ଗା ଏକ୍ସପ୍ରେସ୍ ୱେ'ରେ ବାୟୁସେନାର ଶକ୍ତି ପ୍ରଦର୍ଶନ

**ଲକ୍ଷ୍ନୌ,୨।୫:** ଭାରତ-ପାକିସ୍ତାନ ସୀମାନ୍ତରେ ଚାଲିଥିବା ଉତ୍ତେଜନା ମଧ୍ୟରେ ଭାରତୀୟ ବାୟୁସେନା (ଆଇଏଏଫ୍) ଉତ୍ତର ପ୍ରଦେଶର ଗଙ୍ଗା ଏକ୍ସପ୍ରେସୱେର ଶାହଜହାନପୁର ଜିଲାରେ ନିର୍ମାଣାଧୀନ ୩.୫ କିଲୋମିଟର ଲମ୍ବା ଏକ ହୱାଇ ପଟ୍ଟୀରେ ଶୁକ୍ରବାର ଏକ ଅଭ୍ୟାସ କରି ନିଜର ଯୁଦ୍ଧ ପ୍ରସ୍ତୁତି ଓ ଶକ୍ତି ପ୍ରଦର୍ଶନ କରିଛି। ଏହା ଦେଶର ପ୍ରଥମ ଏକ୍ସପ୍ରେସୱେ ହୱାଇ ପଟ୍ଟୀ ଯାହା ଦିନ ଓ ରାତି ଉଭୟ ସମୟରେ ଯୁଦ୍ଧବିମାନର ଅବତରଣ ଓ ଉଡ଼ାଣ ପାଇଁ ସକ୍ଷମ। ଏହି ଅଭ୍ୟାସରେ ରାଫେଲ, ସୁଖୋଇ-୩୦ ଏମକେଆଇ, ମିରାଜ-୨୦୦୦, ମିଗ-୨୯, ଜାଗୁଆର ଭଳି ଅତ୍ୟାଧୁନିକ ଯୁଦ୍ଧବିମାନ ଏବଂ ସି-୧୩୦ଜେ ସୁପର ହରକ୍ୟୁଲିସ, ଏଏନ-୩୨ ଓ ଏମଆଇ-୧୭ ଭି୫ ହେଲିକପ୍ଟର ସାମିଲ ହୋଇଥିଲେ।



# କେମିକାଲ ଫ୍ୟାକ୍ଟ୍ରିରେ ଭୟାବହ ଅଗ୍ନିକାଣ୍ଡ

**ଅହମଦାବାଦ,୨।୫:** ଗୁଜରାଟ ଅହମଦାବାଦ ସ୍ଥିତ ଏକ କେମିକାଲ ଫ୍ୟାକ୍ଟ୍ରିରେ ଶୁକ୍ରବାର ଭୀଷଣ ଅଗ୍ନିକାଣ୍ଡ ଘଟିଛି। ଏହି ଦୁର୍ଘଟଣାରେ ୨ ଜଣ ଆହତ ହୋଇଥିବା ବେଳେ ସୂଚନା ପାଇ ଦମକଳ ବିଭାଗ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିଛି। ନିଆଁ ଭୀଷଣ ରୂପ ଧାରଣ କରିଥିବା ବେଳେ ଆୟତ୍ତ କରିବା ପାଇଁ ଘଟଣାସ୍ଥଳରେ ୧୫ଟି ଦମକଳ ଗାଡ଼ି ଉଦ୍ୟମ ଜାରି ରଖିଛନ୍ତି। ଅହମଦାବାଦର ଭଟଭା ଜିଆଇଡିସି ଫେଜ-୪ସ୍ଥିତ ଜୟଶ୍ରୀ ଇଣ୍ଡଷ୍ଟ୍ରିଜରେ ଏହି ନିଆଁ ଲାଗିଥିବା ଜଣାପଡିଛି। କାରଖାନାରେ ଡ୍ରମରେ ଭରି ରହିଥିବା କେମିକାଲରେ ବିସ୍ଫୋରଣ ହେଉଥିବାରୁ ନିଆଁ ଅଣାୟତ୍ତ ହେଉଛି। ତେବେ କେଉଁ କାରଣରୁ ନିଆଁ ଲାଗିଲା ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ପାରିନାହିଁ। ଦମକଳ ବିଭାଗ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରୁଛି। କେମିକାଲ ଫ୍ୟାକ୍ଟ୍ରିରେ ନିଆଁ ଲାଗିବା ଯୋଗୁ ୨ ଜଣ କର୍ମଚାରୀ ପୋଡି ହୋଇ ଗୁରୁତର ଆହତ ହୋଇଛନ୍ତି। ଆହତ ମାନଙ୍କୁ ନିତିନ ଭାଇ (୫୫) ଓ ରାଜେଶ ଭାଇ (୪୦) ଭାବେ ଚିହ୍ନଟ କରାଯାଇଛି।

କାଳବୈଶାଖୀ ତାଣ୍ଡବ

# ଗଛ ପଡ଼ି ଗଲା ୪ ଜୀବନ, ଆଇଏମ୍‌ଡି ରେଡ୍ ଆଲର୍ଟ

**ନୂଆଦିଲ୍ଲୀ,୨।୫:** ରାଜଧାନୀ ଦିଲ୍ଲୀରେ ପ୍ରବଳ ବର୍ଷା। କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। କାଳବୈଶାଖୀ ପ୍ରଭାବରେ ପ୍ରବଳ ଝଡ଼ ତୋଫାନ ହୋଇଛି। ସାଧାରଣ ଜୀବନ ପ୍ରଭାବିତ ହୋଇଛି। ଅଦିନିଆ ବର୍ଷାରେ ଉବୁଟୁବୁ ହୋଇଛି ଦିଲ୍ଲୀ-ଏନସିଆର। ଏଥିରେ ଗୋଟିଏ ପରିବାରର ୪ଜଣଙ୍କର ମୃତ୍ୟୁ ହୋଇଛି। ଖରଖରି କେନାଲ ଅଞ୍ଚଳ ଏକ ଗାଁରେ ଗଛ ଉପୁଡି ମା' ସମେତ ୩ ପିଲାଙ୍କର ମୃତ୍ୟୁ ହୋଇଛି। ଆଗକୁ ଆହୁରି ଝଡବର୍ଷା ହେବା ସମ୍ଭାବନା ରହିଛି। ପ୍ରବଳ ପବନ ବହିବ। ୭୦ରୁ ୮୦କିମି ବେଗରେ ବହିପାରେ ପବନ। ଏ ନେଇ ଦିଲ୍ଲୀକୁ ରେଡ ଆଲର୍ଟ ଜାରି କରିଛି ଭାରତୀୟ ପାଣିପାଗ ବିଭାଗ। ଗୁରୁବାର ବିଳମ୍ବିତ ରାତିରୁ ପ୍ରବଳ ଝଡ ତୋଫାନ ହୋଇଥିଲା। ଆଜି ବି ବର୍ଷା ଜାରି ରହିଛି। ରାଜଧାନୀ ଦିଲ୍ଲୀର ବିଭିନ୍ନ ଅଞ୍ଚଳରେ କିଛି ଘଣ୍ଟାରେ ପାଣି ଜମିଯାଇଥିଲା। ଦକ୍ଷିଣ ଦିଲ୍ଲୀ ଜାଫରପୁରେ ବଡ ଅଘଟଣ ଘଟିଛି। ଗଛ ପଡ଼ି ଗୋଟିଏ ପରିବାର ୪ଜଣଙ୍କର ମୃତ୍ୟୁ ହୋଇଛି। ସେମାନଙ୍କ ମଧ୍ୟରେ ମାଆ ଓ ୩ ପିଲା ରହିଛନ୍ତି। କିଛି ଲୋକ ଚାପି ହୋଇ ରହିଛନ୍ତି। ଗୁରୁବାର ପ୍ରବଳ ବର୍ଷାରେ ବେହାଲ ହୋଇଛି ରାଜଧାନୀ ଦିଲ୍ଲୀ। ଗଳି କନ୍ଦିରେ ପାଣି ଜମିଛି। ତଳିଆ ଅଞ୍ଚଳ ବୁଡିଯାଇଛି। ବିଭିନ୍ନ ସ୍ଥାନରେ ଜଳବନ୍ଦୀ ସ୍ଥିତି ପାଇଁ ଜନଜୀବନ ପ୍ରଭାବିତ ହୋଇଛି। ଏକ ପ୍ରକାର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଗଛ, ବିଦ୍ୟୁତ ଖୁଣ୍ଟ ଉପୁଡି ଟ୍ରାଫିକ୍ ଜାମ୍ ହୋଇଛି। ରାସ୍ତାରେ ପାଣି ଲହଡୀ ଭାଙ୍ଗିବାକୁ ଗାଡିମୋଟର ଫସି ରହିଛି। ସେପଟେ ଖରାପ ପାଣିପାଗ ପାଇଁ ୧୦୦ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ୪୦ ବିମାନ ଦିଗ ପରିବର୍ତ୍ତନ ହୋଇଛି। ଏ ନେଇ ଆଡଭାଇଜରୀ ଜାରି କରିଛନ୍ତି ବିମାନ ବନ୍ଦର କର୍ତ୍ତୃପକ୍ଷ।



# ଅଡୁଆରେ ଶ୍ରୀସନ୍ଥ; ୩ ବର୍ଷ ପାଇଁ ଲାଗିଲା ବ୍ୟାନ୍



**ନୂଆଦିଲ୍ଲୀ ୨।୫:** ପୂର୍ବତନ ଭାରତୀୟ କ୍ରିକେଟର ଏସ୍ ଶ୍ରୀସନ୍ଥ ପୁଣି ୩ ବର୍ଷ ପାଇଁ ହୋଇଛନ୍ତି ବ୍ୟାନ୍। ଏହି ମାମଲା ଚାମ୍ପିଅନ୍ସ ଟ୍ରଫି ୨୦୨୫ରେ ସଞ୍ଜୁ ସାମସନଙ୍କୁ ଟିମ୍ ଇଣ୍ଡିଆ ସ୍କ୍ୱାର୍ଡରେ ସାମିଲ ନ କରାଯିବା ସହ ଜଡିତ। ବାସ୍ତବରେ କେରଳ କ୍ରିକେଟ ଆସୋସିଏସନ କହିଛି ଯେ ଶ୍ରୀସନ୍ଥ ବୋର୍ଡ ବିରୋଧରେ ମନଗଢ଼ା ଏବଂ ଅପମାନଜନକ ଅଭିଯୋଗ ଆଣିଥିଲେ। କହି ରଖୁ କି ଶ୍ରୀସନ୍ଥ ବର୍ତ୍ତମାନ କେରଳ କ୍ରିକେଟ ଲିଗରେ କୋଲ୍ଲମ ଏରିଜ୍ ଟିମ୍‌ର ସହ-ମାଲିକ। ଏହି ମାମଲାରେ ଶ୍ରୀସନ୍ଥଙ୍କ ଟିମ୍‌କୁ ମଧ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଏହି ନିଷ୍ପତ୍ତି ଏପ୍ରିଲ ୩୦ ତାରିଖରେ କୋଚିରେ ଅନୁଷ୍ଠିତ ବୋର୍ଡ ବୈଠକରେ ନିଆଯାଇଥିଲା।

ଶ୍ରୀସନ୍ଥ ଏକ ମାଲାୟଲମ ଟେଲିଭିଜନ ଚ୍ୟାନେଲରେ ଆଲୋଚନା ସମୟରେ ସଞ୍ଜୁ ସାମସନ ଏବଂ କେରଳ କ୍ରିକେଟ ଆସୋସିଏସନ ସମ୍ପର୍କରେ ବିବାଦୀୟ ମନ୍ତବ୍ୟ ଦେଇଥିଲେ। କେସିଏ ଏକ ବିବୃତ୍ତି ଜାରି କରି କହିଛି ଯେ ଶ୍ରୀସନ୍ଥଙ୍କୁ ସାମସନଙ୍କୁ ସମର୍ଥନ କରିବା ପାଇଁ ନୁହେଁ ବରଂ କେସିଏ ବିରୋଧରେ ମିଥ୍ୟା ଏବଂ ଅପମାନଜନକ ବୟାନ ଦେବା ପାଇଁ କାରଣ ଦର୍ଶାଅ ନୋଟିସ ପଠାଯାଇଛି। ଉଲ୍ଲେଖଯୋଗ୍ୟ ଏକ ଆଲୋଚନା ସମୟରେ ଶ୍ରୀସନ୍ଥ, ସଞ୍ଜୁ ସାମସନ ଏବଂ ଅନ୍ୟ କ୍ରିକେଟରମାନଙ୍କୁ ପୂର୍ଣ୍ଣ ସମର୍ଥନ ପ୍ରତିଶ୍ରୁତି ଦେଇଥିଲେ ଏବଂ କେସିଏ ବିରୋଧରେ ମଧ ଅଭିଯୋଗ ଆଣିଥିଲେ। ଶ୍ରୀସନ୍ଥଙ୍କ ଅଭିଯୋଗର ଜବାବରେ କେସିଏ ଆଇପିଏଲରେ ସ୍ପଟ୍ ଫିକ୍ସିଂ ପ୍ରସଙ୍ଗ ମଧ ଉଠାଇଥିଲା। ଏହି ମାମଲାରେ କେସିଏ ସାମସନଙ୍କ ଉପରେ ୩ ବର୍ଷର ବ୍ୟାନ୍ ଲଗାଇଛି। ତେବେ ଶ୍ରୀସନ୍ଥ ୧୨ ବର୍ଷ ପୂର୍ବେ ସ୍ପଟ୍ ଫିକ୍ସିଂ ମାମଲାରେ କିଛି ବର୍ଷର ବ୍ୟାନ୍ ହୋଇଥିଲେ।

## ଅନୁଷ୍କାଙ୍କ ଜନ୍ମଦିନରେ ବିରାଟ ଦେଲେ ସ୍ୱତନ୍ତ୍ର ଉପହାର

### ସୋସିଆଲ ମିଡିଆରେ ଲେଖିଲେ ଏସ୍‌ଏମ୍‌ଏସ୍



ମୁମ୍ବାଇ,୧।୫ଃ ବଲିଉଡ୍ ଅଭିନେତ୍ରୀ ଅନୁଷ୍କା ଶର୍ମା ଆଜି ଅର୍ଥାତ୍ ମେ' ୧ରେ ୩୭ ବର୍ଷରେ ପାଦ ଥାପିଛନ୍ତି। ତାଙ୍କ ଜନ୍ମଦିନ ଅବସରରେ ସ୍ୱାମୀ ତଥା କ୍ରିକେଟର ବିରାଟ କୋହଲି ତାଙ୍କୁ ଏକ ସ୍ୱତନ୍ତ୍ର ଉପହାର ଦେଇଛନ୍ତି। ବିରାଟ ଅନୁଷ୍କାଙ୍କ ପାଇଁ ଏପରି କିଛି କରିଛନ୍ତି, ଯାହା ପ୍ରକୃତରେ ସମସ୍ତଙ୍କୁ ହସାଇବ। ବିରାଟଙ୍କ ଏହି ଉପହାର କେବଳ ଅନୁଷ୍କାଙ୍କୁ ନୁହେଁ ବରଂ ପ୍ରତ୍ୟେକ ବ୍ୟକ୍ତିଙ୍କୁ ପସନ୍ଦ ଆସିବ। ବିଶେଷକରି ଯେଉଁମାନେ କେବେ କାହା ପ୍ରେମରେ ପଡ଼ିଛନ୍ତି। ପ୍ରକୃତରେ ବିରାଟ ଅନୁଷ୍କାଙ୍କ ପାଇଁ ଏକ ସ୍ୱତନ୍ତ୍ର ପୋଷ୍ଟ ଲେଖିଛନ୍ତି। ସେ ଇନ୍‌ଷ୍ଟାଗ୍ରାମରେ ଅନୁଷ୍କାଙ୍କ ସହ ଏକ ଫଟୋ ପୋଷ୍ଟ କରି ତାଙ୍କ ପାଇଁ ଏକ ସ୍ୱତନ୍ତ୍ର ଏସ୍‌ଏମ୍‌ଏସ୍ ଲେଖିଛନ୍ତି।

ବିରାଟ ଲେଖିଛନ୍ତି, 'My best friend, my companion, my safest place, my best half, my everything. You are the light of all our lives. We love you more every day. Happy birthday my love.' ବିରାଟ ଏହି ପୋଷ୍ଟରେ ଅନୁଷ୍କାଙ୍କ ପାଇଁ ତାଙ୍କର ସମସ୍ତ ଭାବନା ଢାଳି ଦେଇଛନ୍ତି। ବିରାଟ ଅନୁଷ୍କାଙ୍କୁ ଅନେକ ଉପହାର ଦେଇଥିବେ କିନ୍ତୁ ଏହି ପୋଷ୍ଟରେ ସେ ଅନୁଷ୍କାଙ୍କ ପାଇଁ ଯେଉଁ କିଛି ଶବ୍ଦ ଲେଖିଛନ୍ତି, ତାହା କୌଣସି ମୂଲ୍ୟବାନ ଉପହାରଠାରୁ କମ୍ ନୁହେଁ।

## ଟି୨୦ ଲିଗ୍ ଆରମ୍ଭ କରିବ କେନିୟା




ନାଇରୋବି,୧।୫ଃ କ୍ରିକେଟ କେନିୟା (ସିକେ) ଆସନ୍ତା ସେପ୍ଟେମ୍ବରରେ ନିଜସ୍ୱ ଫ୍ରାଞ୍ଚାଇଜ୍‌ଭିତ୍ତିକ ଲିଗ୍ ଆରମ୍ଭ କରିବ। ଦେଶରେ କ୍ରିକେଟ୍‌କୁ ପୁନର୍ଜୀବିତ କରିବା ଏହି ଲିଗ୍‌ର ଲକ୍ଷ୍ୟ। ଲିଗ୍‌ର ପ୍ରଥମ ସିଜନରେ ୨୫ ଦିନ ଧରି ୬ଟି ଫ୍ରାଞ୍ଚାଇଜ ମୁକାବିଲା କରିବେ। ପ୍ରତ୍ୟେକ ଫ୍ରାଞ୍ଚାଇଜ୍‌କୁ ୫ଟି ଅନ୍ତର୍ଜାତୀୟ ଖେଳାଳି ରଖିବାକୁ ଅନୁମତି ଦିଆଯାଇଛି। ଏହି ଲିଗ୍ ଲାଗି ସିକେ ଏବଂ ଭାରତରେ ପ୍ରତିଷ୍ଠିତ କମ୍ପାନୀ ଏଓଏସ୍ ସ୍ପୋର୍ଟ ଟୁର୍ନାମେଣ୍ଟ ମଧରେ ଚୁକ୍ତି କରାଯାଇଛି। ଏହି ଚୁକ୍ତି ମୁତାବକ, ଏଓଏସ୍ ସ୍ପୋର୍ଟ ଟୁର୍ନାମେଣ୍ଟ ଆଗାମୀ ୫ ବର୍ଷ ମଧରେ ୨ ନିୟୁତ ଆମେରିକୀୟ ଡଲାର ନିବେଶ କରିବ। ଏହା ଖୁବ୍ ବଡ଼ ଓ କୌତୂହଳପୂର୍ଣ୍ଣ ହେବ। ଏହା କେନିୟା କ୍ରିକେଟ ଲାଗି ଖୁବ୍ ଲାଭଦାୟକ ସାବ୍ୟସ୍ତ ହେବ। କେବଳ ୪ ବିଦେଶୀ ଖେଳାଳିଙ୍କୁ ଦଳରେ ଖେଳିବାକୁ ଅନୁମତି ମିଳିବ। ବାକି ସ୍ଥାନୀୟ ଖେଳାଳି ରହିବେ ବୋଲି କେନିୟାର ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି କେନିଡି ଓବୁୟା କହିଛନ୍ତି। ସେ ଦେଶ ପାଇଁ ୯୦ ଦିନିକିଆ ମ୍ୟାଚ୍ ଖେଳିବା ସହ ସିକେ ବୋର୍ଡର ସଦସ୍ୟ ରହିଛନ୍ତି।

## ମେରିକମ୍‌ଙ୍କ ଛାଡ଼ପତ୍ର



**ନୂଆଦିଲ୍ଲୀ, ୨।୫:** ଅଲିମ୍ପିକ୍ସ ପଦକ ବିଜୟିନୀ ତଥା ପାଞ୍ଚ ଥର ବିଶ୍ୱବିଜୟିନୀ ମହାନ ମହିଳା ମୁଷ୍ଟିଯୋଦ୍ଧା ଏମ୍‌ସି ମେରିକମ୍ ପତି କରୁଙ୍ଗ ଅଙ୍ଖୋଲର ଓରଫ ଓନଲରଙ୍କୁ ଛାଡ଼ପତ୍ର ଦେଇଛନ୍ତି। ଉଭୟଙ୍କ ସହମତି ତଥା ପରିବାରବର୍ଗଙ୍କ ଉପସ୍ଥିତିରେ ମଣିପୁରର ପାରମ୍ପରିକ ରୀତିନୀତି ଅନୁସାରେ ଛାଡ଼ପତ୍ର ଚୂଡ଼ାନ୍ତ ହୋଇଥିଲା। ଏହାକୁ ଦେଢ଼ବର୍ଷରୁ ଅଧିକ ସମୟ ବିତିଗଲାଣି। ମେରିକମ୍ ଏବେ ଏଥିରେ ଆନୁଷ୍ଠାନିକ ମୋହର ମାରିଛନ୍ତି। ମେରିକମ୍ ପତି ଓନଲରଙ୍କଠାରୁ ଅଲଗା ରହୁଥିବା ଖବର ନିକଟରେ ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ହୋଇଥିଲା। ସେହିଭଳି ଉଭୟଙ୍କୁ ନେଇ ସାମାଜିକ ଗଣମାଧ୍ୟମରେ ନାନା ପ୍ରକାର ଆଲୋଚନା ଓ ପର୍ଯ୍ୟାଲୋଚନା ହେଉଥିଲା। ଏଥିରେ ବିରାମ ଲଗାଇବାକୁ ଯାଇ ବୁଧବାର ପ୍ରେସ୍ ବିଜ୍ଞପ୍ତି ଜାରି କରି ଓନଲର ଓ ସେ ଆଉ ପତି-ପତ୍ନୀ ନଥିବା ମେରିକମ ସ୍ପଷ୍ଟ କରି ଦେଇଛନ୍ତି। ସେହିଭଳି ତାଙ୍କ ବ୍ୟକ୍ତିଗତ ଜୀବନକୁ ସମ୍ମାନ ଜଣାଇବାକୁ ପ୍ରଶଂସକଙ୍କୁ ଆହ୍ୱାନ କରିଛନ୍ତି।

## ଶୁଭାଶିଷ ଓ ସୌମ୍ୟାଙ୍କୁ ଏଆଇଏଫ୍‌ଏଫ୍ ଶ୍ରେଷ୍ଠ ଖେଳାଳି ପୁରସ୍କାର

ଭୁବନେଶ୍ୱର,୨।୫(ସଂଚାର ବ୍ୟୁରୋ): ଆଜି ଭୁବନେଶ୍ୱରସ୍ଥିତ ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରଠାରେ ଅଲ୍ ଇଣ୍ଡିଆ ଫୁଟବଲ୍ ଫେଡ଼େରେସନ୍ ପୁରସ୍କାର ବିତରଣ ସମାରୋହ-୨୦୨୫ ଅନୁଷ୍ଠିତ ହୋଇଥିଲା। ଏହି ପୁରସ୍କାର ବିତରଣ ସମାରୋହରେ ଫୁଟବଲ୍‌ର ଶ୍ରେଷ୍ଠ କ୍ରୀଡ଼ାବିତ, କୋଚ୍ ଏବଂ ରେଫରିମାନଙ୍କୁ ଅଲ୍ ଇଣ୍ଡିଆ ଫୁଟବଲ୍ ଫେଡ଼େରେସନ୍ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପୁରସ୍କାର ଉତ୍ସବରେ ମୋହନ ବାଗାନ୍ ସୁପର୍ ଜାଏଣ୍ଟସ ଅଧିନାୟକ ଶୁଭାଶିଷ ବୋଷ ବର୍ଷର ଶ୍ରେଷ୍ଠ ପୁରୁଷ ଖେଳାଳି, ଇଷ୍ଟ ବେଙ୍ଗଲ୍ ଏଫ୍‌ସିର ସୌମ୍ୟା ଜି. ଶ୍ରେଷ୍ଠ ମହିଳା ଖେଳାଳି, ମୋହନ ବାଗାନ୍ ଦଳର ବିଶାଲ୍ କଇଥ୍ ଶ୍ରେଷ୍ଠ ଗୋଲ୍‌କିପର୍, ଏଫ୍‌ସି ଗୋଆର ବ୍ରିସନ୍



ଫର୍ଣ୍ଣାଣ୍ଡେଜ୍ ପ୍ରମିଜିଂ ପ୍ଲେୟର୍ ଓ ଜାମସେଦପୁର ଏଫ୍‌ସିର ମୁଖ୍ୟ କୋଚ୍ ଖାଲିଦ୍ ଜମିଲ୍ ବର୍ଷର ଶ୍ରେଷ୍ଠ ପୁରୁଷ କୋଚ୍ ଭାବେ ପୁରସ୍କୃତ ହୋଇଛନ୍ତି। ଆଜିର କାର୍ଯ୍ୟକ୍ରମରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ଓଡ଼ିଶା ଫୁଟବଲ୍ ସଂଘର ସଭାପତି ତଥା ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଓଡ଼ିଶା ଫୁଟବଲ୍ ସଂଘର ସମ୍ପାଦକ ଆଶୀର୍ବାଦ ବେହେରା ପ୍ରମୁଖ ଯୋଗଦେଇ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିବା ସହ ସମ୍ବର୍ଦ୍ଧିତ କରିଥିଲେ। ଏଥିସହିତ ଅଲ୍ ଇଣ୍ଡିଆ ଫୁଟବଲ୍ ଫେଡ଼େରେସନ୍ ତରଫରୁ ପ୍ରଦାନ କରାଯାଉଥିବା ଏହି ପୁରସ୍କାର ସମସ୍ତ କ୍ରୀଡ଼ାବିତମାନଙ୍କୁ ପ୍ରୋତ୍ସାହିତ କରିବା ସହିତ ଆଗାମୀ ଭବିଷ୍ୟତର କ୍ରୀଡ଼ାବିତମାନଙ୍କୁ କ୍ରୀଡ଼ାକ୍ଷେତ୍ରରେ ଏକ ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣ କରିବା ପାଇଁ ପ୍ରେରିତ କରିବ ବୋଲି ଉପମୁଖ୍ୟମନ୍ତ୍ରୀ ସିଂଦେଓ କହିଛନ୍ତି। କାର୍ଯ୍ୟକ୍ରମରେ ଅଲ୍ ଇଣ୍ଡିଆ ଫୁଟବଲ୍ ଫେଡ଼େରେସନ୍‌ର ସଭାପତି କଲ୍ୟାଣ ଚୌବେ, ଓଡ଼ିଶାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ଅଲ୍ ଇଣ୍ଡିଆ ଫୁଟବଲ୍ ଫେଡ଼େରେସନ୍‌ର ସମସ୍ତ କର୍ମକର୍ତ୍ତା, ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।



## ବୈଭବଙ୍କ ବୟସକୁ ନେଇ ପରିହାସ କରିବା ପରେ ଟ୍ରୋଲ ହେଲେ ବିଜେନ୍ଦର ସିଂହ

**ନୂଆଦିଲ୍ଲୀ, ୨।୫ଃ** ରାଜସ୍ଥାନ ରୟାଲ୍ସର ଖେଳାଳି ବୈଭବ ସୂର୍ଯ୍ୟବଂଶୀ ତାଙ୍କ ବୟସ ପାଇଁ ଆରମ୍ଭରୁ ଚର୍ଚ୍ଚା ଓ ସମାଲୋଚନା ଉଭୟର ଶିକାର ହୋଇଛନ୍ତି। ଆଇପିଏଲରେ ଦ୍ୱିତୀୟ ଦ୍ରୁତତମ ଶତକ ହାସଲ କରିବା ପରେ ଲୋକମାନେ ବୈଭବଙ୍କ ପ୍ରତିଭାକୁ ଭୂରିଭୂରି ପ୍ରଶଂସା କରୁଛନ୍ତି।

ବିଜେନ୍ଦର ସିଂହ ବୈଭବଙ୍କ ବୟସ ବିଷୟରେ ସୋସିଆଲ ମିଡିଆରେ ପୋଷ୍ଟ କରି ଲେଖିଥିଲେ, "ଭାଇ ଆଜିକାଲି ବୟସ କମ କରି କ୍ରିକେଟ ଖେଳିବା ଆରମ୍ଭ କରିଛନ୍ତି।" ପୋଷ୍ଟରେ ପୂର୍ବତନ ବକ୍ସର ବୈଭବ ସୂର୍ଯ୍ୟବଂଶୀଙ୍କ ନାମ ଉଲ୍ଲେଖ ନଥିଲା କିନ୍ତୁ ଏହା ସ୍ପଷ୍ଟ ଯେ ସେ ତାଙ୍କ ବିଷୟରେ ହିଁ କହୁଥିଲେ। କାରଣ ନିଲାମରେ ରାଜସ୍ଥାନ ରୟାଲ୍ସ ଦ୍ୱାରା ତାଙ୍କୁ କିଣିବା ପରଠାରୁ ବୈଭବ ସୂର୍ଯ୍ୟବଂଶୀଙ୍କ ବୟସ ବିଷୟରେ ପ୍ରଶ୍ନ ଉଠାଯାଉଛି।। ବିଜେନ୍ଦର ସିଂହଙ୍କ ଏଭଳି ପୋଷ୍ଟ ପରେ ଲୋକେ ତାଙ୍କୁ ଟ୍ରୋଲ୍ କରିବା ଆରମ୍ଭ କରିଛନ୍ତି। ସୋସିଆଲ ମିଡିଆ ବ୍ୟବହାରକାରୀ ଟ୍ରୋଲ କରି କହିଛନ୍ତି "ବିଜେନ୍ଦ୍ର, ହୁଏତ ଏହି କାରଣରୁ ତୁମେ ସ୍ୱର୍ଣ୍ଣ ପଦକ ଜିତିପାରିଲ ନାହିଁ। ତୁମେ ନିଜ ଅପେକ୍ଷା ଅନ୍ୟମାନଙ୍କ ପ୍ରତି ଅଧିକ ଧ୍ୟାନ ଦିଅ। ତାହା ମଧ ଏକ ଛୋଟ ପିଲା ପ୍ରତି, ଯିଏ କି ତୁମ କ୍ଷେତ୍ରର ହିଁ ନୁହେଁ। ତୁମେ କେବେ ଏହି କ୍ଷେତ୍ରକୁ ଯାଇପାରିବ ବି ନାହିଁ। ମୋତେ ତୁମର ଚିନ୍ତାଧାରା ଉପରେ ଦୟା ଆସୁଛି।"



## ଚହଲଙ୍କୁ ପ୍ରଶଂସାରେ ପୋତି ପକାଇଲେ ଆରଜେ ମହବେଶ

**ନୂଆଦିଲ୍ଲୀ, ୨।୫:** କୋରିଓଗ୍ରାଫର ଧନଶ୍ରୀ ବର୍ମା ଏବଂ ଭାରତୀୟ କ୍ରିକେଟର ଯୁଜଭେନ୍ଦ୍ର ଚହଲଙ୍କ ଛାଡପତ୍ର ଏବେ ନିଶ୍ଚିତ ହୋଇସାରିଛି। ଆଇପିଏଲ ଆରମ୍ଭ ପୂର୍ବରୁ ଦମ୍ପତିଙ୍କ ଛାଡପତ୍ର ଉପରେ ଚୂଡ଼ାନ୍ତ ରାୟ ଶୁଣାଇଥିଲେ କୋର୍ଟ। ଭରଣପୋଷଣ ବାବଦକୁ ଟଙ୍କା ଦେବା ପରେ ଦମ୍ପତି ଅଲଗା ହୋଇଥିଲେ। ଛାଡ଼ପତ୍ର ପୂର୍ବରୁ ଗତ ବର୍ଷ ଡିସେମ୍ବର ମାସରୁ ଯୁଜଭେନ୍ଦ୍ର ଚହଲଙ୍କ ନାମ ଆରଜେ ମହବେଶଙ୍କ ସହ ଯୋଡାଯାଉଛି। ଆଇସିସି ଚାମ୍ପିଅନ୍ସ ଟ୍ରଫି ସମୟରେ, ଚହଲଙ୍କୁ ତାଙ୍କ ତଥାକଥିତ ପ୍ରେମିକା ଆରଜେ ମହବଶଙ୍କ ସହ ଷ୍ଟାଡିୟମରେ ମ୍ୟାଚ୍ ଦେଖୁଥିବାର ଦେଖାଯାଇଥିଲା, ଯାହା ପରେ ସେମାନଙ୍କ ଡେଟିଂର ଗୁଜବ ଆରମ୍ଭ ହୋଇଥିଲା। ଏହା ପରେ ଆରଜେ, ଅନେକ ଥର ଚହଲଙ୍କ ପ୍ରଶଂସା କରି ଚର୍ଚ୍ଚାକୁ ବଢ଼ାଇଛନ୍ତି। ଏବେ ସେ ପୁଣି ସେଭଳି କିଛି କରିଛନ୍ତି। ଆଇପିଏଲ ୨୦୨୫ର ୪୯ତମ ମ୍ୟାଚ୍‌ରେ, ଯୁଜଭେନ୍ଦ୍ର ଚହଲଙ୍କୁ ପୁଣି ଥରେ ତାଙ୍କର ଜବରଦସ୍ତ ଫର୍ମରେ ଦେଖିବାକୁ ମିଳିଥିଲା। ମ୍ୟାଚ୍ ସମୟରେ ସେ ସିଏସକେ ବିପକ୍ଷରେ ୧୯ତମ ଓଭରରେ ମୋଟ ଚାରୋଟି ୱିକେଟ ନେଇଥିଲେ। କେବଳ ଏତିକି ନୁହେଁ, ସେ ଶେଷ ତିନୋଟି ବଲ୍‌ରେ କ୍ରମାଗତ ତିନୋଟି ସଫଳତା ପାଇ ହ୍ୟାଟ୍ରିକ୍ ମଧ୍ୟ ହାସଲ କରିଥିଲେ, ଯାହା ପରେ ସମସ୍ତେ ତାଙ୍କୁ ପ୍ରଶଂସା କରିବା ଆରମ୍ଭ କରିଛନ୍ତି। ଏହି ସମୟରେ ତାଙ୍କ ତଥାକଥିତ ପ୍ରେମିକା ଆରଜେ ମହବେଶ ମଧ୍ୟ ତାଙ୍କୁ ପ୍ରଶଂସା କରି ତାଙ୍କର ଖୁସି ପ୍ରକାଶ କରିଛନ୍ତି। ତାଙ୍କ ଇନଷ୍ଟାଗ୍ରାମ ଷ୍ଟୋରୀରେ ଚହଲଙ୍କ ପ୍ରଶଂସା କରି ସେ ଲେଖିଛନ୍ତି, 'କ'ଣ ଈଶ୍ୱର ତାଙ୍କ କାମ ଆରମ୍ଭ କଲେଣି ?' ଏହା ବ୍ୟତୀତ, ଅନେକ ଇମୋଜି ବ୍ୟବହାର କରି ସେ ଲେଖିଛନ୍ତି, 'ଯୁଜଭେନ୍ଦ୍ର ଚହଲ, ଜଣେ ଯୋଦ୍ଧାର ଶକ୍ତି।'

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆତ୍ମହତ୍ୟାର...

ସନ୍ଦୀପନ ମିଶ୍ର ଏହି ମାମଲାକୁ ଓଡ଼ିଶା ମାନବାଧିକାର କମିଶନ (ଓଏଚ୍‌ଆର୍‌ସି)କୁ ନେଇଛନ୍ତି। ପୂର୍ବ ମାମଲା ସହ ଓଏଚଆରସିରେ ସେ ଏହାର ବିଚାର ପାଇଁ ମାମଲା ଦାୟର କରିଛନ୍ତି।

ନେପାଳ ବୀରଗଞ୍ଜର ଛାତ୍ରୀ ପ୍ରୀଶା ଶାହା କିଟ୍ ବିଶ୍ୱବିଦ୍ୟାଳୟରେ ବିଟେକ୍ ପ୍ରଥମ ବର୍ଷ ଛାତ୍ରୀ ଥିଲେ। ଗୁରୁବାର ସନ୍ଧ୍ୟା ପ୍ରାୟ ୭ଟା ବେଳେ ହଷ୍ଟେଲ ରୁମରୁ ମୃତଦେହ ଉଦ୍ଧାର ହୋଇଥିଲା। ଖବର ପାଇ ଘଟଣାସ୍ଥଳରେ ଇନ୍‌ଫୋସିଟି ଥାନା ପୁଲିସର ତଦନ୍ତ ଜାରି ରହିଛି । କେଉଁ ପରିସ୍ଥିତିରେ ମୃତ୍ୟୁ ହେଲା ଏଯାଏଁ ଜଣାପଡ଼ି ନାହିଁ। ହତ୍ୟା କି ଆତ୍ମହତ୍ୟା ଏଯାଏଁ ସ୍ପଷ୍ଟ ହୋଇନାହିଁ । ତେବେ ଏହି ଘଟଣାକୁ ନେଇ କିଟ୍ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ପୂର୍ବରୁ ଜଣେ ଛାତ୍ରୀଙ୍କ ହଷ୍ଟେଲରେ ମୃତ୍ୟୁ ହେବାକୁ ନେଇ ରାଜନୀତି ଜୋର ଧରିଥିଲା। ପୂର୍ବ ଘଟଣାକୁ ନେଇ କଂଗ୍ରେସ ତାତିଥିଲା, ଜବାବ ମାଗିଥିଲା ବିଜେପି। ଆଉ ଓଡ଼ିଶାରେ ବି ଦେଖିବାକୁ ମିଳିଥିଲା କିଟ୍ ଛାତ୍ରୀ ମୃତ୍ୟୁ ନିଆଁ । ସରକାର ମଧ୍ୟ ଏକ କମିଟି ଗଠନ କରି ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଉକ୍ତ ତଦନ୍ତ ରିପୋର୍ଟ ସାମ୍ନାକୁ ନଆସୁଣୁ ପୁଣି ଜଣେ ନେପାଳୀ ଛାତ୍ରୀଙ୍କ ଜୀବନ ଯାଇଛି। ତିନି ମାସର ବ୍ୟବଧାନରେ କିଟ୍ ବିଶ୍ୱବିଦ୍ୟାଳୟରେ ପୁଣି ଜଣେ ନେପାଳୀ ଛାତ୍ରୀଙ୍କ ମୃତ୍ୟୁ ଏବେ ସାରା ରାଜ୍ୟରେ ହଇଚଇ ସୃଷ୍ଟି କରିଛି। ଘରଦ୍ୱାର, ଦେଶ ଛାଡି କିଟ୍‌କୁ ପାଠ ପଢ଼ିବାକୁ ଆସୁଥିବା ଜଣକ ପରେ ଜଣେ ଛାତ୍ରୀଙ୍କ ଜୀବନ କାହିଁକି ଅକାଳରେ ଚାଲିଯାଉଛି ତାହାର ନିରପେକ୍ଷ ତଦନ୍ତ ପାଇଁ ଦାବି ହେଉଥିବା ବେଳେ ଏହାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ। ସେ କହିଛନ୍ତି, କିଟ୍‌ରେ ଛାତ୍ରୀ ମୃତ୍ୟୁ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ପୁଲିସ ଯାହା କରିବା କଥା କରୁଛି। ବିଭାଗ ମଧ୍ୟ ପଦକ୍ଷେପ ନେବା ଆରମ୍ଭ କରିଛି। ମାମଲାର ପ୍ରାଥମିକ ତଦନ୍ତ ପରେ ହିଁ କୌଣସି କାର୍ଯ୍ୟାନୁଷ୍ଠାନ ଉପରେ ସରକାର ବିଚାର କରିବେ ଶ୍ରୀ ହରିଚନ୍ଦନ କହିଛନ୍ତି।

ଅନ୍ୟପକ୍ଷରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟ କିଟ୍ ଛାତ୍ରୀ ମୃତ୍ୟୁକୁ ନେଇ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ ଯୁବପିଢ଼ି ଆତ୍ମହତ୍ୟା ଆଡ଼କୁ ଯିବା ଚିନ୍ତାର ବିଷୟ। କିଟ୍ ଘଟଣାରେ ରାଜ୍ୟ ସରକାର ଅନୁଧ୍ୟାନ କରୁଛନ୍ତି । ପିଲାଙ୍କ ଉପରେ ବିଶେଷ ଭାବେ ପରୀକ୍ଷା ଚାପ ରହୁଛି। ଛାତ୍ରଛାତ୍ରୀମାନେ ଚାପମୁକ୍ତ ରହିବା ଆବଶ୍ୟକ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ଶେଷ କରିବାକୁ ସରକାର ଆଗାମୀ ଦିନରେ ପଦକ୍ଷେପ ନେବେ। ଅନ୍ୟପଟେ କିଟ୍‌ରେ ନେପାଳୀ ଛାତ୍ରୀଙ୍କ ମୃତ୍ୟୁ ମାମଲା ସମ୍ପର୍କରେ ରାଜ୍ୟ ସରକାର ଅବଗତ ଅଛନ୍ତି। ରାଜ୍ୟ ସରକାର ଛାତ୍ରୀଙ୍କ ପରିବାର ଲୋକଙ୍କୁ ସମସ୍ତ ପ୍ରକାର ସହାୟତା କରିବେ ବୋଲି କହିଛନ୍ତି। ଏଥିସହ ଘଟଣାର ସତ୍ୟତା ଜାଣିବା ପାଇଁ ତଦନ୍ତ ହେଉଥିବା କଥା ବି ଜଣାଇଛନ୍ତି। ଅନ୍ୟପକ୍ଷରେ ଗତକାଲି ରାତି ପ୍ରାୟ ୮ଟା ୧୦ରେ କିଟ୍ କ୍ୟାମ୍ପସରେ ଛାତ୍ରୀଙ୍କ ମୃତ୍ୟୁ ନେଇ ଇନଫୋସିଟି ଥାନା ସୂଚନା ପାଇଥିଲା । ଏନେଇ ଛାତ୍ରୀଙ୍କ ପରିବାର ଲୋକଙ୍କୁ ସୂଚନା ଦିଆଯାଇଥିଲା । ଆଜିରେ ଛାତ୍ରୀଙ୍କ ବାପାମାଆ ଭୁବନେଶ୍ୱରରେ ପହଞ୍ଚି ଏମସ ଯାଇଥିବା ଜଣାପଡିଛି।

## ଓକିଲଙ୍କ...

ଓକିଲଙ୍କୁ ସାଙ୍ଗରେ ନେଇ ଆସିଥିବା ଦର୍ଶାଇବା ମାତ୍ରେ କାହିଁକି ସାଙ୍ଗରେ ଓକିଲ ଆଣିଲ ବୋଲି କହି ଚାପୁଡା ପରେ ଚାପୁଡା ମାରି ଚାଲିଥିଲେ। ଏପରିକି ଓକିଲ ଶ୍ରୀ ଦାସଙ୍କଠାରୁ ମୋବାଇଲ୍ ନେଇଯାଇଥିଲେ ମଧ୍ୟ ପରେ ଫେରାଇଦେଇଥିଲେ। ଶ୍ରୀ ସାହୁ ନିଜ ଅଭିଯୋଗରେ ଏହା ଦର୍ଶାଇବା ସହିତ ସିବିଆଇ ଅଧିକାରୀ ଟେଲିଫୋନ୍ ଯୋଗେ ତାଙ୍କ ସ୍ତ୍ରୀଙ୍କୁ ମଧ୍ୟ ଅଶ୍ଳୀଳ ଭାଷାରେ ଗାଲିଗୁଲଜ କରିଥିବା ଉଲ୍ଲେଖ କରିଛନ୍ତି। ତେବେ ଆଇନ୍‌ଜୀବୀ ଶ୍ରୀ ସାହୁ କହିଛନ୍ତି ଯେ ଯେଉଁ ମାମଲାରେ ସିବିଆଇ ପକ୍ଷରୁ ଭଦ୍ରକର ହିମାଂଶୁ ସାହୁଙ୍କୁ ସିବିଆଇ ଡାକି ଚାପୁଡା ମାରିଛି, ସେହି ମାମଲାର ଚାର୍ଜସିଟ୍ ଦାଖଲ ସରିଛି। ଚାର୍ଜସିଟ୍ ଦାଖଲ ସରିଥିବା ମାମଲାରେ ଆରୋପୀଙ୍କୁ ଡାକି ମାଡି ମାରିବା ଏହା ବୋଧହୁଏ ପ୍ରଥମ ଘଟଣା । ତେବେ ଏହି ଚର୍ଚ୍ଚିତ ଘଟଣାର ତଦନ୍ତ ଚାଲିଥିବା ବେଳେ ତଦନ୍ତକାରୀ ଅଧିକାରୀଙ୍କ ବିରୁଦ୍ଧରେ ସିବିଆଇ ଅଦାଲତରେ ମାମଲା ରୁଜୁ ହେବା ଘଟଣା ଆହୁରି ଚର୍ଚ୍ଚାର ବିଷୟ ପାଲଟିଛି।

## ସଫଳତା...

ଲକ୍ଷ ୪୬ ହଜାର ୧୫୪ ଜଣ, ଇ' ଗ୍ରେଡ୍‌ରେ ୬୭୦୧୩ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ମଧ୍ୟମାରେ ୨୯୧୭ ଜଣ ପରୀକ୍ଷା ଦେଇଥିବା ବେଳେ ୮୫.୭୯ ପ୍ରତିଶତ ଅର୍ଥାତ୍ ୨୮୬୮ ଜଣ ପାସ୍ କରିଛନ୍ତି। ଏହାଛଡ଼ା ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା (ଏସ୍‌ଓସିଏସ୍)ରେ ୫୫୯୧ ଜଣ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୭୪.୭୮ ପ୍ରତିଶତ ଅର୍ଥାତ୍ ୪୧୮୧ ଜଣ କୃତକାର୍ଯ୍ୟ ହୋଇଛନ୍ତି।

ଜିଲ୍ଲାଗୁଡ଼ିକ ମଧ୍ୟରେ ଗଜପତି ଜିଲ୍ଲାରେ ସର୍ବାଧିକ ୯୯.୩୫ ପ୍ରତିଶତ ପାସ୍ କରିଥିବା ବେଳେ କୋରାପୁଟରେ ସର୍ବନିମ୍ନ ୯୨.୮୩ ପ୍ରତିଶତ ପାସ୍ ହୋଇଛନ୍ତି। ସେହିଭଳି କଟକରେ ଏହା ୯୭.୬୮ ପ୍ରତିଶତ, ଜଗତସିଂହପୁରରେ ୯୭.୦୯ ପ୍ରତିଶତ, ଯାଜପୁରରେ ୯୫.୦୪ ପ୍ରତିଶତ, କେନ୍ଦ୍ରାପଡ଼ାରେ ୯୬.୪୧ ପ୍ରତିଶତ, ରାୟଗଡାରେ ୯୭.୩୩ ପ୍ରତିଶତ, ମାଲକାନଗିରିରେ ୯୬.୪୧ ପ୍ରତିଶତ, ନବରଙ୍ଗପୁରରେ ୯୫.୧୭ ପ୍ରତିଶତ ରହିଛି। ଆହୁରି ଅନଗୁଳରେ ୯୫.୮୮ ପ୍ରତିଶତ, ଢେଙ୍କାନାଳରେ ୯୩.୭୧ ପ୍ରତିଶତ, ପୁରୀରେ ୯୭.୧୭ ପ୍ରତିଶତ, ଖୋର୍ଦ୍ଧାରେ ୯୭.୩୧ ପ୍ରତିଶତ, ନୟାଗଡ଼ରେ ୯୬.୯୧ ପ୍ରତିଶତ, ବାଲେଶ୍ୱରରେ ୯୭.୫୬ ପ୍ରତିଶତ, ଭଦ୍ରକରେ ୯୫.୬୭ ପ୍ରତିଶତ, କେନ୍ଦୁଝରରେ ୯୪.୩୦ ପ୍ରତିଶତ, ମୟୂରଭଞ୍ଜରେ ୯୬.୯୯ ପ୍ରତିଶତ, ଗଞ୍ଜାମରେ ୯୮.୧୦ ପ୍ରତିଶତ, ବୌଦ୍ଧରେ ୯୭.୪୧ ପ୍ରତିଶତ, କନ୍ଧମାଳରେ ୯୭.୪୫ ପ୍ରତିଶତ, କଳାହାଣ୍ଡିରେ ୯୫.୨୨ ପ୍ରତିଶତ, ନୂଆପଡାରେ ୯୭.୦୫%, ବରଗଡ଼ରେ ୯୭.୦୯ ପ୍ରତିଶତ, ସମ୍ବଲପୁରରେ ୯୭.୨୬ ପ୍ରତିଶତ, ଦେବଗଡ଼ରେ ୯୬.୧୭ ପ୍ରତିଶତ, ଝାରସୁଗୁଡାରେ ୯୭.୮୭ ପ୍ରତିଶତ, ବଲାଙ୍ଗୀରରେ ୯୫.୪୮ ପ୍ରତିଶତ, ସୋନପୁରରେ ୯୬.୨୨ ପ୍ରତିଶତ ଓ ସୁନ୍ଦରଗଡ଼ରେ ୯୭.୬୧ ପ୍ରତିଶତ ଛାତ୍ରଛାତ୍ରୀ ପାସ୍ କରିଛନ୍ତି।

ଅନ୍‌ଲାଇନ୍‌ରେ ପରୀକ୍ଷାଫଳ ଆସନ୍ତା ୯ ତାରିଖ ଯାଏଁ ଉପଲବ୍ଧ ହେବ। ଏଥିସହ ଆସନ୍ତା ୭୨ ଘଣ୍ଟା ମଧ୍ୟରେ ଛାତ୍ରଛାତ୍ରୀମାନେ ୱେବସାଇଟ୍ https://bsedigicertificate.odisha.gov.in/ ମାଧ୍ୟମରେ ଡିଜିଟାଲ୍ ମାଟ୍ରିକ୍ ପ୍ରମାଣପତ୍ର ପାଇପାରିବେ। ଏଥିସହ ହ୍ୱାଟ୍ସଆପ ନମ୍ବର ୭୭୧୦୦-୫୮୧୯୨ ମାଧ୍ୟମରେ ମଧ୍ୟ ଏହା ମିଳିପାରିବ। ସେହିପରି ଯେଉଁ ଛାତ୍ରଛାତ୍ରୀମାନେ ନିଜ ନମ୍ବରରେ ସନ୍ତୁଷ୍ଟ ନାହାନ୍ତି, ସେମାନେ ଆସନ୍ତା ୫ରୁ ୧୬ ତାରିଖ ଖାତା ଯାଞ୍ଚ୍ ପାଇଁ ଆବେଦନ କରିପାରିବେ। ଏହାଛଡ଼ା ଆସନ୍ତା ୧୪ରୁ ସପ୍ଲିମେଣ୍ଟାରୀ ପରୀକ୍ଷା ପାଇଁ ଛାତ୍ରଛାତ୍ରୀମାନେ www.bseodisha.ac.inରେ ଆବେଦନ କରିପାରିବେ ବୋଲି ଉଚ୍ଚ ମାଧ୍ୟମିକ ପରିଷଦ (ବିଏସ୍‌ଇ) ପକ୍ଷରୁ କୁହାଯାଇଛି।

## ୧୦ରେ ...

ସମ୍ବଲପୁରରେ ପହଞ୍ଚି ଶ୍ରୀ ଶାହ ମା' ସମଲେଶ୍ୱରୀଙ୍କ ଦର୍ଶନ କରିବା ସହ ଏକାଧିକ ପ୍ରକଳ୍ପର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ପରେ ସେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରି ସ୍ଥାନୀୟ ଜନତା ମଇଦାନଠାରେ ଆୟୋଜିତ ହେବାକୁ ଥିବା ଏକ ସାଧାରଣ ସଭାରେ ଯୋଗଦେବେ ବୋଲି ଶ୍ରୀ ସାମଲ କହିଛନ୍ତି।

## ଯୁଦ୍ଧ ଶଙ୍କା ...

ସୃଷ୍ଟି କରିଛନ୍ତି। ଏହାଛଡ଼ା ନିୟନ୍ତ୍ରଣ ରେଖା ସହ ଜଡ଼ିତ ରାସ୍ତାଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ମଧ୍ୟ ସରକାରୀ ଓ ଘରୋଇ କମ୍ପାନୀମାନଙ୍କୁ ଆବଶ୍ୟକ ସରଞ୍ଜାମ ପ୍ରସ୍ତୁତ ରଖିବା ସକାଶେ ମଧ୍ୟ ଅନଓ୍ୱର୍ ନିର୍ଦ୍ଦେଶ ଦେଇଥିବା ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି।

## ସ୍କାନରରେ...

ଆଲର୍ଟ ଜାରି କରାଯାଇଛି। ରାଜ୍ୟର ୭ଟି ସମ୍ବେଦନଶୀଳ ଅଞ୍ଚଳକୁ ଚିହ୍ନଟ କରାଯାଇ ସେଠାରେ କଡ଼ା ନିରୀକ୍ଷଣ ଜାରି ରହିଛି। ଓଡ଼ିଶା ସୀମାନ୍ତବର୍ତ୍ତୀ ଜଳପଥ ସମେତ ଅନ୍ୟ ସୀମାନ୍ତ ଅଞ୍ଚଳରେ ଅନୁପ୍ରବେଶକାରୀଙ୍କୁ ରୋକିବା ପାଇଁ ପୁଲିସ ଓ ଅନ୍ୟାନ୍ୟ ସୁରକ୍ଷା ବାହିନୀ କଡ଼ା ଯାଞ୍ଚ୍ ଆରମ୍ଭ କରିଛନ୍ତି। ମିଳିଥିବା ସୂଚନାନୁସାରେ, ପୁରୀ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତସିଂହପୁର, ମୟୂରଭଞ୍ଜ ଓ ଗଞ୍ଜାମ ଜିଲ୍ଲାର କେତେକ ଅଞ୍ଚଳକୁ ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି। ଏହି ଅଞ୍ଚଳଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡି କରାଯାଇଛି। ସୀମାନ୍ତ ଅଞ୍ଚଳରେ ଥିବା ଜଳପଥ ଓ ସ୍ଥଳପଥରେ ସନ୍ଦିଗ୍ଧଙ୍କ ଗତିବିଧି ଉପରେ ମଧ୍ୟ ନଜର ରଖାଯାଉଛି। ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ମଧ୍ୟ ସୁରକ୍ଷା ବାହିନୀ ପେଟ୍ରୋଲିଂକୁ ବଢ଼ାଇ ଦେଇଛି।

## ମହାପ୍ରଭୁଙ୍କ...

କରାଇଥିଲେ ବୋଲି କହିଛନ୍ତି ରାମକୃଷ୍ଣ । ପଶ୍ଚିମବଙ୍ଗର ଦୀଘାରେ ପୁରୀ ଜଗନ୍ନାଥ ମନ୍ଦିର ଭଳି ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ ମମତାଙ୍କ ଏହି ନିଷ୍ପତ୍ତି ନେଇ ଓଡ଼ିଶାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଚାରିଧାମ ଭିତରେ ପୁରୀର ପ୍ରସିଦ୍ଧ ଜଗନ୍ନାଥ ମନ୍ଦିର ଅନ୍ୟତମ। ଏଠାରେ ଦାରୁବ୍ରହ୍ମ ପୂଜା ପାଉଛନ୍ତି। ତେଣୁ ଦୀଘାରେ ଏଭଳି ମନ୍ଦିର କରି ମମତା ବାନାର୍ଜୀ କି ସନ୍ଦେଶ ଦେବାକୁ ଚାହୁଁଛନ୍ତି? ପୁରୀର ମର୍ଯ୍ୟାଦା କମାଇବାକୁ ଷଡ଼ଯନ୍ତ୍ର ହେଉଛି କି? ଏନେଇ ଜଗନ୍ନାଥପ୍ରେମୀ ପ୍ରଶ୍ନ କରିଛନ୍ତି। ଦୀଘାରେ ଜଗନ୍ନାଥ ମନ୍ଦିର ହେବା ଖୁସିର କଥା। କିନ୍ତୁ ଦୀଘା ମନ୍ଦିରରେ ଲେଖାଯାଇଛି ଜଗନ୍ନାଥ ଧାମ। ତେଣୁ ଜଗନ୍ନାଥ ଧାମ ନାମକରଣ କରିବା ଓ ପଥର ମୂର୍ତ୍ତିରେ ବ୍ରହ୍ମ ସ୍ଥାପନକୁ ପୁରୀ ସେବାୟତ ତୀବ୍ର ବିରୋଧ କରିଛନ୍ତି। ପୁରୀର କିଛି ଦଇତାପତି ସେବାୟତ ପ୍ରତିଷ୍ଠା ଉତ୍ସବରେ ସାମିଲ ହେବା ବିବାଦକୁ ବଢ଼ାଇଛି ।

ଦୀଘା ଜଗନ୍ନାଥ ମନ୍ଦିର ଏବେ ପୁରୀର ପର୍ଯ୍ୟଟନ ପାଇଁ ବଡ଼ ବିପଦ ସୃଷ୍ଟି କରିବାର ଆଶଙ୍କା ପ୍ରକାଶ ପାଇଛି। ବଙ୍ଗାଳୀ ପର୍ଯ୍ୟଟକଙ୍କ ଉପରେ ନିର୍ଭରଶୀଳ ପୁରୀର ପର୍ଯ୍ୟଟନ ଶିଳ୍ପ ଦୀଘା ଜଗନ୍ନାଥ ମନ୍ଦିର ଯୋଗୁଁ ପ୍ରଭାବିତ ହୋଇପାରେ। କାରଣ ଶ୍ରୀକ୍ଷେତ୍ରକୁ ଆସୁଥିବା ଦେଶୀୟ ପର୍ଯ୍ୟଟକଙ୍କ ମଧ୍ୟରେ ବଙ୍ଗାଳୀଙ୍କ ସଂଖ୍ୟା ଅଧିକ। ଅନ୍ୟପକ୍ଷରେ ଦୀଘା ଜଗନ୍ନାଥ ମନ୍ଦିର ଏକ ଦର୍ଶନୀୟ ଓ ପର୍ଯ୍ୟଟନସ୍ଥଳୀ ହୋଇପାରେ। କିନ୍ତୁ ଜଗନ୍ନାଥ ଧାମ ହୋଇନପାରେ ବୋଲି ଅନେକ ଜଗନ୍ନାଥପ୍ରେମୀ କହିଛନ୍ତି। ଏହି ବିବାଦରେ ହସ୍ତକ୍ଷେପ କରିବାକୁ ଶ୍ରୀମନ୍ଦିର ପରିଚାଳନା କମିଟିର ପୂର୍ବତନ ସଦସ୍ୟ ସୁଦର୍ଶନ ପଟ୍ଟନାୟକ ସରକାରଙ୍କୁ ଚିଠି ଲେଖିଛନ୍ତି।

ବିଜେଡି ସରକାର ପୁରୀରେ ଅତିଥି ଭବନ ନିର୍ମାଣ ପାଇଁ ମମତା ବାନାର୍ଜୀଙ୍କୁ ୫ ଏକର ଜମି ଦେଇଥିଲେ। କିନ୍ତୁ ମମତା ଅତିଥି ଭବନ ବଦଳରେ ଦୀଘା ମନ୍ଦିର ନିର୍ମାଣରେ ବ୍ୟସ୍ତ ରହିଲେ। ଏବେ ଦୀଘା ଜଗନ୍ନାଥ ମନ୍ଦିର ସମ୍ପର୍କରେ ପଶ୍ଚିମବଙ୍ଗ ସରକାର ଜୋରଦାର ପ୍ରଚାର ପ୍ରସାର କରୁଛନ୍ତି। ଦୀଘାରେ ମନ୍ଦିର ହେଲେ ପୁରୀ ଉପରେ କି ପ୍ରଭାବ ପଡ଼ିବ, ତା' ଆଗାମୀ ସମୟରେ ଜଣାପଡ଼ିବ।

## ୩୯୦୦...

ନେତୃତ୍ୱରେ ଓଡ଼ିଶା ସରକାର ୧୩୬ତମ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସଏଲଏସଡବ୍ଲୁଏ) ବୈଠକରେ ୩୮୯୮.୫୪ କୋଟି ଟଙ୍କାର ୧୯ଟି ନିବେଶ ପ୍ରକଳ୍ପକୁ ଅନୁମୋଦନ କରି ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଜାରି ରଖିଛନ୍ତି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ଅନୁମୋଦନ ହୋଇଥିବା ପ୍ରସ୍ତାବଗୁଡ଼ିକରେ ରାଜ୍ୟରେ ୭, ୪୬୪ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏହି ମଂଜୁରୀପ୍ରାପ୍ତ ପ୍ରସ୍ତାବଗୁଡ଼ିକ ଇସ୍ପାତ, ଲୌହ ଓ ଫେରୋ ଆଲଏଜ୍, ଶିଳ୍ପ-ଗ୍ୟାସ୍, ଲଜିଷ୍ଟିକ୍ସ, ଖାଦ୍ୟ ଓ ପାନୀୟ, କୃଷି ପ୍ରକ୍ରିୟାକରଣ, ପର୍ଯ୍ୟଟନ ଓ ଆତିଥେୟତା, ରାସାୟନିକ ପଦାର୍ଥ, ଧାତୁ, ପୋଷାକ ଓ ଟେକ୍ସଟାଇଲ୍ ଭଳି ବିଭିନ୍ନ ପ୍ରଭାବୀ କ୍ଷେତ୍ରରେ ଅନ୍ତର୍ଭୁକ୍ତ। ଏହି ଅନୁମୋଦନ ଭାରତର ଅନ୍ୟତମ ଆକର୍ଷଣୀୟ ନିବେଶ ସ୍ଥଳ ଭାବେ ଓଡ଼ିଶାର ସ୍ଥିତିକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଇଛି। ଏହି ପ୍ରସ୍ତାବଗୁଡ଼ିକ ଅନୁଗୋଳ, ବାଲେଶ୍ୱର, କଟକ, ଢେଙ୍କାନାଳ, ଗଞ୍ଜାମ, ଯାଜପୁର, କେନ୍ଦୁଝର, ଖୋର୍ଦ୍ଧା, କୋରାପୁଟ, ସମ୍ବଲପୁର ଓ ସୁନ୍ଦରଗଡ଼ ଆଦି ୧୧ଟି ଜିଲ୍ଲାରେ କାର୍ଯ୍ୟକାରୀ ହେବ।

ମୁଖ୍ୟମନ୍ତ୍ରୀ ୨୦୩୬ ସୁଦ୍ଧା 'ସମୃଦ୍ଧ ଓଡ଼ିଶା'ର ସ୍ୱପ୍ନ ହାସଲ କରିବାକୁ ଲକ୍ଷ୍ୟ ରଖିଥିବା ବେଳେ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧତାର ସହ ସାମଗ୍ରିକ ଶିଳ୍ପାୟନ ଉପରେ ସ୍ପଷ୍ଟ ଧ୍ୟାନ ଦେଉଛନ୍ତି। ରାଜ୍ୟ ଉଭୟ ଜାତୀୟ ଓ ବୈଶ୍ୱିକ ନିବେଶକଙ୍କ ପାଇଁ ଏକ ପସନ୍ଦର ସ୍ଥାନ ଭାବେ ଦ୍ରୁତ ଗତିରେ ଉଭା ହେଉଛି। ଉତ୍କର୍ଷ ଓଡ଼ିଶା ୨୦୨୫ର ବିପୁଳ ସଫଳତା ଏହି ବଢୁଥିବା ଆତ୍ମବିଶ୍ୱାସର ପ୍ରମାଣ। ପ୍ରତ୍ୟେକ ନୂତନ ନିବେଶ କେବଳ ପୁଞ୍ଜି ଏବଂ ପ୍ରଯୁକ୍ତିବିଦ୍ୟା ଆଣେ ନାହିଁ ବରଂ ଅର୍ଥପୂର୍ଣ୍ଣ ନିଯୁକ୍ତି ଏବଂ ସନ୍ତୁଳିତ ଆଞ୍ଚଳିକ ବିକାଶରେ ପରିଣତ ହୁଏ। ଓଡ଼ିଶା ଏକ ଆତ୍ମନିର୍ଭରଶୀଳ, ଶିଳ୍ପଭିତ୍ତିକ ଦ୍ରୁତ ଅଗ୍ରଗତିଶୀଳ ରାଜ୍ୟରେ ପରିଣତ ହେବା ଦିଗରେ ଗତି କରୁଛି ଏବଂ ଅର୍ଥନୈତିକ ପରିବର୍ତ୍ତନ ଦିଗରେ ଭାରତର ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉଛି।

# ସାରସ୍ୱତ ତୀର୍ଥକ୍ଷେତ୍ରର ମାନ୍ୟତା ପାଇଲା ବାଜପୁର

## ସ୍ୱାଧୀନତା ସଂଗ୍ରାମୀଙ୍କ ଗାଁରେ ପହଞ୍ଚିଲା 'ଅଖିଳଚକ୍ର-ଓଡ଼ିଶା'

**ଖୋର୍ଦ୍ଧା, ୨୧୫ (ସଂଚାର ବ୍ୟୁରୋ) :** ଯାଜପୁର ଅଞ୍ଚଳର ଲବ୍ଧପ୍ରତିଷ୍ଠିତ 'ଅଖିଳଚକ୍ର-ଓଡ଼ିଶା' ପକ୍ଷରୁ ଖୋର୍ଦ୍ଧା ପଞ୍ଚାୟତ ସମିତି ଅନ୍ତର୍ଗତ ବାଜପୁର ଗ୍ରାମକୁ ଶୁକ୍ରବାର 'ସାରସ୍ୱତ ତୀର୍ଥକ୍ଷେତ୍ର' ମାନ୍ୟତା ପ୍ରଦାନ କରାଯାଇଛି। ମହାନ୍ ସ୍ୱାଧୀନତା ସଂଗ୍ରାମୀ, କବିଗୌରବ ପଣ୍ଡିତ ନାରାୟଣ ମିଶ୍ରଙ୍କ ୫୭ ତମ ବଳିଦାନ ଦିବସ ଅବସରରେ ଆୟୋଜିତ ସମାରୋହରେ ଏହି ମାନ୍ୟତା ପ୍ରଦାନ କରାଯାଇଛି। ଫଳରେ ଏଥିନେଇ ପଞ୍ଚାୟତବାସୀଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି।

ପ୍ରାରମ୍ଭରେ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ମିଶ୍ରଙ୍କ ଜନ୍ମପୀଠ 'ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ'ରେ 'ସାରସ୍ୱତ ତୀର୍ଥକ୍ଷେତ୍ର' ଫଳକ ଅଖିଳଚକ୍ର-ଓଡ଼ିଶାର ସଭାପତି ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର ଓ ପୁଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ସମ୍ପାଦକ ହରେକୃଷ୍ଣ ପଣ୍ଡା ଅନାବରଣ କରାଯାଇଥିଲା। ପରେ ପଣ୍ଡିତ ମିଶ୍ରଙ୍କ ବ୍ୟବହୃତ ଘଣ୍ଟା, ଖଟୁଳି, କଠଉ, ଖଟ ଆଦିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ



ପଣ୍ଡିତ ମିଶ୍ର ଓ ଶିକ୍ଷକ ରତ୍ନ ଲକ୍ଷ୍ମୀନାରାୟଣ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବାଜପୁର ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ଥାପନ କରାଯାଇଥିବା ଆଜାଦି କା ଅମୃତ ମହୋତ୍ସବ ସ୍ମୃତି ଫଳକରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ଏହି ପରିପ୍ରେକ୍ଷୀରେ ବାଜପୁର ଯୁବକ ସଂଘ ପରିସରରେ ଆୟୋଜିତ ସଭାରେ ମୁଖ୍ୟଅତିଥି ରୂପେ ଆକାଶବାଣୀ ଗୀତିକାର ବସନ୍ତ ଦାସ, ମୁଖ୍ୟବକ୍ତା ରୂପେ ଗୌରାଙ୍ଗ ସ୍ୱାଇଁ, ସମ୍ମାନିତ ବକ୍ତା ରୂପେ ସଂଗ୍ରାମୀ ନାରାୟଣ ସ୍ମୃତି ପରିଷଦର ଟ୍ରଷ୍ଟି ଡ଼.ଧୀରେନ୍ଦ୍ର ନନ୍ଦ ଓ ସମ୍ମାନିତ ଅତିଥି ରୂପେ ରବୀନ୍ଦ୍ର ପରିଡ଼ା, ସମାଜସେବୀ ଅକ୍ଷୟ କୁମାର ଦାଶ ଓ ସୁକାନ୍ତି ପଟ୍ଟନାୟକ ଏବଂ ନିରାକାର ଦାସ ପ୍ରମୁଖ ଯୋଗଦେଇ ସାରସ୍ୱତ ତୀର୍ଥକ୍ଷେତ୍ରର ମାନ୍ୟତା କାହିଁକି ବାଜପୁରକୁ ପ୍ରଦାନ କରାଗଲା, ତା ଉପରେ ଆଲୋଚନା କରିଥିଲେ। ବିଜେପି ନେତା ରାଜୀବ ଷଡ଼ଙ୍ଗୀ ବାଜପୁରରେ ଏକ ଐତିହାସିକ ତୋରଣ ପ୍ରତିଷ୍ଠା କରାଯିବାକୁ ଦାବି କରିଥିଲେ।

**ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶିତ**

# କିସ୍‌ର ଶତପ୍ରତିଶତ ସଫଳତା



**ଭୁବନେଶ୍ୱର, ୨୧୫ (ସଂଚାର ବ୍ୟୁରୋ) :** ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ସମଗ୍ର ଓଡ଼ିଶାରେ ପାସ୍ ହାର ୯୪.୯୩% ରହିଥିବା ବେଳେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍‌ସେସ୍ (କିସ୍)ର ଫଳାଫଳ ଶତ ପ୍ରତିଶତ ହୋଇଛି। କିସ୍ ଆରମ୍ଭରୁ ଲଗାତାର ୧୮ବର୍ଷ ଧରି ଏହାର ଛାତ୍ରଛାତ୍ରୀମାନେ ମାଟ୍ରିକ୍ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ହାସଲ କରିଆସୁଛନ୍ତି। ଚଳିତ ବର୍ଷ ସ୍କୁଲର ମୋଟ ୧୯୦୦ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୪୧ପ୍ରତିଶତ ଛାତ୍ରଛାତ୍ରୀ ୬୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ବେଳେ ବାକି ଛାତ୍ରଛାତ୍ରୀ ୫୦ ପ୍ରତିଶତରୁ ଅଧିକ ନମ୍ବର ରଖି ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କିସ୍ ଛାତ୍ରୀ ଖିରାଣୀ ମାଝୀ ସର୍ବାଧିକ ୫୬୦ ନମ୍ବର ରଖି ସ୍କୁଲ୍ ଟପ୍‌ପର ହୋଇଛନ୍ତି। ଏହା ସହିତ କିସ୍‌ର ସଉରା, ବଣ୍ଡା, ଜୁଆଙ୍ଗ, ଖଡ଼ିଆ, ଲୋଧା, ପାଉଡ଼ି ଭୂୟାଁ ଆଦି ଅତି ଦୁର୍ବଳ ଜନଜାତି ବର୍ଗର ୨୦୧ଜଣ ଛାତ୍ରଛାତ୍ରୀ ମଧ୍ୟ ଏଥର ଭଲ ପ୍ରଦର୍ଶନ କରିଛନ୍ତି।

ଖୁସିର କଥା ଚଳିତବର୍ଷ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ ରାଜ୍ୟରୁ ଆସି କିସ୍‌ରେ ପଢୁଥିବା ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷାରେ ଭଲ ନମ୍ବର ରଖି ସଫଳତା ହାସଲ କରିଛନ୍ତି। କିସ୍ ଫଳାଫଳ ନେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆନନ୍ଦ ପ୍ରକାଶ କରିବା ସହ ମାଟ୍ରିକ୍ ପରୀକ୍ଷାରେ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଶ୍ରୀ ସାମନ୍ତ କହିଛନ୍ତି, କିସ୍‌ର ଏହି ଛାତ୍ରଛାତ୍ରୀମାନେ ହେଉଛନ୍ତି ଶିକ୍ଷା କ୍ଷେତ୍ରରେ ସେମାନଙ୍କ ବଂଶର ପ୍ରଥମ ପିଢ଼ି। କିସ୍ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନିଷ୍ଠା ଓ ସମୟକୁ ସମୟ ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ ଏବଂ ଛାତ୍ରଛାତ୍ରୀମାନଙ୍କ ଅକ୍ଳାନ୍ତ ପରିଶ୍ରମ ସେମାନଙ୍କ ମୂଳଦୁଆକୁ ଦୃଢ଼ କରିପାରିଛି। ସେଥିପାଇଁ ପ୍ରତିବର୍ଷ କିସ୍ ଏହି ସଫଳତା ପାଇପାରୁଛି ବୋଲି ଶ୍ରୀ ସାମନ୍ତ କହିଛନ୍ତି। ଏଥିପାଇଁ ଶ୍ରୀ ସାମନ୍ତ କିସ୍‌ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ନୂତନ ବ୍ଲକ ଶିକ୍ଷାଧିକାରୀଙ୍କ ଯୋଗଦାନ



**ନାଉଗାଁ, ୨୧୫ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ନୂତନ ବ୍ଲକ ଶିକ୍ଷାଧିକାରୀ ଭାବେ ଉମେଶ ଚନ୍ଦ୍ର ରାଉତ ଗୁରୁବାର ଯୋଗଦାନ କରିଛନ୍ତି। ସେ କାର୍ଯ୍ୟାଳୟରେ ପହଞ୍ଚି ଭାରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ କୈଳାଶ ଚନ୍ଦ୍ର ପାଢ଼ୀଙ୍କ ଠାରୁ ଦାୟିତ୍ୱଗ୍ରହଣ କରିଥିଲେ। ଦାୟିତ୍ୱ ଗ୍ରହଣ କରିବା ପରେ ତାଙ୍କୁ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ଶିକ୍ଷକ ନେତା, ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଭେଟି ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସ୍ୱାଗତ କରିଥିଲେ। ଶ୍ରୀ ରାଉତ ପୂର୍ବରୁ ନାଉଗାଁ ବ୍ଲକର ଏରେଡାସ୍ଥିତ ପଞ୍ଚାୟତିରାଜ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ ଦାୟିତ୍ୱ ତୁଲାଉଥିଲେ।

# ମାଟ୍ରିକ ପରୀକ୍ଷାରେ ୯୭.୩୧ ପ୍ରତିଶତ ଛାତ୍ରଛାତ୍ରୀ କୃତକାର୍ଯ୍ୟ

**ଖୋର୍ଦ୍ଧା, ୨୧୫ (ସଂଚାର ବ୍ୟୁରୋ):** ଆଜି ମାଟ୍ରିକ ତଥା ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶିତ ହୋଇଛି । ତେବେ ଜିଲ୍ଲାରେ ପାସ ହାର ୯୭.୩୧ ପ୍ରତିଶତ ରହିଛି । ଏ ୧ ଗ୍ରେଡ୍‌ରେ ଚଳିତ ଥର ଭଲ ପ୍ରଦର୍ଶନ ହୋଇନାହିଁ। ଚଳିତ ବର୍ଷ କେବଳ ୧୭୫ ଜଣ ଏ-୧ ପାଇଛନ୍ତି । ୭୯୨ ଜଣ ଏ-୨ ଗ୍ରେଡ୍ର ପାସ୍ କରିଛନ୍ତି ବୋଲି ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି । ସେହିପରି ବି-୧ ରେ ୨୨୪୭, ବି-୨ ରେ ୪୭୮୦, ସି ଗ୍ରେଡ୍ର ୭୨୦୦, ଡି ଗ୍ରେଡରେ ୭୧୮୪, ଇ ଗ୍ରେଡରେ ୩୫୮୧ ଜଣ ପାସ୍ କରିଥିବା ବେଳେ ୭୧୮ ଜଣ ଏଫ୍ ଗ୍ରେଡ୍ ପାଇଛନ୍ତି ।

# ହିମାଂଶୁ ହେଲେ ଅସ୍ତରଙ୍ଗ ବ୍ଲକ ଟପ୍ପର

**କାକଟପୁର/ଅସ୍ତରଙ୍ଗ, ୨୧୫ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୫ଟି ପରୀକ୍ଷା କେନ୍ଦ୍ରରେ ଚଳିତ ବର୍ଷ ୯୨୦ଜଣ ଛାତ୍ର, ଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିଲେ।ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ୨୨ ଟି ଉଚ୍ଚବିଦ୍ୟାଳୟ ଛାତ୍ର, ଛାତ୍ରୀ ମଧ୍ୟରୁ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ବେଳାଭୂମି ଉଚ୍ଚ ବିଦ୍ୟାଳୟ ଛାତ୍ର ହିମାଂଶୁ ପରିଡା ତଥା ଛୁରିଆନା ପଂଚାୟତର ବ୍ରଜବନ୍ଧୁ ପରିଡାଙ୍କ ପୁଅ ହିମାଂଶୁ ପରିଡା ୫୬୦ନମ୍ବର ରଖିଥିବା ବେଳେ





ବ୍ଲକରେ ଦ୍ୱିତୀୟ ସ୍ଥାନରେ ସୁରେନ୍ଦ୍ର ନାଥ ବିଦ୍ୟାପୀଠ ସୁନ୍ଦର ଛାତ୍ର ତଥା ପାଟଳଦା ପଂଚାୟତର ସୁନ୍ଦର ଗ୍ରାମର କପିଳେଶ୍ୱର ବେହେରାଙ୍କ ପୁତ୍ର ଐଶ୍ୱରାଜ ବେହେରା ୫୫୭ନମ୍ବର ରଖିଛନ୍ତି, ବ୍ଲକରେ ତୃତୀୟ ସ୍ଥାନ ଆର୍ତ୍ତତ୍ରାଣ ବିଦ୍ୟାପୀଠ ବରାଙ୍ଗ-ଅନନ୍ତା ଛାତ୍ରୀ ତଥା କରଞ୍ଜପୁର ଗ୍ରାମର ଅଭୟ ମହାନ୍ତି ଙ୍କ ଝିଅ ସୋନାସ୍କି ମହାନ୍ତି ୫୪୯ନମ୍ବର ରଖିଛନ୍ତି।ଯାହା ଅସ୍ତରଙ୍ଗ ଅଞ୍ଚଳ ପାଇଁ ଗର୍ବ ଗୌରବ।ଫଳାଫଳ ପ୍ରକାଶ ପରେ କୃତି ଛାତ୍ର, ଛାତ୍ରୀ ଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ସୁଅ ଛୁଟୁଛି।

# ସୋଆରେ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




**ଭୁବନେଶ୍ୱର, ୨୧୫ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଆନୁକୂଲ୍ୟରେ ଏକ ଗ୍ରୀଷ୍ମକାଳୀନ କ୍ରୀଡା ପ୍ରଶିକ୍ଷଣ ଶିବିର ବୁଧବାର ଏଠାରେ ଉଦ୍‌ଯାପିତ ହୋଇଯାଇଛି। ଗତ ୨୧ ତାରିଖରୁ ୮ ଟି ବିଭିନ୍ନ କ୍ରୀଡ଼ା (କ୍ରିକେଟ୍, ଭଲିବଲ, ବାସ୍କେଟବଲ, ଟେନିସ୍, ଟେବୁଲ ଟେନିସ୍, ଖୋ ଖୋ, କବାଡି ଓ ଚେସ୍)କୁ ନେଇ ଏହି ଶିବିର ଆୟୋଜିତ ହୋଇଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟରୁ ୨୫୦ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ପ୍ରତ୍ୟେକ କ୍ରୀଡା ପ୍ରଶିକ୍ଷଣରେ ଉନ୍ନତ ପ୍ରଦର୍ଶନ କରିଥିବା କୃତି ପ୍ରତିଯୋଗୀ ପୁରସ୍କୃତ ହୋଇଥିଲେ। ଛାତ୍ରଛାତ୍ରୀଙ୍କୁ ଟି–ସାର୍ଟ ଏବଂ ସ୍ୱତନ୍ତ୍ର ଉପହାର ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଏବଂ କ୍ରିକେଟର ଶାନ୍ତନୁ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୋଆ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତିରଞ୍ଜନ ଦାସ, କ୍ରୀଡା ଅଧିକାରୀ ଶ୍ରୀମତି ସୁନୀତା ବର୍ମା ଓ ଶ୍ରୀ ପ୍ରିୟମ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ଅଧିକାଂଶ ସ୍କୁଲରେ ଶିକ୍ଷକ, ଶିକ୍ଷୟିତ୍ରୀ ଅନୁପସ୍ଥିତ

**ଖରାଛୁଟି ପୂର୍ବରୁ ଗାଁକୁ ଚାଲିଗଲେଣି, ଶିକ୍ଷା ବିଭାଗ ପାଖରେ ଖବର ନାହିଁ**



**କାକଟପୁର/ଅସ୍ତରଙ୍ଗ, ୨୧୫ (ସଂଚାର ବ୍ୟୁରୋ) :** ଖରା ଛୁଟି ହୋଇନି। କେବଳ ଗ୍ରୀଷ୍ମ ପ୍ରବାହକୁ ଆଖିରେ ରଖି ସରକାର କିଛି ଦିନ ପାଇଁ ସ୍କୁଲ ଛୁଟି ଘୋଷଣା କରିଛନ୍ତି। ଶିକ୍ଷକଙ୍କୁ ଅନଲାଇନିରେ ଶିକ୍ଷାଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଥଚ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଗାଁ କୁ ଚାଲିଗଲେଣି। ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନ କିଛି ବିଦ୍ୟାଳୟକୁ ଛାଡିଦେଲେ ଅଧିକାଂଶ ସ୍କୁଲରେ ଝୁଲୁଛି ତାଲା। ସବୁଠୁ ବଡ଼ କଥା ହେଲା, ଏ ସମ୍ପର୍କରେ ମଣ୍ଡଳ ଶିକ୍ଷାଅଧିକାରୀ କିମ୍ବା ସାଧନ ସଂଯୋଜକ ପାଖରେ କୌଣସି ସୂଚନା ନାହିଁ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳ ବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି।

ମିଳିଥିବା ସୂଚନା ଅନୁଯାୟୀ, ଅସ୍ତରଙ୍ଗ ଓ କାକଟପୁର ବ୍ଲକର ଅଧିକାଂଶ ବିଦ୍ୟାଳୟରେ କିଛି ବର୍ଷ ହେବ ନୂଆ କରି ବାହାର ଜିଲ୍ଲାର ଶିକ୍ଷକ, ଶିକ୍ଷୟତ୍ରୀ ନିଯୁକ୍ତି ପାଇଛନ୍ତି। ଖରା ଛୁଟି ଘୋଷଣା ଆଗରୁ ସେମାନେ ଛୁଟି କଟାଇବା ଲାଗି ଆଗୁଆ ଗାଁକୁ ଚାଲିଯାଇଛନ୍ତି। ଯାହା ଫଳରେ ସେ ସବୁ ସ୍କୁଲ ବନ୍ଦ ନଚେତ ସ୍ଥାନୀୟ ଶିକ୍ଷକ କିଛି ସମୟ ପାଇଁ ବିଦ୍ୟାଳୟ ଖୋଲି ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀଙ୍କ ପାଇଁ ଉପସ୍ଥାନ ପକାଉଛନ୍ତି। ଅନଲାଇନିରେ ବି ଶିକ୍ଷାଦାନ କରାଯାଉନି। ଶିକ୍ଷକ ବିଭିନ୍ନ ବିଦ୍ୟାଳୟ ଅଭାବ ଥିବାରୁ ଅଞ୍ଚଳବାସୀଙ୍କ ଦାବୀକୁ ଗୁରୁତ୍ୱ ନେଇ ବାହାର ଜିଲ୍ଲାର ଶିକ୍ଷକ ନିଯୁକ୍ତି ଦିଆଯାଇଥିଲା। ଶିକ୍ଷକଙ୍କ ଆନ୍ତରିକତା ଅଭାବରୁ ଏବେ ପିଲାଙ୍କ ଭବିଷ୍ୟତ ଅନ୍ଧାର ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ଛୁଟି ଆଗରୁ ଶିକ୍ଷକ ଶିକ୍ଷୟତ୍ରୀ ଗାଁକୁ ଚାଲି ଯାଇଥିବା ସମ୍ପର୍କରେ ଶିକ୍ଷା ବିଭାଗ ପାଖରେ ଖବର ନାହିଁ। ସରକାରଙ୍କ ନିର୍ଦ୍ଦେଶକୁ ଖୋଲା ଉଲ୍ଲଙ୍ଘନ କରିଥିବା ଏବଂ କାର୍ଯ୍ୟରେ ଅବହେଳା କରିଥିବା ଶିକ୍ଷକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନି। ସମାଜସେବୀ ଦିଗଦର୍ଶନ ସ୍ୱାଇଁ କହିଛନ୍ତି ଜିଲ୍ଲା ବାହାର ଶିକ୍ଷକ ଶିକ୍ଷୟତ୍ରୀଙ୍କ ନିଯୁକ୍ତି ଭୁଲ ପଦକ୍ଷେପ। ସେମାନେ କେବଳ ନିଯୁକ୍ତି ପାଇଁ ଏଠାକୁ ଆସିଛନ୍ତି। ଟିକିଏ ସୁଯୋଗ ମିଳିଲେ ଦାୟିତ୍ୱ ନ ତୁଲାଇ ନିଜ ନିଜ ଗାଁକୁ ଚାଲିଯାଉଛନ୍ତି। ଏହା ସହ ବାହାର ଜିଲ୍ଲା ଶିକ୍ଷକ କେବଳ ନୁହନ୍ତି ସ୍ଥାନୀୟ ଅଞ୍ଚଳ ଶିକ୍ଷକ ମାନେ ମଧ ବିଦ୍ୟାଳୟ ଯାଉନାହାନ୍ତି। ଏଭଳି ଦାୟିତ୍ୱହୀନ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ।

# ସୋଆରେ ମାନସିକ ଚାପ ପରିଚାଳନା ସମ୍ପର୍କିତ ଏକଦିବସୀୟ କର୍ମଶାଳା




**ଭୁବନେଶ୍ୱର, ୨୧୫ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍) ପକ୍ଷରୁ ନିକଟରେ ମାନସିକ ପରିଚାଳନା ନେଇ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। 'ମାନସିକ ସ୍ୱାସ୍ଥ୍ୟ ନିମନ୍ତେ ଚାପ ପରିଚାଳନା' ସମ୍ପର୍କିତ ଏହି କର୍ମଶାଳାରେ କଟକ ସ୍ଥିତ ଏସ୍‌ସିବି ମେଡିକାଲ୍ କଲେଜ ଏବଂ ହସ୍ପିଟାଲର କ୍ଲିନିକାଲ୍ ସାଇକୋଲୋଜିଷ୍ଟ ଡାକ୍ତର ଯଶୋବନ୍ତ ମହାପାତ୍ର ଯୋଗ ଦେଇ ମାନସିକ ଚାପକୁ କିଭଳି ଚିହ୍ନଟ, ହୃଦୟଙ୍ଗମ ଏବଂ ପରିଚାଳନା କରାଯାଇ ପାରିବ ସେ ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ।

ଡାକ୍ତର ମହାପାତ୍ର ମାନସିକ ଚାପ ପରିଚାଳନା କ୍ଷେତ୍ରରେ କେତେକ ନିର୍ଦ୍ଦିଷ୍ଟ ଦିଗ ଯଥା ଚିନ୍ତା କରିବାର ଶୈଳୀ ଏବଂ ବ୍ୟବହାର ଓ ଜୀବନ ଶୈଳୀରେ ପରିବର୍ତ୍ତନ ଆଣିବା ଉପରେ ମତବ୍ୟକ୍ତ କରିଥିଲେ। କୌଣସି ପଦକ୍ଷେପ ନେବା ପୂର୍ବରୁ ଗଭୀର ଭାବେ ଏହାର ଅନୁଶୀଳନ କରିବା ସହ ମାନସିକ ଚାପର ଉଚିତ ପରିଚାଳନା କରିବା ବିଷୟରେ ସେ ଗୁରୁତ୍ୱାରୋପ କରିଥିଲେ।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସୋଆର ଉପକୁଳପତି ତଥା ରେଜିଷ୍ଟ୍ରାର ପ୍ରଫେସର ବିଭୁତି ଭୂଷଣ ପ୍ରଧାନ, ଆଇବିସିଏସ୍‌ର ଡିନ୍ ପ୍ରଫେସର ଅୟସକାନ୍ତ ମହାନ୍ତି, ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ଆସୋସିଏଟ ଡିନ୍ ପ୍ରଫେସର ମନୋରଞ୍ଜନ ଦାଶ ଏବଂ ଆସୋସିଏଟ୍ ପ୍ରଫେସର ଡକ୍ଟର ଗଣେଶ ପ୍ରସାଦ ଦାସ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସୋଆର ଉପକୁଳପତି ପ୍ରଫେସର ଅନୁପ କୁମାର ସାମନ୍ତରାୟ ଯୋଗ ଦେଇ ଭାଗ ନେଇଥବା ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଘରୁ ଡାକି ନେଇ ବିଭତ୍ସ ହତ୍ୟା

# ୩ ଅଟକ, ମୁଖ୍ୟ ଅଭିଯୁକ୍ତ ଫେରାର



**କୁଜଙ୍ଗ, ୨୧୫ (ସଂଚାର ବ୍ୟୁରୋ):** ଗତକାଲି ମଧରାତିରେ କୁଜଙ୍ଗ ଥାନା ମଙ୍ଗରାଜପୁର ଗ୍ରାମରେ ଏକ ବିଭତ୍ସ ହତ୍ୟାକାଣ୍ଡ ଘଟିଥିବା ଜଣାପଡ଼ିଛି । ଏହି ଘଟଣାରେ କୁଜଙ୍ଗ ପୁଲିସ ୩ ଜଣଙ୍କୁ ଅଟକ ରଖିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଯାଇଛି। କୁଜଙ୍ଗ ପୁଲିସ ଏପର୍ଯ୍ୟନ୍ତ ଟେର ପାଇପାରିନଥିବା ଜଣାପଡିଛି । ମୃତ ବ୍ୟକ୍ତିଙ୍କ ପତ୍ନୀ ନଳିନୀ ବେହେରାଙ୍କ ଅଭିଯୋଗ ଆଧାରରେ କୁଜଙ୍ଗ ଥାନାରେ ୧୬୫ରେ ୧୦୩(୧),୩(୫) ବିଏନଏସ ଧାରାରେ ମାମଲା ରୁଜୁ ହୋଇଥିବା ଜଣାପଡିଛି । ଫରେନସିକ ଟିମ ଘଟଣାସ୍ଥଳରେ ପହଂଚି ତଦନ୍ତ ଚଳାଇଥିବା ବେଳେ ଏସପି ଭବାନୀ ଶଙ୍କର ଉଦଗାତା, ତିର୍ତ୍ତୋଲ ଏସଡିପିଓ ଚିନ୍ମୟ ରାଉତ ଘଟଣା ଉପରେ ନଜର ରଖିଥିବା ବେଳେ ମଙ୍ଗରାଜ ପକ ଗ୍ରାମକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। କୁଜଙ୍ଗ ଥାନାର ଏସଆଇ ଅନିଲ ସାହୁ ଘଟଣାର ତଦନ୍ତ କରୁଥିବା ବେଳେ ଘଟଣା ସହିତ ସମ୍ପୃକ୍ତ ଅଭିଯୋଗରେ ତିନିଜଣଙ୍କୁ ଅଟକ ରଖିଥିବା ଜଣାପଡିଛି । ବିଭିନ୍ନ ମାରଣାସ୍ତ୍ରରେ ବେକ, ଛାତି, ପେଟକୁ ଆଘାତ କରାଯାଇଥିବା ଜଣାପଡିଛି । ତେବେ ସମସ୍ତ ଘଟଣା ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଘଟିଥିବା କୁହାଯାଉଛି । ପାପିନୀ ଜେନ, ବପଢନ ଜେନା, ପ୍ରଶାନ୍ତ ଜେନା ଅଟକ ରହିଥିବା ବେଳେ ଟିଙ୍କୁ ଜେନା ଫେରାର ରହିଛି ।

# ବିଧାୟକଙ୍କ ଅଖି ମୁଠି ଅନୁକୂଳ



**ବୋରିଗୁମ୍ମା/ଜୟପୁର, ୨୧୫ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ଅନ୍ତର୍ଗତ ଟାଙ୍କୁଆ ପଞ୍ଚାୟତର ପଣସପୁଟ ବାଗ୍ରା ଗ୍ରାମ ଠାରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଚାଷ ଜମିରେ ଧାନ ଶସ୍ୟକୁ ନେଇ ଅଖିମୁଠି ଅନୁକୂଳ କରିଛନ୍ତି। ସେ ଜମିରେ ବଳଦ ଦ୍ୱାରା ହଳରେ ମାଟି କଷିବା ସହ ଧାନ ଶସ୍ୟ ବିଞ୍ଚିଥିଲେ। ଜିଲ୍ଲା କଂଗ୍ରେସ କମିଟି ଏବଂ କିଷାନ କଂଗ୍ରେସ ପକ୍ଷରୁ ଜୟପୁର ବ୍ଲକ କଂଗ୍ରେସ ସଭାପତି ବସନ୍ତ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ବାହିନୀପତି, ରାଜ୍ୟ ମହିଳା ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ଜିଲ୍ଲା କିଷାନ କଂଗ୍ରେସ ସଭାପତି ଭବାନୀ ପ୍ରସାଦ ରଥ, ନଗର କଂଗ୍ରେସ ସଭାପତି ନରେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଚାଷୀଙ୍କୁ ସମ୍ବୋଦ୍ଧିତ କରିବା ସହ ଦେଶରେ ଉନ୍ନତିରେ ଚାଷୀଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଚାଷୀଙ୍କ ଉପରେ ବିଜେପି ସରକାରଙ୍କ ଅନ୍ୟାୟ ଓ ଅତ୍ୟାଚାର କଂଗ୍ରେସ ସହ୍ୟ କରିବ ନାହିଁ। ଆଗାମୀ ଦିନରେ ମଧ ସରକାରଙ୍କ ଆଗରେ କୃଷକଙ୍କ ନିମନ୍ତେ ଦାବି ଉପସ୍ଥାପନ କରାଯିବ ବୋଲି ବିଧାୟକ ଶ୍ରୀ ବାହିନୀପତି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ନିହାର ରଞ୍ଜନ ବିଶୋୟୀ, ଗଙ୍ଗାଧର ସାହୁ, ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ଟି.ଶ୍ରୀନିବାସ, ବଳରାମ ପାଣିଗ୍ରାହୀ, ତୃପ୍ତି ପଟ୍ଟନାୟକ, ସୁପ୍ରିୟା ପ୍ରିୟଦର୍ଶନୀଙ୍କ ସମେତ ସରପଞ୍ଚମାନେ ଉପସ୍ଥିତ ଥିଲେ।

# ତ୍ରିକୋଣୀୟ ପ୍ରେମ ନେଲା ଯୁବକଙ୍କ ଜୀବନ



**କାକଟପୁର/ଅସ୍ତରଙ୍ଗ, ୨୧୫ (ସଂଚାର ବ୍ୟୁରୋ):** ତ୍ରିକୋଣୀୟ ପ୍ରେମରୁ ଜୀବନ ହାରିଦେଲେ ଯୁବକ। ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଅସ୍ତରଙ୍ଗ ଗ୍ରାମର ବାପି ନାୟକ (୨୫ବର୍ଷ) ଙ୍କ ଗୁରୁବାର ପ୍ରତ୍ୟୁଷରୁ ନିଜ ଘରୁ ମିଳିଥିଲା ଝୁଲନ୍ତା ଅବସ୍ଥାରେ ମୃତଦେହ। ପୁଅର ମୃତ୍ୟୁକୁ ସହଜରେ ଗ୍ରହଣ କରି ପାରିନଥିଲେ ମା'। ଭଉଣୀ ବି ଭାଇର ମୃତ୍ୟୁ ଖବର ଶୁଣି ଦୁଃଖରେ ଭାଙ୍ଗି ପଡିଛି।

ବାପିଙ୍କ ମୃତ୍ୟୁ ପାଇଁ ପ୍ରେମିକାକୁ ଦାୟି କରିଛନ୍ତି ପରିବାର। ଜଣେ ଯୁବତୀଙ୍କ ସହ ବର୍ଷକ ତଳୁ ବାପିଙ୍କ ପ୍ରେମ ସମ୍ପର୍କ ଥିଲା। ଦୁହେଁ ଦୁହିଁଙ୍କୁ କିଛି ଦିନ ପରେ ରୀତିନୀତି ଅନୁଯାୟୀ ବିବାହ ମଧ ହୋଇଥାନ୍ତା। କିନ୍ତୁ ଠିକ ସମୟରେ ଏଣ୍ଟ୍ରି ମାରିଲା ଥାର୍ଡ଼ ପର୍ସନ। ଯେଉଁଥି ପାଇଁ ପୁରୁଣା ପ୍ରେମକୁ ପ୍ରତ୍ୟାଖାନ କରିଥିଲା ବାପିଙ୍କ ପ୍ରେମିକା। ଆଉ କହିଥିଲା ଯଦି ତୁମେ ସରକାରୀ ଚାକିରୀ କରିବନି ତେବେ ତୁମକୁ ମୁଁ ବିବାହ ହେବିନି। ଏଭଳି କଥାରେ ଭାଙ୍ଗି ପଡିଥିବା ବାପି ବୁଧବାର ବିଳମ୍ବିତ ରାତିରେ ସବୁଦିନ ପାଇଁ ଆଖି ବୁଜିଦେଇଛି। ଗୁରୁବାର ସକାଳୁ ପରିବାର ଲୋକେ ଘର ଭିତରେ ଝୁଲନ୍ତା ଅବସ୍ଥାରେ ଦେଖିଥିଲେ ବାପିଙ୍କୁ। ଖବର ପାଇ ଅସ୍ତରଙ୍ଗ ଥାନା ପୁଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ କରିଥିଲେ। ପ୍ରେମିକ ବାପିଙ୍କ ବେକରେ ଥିବା ଚିହ୍ନ ଯାଞ୍ଚ କରିବା ସହ ପରିବାର ତରଫରୁ ବାପିଙ୍କ ଭିଣୋଇ ଶିବ ପ୍ରସାଦ ଦାସଙ୍କ ଲିଖିତ ଅଭିଯୋଗ ପରେ ପୁଲିସ ଅପମୃତ୍ୟୁ ମାମଲା ୬/୨୫ରେ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଚାରିଛକ ପଠାଇ ଥିଲେ। ପ୍ରେମରେ ପ୍ରତାରଣା ହେଉ କି ଅନ୍ୟ କୌଣସି କାରଣ ପାଇଁ ପାଣି ଫୋଟକା ଭଳି ଚାଲିଯାଉଛି ଜୀବନ। ଜୀବନର ମୂଲ୍ୟକୁ ସଠିକ ଭାବେ ବୁଝି ପାରୁନାହାନ୍ତି ଯୁବପିଢ଼ି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଉକ୍ତ ଯୁବତୀଙ୍କୁ ଆବଶ୍ୟକ ସ୍ଥଳେ ତଦନ୍ତ ପରିସର ଭୁକ୍ତ କରାଯିବ ପାଇଁ ଦାବୀ ହେଉଛି।

**ନିର୍ଦ୍ଦେଶକୁ ମାନୁନାହାନ୍ତି ସରକାରୀ କର୍ମଚାରୀ**

# ଡହ ଡହ ଖରାରେ କାମ କରୁଛନ୍ତି ଶ୍ରମିକ

**ନାଉଗାଁ, ୨୧୫ (ସଂଚାର ବ୍ୟୁରୋ) :** ମେ ୧ ତାରିଖକୁ ବିଶ୍ୱ ଶ୍ରମିକ ଦିବସ ଭାବେ ସାରା ଦେଶରେ ପାଳନ କରାଯାଏ। ଏହି ଦିନ ଶ୍ରମିକମାନଙ୍କୁ ଉତ୍ସାହିତ କରିବା ପାଇଁ ବିଭିନ୍ନ ସରକାରୀ ଓ ବେସରକାରୀ ମହଲରୁ ପୁରସ୍କୃତ ଓ ସମ୍ବର୍ଦ୍ଧନା ଦିଆଯାଉଥିବା ବେଳେ ଏହାର ବିପରିତ କାର୍ଯ୍ୟ ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକର ଓଷକଣା ପଞ୍ଚାୟତରେ ଦେଖିବାକୁ ମିଳିଥିଲା। ଏହି ପଞ୍ଚାୟତରେ ଓଷକଣା ଉପସ୍ୱାସ୍ଥ୍ୟ କେନ୍ଦ୍ରର ଚତୁପାର୍ଶ୍ୱରେ ପାଚେରୀ ନିର୍ମାଣ କାର୍ଯ୍ୟ ହେଉଥିବା ବେଳେ ଦିନ ୧୨ଟା ପରେ ମଧ ଡହ ଡହ ଖରାରେ ଦାଦନ ଶ୍ରମିକମାନେ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି।



ସୂଚନା ଅନୁସାରେ ଏହି ପଞ୍ଚାୟତରେ ଓଷକଣା ଉପସ୍ୱାସ୍ଥ୍ୟ କେନ୍ଦ୍ରର ଚତୁପାର୍ଶ୍ୱ କାର୍ଯ୍ୟ କରାଯିବା ପାଇଁ ମନରେଗା ଯୋଜନାରେ ଅର୍ଥ ମଞ୍ଜୁରୀ ହୋଇଥିବା ବେଳେ ଏହି ପ୍ରକଳ୍ପର କାର୍ଯ୍ୟାଦେଶ ଗ୍ରାମ ପଞ୍ଚାୟତ ଅଧିକାରୀଙ୍କ ନାମରେ ରହିଛି। ହେଲେ ମେ ୧ ତାରିଖକୁ ବିଶ୍ୱ ଶ୍ରମିକ ଦିବସ ଭାବେ ସାରା ଦେଶ ପାଳନ କରୁଥିବା ବେଳେ ଏହି ପ୍ରକଳ୍ପରେ ଦିନ ୧୨ଟା ପରେ ଡହ ଡହ ଖରାରେ ଶ୍ରମିକମାନଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଇଛି। ଗୁରୁତ୍ୱପୂର୍ଣ୍ଣ କଥା ଏହି ପ୍ରକଳ୍ପର କାର୍ଯ୍ୟାଦେଶ ସରକାରୀ ଅଧିକାରୀଙ୍କ ନାମରେ ରହିଥିବା ବେଳେ ଶ୍ରମ ଓ ରାଜସ୍ୱ ବିଭାଗ ପକ୍ଷରୁ ଜାରୀ ହୋଇଥିବା ନିର୍ଦ୍ଦେଶକୁ ପାଳନ କରାଯାଇନାହିଁ। ଏହି ପ୍ରକଳ୍ପ ମନରେଗା ଯୋଜନାରେ କାର୍ଯ୍ୟ ହେଉଥିବା ବେଳେ ଏହି ପ୍ରକଳ୍ପରେ ସ୍ଥାନୀୟ ଜବକାର୍ଡଧାରୀମାନଙ୍କୁ ନେଇ କାର୍ଯ୍ୟ କରାଯିବାର ନିୟମ ରହିଛି। କିନ୍ତୁ ଉକ୍ତ ପ୍ରକଳ୍ପରେ ଜବକାର୍ଡଧାରୀଙ୍କ ପରିବର୍ତ୍ତେ ଦାଦନ ଶ୍ରମିକମାନେ କାର୍ଯ୍ୟ କରୁଥିବା ଦେଖାଯାଇଛି। ଯାହାକି ମନରେଗା ଆଇନକୁ ଖୁଲମଖୁଲା ସରକାରୀ ଅଧିକାରୀମାନେ ଉଲ୍ଲଘଂନ କରୁଥିବା ସାଧାରଣରେ ଆଲୋଚନା ହେଉଛି।

ସେହିପରି ନିର୍ମାଣ ବିଭାଗର ଜଗତସିଂହପୁର ବିଭାଜନ ପକ୍ଷରୁ କୋକିଢିଅ-ତେଲସରା ରାସ୍ତା ପାର୍ଶ୍ୱରେ ଗାର୍ଡୱାଲ ନିର୍ମାଣ କାର୍ଯ୍ୟ କରାଯାଉଛି। ଉକ୍ତ ନିର୍ମାଣ କାର୍ଯ୍ୟ ବିଶ୍ୱ ଶ୍ରମ ଦିବସରେ କରାଯାଉଥିବା ବେଳେ ଡହ ଡହ ଖରାରେ ଶ୍ରମିକମାନେ କାର୍ଯ୍ୟ କରୁଥିବା ଦେଖାଯାଇଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# କାଞ୍ଚନ ଫାଉଣ୍ଡେସନ ଓ ଗ୍ରୀନ ଜୟଦେବ ଫାଉଣ୍ଡେସନ ପକ୍ଷରୁ ଶ୍ରମିକ ଦିବସ



**ବାଲିଅନ୍ତା, ୨୧୫ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅନ୍ତର୍ଗତ ହୀରାପୁର ସ୍ଥିତ ପ୍ରସିଦ୍ଧ ତନ୍ତ୍ରପୀଠ ମହାମାୟା ଚଉଷଠି ଯୋଗିନୀ ମନ୍ଦିର ନିକଟରେ ଗୁରୁବାର ସକାଳ ସମୟରେ ବିଶ୍ୱ ଶ୍ରମିକ ଦିବସ ଅଗ୍ରଣୀ ସ୍ୱେଚ୍ଛାସେବୀ ସାମାଜିକ ଅନୁଷ୍ଠାନ କାଞ୍ଚନ ଫାଉଣ୍ଡେସନ ଓ ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ୬୦ ଜଣ ବିଭିନ୍ନ ବର୍ଗର ଶ୍ରମିକ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଉମାଦେଇ ବ୍ରହ୍ମପୁର ପଂଚାୟତର ସମିତି ସଭ୍ୟ ତଥା ସମାଜସେବୀ ରଞ୍ଜନ କୁମାର ମହାପାତ୍ର ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜଧାନୀ ପୁସ୍ତକ ମେଳାର ସମ୍ପାଦକ ବିଧୁଭୂଷଣ ପଟ୍ଟନାୟକ,ମୁଖ୍ୟବକ୍ତା ପରିବେଶବିତ ଲକ୍ଷ୍ମୀଧର ପ୍ରଧାନ, ଭୁବନେଶ୍ୱର ସାଂସଦଙ୍କ ବାଲିଅନ୍ତା ବ୍ଲକ ପ୍ରତିନିଧି ବିଜୟ ମହାରଣା ଯୋଗଦେଇ ପ୍ରେରଣାଦାୟୀ ବାର୍ତ୍ତା ପ୍ରଦାନ କରି କିଭଳି ଜୀବନରେ ଶ୍ରମିକମାନଙ୍କର ଜୀବନ ଶୈଳୀରେ ପରିବର୍ତ୍ତନ ସହ ସେମାନଙ୍କ ପିଲାମାନେ ସମାଜରେ ଜଣେ ଜଣେ ସଫଳ ବ୍ୟକ୍ତି ହୋଇ ନିଜର ଅଞ୍ଚଳର ବିକାଶ ଶୀର୍ଷରେ ପହଞ୍ଚିବା ନେଇ ଅଭିଭାଷଣ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥିଭାବେ ବାଳକାଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚକ୍ଷୁ ସହାୟକ ଗୌତମ ଦାସ, ଅନ୍ୟତମ ଅତିଥି ଭାବେ ଥାଇ ବକ୍ସିଂ ପ୍ରଶିକ୍ଷକ ଉମାକାନ୍ତ ବେହେରା ନିଜ ବକ୍ତବ୍ୟ ମାଧ୍ୟମରେ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥିଲେ । କାର୍ଯ୍ୟକ୍ରମକୁ ଗ୍ରୀନ ଜୟଦେବ ଫାଉଣ୍ଡେସନର ମୁଖ୍ୟ ଟ୍ରଷ୍ଟି ପ୍ରକୃତିବନ୍ଧୁ ପରିଚାଳନା କରିଥିଲେ ।

# କକାକୁ ପିଟିପିଟି ମାରିଦେଲେ ପୁତୁରା

**ରାଇଘର, ୨୧୫ (ସଂଚାର ବ୍ୟୁରୋ):** ଜମିଜମାକୁ କେନ୍ଦ୍ର କରି କକାଙ୍କୁ ଦୁଇ ସମ୍ପର୍କୀୟ ପୁତୁରା ପିଟି ପିଟି ମାରି ଦେଇଛନ୍ତି। ଏପରି ଅଭାବନୀୟ ଘଟଣା ଘଟିଛି ରାଇଘର ଥାନା ହାତୀଗାଁ ପଂଚାୟତ କମକାଡଡଗି ଗ୍ରାମରେ। ମୃତକ ତୁଳସୀ ଗଣ୍ଡ (୪୫)। ଥାନାରେ ପରିବାର ଲୋକଙ୍କ ଅଭିଯୋଗ ପରେ ପୁଲିସ୍ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାନୁଯାୟୀ, ଗାଣ୍ଡାଡିହି ଗ୍ରାମର ତୁଳସୀ ଗଣ୍ଡ ଦୀର୍ଘ ଦିନ ଧରି କମକାଡଡଗି ଗ୍ରାମରେ ରହି ଚାଷବାସ କରି ଆସୁଥିଲେ । ଗତ ସୋମବାର ସମ୍ପର୍କୀୟ ପୁତୁରା ସୁନ୍ଦର ଗଣ୍ଡ ଓ ଇନ୍ଦର ଗଣ୍ଡ ଜମିଜମା ବିବାଦକୁ ନେଇ ତୁଳସୀଙ୍କ ସହ ଯୁକ୍ତିତର୍କ କରିଥିଲେ ଯୁକ୍ତିତର୍କ ଉଗ୍ର ରୂପ ଧାରଣ କରିବା ପରେ ଦୁଇ ପୁତୁରା ସୁନ୍ଦର ଓ ଇନ୍ଦର ତୁଳସୀଙ୍କୁ ମାଡ଼ ମାରିଥିଲେ। ଠେଙ୍ଗା ଓ ପଥର ମାଡ଼ରେ ତୁଳସୀ ଗୁରୁତର ହୋଇ ପଡ଼ିଥିଲେ। ମଙ୍ଗଳବାର ତୁଳସୀଙ୍କ ସାନଭାଇ କେଶନାଥ ଗଣ୍ଡ ଓ ଭଣଜା ଦିଲେଶ ଗଣ୍ଡ ଘଟଣା ସମ୍ପର୍କରେ ଖବର ପାଇ ଗୁରୁତର ଅବସ୍ଥାରେ ତୁଳସୀଙ୍କୁ ଉଦ୍ଧାର କରି ନିଜ ଗାଁ ଗାଣ୍ଡାଡିହିକୁ ଆଣୁଥିବା ବେଳେ ଗଞ୍ଜାପରା ନିକଟରେ ତାଙ୍କର ମୃତ୍ୟୁ ହୋଇଥିଲା । ଘଟଣା ସମ୍ପର୍କରେ ମୃତ ତୁଳସୀଙ୍କ ସାନ ଭାଇ କେଶନାଥ ବୁଧବାର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ୍ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ତୁଳସୀଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

ସଂଚାର THE SANCHAR

# ସରକାରଙ୍କ ବର୍ଷ ପୂର୍ତ୍ତି ଉତ୍ସବ ପାଇଁ ଉଚ୍ଚସ୍ତରୀୟ ବୈଠକ

**ଭୁବନେଶ୍ୱର,୨।୫(ସଂଚାର ବ୍ୟୁରୋ):** ରାଜ୍ୟ ସରକାର କ୍ଷମତାକୁ ଆସିବାର ବର୍ଷେ ପୂର୍ତ୍ତି ପାଳନ ଉତ୍ସବ ପାଇଁ ଆଜି ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଗୃହ ଓ ନଗର ଉନ୍ନୟନ ଏବଂ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଉଭୟ ବିଭାଗର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଶ୍ରୀମତୀ ପାଢ଼ୀ ଉତ୍ସବକୁ ଅର୍ଥପୂର୍ଣ୍ଣ, ଅନ୍ତର୍ଭୁକ୍ତି ଓ ପ୍ରଭାବଶାଳୀ କରିବା ଆବଶ୍ୟକତା ଉପରେ ଜୋର ଦେଇଥିଲେ। ସରକାରଙ୍କ ଏକ ବର୍ଷର ସଫଳତା ବିବରଣୀ ଏହି ଅବସରରେ ରାଜ୍ୟବାସୀଙ୍କ ସମ୍ମୁଖରେ ଉପସ୍ଥାପନ କରିବାକୁ ପରାମର୍ଶ ଦେଇଥିଲେ। ଜନସାଧାରଣ ସମ୍ପର୍କ କାର୍ଯ୍ୟକ୍ରମରେ ସମସ୍ତ ୧୧୫ ଅର୍ବାନ୍ ଲୋକାଲ ବଡି (ୟୁଏଲ୍‌ବି), ଆର୍‌ଟିଓ ଅଞ୍ଚଳ ଓ ବନ୍ଦର କ୍ଷେତ୍ରରେ ଉନ୍ନତି ଉପଲବ୍ଧି ବିଷୟରେ ଅବଗତ କରିବା। କାର୍ଯ୍ୟକାରୀ କରାଯାଇଥିବା ପ୍ରକଳ୍ପଗୁଡ଼ିକର ଲୋକାର୍ପଣ ଓ ଶିଳାନ୍ୟାସ, ଭିଜୁଆଲ୍ ଓ ଡକ୍ୟୁମେଣ୍ଟେସନ୍ ପ୍ରସ୍ତୁତି ସହ ବିଭାଗୀୟ ସଫଳତା ବିବରଣୀ ଉପସ୍ଥାପନ କରାଯିବ। ସେହିପରି ନାଗରିକ ଭାଗୀଦାରିରେ ଘର, ସ୍ୱଚ୍ଛତା, ପରିବହନ ଓ ସହରାଞ୍ଚଳ ବିକାଶ ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ଏହାଛଡ଼ା ବିଭିନ୍ନ କ୍ଷେତ୍ରରେ ଅବଦାନ ରଖିଥିବା ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯିବ ବୋଲି ଶ୍ରୀମତୀ ପାଢ଼ୀ ସୂଚନା ଦେଇଛନ୍ତି। ବିଭାଗ ଅନୁଯାୟୀ କାର୍ଯ୍ୟ ଯୋଜନା ପ୍ରସ୍ତୁତି ଓ ସମସ୍ତ କାର୍ଯ୍ୟକ୍ରମରେ ସର୍ବାଧିକ ଜନସାଧାରଣଙ୍କ ଭାଗୀଦାରୀ ସୁନିଶ୍ଚିତ କରିବା ସକାଶେସେ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଏକ ସଂପୂର୍ଣ୍ଣ କାର୍ଯ୍ୟକ୍ରମ କ୍ୟାଲେଣ୍ଡର ପ୍ରସ୍ତୁତି ଓ ଉତ୍ସବର ସଫଳତା ପାଇଁ ସମସ୍ତ ବିଭାଗ ଓ ସହଯୋଗୀଙ୍କ ମଧ୍ୟରେ ଘନିଷ୍ଠ ସମନ୍ୱୟ ରଖିବା ସକାଶେ ନିଷ୍ପତ୍ତି ହୋଇଛି।

# ପାରାଦୀପରେ ହେବ ନୂଆ ଏୟାରପୋର୍ଟ



**ଭୁବନେଶ୍ୱର,୨।୫ (ସଂଚାର ବ୍ୟୁରୋ) :** ରାଜ୍ୟରେ ବିମାନ ଚଳାଚଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ "ବିମାନ ଚଳାଚଳ ଏବଂ ନେଟୱାର୍କ ନିର୍ମାଣ ପରିଚାଳନା" ସମ୍ବନ୍ଧରେ ଆଲୋଚନା କରିଥିଲେ ।

ଏହି ବୈଠକରେ, ପାରାଦୀପରେ ଏକ ଗ୍ରୀନଫିଲ୍ଡ

**୧୫ ଜିଲ୍ଲାରେ ନିର୍ମାଣ ହେବ ହେଲିପୋର୍ଟ**

ବିମାନବନ୍ଦର ପାଇଁ ଯୋଜନା ସମେତ ପୁରୀରେ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ବିକାଶ ଏବଂ ରାଉରକେଲା ବିମାନ ବନ୍ଦରର ଉନ୍ନୀତକରଣ ଉପରେ ଆଲୋଚନା ହୋଇଥିବା ବେଳେ ଆଞ୍ଚଳିକ ସଂଯୋଗୀକରଣକୁ ବୃଦ୍ଧି କରିବା ପାଇଁ, ଜୟପୁର, ଦାଣ୍ଡବୋଷ, ରଙ୍ଗେଇଲୁଣ୍ଡା, ଗୋଟମା, ସତୀଭତା, ରାଇସୁଆଁ, ତୁଷରା, ଜମାଦାରପାଲୀ, ମାଲକାନଗିରି, ଅମର୍ଦ୍ଦା ରୋଡ୍ ଏବଂ ଉତ୍କେଲା ସମେତ ରାଜ୍ୟର ପ୍ରମୁଖ ବିମାନବନ୍ଦର ଗୁଡ଼ିକର ଉନ୍ନତିକରଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

ଏଥିସହିତ ରାଜ୍ୟର ୧୫ ଟି ଜିଲ୍ଲାରେ ହେଲିପୋର୍ଟ ନିର୍ମାଣ ଏବଂ ଢେଙ୍କାନାଳର ବିରାଶୋଳ ସ୍ଥିତ ଏୟାରଷ୍ଟ୍ରିପରେ ବିଜୁ ପଟ୍ଟନାୟକ ବିମାନ ଚଳାଚଳ କେନ୍ଦ୍ର (ବିପିଏସି)ର ବିକାଶ ସମ୍ବନ୍ଧରେ ଏହି ବୈଠକରେ ଆଲୋଚନା ହୋଇଥିଲା। ନୋଡାଲ ଏଜେନ୍ସି ଭାବରେ ଏହି ବିକାଶ କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ ପୂର୍ତ୍ତ ବିଭାଗକୁ ଦାୟିତ୍ୱ ଦିଆଯାଇଥିଲା । ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିମାନବନ୍ଦର, ହେଲିପ୍ୟାଡ୍ ଏବଂ ଡ୍ରୋନ୍ ହବ୍ ସମେତ ରାଜ୍ୟରେ ବିଶ୍ୱସ୍ତରୀୟ ବିମାନ ଚଳାଚଳ ଭିତ୍ତିଭୂମି ପ୍ରତିଷ୍ଠା ସମ୍ବନ୍ଧରେ ଆଲୋଚନା କରିଥିଲେ । ଏଥିସହିତ ରାଜ୍ୟରେ ବର୍ତ୍ତମାନ ଚାଲୁଥିବା ବିମାନବନ୍ଦର ଗୁଡିକର କାର୍ଯ୍ୟ ଦକ୍ଷତାକୁ ଆହୁରି ବିକାଶ କରିବା ଏବଂ ଏହାର ଆଧୁନିକୀକରଣ କରିବା ବିଷୟରେ ସେ ଗୁରୁତ୍ୱାରୋପ କରିଥିଲେ । ରାଷ୍ଟ୍ରାୟତ୍ତ ବିମାନ ବନ୍ଦର ଗୁଡ଼ିକର ଉନ୍ନତିକରଣ, ବିମାନ ସଂଯୋଗ ବୃଦ୍ଧି, ବିମାନ ଚଳାଚଳ ୟୁନିଟ୍‌ର ଦକ୍ଷତା ବୃଦ୍ଧି ସହିତ ଭିତ୍ତିଭୂମି ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟର ବୃଦ୍ଧି ପାଉଥିବା ବିମାନ ଚଳାଚଳ କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ଆଧୁନିକ ଭିତ୍ତିଭୂମି ଏବଂ ଉନ୍ନତ ମାନବ ସମ୍ବଳର ପ୍ରସ୍ତାବ ସହିତ ବିମାନ ଚଳାଚଳ ନିର୍ଦ୍ଦେଶାଳୟର ପୁନର୍ଗଠନ ବିଷୟରେ ଏହି ବୈଠକରେ ଆଲୋଚନା ହୋଇଥିଲା।

● ୭ ପର୍ଯ୍ୟନ୍ତ କାଳବୈଶାଖୀ

# ୨୨ ଜିଲ୍ଲାକୁ ୟେଲୋ ଆଲର୍ଟ

**ଭୁବନେଶ୍ୱର,୨।୫(ସଂଚାର ବ୍ୟୁରୋ):** ସମ୍ପ୍ରତି ରାଜ୍ୟରେ ଜାରି ରହିଛି କାଳବୈଶାଖୀ ଓ ତଜ୍ଜନିତ ବର୍ଷା ଆଉ ପବନ। ଏହି ଧାରା ଆଗାମୀ ୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଭୁବନେଶ୍ୱର ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯିବା ସହ ଏଥିସକାଶେ ୨୨ଟି ଜିଲ୍ଲା ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି। ସେହିପରି ଆସନ୍ତାକାଲି ସକାଳ ସାଢେ ୮ଟା ପର୍ଯ୍ୟନ୍ତ ସବୁ ଜିଲ୍ଲା ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି। ଉକ୍ତ ଜିଲ୍ଲାଗୁଡ଼ିକରେ ବିଜୁଳି ଘଡ଼ଘଡ଼ି ସହ ଘଣ୍ଟା ପ୍ରତି ୪୦ରୁ ୫୦ କିମି ବେଗରେ ପବନ ବହିବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସେହିପରି ଆସନ୍ତା ୪



ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ୮ ଜିଲ୍ଲା ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ଭଦ୍ରକ, ବାଲେଶ୍ୱର, ଗଞ୍ଜାମ ଓ ଗଜପତି ପାଇଁ ପାଣିପାଗ କେନ୍ଦ୍ର ପକ୍ଷରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହିସବୁ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଓ କୁଆପଥର ବର୍ଷା ସମ୍ଭାବନା ରହିଛି।

## ପାଣି ବୋତଲ ଫ୍ୟାକ୍ଟ୍ରିରେ ପ୍ରସ୍ତୁତ ହେଉଥିଲା ଦେଶୀ ମଦ




**ଭୁବନେଶ୍ୱର, ୨।୫ (ସଂଚାର ବ୍ୟୁରୋ) :** ପାଣି ବୋତଲ ପ୍ୟାକିଂ ଫ୍ୟାକ୍ଟ୍ରିରେ ପ୍ରସ୍ତୁତ ହେଉଥିଲା ଦେଶୀ ମଦ। ଏଭଳି ଘଟଣା ଦେଖିବାକୁ ମିଳିଛି ଭୁବନେଶ୍ୱର ଦାରୁଠେଙ୍ଗ ଜଙ୍ଗଲରେ। ପାଣି ବୋତଲ ପ୍ୟାକିଂ ଫ୍ୟାକ୍ଟ୍ରିରେ ଦେଶୀ ମଦ ଫ୍ୟାକ୍ଟ୍ରି ଠାବ ହୋଇଛି। ପ୍ରାୟ ୧୯ ଲକ୍ଷ ଟଙ୍କାର ଦେଶୀ ମଦ ହେବା ସହ ୪ ଗିରଫ ହୋଇଛନ୍ତି।

# ରାଜାଙ୍କୁ ରିମାଣ୍ଡରେ ନେବାକୁ ଆବେଦନ




**କେନ୍ଦୁଝର,୨।୫(ସଂଚାର ବ୍ୟୁରୋ):** ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଓ ପରିବହନ କୋ-ଅପରେଟିଭ ସୋସାଇଟିରେ ଆର୍ଥିକ ଘୋଟାଲା ଘଟଣାର ତଦନ୍ତ କ୍ରାଇମ ବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ପକ୍ଷରୁ ଜାରି ରହିଛି। ଏହି ଘଟଣାରେ କ୍ରାଇମ ବ୍ରାଞ୍ଚ ବିଜେଡି ନେତା ରାଜା ଚକ୍ରଙ୍କ ସମେତ ମୋଟ ୪ ଜଣଙ୍କୁ ଗିରଫ କରାଯାଇସାରିଛି। ତେବେ ଏହି ଘଟଣାରେ ତଦନ୍ତକାରୀ ସଂସ୍ଥା ରାଜାଙ୍କୁ ଅଧିକ ପଚରାଉଚରା କରିବା ତଥ୍ୟ ଉଗାଳିବା ସକାଶେ ଆଜି ସ୍ଥାନୀୟ ଏସଡିଜେଏମ କୋର୍ଟରେ ୭ ଦିନ ପାଇଁ ରିମାଣ୍ଡରେ ନେବା ସକାଶେ ଆବେଦନ ହୋଇଥିବା ଜଣାପଡ଼ିଛି। କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଶୁଆକାଟିସ୍ଥିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ ବ୍ୟାପକ ଆର୍ଥିକ ଅନିୟମତତା ହୋଇଥିବା ନେଇ ସଂସ୍ଥାର ତତ୍କାଳୀନ ସଭାପତି ଓ ସମ୍ପାଦକଙ୍କୁ ଗିରଫ କରିଥିଲେ। ପରେ ତଦନ୍ତ ସମୟରେ ଏହି ସଂସ୍ଥାରୁ ବହୁ ଅର୍ଥ ଦେଣନେଣ କରିଥିବା ଅଭିଯୋଗରେ ବିଜେଡି ନେତା ରାଜାଙ୍କୁ ଗିରଫ କରାଯାଇଥିଲା। ଏହି ମାମଲାର ବିଚାର ବାଲେଶ୍ୱର ସ୍ୱତନ୍ତ୍ର କୋର୍ଟରେ ଚାଲିଥିବା ବେଳେ ପୂର୍ବରୁ ରାଜାଙ୍କୁ ରିମାଣ୍ଡରେ ନେଇ ତଦନ୍ତକାରୀ ସଂସ୍ଥା ପଚରାଉଚରା କରିଛି। ଏଥିସହ ଏବେ ରାଜା ଜାମିନ୍ ଆବେଦନ ପାଇଁ ଉଚ୍ଚ ନ୍ୟାୟାଳୟରେ ଆବେଦନ କରିଛନ୍ତି।

## ମହୁମାଛି କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

**କୋରାପୁଟ,୨।୫(ସଂଚାର ବ୍ୟୁରୋ):** ଆଜି ସକାଳେ କୋରାପୁଟ ସହରରେ ଏକ ଅଘଟଣ ଘଟିଛି। ମହୁମାଛି ଆକ୍ରମଣରେ କୋରପୁଟ ସହରରେ ହାଉସିଂ ବୋର୍ଡ କଲୋନୀରେ ରହୁଥିବା ଅଜୁ ଚେଟୀ ନାମକ ଜନୈକ ଯୁବକ ଏଲ୍‌ଆଇସି କଲୋନୀରେ ତାଙ୍କ ଭଉଣୀ ଘରକୁ ଅଟୋ ଆଣିବା ପାଇଁ ଯାଉଥିଲେ। ତେବେ ଡିଆଇଜି ଅଫିସ ନିକଟରେ ତାଙ୍କୁ କେତେକ ମହୁମାଛି ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ। ଏଥିରେ ସେ ଗୁରୁତର ଭାବେ ଆହତ ହେବାରୁ ତାଙ୍କୁ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। କିନ୍ତୁ କିଛି ସମୟ ପରେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ଜଣାପଡ଼ିଥିଲା। ଗତ କିଛିଦିନ ହେଲା ସହରରେ ମହୁମାଛି ଆତଙ୍କ ସୃଷ୍ଟି କରିଥିବା ବେଳେ ସ୍ଥାନୀୟ କୋର୍ଟ ପରିସରରେ ବି ମହୁମାଛି ଆକ୍ରମଣରେ ଜଣେ ଓକିଲ ଓ ସ୍ଥାନୀୟ ଲୋକେ ଆହତ ହୋଇଥିଲେ। ଏ ଦିଗରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବା ସକାଶେ ସାଧାରଣରେ ଦାବି ହେଉଛି।

● ଟାର୍ଗେଟ୍‌ରେ ପୂର୍ବତନ ସେନାଧିକାରୀ

# ସୁନା ଅଳଙ୍କାର ସହ ୫୦ ହଜାର ଲୁଟ୍

**ବାଙ୍କୀ,୨।୫(ସଂଚାର ବ୍ୟୁରୋ):** ଘରର ଏଣେତେଣେ ପଡ଼ିଛି ଆସବାବପତ୍ର। ଝରକା ଗ୍ରୀଲ ତଡ଼ାଯାଇଛି। ପୂରା ଘରେ ଖିନ୍‌ଭିନ୍ ହୋଇ ପଡ଼ିଛି ଲୁଗାପଟା। ସୁନାଖୋଳ ଥୁଆ ହୋଇଛି, ହେଲେ ସେଥିରୁ ସୁନା ଗାଏବ୍। ଏପରି ଚିତ୍ର ଜନୈକ ସେନାଧିକାରୀଙ୍କ ଘରେ ଦେଖିବାକୁ ମିଳିଛି। ତେବେ ଜଣେ ନୁହେଁ, ବରଂ ସ୍ଥାନୀୟ ଅଞ୍ଚଳର ଦୁଇ ଜଣ ସେନାଧିକାରୀଙ୍କ ଘର ଉପରେ ଲୁଟେରାମାନେ ନଜର ପକାଇଥିଲେ। କଟକ ଜିଲ୍ଲା ବାଙ୍କୀ ବୈଦେଶ୍ୱର ଥାନା ଅନ୍ତର୍ଗତ ଖଜୁରୀପଦା ନୂଆ ସାହି ତଥା କଳାପଥର ଗୋଲେଇ ଛକ ନିକଟରେ ଏଭଳି ଅଭାବନୀୟ ଘଟଣା ଘଟିଛି। ଦୁଇ ଜଣ ଅବସରପ୍ରାପ୍ତ ସେନାଧିକାରୀଙ୍କ ଘରୁ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କା ସହ ସୁନା ଅଳଙ୍କାର ଲୁଟିନେଇଛନ୍ତି। ଗତକାଲି ବିଳମ୍ବିତ ରାତିରେ ପ୍ରଥମେ ଜଣେ ସେନାଧିକାରୀଙ୍କ ଘରକୁ ଯାଇ ଲୁଟ୍ କରିବାକୁ ଉଦ୍ୟମ କରି ଫେଲ୍ ମାରିଥିଲେ। ଏହାପରେ ଉକ୍ତ ଘର ସମ୍ମୁଖରେ ଥିବା ସେତ ବେହେରା ନାମକ ଜନୈକ ଅବସରପ୍ରାପ୍ତ ସେନାଧିକାରୀଙ୍କ ଶୋଇଥିବା ରୁମରେ ପଶିଥିଲେ। ସୂଚନା ମୁତାବକ ଗତକାଲି ବିଳମ୍ବିତ ରାତ୍ରିରେ ସମସ୍ତେ ଶୋଇଥିବା ବେଳେ ଚୋରମାନେ ଝରକା ତାଡ଼ି ଘର ଭିତରେ ପଶିଥିଲେ। ଏହାପରେ ସେମାନେ ଅନ୍ୟ ଏକ ବଖରାରୁ ବାହାର ପଟୁ ଗ୍ରୀଲ ତାଡ଼ି ଆଲମାରୀ ଭାଙ୍ଗି ସୁନା ଅଳଙ୍କାର ସହ ନଗଦ ୫୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ନେଇ ଚମ୍ପଟ୍ ମାରିଥିଲେ। ଏନେଇ ଜାଣିବା ପରେ ପରିବାର ପକ୍ଷରୁ ସ୍ଥାନୀୟ ବୈଦେଶ୍ୱର ଥାନାକୁ ଖବର ଦିଆଯାଇଥିଲା। ବୈଦେଶ୍ୱର୍ ଥାନା ଆଇଆଇସି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। କିନ୍ତୁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଲୁଟେରାଙ୍କ ସମ୍ପର୍କରେ କୌଣସି ପ୍ରକାର ସୂଚନା ମିଳିପାରିନାହିଁ।

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ

**ଫୁଲବାଣୀ, ୨।୫ (ସଂଚାର ବ୍ୟୁରୋ) :** ଫୁଲବାଣୀ ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ଏକ ନାବାଳିକା ଅପହରଣ ଓ ବଳାତ୍କାର ମାମଲାର ଶୁଣାଣି କରି ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୨୫ ହଜାର ଟଙ୍କା ଜରିମାନା ଏବଂ ଏହା ଅନାଦାୟ ଅଧିକ ୭ ମାସ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ବଉଳଝୋଲି ଗ୍ରାମର ସମୀର ପାତ୍ର। ଜି.ଉଦୟଗିରି ଥାନା ଅଞ୍ଚଳର ୧୪ ବର୍ଷୀୟା ନାବାଳିକାଙ୍କ ବାପା ଜଣେ ବ୍ୟବସାୟୀ। ସମୀର ତାଙ୍କ ପାଖରେ କାମ କରୁଥିଲେ। ୨୦୧୮ରେ ନାବାଳିକାଙ୍କ ବାପା ନିଖୋଜ ହୋଇ ଯାଇଥିଲେ। ଏହାପରେ ସମୀର ତାଙ୍କ ବ୍ୟବସାୟ ବୁଝୁଥିଲେ। ମା' ଭଞ୍ଜନଗର ଡାକ୍ତରଖାନାକୁ ଚିକିତ୍ସା ପାଇଁ ଯାଇଥିବା ବେଳେ ସମୀର ତାଙ୍କୁ ବାପାଙ୍କୁ ଖୋଜି ଯିବା କହି ଡାକି ନେଇ ଫେରାର ହୋଇଯାଇଥିଲେ। ଯିବା ବେଳେ ୧୮ ହଜାର ଟଙ୍କା ଓ ଅଳଙ୍କାର ନେଇ ଯାଇଥିଲେ।

## ଭିଜିଲାନ୍ସ ଜାଲରେ ଦଶମନ୍ତପୁର ସିଡିପିଓ



**କୋରାପୁଟ, ୨।୫ (ସଂଚାର ବ୍ୟୁରୋ) :** ଲାଞ୍ଚ ନେବା ବେଳେ କୋରାପୁଟ ଜିଲାର ଦଶମନ୍ତପୁର ବ୍ଲକର ସିଡିପିଓ ଶକୁନ୍ତଳା ଦାସ ଶୁକ୍ରବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ତେବେ ସେ ଜଣେ ଅଙ୍ଗନୱାଡ଼ି ସହାୟିକାଙ୍କଠାରୁ ବକେୟା ଦରମା କରାଇଦେବା ପାଇଁ ୧୦ହଜାର ଟଙ୍କା ଲାଞ୍ଚ ନେଉଥିଲେ। ଏହି ସମୟରେ ଚଢ଼ାଉ କରି ଭିଜିଲାନ୍ସ ତାଙ୍କୁ ଧରିଥିବା ସୂଚନା ମିଳିଛି।

# ତଣ୍ଟି କାଟି ଯୁବକଙ୍କୁ ବୀଭତ୍ସ ହତ୍ୟା

● ଜଙ୍ଗଲରୁ ମିଳିଲା ମୃତଦେହ



**ଦେବଗଡ଼,୨।୫(ସଂଚାର ବ୍ୟୁରୋ):** ଦେବଗଡ ଜିଲ୍ଲା ବାରକୋଟ ଥାନା ମର୍ହା ଗ୍ରାମରେ ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ଗ୍ରାମର ୫୯ ବର୍ଷ ବୟସ୍କ ସୁରେଶ ଶବରଙ୍କୁ ନିର୍ମମ ହତ୍ୟା କରାଯାଇଛି। ତାଙ୍କୁ ଦୁର୍ବୃତ୍ତମାନେ ତଣ୍ଟି କାଟି ହତ୍ୟା କରିବା ପରେ ଜଙ୍ଗଲରେ ଫିଙ୍ଗି ଫେରାର ହୋଇଯାଇଛନ୍ତି। ତେବେ ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ ବାରକୋଟ ଥାନା ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ତେବେ ଏପରି ବୀଭତ୍ସ ହତ୍ୟାକାଣ୍ଡ ପଛର କାରଣ ପରିବାର ଲୋକେ ଖୋଜି ପାଉନଥିଲେ ମଧ୍ୟ ପୂର୍ବ ଶତ୍ରୁତା କାରଣ ହୋଇପାରେ ବୋଲି ଅନୁମାନ କରାଯାଉଛି। ଅନ୍ୟପକ୍ଷରେ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚିଥିବା ବେଳେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହଯୋଗରେ ତଦନ୍ତ ଆରମ୍ଭ କରିଛି। ଏଥିସହ ପୁଲିସ୍ ସୁରେଶଙ୍କ ମୃତଦେହକୁ ବ୍ୟବଚ୍ଛେଦ ସକାଶେ ପଠାଇଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ସୁରେଶ ଗତ ବୁଧବାର ରାତିରେ ଔତଳ ଗ୍ରାମକୁ ଶ୍ରମିକ ଯୋଗାଡ଼ କରିବାକୁ ଯାଇଥିଲେ। ମାତ୍ର ସେ ପରଦିନ ସକାଳ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ସେମାନେ ଗାଁଠାରୁ କିଛି ଦୂରରେ ତାଙ୍କ ବାଇକ ପଡ଼ିଥିବା ଦେଖିବାକୁ ପାଇଥିଲେ ମଧ୍ୟ ସୁରେଶଙ୍କର କୌଣସି ପତ୍ତା ମିଳିନଥିଲା। ତେବେ ଗତକାଲି ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ଘରଠାରୁ ମାତ୍ର ୩୦୦ ମିଟର ଦୂରବର୍ତ୍ତୀ ଜଙ୍ଗଲରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସୁରେଶଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ସୁରେଶଙ୍କ ତଣ୍ଟି କଟାଯାଇଥିବା ବେଳେ ମୁଣ୍ଡରେ ମଧ୍ୟ ଗୁରୁତର ଆଘାତ ଲାଗିଥିବା ପରିବାର ଲୋକ ଦେଖିବାକୁ ପାଇଥିଲେ। ଏନେଇ ବାରକୋଟ ଥାନାକୁ ତୁରନ୍ତ ସୂଚନା ଦିଆଯାଇଥିବା ବେଳେ ପୁଲିସ ସେଠାରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଥିଲା। ଆଜି ସାଇଣ୍ଟିଫିକ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ କରିଥିବା ଜଣାପଡ଼ିଛି। ସୁରେଶଙ୍କ ବିରୋଧରେ ହାତୀ ହତ୍ୟା ସମେତ ବନ୍ୟଜନ୍ତୁ ଶିକାର ଭଳି ଅନେକ ସଙ୍ଗୀନ ଅଭିଯୋଗ ରହିଥିଲା। କିନ୍ତୁ ତାଙ୍କୁ କିଏ ଓ କାହିଁକି ହତ୍ୟା କଲା, ସେନେଇ ପୁଲିସ୍ ପକ୍ଷରୁ ଖୋଳତାଡ଼ ଚାଲିଛି। କିନ୍ତୁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ କାରଣ ନେଇ କିଛି ବି ସ୍ପଷ୍ଟ ହୋଇନଥିବା ବେଳେ ପୁଲିସ୍ ମଧ୍ୟ କୌଣସି ପ୍ରତିକ୍ରିୟା ଦେଇନାହିଁ।

ଉଦାହରଣ ସୃଷ୍ଟି କଲେ ବିଡିଓ

# ଶ୍ରମିକଙ୍କ ସହ ବୋହିଲେ ମାଟି



**ପାଟଣାଗଡ଼,୨।୫(ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବିଡିଓ ଗତକାଲି ଶ୍ରମିକ ଦିବସରେ ଉଦାହରଣ ସୃଷ୍ଟି କରିବା ଭଳି କାର୍ଯ୍ୟ କରିଛନ୍ତି। ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା କାର୍ଯ୍ୟ ତଦାରଖ କରିବାକୁ ଯାଇଥିବା ସମୟରେ ବିଡିଓ ନିଜେ ଭାରରେ ମାଟି ବୋହୁଥିବା ଦେଖିବାକୁ ମିଳିଥିଲା। ତାଙ୍କର ଏହି ସମୟର ଭିଡିଓ ଏବେ ଦ୍ରୁତ ଗତିରେ ଭାଇରାଲ୍ ହେଉଛି। ମୋବାଇଲରୁ ମୋବାଇଲକୁ ଘୂରି ବୁଲୁଛି। ସୂଚନା ମୁତାବକ, ପାଟଣାଗଡ଼ ବିଡିଓ ସୁମନ ମିଞ୍ଜ ପ୍ରତିଦିନ ପରି ଗତକାଲି ପାଟଣାଗଡ଼ ବ୍ଲକ ବାଲିପଟା ଗ୍ରାମପଞ୍ଚାୟତକୁ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା କାର୍ଯ୍ୟ ତଦାରଖ ପାଇଁ ଯାଇଥିବା ବେଳେ ଶ୍ରମିକ ଦିବସ ଅବସରରେ ଶ୍ରମିକମାନଙ୍କୁ ଉତ୍ସାହିତ କରିବା ପାଇଁ ନିଜେ ମାଟି ଖୋଳି ଭାରରେ ମାଟି ବୋହିଥିଲେ। ଏହାଛଡ଼ା ଶ୍ରମିକମାନଙ୍କ ସହ ଆସିଥିବା ଛୁଆମାନଙ୍କୁ ବିସ୍କୁଟ ବାଣ୍ଟିଥିଲେ ଓ ସମସ୍ତ ଶ୍ରମିକଙ୍କୁ ଶ୍ରମିକ ଦିବସର ଶୁଭେଚ୍ଛା ଜଣାଇଥିଲେ। ଶ୍ରମିକମାନଙ୍କ ସହ କାନ୍ଧକୁ କାନ୍ଧ ମିଶାଇ ମାଟି ଖୋଳିବା, ମାଟି ବୋହିବା ଦ୍ୱାରା ଶ୍ରମିକମାନଙ୍କ ମନରେ ଆତ୍ମୀୟତା ସୃଷ୍ଟି କରିପାରିଛନ୍ତି ବିଡିଓ। ଶ୍ରମିକମାନେ ରାଜ୍ୟ ବାହାରକୁ ନ ଯାଇ ନିଜ ଗାଁରେ ନିଜ ପରିବାର ସହ ରହି ଶ୍ରମଭିତ୍ତିକ କାମ କରି ସ୍ୱାଭିମାନର ସହ ବଞ୍ଚିବେ, ସେନେଇ ବିଡିଓ ଶ୍ରମିକମାନଙ୍କୁ ଉତ୍ସାହିତ କରିଛନ୍ତି। ତେବେ ବିଡିଓ ଶ୍ରୀ ମିଞ୍ଜଙ୍କ ଏଭଳି କାର୍ଯ୍ୟକୁ ବୁଦ୍ଧିଜୀବୀମାନେ ପ୍ରଶଂସା କରିବା ସହ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ତାଙ୍କଠାରୁ ଶିଖିବା ଉଚିତ ବୋଲି ମତ ଦେଇଛନ୍ତି।

ହୃଦୟ ବିଦାରକ ଦୁର୍ଘଟଣା

# ବାପା-ଝିଅଙ୍କ ମୃତ୍ୟୁ, ପୁଅ ଗୁରୁତର




**ବାରିପଦା,୨।୫(ସଂଚାର ବ୍ୟୁରୋ):** ଝିଅକୁ ହଷ୍ଟେଲରୁ ନେଇ ଘରକୁ ଫେରୁଥିଲେ ବାପା। ସାଥିରେ ଭାଇ ବି ଯାଇଥିଲା ଭଉଣୀକୁ ଆଣିବା ପାଇଁ। ଘରକୁ ଆସୁଥିବାରୁ ଝିଅ ମନ ବି ଭାରି ଖୁସ୍ ଥିଲା। ଘରେ ପହଞ୍ଚି କେତେ ମଜା କରିବ, ମା'ଙ୍କ ହାତରନ୍ଧା ଢେର୍ ଦିନ ପରେ ଖାଇ ମଉଜ କରିବ, ଏମିତି କେତେ କ'ଣ ଭାବୁଥାଏ ଝିଅ। ବାପା ବି ଝିଅକୁ ନେଇ ଖୁସିମନରେ ଘରକୁ ଫେରୁଥାନ୍ତି। କିନ୍ତୁ ସେମାନଙ୍କ ଖୁସି ଘରେ ପହଞ୍ଚିବା ପୂର୍ବରୁ ମାଟିରେ ମିଶିଯାଇଥିଲା। କାରଣ ବାଟରେ ଜଗିଥିଲା ଯମ ଆଉ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ବାପା-ଝିଅଙ୍କର ମୃତ୍ୟୁ ଘଟିଥିବା ବେଳେ ଭାଇ ଗୁରୁତର ଭାବେ ଆହତ ହୋଇଛନ୍ତି। ଏଭଳି ହୃଦୟ ବିଦାରକ ଘଟଣା ଘଟିଛି ଶରତ ଥାନା ରୁଗୁଡ଼ି ଛକ ନିକଟରେ। ଗତକାଲି ରୁଗୁଡ଼ି ଗ୍ରାମର କୁମାର ମାରାଣ୍ଡି କପ୍ତିପଦା ଥାନା ଜାମୁପଦା ଆଶ୍ରମ ବିଦ୍ୟାଳୟରେ ପଢୁଥିବା ଝିଅକୁ ନେବା ପାଇଁ ଆସିଥିଲେ। ସାଙ୍ଗରେ ପୁଅକୁ ମଧ୍ୟ ଘରୁ ନେଇ ଆସିଥିଲେ କୁମାର। ତେବେ ହଷ୍ଟେଲରୁ ଝିଅକୁ ନେଇ ସେମାନେ ବାଇକ ଯୋଗେ ଫେରୁଥିବା ସମୟରେ ରୁଗୁଡ଼ିଠାରୁ ମାତ୍ର କେଇ ମିଟର ଦୂରରେ ଭାରସାମ୍ୟ ହରାଇ ଗାଡ଼ିଟି ଏକ ମହୁଲ ଗଛ ସହ ପିଟିହୋଇଯାଇଥିଲା। ଫଳରେ ଗାଡ଼ିରେ ଥିବା ବାପା, ପୁଅ ଓ ଝିଅ ସମସ୍ତେ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ହିଁ କୁମାର ଓ ଝିଅ ସାଲଗେଙ୍କର ମୃତ୍ୟୁ ହୋଇଯାଇଥିଲା। ତେବେ ଗୁରୁତର ଅବସ୍ଥାରେ ପୁଅ ରୁଇଦାସଙ୍କୁ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତୁରନ୍ତ ବାରିପଦାକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଖବର ପାଇ ଶରତ ଥାନା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଘରର ମୁରବୀ ଆଉ ଅଲିଅଳୀ ଝିଅକୁ ହରାଇ ମା' ଦୁଃଖରେ ଭାଙ୍ଗିପଡ଼ିଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ମିଳିଲାନି ଇପ୍‌ସିତ୍ ନମ୍ବର, ଜୀବନ ହାରିଲେ ମାଟ୍ରିକ୍ ଛାତ୍ର

**ଜଗତସିଂହପୁର,୨।୫(ସଂଚାର ବ୍ୟୁରୋ):** ଆଜି ମାଟ୍ରିକ୍ ପରୀକ୍ଷାଫଳ ପ୍ରକାଶ ପାଇଥିବା ବେଳେ ଏଥିରେ ପାଖାପାଖି ୯୫ ପ୍ରତିଶତ ମାଟ୍ରିକ ପରୀକ୍ଷାରେ ନମ୍ବର କମ ରହିବାରୁ ଛାତ୍ରଙ୍କ ଆତ୍ମହତ୍ୟା। ଏଭଳି ଘଟଣା ଦେଖିବାକୁ ମିଳିଛି ଜଗତସିଂହପୁର ସଦରବ୍ଲକ ଅଳସୁଧା ପଞ୍ଚାୟତ ଅଳସୁଧା ଗାଁରେ। ଅଳସୁଧା ଗାଁର ପ୍ରଭାକର ରାଉତଙ୍କ ପୁଅ ବଳରାମ ରାଉତ(୧୭) ନିଜର ମାନସିକ ଭାରସାମ୍ୟ ହରାଇ ନେଇଛନ୍ତି ଚରମ ନିଷ୍ପତ୍ତି । ଉକ୍ତ ଛାତ୍ରର ମୃତ ଶରୀର ବ୍ୟବଚ୍ଛେଦ ନିମନ୍ତେ ଜଗତସିଂହପୁର ମୁଖ୍ୟଚିକିତ୍ସାଳୟରେ ଅଟକ ରହିଛି । ସେପଟେ ସେ ଜଣେ ମେଧାବୀ ଛାତ୍ର ହୋଇଥିବାରୁ ଆଶା ଅନୁଯାୟୀ ନମ୍ବର ନରହିବାରୁ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି।

# ହାଇକୋର୍ଟ ନାମ, ପରିବର୍ତ୍ତନ କେବେ ?

**ଭୁବନେଶ୍ୱର,୨।୫:** ଦୀର୍ଘବର୍ଷର ଦାବି ପରେ ୨୦୧୧ ମସିହାରେ 'ଓରିଶା'ର ନାମ 'ଓଡ଼ିଶା'କୁ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ପରିବର୍ତ୍ତିତ ହୋଇଥିଲେ ମଧ୍ୟ ଏଯାବତ୍ କଟକରେ ଥିବା ଓଡ଼ିଶା ହାଇକୋର୍ଟର ନାମ କିନ୍ତୁ ପୂର୍ବଭଳି ଓରିଶା ରହିଛି । ହାଇକୋର୍ଟଙ୍କ ସହ ଆଲୋଚନା କରି ରାଜ୍ୟ ସରକାର ଏ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କ ସହ ଯୋଗଯୋଗ କରିବାକୁ ମତ ପ୍ରକାଶ ପାଉଛି ।

୧୯୩୬ ଏପ୍ରିଲ ପହିଲାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପୂର୍ବରୁ ବ୍ରିଟିଶ ସରକାର ଆମ ରାଜ୍ୟକୁ ବଙ୍ଗ, ବିହାର, ମଧ୍ୟପ୍ରଦେଶ ଓ ମାଡ୍ରାସ ପ୍ରେସିଡେନ୍ସିରେ ବାଣ୍ଟି ରଖିଥିଲେ । ସେତେବେଳେ ବି ବିହାର-ଓରିଶା ବୋଲି କୁହାଯାଉଥିଲା । ସ୍ୱତନ୍ତ୍ର ପ୍ରଦେଶ ଗଠନ ବେଳେ ଆମ ରାଜ୍ୟରେ ନାମ ଇଂରାଜୀରେ ଓରିଶା ଓ ଓଡ଼ିଆ ଭାଷାକୁ ଓରିଆ ବୋଲି ସରକାରୀ ଦସ୍ତାବିଜରେ ଦର୍ଶାଯାଇଥିଲା । ପରବର୍ତ୍ତୀ ସମୟରେ ଓଡ଼ିଶାରେ ହାଇକୋର୍ଟ ସ୍ଥାପନ ହେବା ପରେ ଏହାର ନାମ ବି ଇଂରାଜୀରେ ହାଇକୋର୍ଟ ଅଫ୍ ଓରିଶା ବୋଲି ଉଲ୍ଲେଖ କରାଯାଇଥିଲା ।

ଦୀର୍ଘ ବର୍ଷର ଲଗାତାର ଦାବି ପରେ ୨୦୦୮ରେ ଓଡ଼ିଶା ବିଧାନସଭାରେ ଏକ ସର୍ବସମ୍ମତ ପ୍ରସ୍ତାବ ପାରିତ କରାଯାଇ ଆମ ରାଜ୍ୟର ନାମ ଇଂରାଜୀରେ ଓରିଶା ପରିବର୍ତ୍ତେ ଓଡ଼ିଶା ଓ ଭାଷାର ନାମ ଓରିଆ ପରିବର୍ତ୍ତେ ଓଡ଼ିଆ ରଖିବାକୁ ନିଷ୍ପତ୍ତି ହୋଇଥିଲା । ଏ ସଂକ୍ରାନ୍ତରେ ରାଜ୍ୟ ସରକାର କେନ୍ଦ୍ରକୁ ଅବହିତ କରାଇଥିଲେ । ୨୦୧୦ ମସିହାରେ ବିଧିବଦ୍ଧ ଭାବେ ସଂସଦରେ ଏହି ପ୍ରସ୍ତାବ ଆସିଥିଲା । ୨୦୧୧ ମାର୍ଚ୍ଚ ମାସରେ ରାଜ୍ୟସଭା ଲୋକସଭାରେ ପାରିତ ଏହି ପ୍ରସ୍ତାବକୁ ମଞ୍ଜୁରୀ ଦେବା ପରେ ରାଷ୍ଟ୍ରପତି ଏହି ସଂଶୋଧନ ବିଲ୍‌କୁ ସ୍ୱୀକୃତି ଦେଇଥିଲେ । ଫଳରେ ୨୦୧୧ ନଭେମ୍ବର ପହିଲାରୁ ସାମ୍ବିଧାନିକ ବିଧିବ୍ୟବସ୍ଥା ମୁତାବକ ଓରିଶା ନାମ ବଦଳି ଓଡ଼ିଶା ଏବଂ ଓରିଆ ନାମ ବଦଳି ଓଡ଼ିଆ ହୋଇଥିଲା । ଏ ସଂକ୍ରାନ୍ତରେ



କେନ୍ଦ୍ର ସରକାର ବିଧିବଦ୍ଧ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ କରିବା ପରେ ଓଡ଼ିଶା ସରକାର ମଧ୍ୟ ବିଜ୍ଞପ୍ତି ଜାରି କରିଥିଲେ। ସେବେଠାରୁ ରାଜ୍ୟ ସରକାରଙ୍କ ସମସ୍ତ ଦପ୍ତର ଓରିଶା ପରିବର୍ତ୍ତେ ଓଡ଼ିଶା ବ୍ୟବହାର କରିଆସୁଛନ୍ତି । ଏମିତିକି ମୋଟରଗାଡ଼ି ରେଜିଷ୍ଟ୍ରେସନ୍ ପାଇଁ ଥିବା ଓଆର ପରିବର୍ତ୍ତେ ଓଡି ବ୍ୟବହୃତ ହେଉଛି।

ତେବେ ରାଜ୍ୟ ସରକାର ଜାରି କରିଥିବା ବିଜ୍ଞପ୍ତି ଆଧାରରେ ହାଇକୋର୍ଟ ଅଫ୍ ଓରିଶାର ନାମ କିନ୍ତୁ ଓଡ଼ିଶାକୁ ବଦଳି ପାରିବ ନାହିଁ। ଏଥିପାଇଁ ଥିବା ସାମ୍ବିଧାନିକ ବ୍ୟବସ୍ଥା ମୁତାବକ ହାଇକୋର୍ଟଙ୍କ ସହ ଆଲୋଚନା କରି ରାଜ୍ୟ ସରକାର କେନ୍ଦ୍ରକୁ ବିଧିବଦ୍ଧ ପ୍ରସ୍ତାବ ପଠାଇବା କଥା ଏବଂ ତାହା ଉପରେ ସୁପ୍ରିମକୋର୍ଟଙ୍କ ଅନୁମୋଦନ ମିଳିବା ପରେ ରାଷ୍ଟ୍ରପତିଙ୍କ ସ୍ୱୀକୃତି ଲାଭ କଲେ ଯାଇ ଆମ ହାଇକୋର୍ଟର ନାମରୁ ଓରିଶା ସଂଶୋଧିତ ହୋଇ ଓଡ଼ିଶା ହୋଇପାରିବ ବୋଲି ଆଇନ୍‌ଜୀବୀମାନେ କହୁଛନ୍ତି ।

୨୦୧୧ରୁ ଏଯାବତ୍ କିନ୍ତୁ ହାଇକୋର୍ଟଙ୍କ ନାମ ପରିବର୍ତ୍ତନ ପ୍ରକ୍ରିୟା ଚୂଡ଼ାନ୍ତ ହୋଇପାରି ନାହିଁ । ତେଣୁ ଆମ ରାଜ୍ୟ ହାଇକୋର୍ଟଙ୍କ ନାମ ଫଳକ ଠାରୁ ଆରମ୍ଭ କରି ବିଚାରପତିମାନଙ୍କ ରାୟ ଓ ନିର୍ଦ୍ଦେଶ ଆଦିରେ ହାଇକୋର୍ଟ ଅଫ୍ ଓରିଶା ବୋଲି ଉଲ୍ଲେଖ ରହୁଛି । ହାଇକୋର୍ଟରେ ଯେତେ ମାମଲା ରୁଜୁ ହେଉଛି ସେଥିରେ ବି ସରକାରୀ ଓ ବେସରକାରୀ ପକ୍ଷ ଓରିଶା ଲେଖିବାକୁ ବାଧ୍ୟ ହେଉଛନ୍ତି। ଏମିତିକି ଆମ ହାଇକୋର୍ଟର ମୁଖ୍ୟ ବିଚାରପତି ଓ ବିଚାରପତିମାନଙ୍କ ନିଯୁକ୍ତି ପତ୍ରରେ ବି ଓରିଶା ଶବ୍ଦ ବ୍ୟବହୃତ ହେଉଛି। କେବଳ ସେତିକି ନୁହେଁ, ଆମ ହାଇକୋର୍ଟର ଯେଉଁ ରାୟ ସବୁ ବିଭିନ୍ନ ଆଇନ୍ ପତ୍ରିକାରେ ପ୍ରକାଶ ପାଉଛି ସେଥିରେ ବି ହାଇକୋର୍ଟ ଅଫ୍ ଓରିଶା ଲେଖାଯାଉଛି । ହାଇକୋର୍ଟରୁ ବିଭିନ୍ନ ଜିଲ୍ଲା ଓ ନିମ୍ନ ଅଦାଲତଗୁଡ଼ିକୁ ଯେଉଁସବୁ ପତ୍ରାଳାପ ହେଉଛି ସେଥିରେ ବି ଓରିଶା ଲେଖା ହେଉଛି । ଏ ପରିପ୍ରେକ୍ଷୀରେ ନ୍ୟାୟପାଳିକା ସହ କାର୍ଯ୍ୟପାଳିକା ଓ ବ୍ୟବସ୍ଥାପିକା ଆଲୋଚନା କରି ସହମତି ଭିତ୍ତିରେ ତୁରନ୍ତ ହାଇକୋର୍ଟଙ୍କ ନାମ ଓରିଶାରୁ ଓଡ଼ିଶାକୁ ବଦଳାଇବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି । (ତଥ୍ୟ)

Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






# ଗ୍ରୀନ୍ ଜୋନ୍‌କୁ ଗଲା ଭାରତୀୟ ସେୟାର ବଜାର

**ନୂଆଦିଲ୍ଲୀ, ୨।୫:** ଭାରତୀୟ ସେୟାଜ୍ ବଜାର ପାଇଁ ଆଜି ଶୁଭ ସାବ୍ୟସ୍ତ ହୋଇଛି। ନିବେଶକଙ୍କ ପାଇଁ ଖୁସି ଖବର। କାରଣ ଭାରତର ଷ୍ଟକ୍ ମାର୍କେଟ ଆଜି ସବୁଜ ଜୋନ୍‌ରୁ ଆରମ୍ଭ ହୋଇଛି। ଆଜି ସକାଳ ୧୦ଟା ସୁଦ୍ଧା ଏସ୍‌ଆଣ୍ଡ୍‌ପି ବିଏସ୍‌ଇ ସେନ୍ସେକ୍ସ ୮୬୭.୪୮ ପଏଣ୍ଟ ବୃଦ୍ଧି ପାଇ ୮୧,୧୦୯.୭୨ରେ ପହଞ୍ଚିଛି। ସେହିପରି ଏନ୍‌ଏସଇଇ ନିଫ୍ଟି୫୦ ୨୪୭.୯୦ ପଏଣ୍ଟ ବୃଦ୍ଧି ପାଇ ୨୪,୫୮୨.୧୦ରେ କାରବାର ଆରମ୍ଭ କରିଥିଲା। ଆଦାନୀ ପୋର୍ଟସ୍ ଏବଂ ସ୍ପେଶାଲ୍ ଇକୋନୋମିକ୍ ଜୋନ୍ ସେନ୍ସେକ୍ସରେ ୪.୭୦% ବୃଦ୍ଧି ସହିତ ନେତୃତ୍ୱ ନେଇଥିଲା। ତା'ପରେ ମାରୁତି ସୁଜୁକି ୨.୩୨% ବୃଦ୍ଧି ପାଇଥିଲା। ଇଣ୍ଡସଲାଣ୍ଡ୍ ବ୍ୟାଙ୍କ ୧.୯୭% ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି। ସେହିପରି ଏଟର୍ନାଲ୍ ୧.୭୨% ବୃଦ୍ଧି ପାଇଥିଲା ଏବଂ ଆକ୍ସିସ୍ ବ୍ୟାଙ୍କ ୧.୫୩% ବୃଦ୍ଧି ପାଇଛି। ନେସଲେ ଇଣ୍ଡିଆର ସର୍ବାଧିକ ୧.୧୯% ହ୍ରାସ ଘଟିଛି। ଟାଇଟାନ୍ କମ୍ପାନୀର ସେୟାର ୧.୧୪% ହ୍ରାସ ପାଇଛି, ଯେତେବେଳେ ବଜାଜ୍ ଫିନସର୍ଭ ୦.୫୩% ହ୍ରାସ ପାଇଛି। ହିନ୍ଦୁସ୍ତାନ ୟୁନିଲିଭରର ସେୟାର ୦.୫୧% ଏବଂ ପାୱାର ଗ୍ରୀଡ୍ କର୍ପୋରେସନର ସେୟାର ୦.୨୯% ହ୍ରାସ ପାଇଛି।

# ଲଞ୍ଚ ହେବ ହୋଣ୍ଡା ଏଲିଭେଟ୍ ଇଭି, ନିୟୁ-ଜେନ ହୋଣ୍ଡା ସିଟି





**ନୂଆଦିଲ୍ଲୀ, ୨।୫:** ହୋଣ୍ଡା ଇଣ୍ଡିଆ ବର୍ତ୍ତମାନ୍ ସମ୍ପୂର୍ଣ୍ଣ ପ୍ରସ୍ତୁତି ସହିତ ଭାରତୀୟ କାର ବଜାରରେ ଏଣ୍ଟ୍ରି କରୁଛି। ଗତ କିଛି ମାସ ମଧ୍ୟରେ, କମ୍ପାନୀର କାର ବିକ୍ରୟ ବୃଦ୍ଧି ପାଇଛି ଏବଂ ଏହି ଗତିକୁ ବଜାୟ ରଖିବା ପାଇଁ, ହୋଣ୍ଡା ଏବେ ଅନେକ ନୂତନ ମଡେଲ ଲଞ୍ଚ କରିବାକୁ ପ୍ରସ୍ତୁତ ହେଉଛି। ଯେଉଁଥିରେ ଇଲେକ୍ଟ୍ରିକ୍ ଏବଂ ହାଇବ୍ରିଡ୍ ସେଗମେଣ୍ଟର ଗାଡ଼ିଗୁଡ଼ିକ ସାମିଲ ରହିଛି। ଏଥିରେ ହୋଣ୍ଡା ଏଲିଭେଟ୍ ଇଭି ଏବଂ ନିୟୁ-ଜେନ ହୋଣ୍ଡା ସିଟି ଭଳି ମଡେଲ ସାମିଲ୍ ଅଛି।

ହୋଣ୍ଡା ଏଲିଭେଟ୍ ଇଭି କମ୍ପାନୀର ପ୍ରଥମ ଇଲେକ୍ଟ୍ରିକ୍ ଏସୟୁଭି ହେବ, ଯାହାକୁ ୨୦୨୬ ପ୍ରଥମାର୍ଦ୍ଧରେ ଭାରତରେ ଲଞ୍ଚ କରାଯାଇପାରିବ। ଏହି ଏସୟୁଭିର ଡିଜାଇନ୍ ବର୍ତ୍ତମାନର ଆଇସିଇ (ଇଣ୍ଟର୍ନାଲ କମ୍ବସନ୍ ଇଞ୍ଜିନ୍) ଭର୍ସନ୍ ସହିତ ସମାନ ହେବ। କିନ୍ତୁ ଏଥିରେ ଇଭି-ବିଶେଷ ଡିଜାଇନ୍ ଏଲିମଣ୍ଟେ ଭଳି କ୍ଲୋଜ୍ଡ ଗ୍ରୀଲ୍, ନୂତନ ଆଲୟ ହୁଇଲ ଏବଂ ହାଲୁକା ଫ୍ୟୁଚରଷ୍ଟିକ୍ ଟଚ୍ ଦିଆଯିବ।

ଏହି ଇଲେକ୍ଟ୍ରିକ୍ ଏସୟୁଭିକୁ ୪୦ ରୁ ୬୦ କେଡବ୍ଲ୍ୟୁଏଚ ବ୍ୟାଟେରୀ ପ୍ୟାକ୍ ଦିଆଯାଇପାରିବ, ଯାହା ଥରେ ଚାର୍ଜ କଲେ ୪୦୦ ରୁ ୫୦୦ କିଲୋମିଟର ପର୍ଯ୍ୟନ୍ତ ରେଞ୍ଜ ଦେଇପାରିବ। ଏଥିରେ ଫ୍ରଣ୍ଟ-ମାଉଣ୍ଟେଡ୍ ଇଲେକ୍ଟ୍ରିକ୍ ମୋଟର ସହିତ ଫ୍ରଣ୍ଟ-ହ୍ୱିଲ୍ ଡ୍ରାଇଭ୍ (ଏଫଡବ୍ଲ୍ୟୁଡି) ସିଷ୍ଟମ୍ ମିଳିପାରିବ।

ହୋଣ୍ଡା ଏଲିଭେଟ୍ ଇଭିର ଫିଚର୍ସରେ ୧୦.୨୫-ଇଞ୍ଚ ଟଚସ୍କ୍ରିନ୍ ଇନଫୋଟେନମେଣ୍ଟ ସିଷ୍ଟମ, ଡିଜିଟାଲ୍ ଇଣ୍ଡଷ୍ଟ୍ରୀମେଣ୍ଟ କ୍ଲଷ୍ଟର, ୱାୟାରଲେସ୍ ଆଣ୍ଡ୍ରଏଡ୍ ଅଟୋ ଏବଂ ଆପଲ୍ କାରପ୍ଲେ, ପାନୋରାମିକ୍ ସନରୁଫ୍, ଭେଣ୍ଟିଲେଟେଡ୍ ଫ୍ରଣ୍ଟ ସିଟ୍ ଏବଂ ୩୬୦-ଡିଗ୍ରୀ ପାର୍କିଂ କ୍ୟାମେରା ସାମିଲ୍ ହୋଇପାରେ। ଏହି କାର ଭାରତରେ ଇଲେକ୍ଟ୍ରିକ୍ ଏସୟୁଭି ସେଗମେଣ୍ଟରେ ହୁଣ୍ଡାଇ କୋନା ଇଭି ଏବଂ ଟାଟା କର୍ଭ ଇଭି ଭଳି ଗାଡ଼ିଗୁଡ଼ିକୁ କଡ଼ା ଟକ୍କର ଦେଇପାରେ। ସେହିଭଳି ହୋଣ୍ଡା ଏହାର ଲୋକପ୍ରିୟ ସେଡାନ ସିଟିର ପରବର୍ତ୍ତୀ ପିଢ଼ିର ମଡେଲ ମଧ ଲଞ୍ଚ କରିବାକୁ ପ୍ରସ୍ତୁତ ହେଉଛି, ଯାହାକୁ ୨୦୨୫ ଶେଷ ସୁଦ୍ଧା ଭାରତୀୟ ବଜାରରେ ଲଞ୍ଚ କରାଯାଇପାରିବ। ଏହି କାର ପେଟ୍ରୋଲ ଏବଂ ହାଇବ୍ରିଡ୍ ଉଭୟ ଭାରିଆଣ୍ଟରେ ଉପଲବ୍ଧ ହେବ।

ଏହି ନୂଆହୋଣ୍ଡା ସିଟି ୧.୫ ଲିଟର ଆଇ-ଭିଟିଇସି ପେଟ୍ରୋଲ ଇଞ୍ଜିନ ଏବଂ ଇ-ଏଚଇଭି ହାଇବ୍ରିଡ୍ ସିଷ୍ଟମର ଅପ୍ସନ ସହିତ ଉପଲବ୍ଧ ହେବ। ପେଟ୍ରୋଲ ଭର୍ସନ ପ୍ରାୟ ୧୮ ରୁ ୨୦ କେଏମପିଏଲ ମାଇଲେଜ୍ ଦେଇପାରିବ ଏବଂ ହାଇବ୍ରିଡ୍ ଭର୍ସନ ୨୨+ କେଏମପିଏଲ ମାଇଲେଜ୍ ଦେଇପାରିବ। ସୁରକ୍ଷା ଦୃଷ୍ଟିରୁ, ଏହି କାରରେ ୬ଟି ଏୟାରବ୍ୟାଗ, ଲେନ୍ ଆସିଷ୍ଟାନ୍ସ ଏବଂ ବ୍ରେକ୍ ଆସିଷ୍ଟାନ୍ସ ଭଳି ସେଫ୍ଟି ଫିଚର୍ସ ଯୋଗାଇ ଦିଆଯିବ। ଏଥି ସହ ଫିଚର୍ସ ବିଷୟରେ କହିବାକୁ ଗଲେ, ଏଥିରେ ବଡ଼ ଟଚସ୍କ୍ରିନ୍ ଡିସପ୍ଲେ, ୱାୟାରଲେସ୍ ଚାର୍ଜିଂ, କନେକ୍ଟେଡ୍ କାର୍ ଟେକ୍ନୋଲୋଜି, ଇଲେକ୍ଟ୍ରିକ୍ ସନରୁଫ୍ ଏବଂ ପ୍ରିମିୟମ୍ ଅପହୋଲଷ୍ଟ୍ରୀ ଭଳି ମର୍ଡନ ସୁବିଧା ଯୋଗାଇ ଦିଆଯିବ। ନୂଆ ହୋଣ୍ଡା ସିଟି ସେଡାନ ସେଗମେଣ୍ଟରେ ହୁଣ୍ଡାଇ ଭର୍ଣ୍ଣା ଏବଂ ସ୍କୋଡା ସ୍ଲାଭିଆ ଭଳି କାରଗୁଡ଼ିକୁ ସିଧାସଳଖ ଟକ୍କର ଦେଇପାରେ।

# ଡଲାର ତୁଳନାରେ ଶକ୍ତିଶାଳୀ ହେଲା ଟଙ୍କା



ନୂଆଦିଲ୍ଲୀ, ୨।୫: ଭାରତୀୟ ଟଙ୍କା ଅକ୍ଟୋବର ୨୦୨୪ ପରଠାରୁ ନିଜର ଶକ୍ତିଶାଳୀ ଅବସ୍ଥାକୁ ଫେରିଛି। ଯେଉଁଥିରେ ଏହା ଆମେରିକୀୟ ଡଲାର ବିରୁଦ୍ଧରେ ପ୍ରତି ଡଲାର ପିଛା ୮୪ ଟଙ୍କାରେ ପହଞ୍ଚିଛି। ଅର୍ଥନୈତିକ ସ୍ଥିରତା, ବୈଦେଶିକ ବିନିଯୋଗରେ ବୃଦ୍ଧି ଏବଂ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ (ଆରବିଆଇ)ର ହସ୍ତକ୍ଷେପ ଯୋଗୁଁ ଟଙ୍କାର ଏହି ଉନ୍ନତି ଦେଖାଦେଇଛି। ଅର୍ଥନୀତି ବିଶେଷଜ୍ଞମାନେ କହୁଛନ୍ତି ଯେ, ବୈଶ୍ୱିକ ଅର୍ଥନୈତିକ ଅସ୍ଥିରତା ସତ୍ତ୍ୱେ ଭାରତର ଶକ୍ତିଶାଳୀ ଅର୍ଥନୈତିକ ମୌଳିକତା ଏବଂ ବିଦେଶୀ ମୁଦ୍ରା ଭଣ୍ଡାରରେ ବୃଦ୍ଧି ଟଙ୍କାକୁ ଏହି ସ୍ତରରେ ପହଞ୍ଚାଇଛି। ଆରବିଆଇର ସମୟୋପଯୋଗୀ ନୀତି ଏବଂ ବୈଦେଶିକ ବାଣିଜ୍ୟରେ ଭାରତର ଉନ୍ନତ ପ୍ରଦର୍ଶନ ମଧ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ତେବେ, କେତେକ ବିଶେଷଜ୍ଞ ଚେତାବନୀ ଦେଇଛନ୍ତି ଯେ ବୈଶ୍ୱିକ ତୈଳ ମୂଲ୍ୟରେ ଉତ୍ଥାନ ଏବଂ ଭାରତର ଆମଦାନୀ ନିର୍ଭରତା ଯୋଗୁଁ ଟଙ୍କା ଉପରେ ଚାପ ପଡ଼ିପାରେ। ଏହା ସତ୍ତ୍ୱେ, ଅର୍ଥନୈତିକ ପୁନରୁଦ୍ଧାର ଏବଂ ବିଦେଶୀ ବିନିଯୋଗକାରୀଙ୍କ ଆସ୍ଥା ଟଙ୍କାକୁ ଆଗାମୀ ମାସଗୁଡ଼ିକରେ ଏକ ସ୍ଥିର ସ୍ତରରେ ରଖିବ ବୋଲି ଆଶା କରାଯାଉଛି। ଏହି ଘଟଣା ଭାରତୀୟ ଅର୍ଥନୀତିର ସ୍ଥିତିକୁ ପ୍ରତିଫଳିତ କରୁଛି ଏବଂ ବୈଶ୍ୱିକ ବଜାରରେ ଦେଶର ବଢୁଥିବା ପ୍ରଭାବକୁ ଆହୁରି ଜୋରଦାର କରୁଛି।



# ରାଜ୍ୟପାଳଙ୍କୁ ଭେଟିଲେ ଓଡ଼ିଶା ମଣ୍ଡଳ ମୁଖ୍ୟ ମହା ଡାକପାଳ

ଭୁବନେଶ୍ୱର,୨।୫(ସଂଚାର ବ୍ୟୁରୋ): ଓଡ଼ିଶା ମଣ୍ଡଳର ମୁଖ୍ୟ ମହା ଡାକପାଳ ନିର୍ମଳଜିତ ସିଂହ, ଆଇପିଓଏସ୍ (୧୯୯୭) ଓ ଡାକ ସେବା ନିର୍ଦ୍ଦେଶକ ଅମିତ କୁମାର ଝା, ଆଇପିଓଏସ୍ (୨୦୧୫) ଗତକାଲି ରାଜଭବନଠାରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପଟିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତାଲୋଚନା ସମୟରେ ସେମାନେ ରାଜ୍ୟପାଳଙ୍କୁ ରାଜ୍ୟବାସୀଙ୍କୁ ପ୍ରଦାନ କରାଯାଉଥିବା ବିଭିନ୍ନ ଡାକ ସେବା ଓ ଭାରତୀୟ ଡାକର ଆଗାମୀ ଆଇଟି ଆଧୁନିକୀକରଣ ପ୍ରକଳ୍ପ ବିଷୟରେ ଅବଗତ କରାଇଥିଲେ। ଏହି ଅବସରରେ ଓଡ଼ିଶା ମଣ୍ଡଳ ମୁଖ୍ୟ ମହା ଡାକପାଳ ଶ୍ରୀ ସିଂହ ରାଜ୍ୟପାଳଙ୍କୁ ଗୋଟିଏ 'ମାଇଁ ଷ୍ଟାମ୍ପ' ପ୍ରଦାନ କରିଥିଲେ।

## ୨ ହଜାର ଟଙ୍କା ନୋଟ୍‌କୁ ନେଇ ଆର୍‌ବିଆଇରବଡ଼ ସୂଚନା

# ଏବେ ବି ବଜାରରେ ପ୍ରଚଳନ ରହିଛି ୬,୨୬୬ କୋଟିର ନୋଟ୍

**ନୂଆଦିଲ୍ଲୀ, ୨।୫:** ୨୦୨୩ ମେ ମାସରେ ସରକାର ଦୁଇ ହଜାର ଟଙ୍କିଆ ନୋଟକୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇଥିଲେ। ଦୁଇ ହଜାର ଟଙ୍କିଆ ନୋଟ୍ ବନ୍ଦ ହେବାର ପ୍ରାୟ ଦୁଇ ବର୍ଷ ହୋଇଗଲାଣି। ପ୍ରକୃତରେ, ଦୁଇ ହଜାର ଟଙ୍କିଆ ନୋଟ ଯୋଗୁଁ ଲୋକମାନେ କାରବାରରେ ବହୁତ ସମସ୍ୟାର ସମ୍ମୁଖୀନ ହେଉଥିଲେ, କାରଣ ଅଧିକାଂଶ ଲୋକଙ୍କ ପାଖରେ ଦୁଇ ହଜାର ଟଙ୍କାର ଖୁଚୁରା ଟଙ୍କା ନଥିଲା। ଆରବିଆଇ ରିପୋର୍ଟରୁ ଜଣାପଡିଛି ଯେ ଭାରତୀୟ ରିଜର୍ଭ ବ୍ୟାଙ୍କ ୨୦୦୦ ଟଙ୍କା ନୋଟ୍ ପ୍ରତ୍ୟାହାର କରିବାର ଦୁଇ ବର୍ଷ ପରେ ମଧ ୬,୨୬୬ କୋଟି ଟଙ୍କାର ନୋଟ୍ ପ୍ରଚଳନରେ ରହିଛି। ଏହି ସୂଚନା ଏବେ ଆର୍‌ବିଆଇ ତଥ୍ୟରୁ ପ୍ରକାଶ ପାଇଛି।ଦୁଇ ହଜାର ଟଙ୍କାର ବ୍ୟାଙ୍କ ନୋଟ୍ ଏବେ ବି ବୈଧ ଏବଂ ପ୍ରଚଳିତ ରହିଛି । ୧୯ ମେ, ୨୦୨୩ ରେ ୨୦୦୦ ଟଙ୍କିଆ ନୋଟ୍ ପ୍ରଚଳନରୁ ପ୍ରତ୍ୟାହାର କରିବା ପାଇଁ ଆର୍‌ବିଆଇ ଘୋଷଣା କରିଥିଲା। ତେବେ ଆଜି (ଶୁକ୍ରବାର) ଏକ ବିବୃତ୍ତିରେ ଆର୍‌ବିଆଇ କହିଛି ଯେ,୩୦ ଏପ୍ରିଲ ୨୦୨୫ ସୁଦ୍ଧା, ମୋଟ ୬,୨୬୬ କୋଟି ଟଙ୍କାର ୨୦୦୦ ଟଙ୍କିଆ ନୋଟ୍ ବର୍ତ୍ତମାନ ପ୍ରଚଳନରେ ଅଛି। ୧୯ ମେ ୨୦୨୩ ସୁଦ୍ଧା, ସେହି ସମୟରେ ପ୍ରଚଳନରେ ଥିବା ୨୦୦୦ ଟଙ୍କାର ବ୍ୟାଙ୍କ ନୋଟର ମୋଟ ମୂଲ୍ୟ ୩.୫୬ ଲକ୍ଷ କୋଟି ଟଙ୍କା ଥିଲା। କେନ୍ଦ୍ରୀୟ ବ୍ୟାଙ୍କ କହିଛି,"ଏହିପରି, ୧୯ ମେ, ୨୦୨୩ ସୁଦ୍ଧା ପ୍ରଚଳନରେ ଥିବା ୨୦୦୦ ଟଙ୍କାର ବ୍ୟାଙ୍କ ନୋଟର ୯୮.୨୪ ପ୍ରତିଶତ ଫେରି ଆସିଛି।"



ଦେଶର ସମସ୍ତ ବ୍ୟାଙ୍କ ଶାଖାରେ ଦୁଇ ହଜାର ଟଙ୍କିଆ ବ୍ୟାଙ୍କ ନୋଟ୍ ଜମା କରିବା କିମ୍ବା ବଦଳାଇବାର ସୁବିଧା ୭ ଅକ୍ଟୋବର, ୨୦୨୩ ପର୍ଯ୍ୟନ୍ତ ଉପଲବ୍ଧ ଥିଲା। ବିମୁଦ୍ରୀକରଣ ହୋଇଥିବା ୨୦୦୦ ଟଙ୍କା ନୋଟ୍ ବଦଳାଇବାର ସୁବିଧା ୧୯ ମେ ୨୦୨୩ ଠାରୁ ରିଜର୍ଭ ବ୍ୟାଙ୍କର ୧୯ଟି ଜାରି କାର୍ଯ୍ୟାଳୟରେ ଉପଲବ୍ଧ। ଆରବିଆଇ ଜାରି କାର୍ଯ୍ୟାଳୟ ଗୁଡ଼ିକ ମଧ ୯ ଅକ୍ଟୋବର, ୨୦୨୩ ଠାରୁ ବ୍ୟକ୍ତି ଏବଂ ସଂସ୍ଥା ମାନଙ୍କ ଠାରୁ ୨୦୦୦ ଟଙ୍କା ନୋଟ୍ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରିବା ପାଇଁ ଗ୍ରହଣ କରୁଛନ୍ତି ।

# ଜୁନ ୧୬ରୁ ଆହୁରି ସହଜ ହେବ ୟୁପିଆଇ ପେମେଣ୍ଟ

ନୂଆଦିଲ୍ଲୀ,୨।୫: ୨୦୨୫ ମସିହା ଜୁନ ୧୬ ରୁ, ୟୁପିଆଇ ଟ୍ରାନଜାକସନ ଆହୁରି ସହଜ ହେବାକୁ ଯାଉଛି। ନ୍ୟାସନାଲ ପେମେଣ୍ଟସ କର୍ପୋରେସନ ଅଫ ଇଣ୍ଡିଆ (ଏନପିସିଆଇ) ଘୋଷଣା କରିଛି ଯେ ବିଭିନ୍ନ ୟୁପିଆଇ ସେବାଗୁଡ଼ିକର ପ୍ରତିକ୍ରିୟା ସମୟ ହ୍ରାସ କରାଯିବ। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଉପଭୋକ୍ତାମାନଙ୍କୁ ଏକ ସୁଗମ ଏବଂ ତୁରନ୍ତ ପେମେଣ୍ଟ ଅଭିଜ୍ଞତା ପ୍ରଦାନ କରିବା।

ଏନପିସିଆଇ ତା'ର ଏପ୍ରିଲ ୨୬ ତାରିଖର ସର୍କୁଲାରରେ କହିଛି ଯେ ୨୦୨୫ ମସିହା ଜୁନ ୧୬ ରୁ, ୟୁପିଆଇ ଉପଭୋକ୍ତାମାନେ ଟ୍ରାନଜାକସନର ସ୍ଥିତି ଯାଞ୍ଚ କରିବା କିମ୍ବା ପେମେଣ୍ଟ ଫେରାଇବା ସମୟରେ ତୁରନ୍ତ ପ୍ରତିକ୍ରିୟା ଆଶା କରିପାରିବେ। ଟ୍ରାନଜାକସନ ସ୍ଥିତି ଯାଞ୍ଚ କରିବା ପାଇଁ ପ୍ରତିକ୍ରିୟା ସମୟକୁ ୩୦ ସେକେଣ୍ଡରୁ କମାଇ ୧୦ ସେକେଣ୍ଡ କରାଯାଇଛି। ସେହିପରି, ଯଦି କେହି ଏକ ୟୁପିଆଇ ପେମେଣ୍ଟ ଫେରାଇବାକୁ ଚାହାଁନ୍ତି, ତେବେ ସିଷ୍ଟମ ଏବେ ୩୦ ସେକେଣ୍ଡ ପରିବର୍ତ୍ତେ ୧୦ ସେକେଣ୍ଡରେ ପ୍ରତିକ୍ରିୟା କରିବ। ଟଙ୍କା ପଠାଇବା କିମ୍ବା ଗ୍ରହଣ କରିବା (ରିକ୍ୱେଷ୍ଟ ପେ ଏବଂ ରେସପନ୍ସ ପେ) ପାଇଁ ପ୍ରତିକ୍ରିୟା ସମୟ ମଧ ୩୦ ସେକେଣ୍ଡରୁ ଅଧା ହ୍ରାସ ପାଇ ୧୫ ସେକେଣ୍ଡ ହେବ। ଏହା ସହିତ, ଯଦି ଜଣେ ଉପଭୋକ୍ତା ଏକ ଠିକଣା ଯାଞ୍ଚ କରିବାକୁ ଚାହାଁନ୍ତି, ତେବେ ଏହା ଏବେ ମାତ୍ର ୧୦ ସେକେଣ୍ଡ ନେବ, ଯାହା ପୂର୍ବରୁ ୧୫ ସେକେଣ୍ଡ ଥିଲା। ତେଣୁ, ଆପଣ ଟଙ୍କା ପଠାଇବା କିମ୍ବା ଗ୍ରହଣ କରିବା, ପେମେଣ୍ଟ ସ୍ଥିତି ଯାଞ୍ଚ କରିବା କିମ୍ବା ପେମେଣ୍ଟ ଫେରାଇବା ଆବଶ୍ୟକ କରୁଥିଲେ, ସିଷ୍ଟମ ଏବେ ଅଧିକ ତୁରନ୍ତ ପ୍ରତିକ୍ରିୟା କରିବ।




ୟୁପିଆଇ ବର୍ତ୍ତମାନ ଭାରତରେ ସବୁଠାରୁ ଅଧିକ ବ୍ୟବହୃତ ଡିଜିଟାଲ ପେମେଣ୍ଟ ସିଷ୍ଟମଗୁଡ଼ିକ ମଧ୍ୟରୁ ଗୋଟିଏ। ଉପଭୋକ୍ତାମାନଙ୍କ ଅଭିଜ୍ଞତାକୁ ଉନ୍ନତ କରିବା ପାଇଁ, ଏନପିସିଆଇ ବ୍ୟାଙ୍କ ଏବଂ ପେମେଣ୍ଟ ସର୍ଭିସ ପ୍ରୋଭାଇଡର (ପିଏସପି) ମାନଙ୍କୁ ସେମାନଙ୍କ ସିଷ୍ଟମ ଅପଡେଟ କରିବାକୁ କହୁଛି। ଏହି ଅପଡେଟଗୁଡ଼ିକ ନୂଆ ପ୍ରତିକ୍ରିୟା ସମୟଗୁଡ଼ିକ ଅନୁସରଣ କରାଯାଇ ଟ୍ରାନଜାକସନ ସଫଳତା ହାରକୁ ପ୍ରଭାବିତ ନକରିବାକୁ ସୁନିଶ୍ଚିତ କରିବ। ଏନପିସିଆଇ ତା'ର ସର୍କୁଲାରରେ କହିଛି, "ଉପରୋକ୍ତ ସଂଶୋଧନଗୁଡ଼ିକ ଗ୍ରାହକ ଅଭିଜ୍ଞତାକୁ ଉନ୍ନତ କରିବା ପାଇଁ ଉଦ୍ଦିଷ୍ଟ। ସଦସ୍ୟମାନେ ସେମାନଙ୍କ ସିଷ୍ଟମରେ ଆବଶ୍ୟକୀୟ ପରିବର୍ତ୍ତନ କରିବାକୁ ନିଶ୍ଚିତ କରିବେ ଯାହା ଦ୍ୱାରା ପ୍ରତିକ୍ରିୟାଗୁଡ଼ିକ ସଂଶୋଧିତ ସମୟ ମଧ୍ୟରେ ପରିଚାଳିତ ହେବ।" "ଏହା ସହିତ, ସଦସ୍ୟମାନଙ୍କୁ ଅନୁରୋଧ କରାଯାଉଛି ଯେ ପ୍ରତିକ୍ରିୟା ସମୟରେ ପରିବର୍ତ୍ତନ ଟେକ୍ନିକାଲ ଡିକ୍ଲାଇନ (ଟିଡି) ଥ୍ରେସହୋଲ୍ଡକୁ ପ୍ରତିକୂଳ ଭାବେ ପ୍ରଭାବିତ ନକରେ," ଏନପିସିଆଇ ଉଲ୍ଲେଖ କରିଛି।

ଏହା ଉଲ୍ଲେଖ କରାଯାଇପାରେ ଯେ ଚଳିତ ମାସରେ, ଏପ୍ରିଲ ୧୨ ତାରିଖରେ, ଏକ ଟେକ୍ନିକାଲ ସମସ୍ୟା ହେତୁ ଅନେକ ୟୁପିଆଇ ଉପଭୋକ୍ତା ପେମେଣ୍ଟ କରିବା ସମୟରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏନପିସିଆଇ ଏକ୍ସରେ ଲେଖିଛି, "ଏନପିସିଆଇ ବର୍ତ୍ତମାନ ଅସ୍ଥାୟୀ ଟେକ୍ନିକାଲ ସମସ୍ୟାର ସମ୍ମୁଖୀନ ହେଉଛି, ଯାହା ଆଂଶିକ ୟୁପିଆଇ ଟ୍ରାନଜାକସନ ଅସ୍ୱୀକାର ହେଉଛି। ଆମେ ଏହି ସମସ୍ୟାର ସମାଧାନ ପାଇଁ କାମ କରୁଛୁ, ଏବଂ ଆପଣଙ୍କୁ ଅପଡେଟ ରଖିବୁ। ଅସୁବିଧା ପାଇଁ ଆମେ ଦୁଃଖିତ।" ଏଦିଗରେ, ତୁରନ୍ତ ପ୍ରତିକ୍ରିୟା ସମୟ ସହିତ, ୟୁପିଆଇ ମାଧ୍ୟମରେ ଟଙ୍କା ପଠାଇବା ଏବଂ ଗ୍ରହଣ କରିବା ଆହୁରି ସୁବିଧାଜନକ ହେବ। ଏହି ପରିବର୍ତ୍ତନଗୁଡ଼ିକ ଦର୍ଶାଉଛି ଯେ ଡିଜିଟାଲ ପେମେଣ୍ଟକୁ ସମସ୍ତଙ୍କ ପାଇଁ ତୁରନ୍ତ ଏବଂ ସହଜ କରିବା ପାଇଁ ସିଷ୍ଟମକୁ ନିରନ୍ତର ଉନ୍ନତ କରାଯାଉଛି।

# ଏପ୍ରିଲରେ ରେକର୍ଡ ୨.୩୭ ଲକ୍ଷ କୋଟିର ଜିଏସଟି ସଂଗ୍ରହ

**ନୂଆଦିଲ୍ଲୀ, ୨।୫:** ନିକଟରେ ସମାପ୍ତ ଏପ୍ରିଲ୍ ମାସରେ ଜିଏସଟି ସଂଗ୍ରହ ସର୍ବକାଳୀନ ରେକର୍ଡ ୨.୩୭ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଗୁରୁବାର ଅର୍ଥ ମନ୍ତ୍ରାଳୟ ପକ୍ଷରୁ ଜାରି ଜିଏସଟି ତଥ୍ୟରୁ ଏହା ଜଣାପଡ଼ିଛି। ଜିଏସଟି ସଂଗ୍ରହର ଅଭିବୃଦ୍ଧି ୧୨.୬ ପ୍ରତିଶତ ରେକର୍ଡ କରାଯାଇଛି, ଯାହା ୧୭ ମାସ ମଧ୍ୟରେ ସର୍ବାଧିକ। ଖବର ଅନୁଯାୟୀ, ଏପ୍ରିଲ ୨୦୨୪ରେ ଜିଏସଟି ସଂଗ୍ରହ ୨.୧୦ ଲକ୍ଷ କୋଟି ଥିଲା, ଯାହାକି ସେତେବେଳେ ସର୍ବକାଳୀନ ରେକର୍ଡ ଥିଲା। କିନ୍ତୁ ଏପ୍ରିଲ ୨୦୨୫ ଏହି ରେକର୍ଡକୁ ଭାଙ୍ଗି ନୂଆ ରେକର୍ଡ ଛିଡ଼ା କରିଛି। ଚଳିତ ବର୍ଷ ମାର୍ଚ୍ଚ ମାସରେ ଜିଏସଟି ସଂଗ୍ରହ ୧ ଲକ୍ଷ ୯୬ ଲକ୍ଷ କୋଟି ଟଙ୍କା ଥିଲା। ଏପ୍ରିଲ ୨୦୨୪ରେ ଜିଏସଟି ସଂଗ୍ରହ ୨.୧୦ ଲକ୍ଷ କୋଟି ଥିଲା, ଯାହାକି ସେତେବେଳେ ସର୍ବକାଳୀନ ରେକର୍ଡ ଥିଲା। କିନ୍ତୁ ଏପ୍ରିଲ ୨୦୨୫ ଏହି ରେକର୍ଡକୁ ଭାଙ୍ଗି ନୂଆ ରେକର୍ଡ ଛିଡ଼ା କରିଛି। ତଥ୍ୟ ଅନୁଯାୟୀ, ଘରୋଇ କାରବାରରୁ ଜିଏସଟି ରାଜସ୍ୱ ୧୦.୭ ପ୍ରତିଶତ ବୃଦ୍ଧି ପାଇ ପ୍ରାୟ ୧.୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଆମଦାନୀ ସାମଗ୍ରୀରୁ ରାଜସ୍ୱ ୨୦.୮ପ୍ରତିଶତ ବୃଦ୍ଧି ପାଇ ୪୬୯୧୩ କୋଟିରେ ପହଞ୍ଚିଛି। ଏପ୍ରିଲ ମାସରେ ପ୍ରଦାନ କରାଯାଇଥିବା ରିଫଣ୍ଡ ପରିମାଣ ୪୮.୩ ପ୍ରତିଶତ ବୃଦ୍ଧି ପାଇ ୨୭,୩୪୧ କୋଟି ହୋଇଛି। ଫେରସ୍ତ ପାଇଁ ସମାୟୋଜନ ପରେ, ଏପ୍ରିଲରେ ନିଟ୍ ଜିଏସଟି ସଂଗ୍ରହ ୯.୧ ପ୍ରତିଶତ ବୃଦ୍ଧି ପାଇ ୨.୦୯ ଲକ୍ଷ କୋଟି ଟଙ୍କାରୁ ଅଧିକ ହୋଇଛି।






ହୁହୁ ହୋଇ ବଢ଼ି ଚାଲିଛି ସୁନା ଦର। ସୁନା କିଣିବା ପୂର୍ବରୁ ବହୁ ଥର ଚିନ୍ତା କରିବାକୁ ପଡୁଛି। ହେଲେ ସୁନା କିଣିବାକୁ ଚାହୁଁଥିବା ଲୋକଙ୍କ ପାଇଁ ଖୁସି ଖବର। କମିଛି ସୁନା ଦର। ତେବେ ଆସନ୍ତୁ ଜାଣିବା, ସୁନା ଦର କେଉଁଠି କେତେ ? ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୫, ୫୧୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୮୭ ହଜାର ୫୫୦ ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୫, ୫୧୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୭ ହଜାର ୫୫୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୫,୫୧୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୭ ,୫୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୫, ୬୬୦ ଟଙ୍କା ଓ ୨୨ କ୍ୟାରେଟ୍ ୮୭,୭୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୫, ୫୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୭,୫୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୫, ୫୧୦ ଓ ୮୭,୫୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୦,୭୦୦ ଟଙ୍କା ହୋଇଛି।



ଦେଶର କିଛି ସ୍ଥାନରେ ତୈଳ ଦର ସ୍ଥିର ରହିଥିବା ବେଳେ ଅନ୍ୟ କିଛି ସ୍ଥାନରେ ତୈଳ ଦରରେ ପରିବର୍ତ୍ତନ ହୋଇଛି। ଭୁବନେଶ୍ୱର ପେଟ୍ରୋଲ ଦରରେ ମଧ ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୫୫ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୩ .୧୧ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।

## ପୌର ପ୍ରଶାସନର ନିଘା ନାହିଁ, ନିରାଶ ହେଉଛନ୍ତି ସହରବାସୀ

# ଭାଙ୍ଗିରୁଜି ଗଲାଣି ଓପନ ଜିମ୍ ଉପକରଣ



**ହିଞ୍ଜିଳିକାଟୁ,୨।୫ (ସଂଚାର ବ୍ୟୁରୋ):** ଭାଙ୍ଗିରୁଜି ଗଲାଣି ମୁକ୍ତାକାଶ ବ୍ୟାୟାମଶାଳା (ଓପନ ଜିମ୍) ର ଉପକରଣ ଓ ଏହାକୁ ମରାମତି କରିବାକୁ କେହି ନାଁ ଧରୁ ନଥିବା ବେଳେ ବ୍ୟାୟାମ ପାଇଁ ଲୋକେ ହଇରାଣ ହେଉଛନ୍ତି ଓ ଏପରିସ୍ଥିତି ଦେଖିବାକୁ ମିଳିଛି ହିଞ୍ଜିଳିକାଟୁ ସହର ସ୍ଥିତ ମିନି ଷ୍ଟାଡିୟମ ପରିସରରେ ଥିବା ଓପନ ଜିମ୍ ପରିସରରେ ଓ ଏହାକୁ ନେଇ ପ୍ରତିଦିନ ସକାଳେ ବ୍ୟାୟାମ ପାଇଁ ଆସୁଥିବା ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି ଓ ମୁଖ୍ୟଯୋଜନାରେ ପୌରପରିଷଦ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଓପନ ଜିମ୍ ସେଣ୍ଟରରେ ମାଗଣାରେ ଲୋକେ ବ୍ୟାୟାମ କରନ୍ତି ଓ ଏହି ଯୋଜନା ହିଞ୍ଜିଳିକାଟୁ ସହରର ୧୦ରୁ ଅଧିକ ସ୍ଥାନରେ ଏହି ବ୍ୟାୟାମଶାଳା ନିର୍ମାଣ ହୋଇଛି ଓ ପ୍ରତି ସ୍ଥାନରେ ପ୍ରାୟ ୧୦ ଲକ୍ଷ ପାଖାପାଖି ଟଙ୍କା ଖର୍ଚ୍ଚ ହୋଇଛି ଓ ଲୋକେ ଟଙ୍କା ଖର୍ଚ୍ଚ କରି ଜିମ୍ ଯାଇ ପାରୁନଥିବା ବେଳେ ମାଗଣାରେ କେମିତି ଫିଟ ବା ସୁସ୍ଥ ରହିବେ, ଏହାକୁ ଗୁରୁତ୍ୱ ଦେଇ ରାଜ୍ୟ ଜିଲ୍ଲାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଯୋଜନା ଆରମ୍ଭ ହୋଇଥିଲା ଓ ସରକାରଙ୍କ ଏହି ଯୋଜନାରେ ଲୋକେ ବେଶ ଉପକୃତ ହେଉଥିବା ଦେଖିବାକୁ ମିଳୁଛି ଓ ପ୍ରତିଦିନ ସକାଳ ଓ ସନ୍ଧ୍ୟା ସମୟରେ ଏହି ବ୍ୟାୟାମଶାଳାରେ ଲୋକଙ୍କ ଗହଳି ଦେଖିବାକୁ ମିଳୁଛି ଓ ପିଲାଠୁ ବୃଦ୍ଧ ସବୁ ବର୍ଗର ଲୋକେ ଏଠାରେ ବ୍ୟାୟାମ କରୁଛନ୍ତି ଓ ତେବେ ହିଞ୍ଜିଳିକାଟୁ ସହରର ମିନିଷ୍ଟାଡିୟମ ପରିସରରେ ଥିବା ବ୍ୟାୟାମଶାଳା ଉପରେ ସକାଳେ ଓ ସନ୍ଧ୍ୟାରେ ଲୋକଙ୍କ ଅଧିକ ଭିଡ ଦେଖିବାକୁ ମିଳୁଥାଏ ଓ ସକାଳ ସମୟରେ ଏମିତିକି ଭିଡ଼ ପାଇଁ ଲୋକେ ଆଗୁଆ ଯାଇ ବ୍ୟାୟାମ କରୁଛନ୍ତି ଓ ସେଠାରେ ଏହି ବ୍ୟାୟାମଶାଳାରେ ଅଧିକାଂଶ ଉପକରଣ ଭାଙ୍ଗି ଯାଇଛି ଓ ଯାହା ଫଳରେ ଲୋକେ ସବୁପ୍ରକାର ବ୍ୟାୟାମ କରିପାରୁନାହାନ୍ତି ଓ ଗୋଟିଏ ରଖିବା ଉପକରଣ ଭାଙ୍ଗିଯାଇଥିବା ବେଳେ ସେଇ ଉପକରଣ ଗାଏବ ବି ହୋଇଯାଇଛି ଓ ଉପକରଣ ଅଚଳ ହେଲେ ଲମ୍ବା ଭାଙ୍ଗିରୁଜି ଗଲେ ପୌରପରିଷଦ ପକ୍ଷରୁ ମରାମତି କରାଯିବାର ବ୍ୟବସ୍ଥା ରହିଛି ଓ ହେଲେ ପୌରପରିଷଦ ପକ୍ଷରୁ ଏନେଇ ଗୁରୁତ୍ୱ ଦିଆଯାଉନାହିଁ ଓ ସହରର ମୁଖ୍ୟ ମିନି ଷ୍ଟାଡିୟମରେ ବ୍ୟାୟାମଶାଳା ହୋଇଥିବାରୁ ଲୋକେ ନିରାଶ ହୋଇ ଫେରୁଛନ୍ତି ଓ ପ୍ରଶାସନ ଏହାକୁ ଦୃଷ୍ଟିରେ ରଖି ସଠିକ୍ ପରିଚାଳନା ସହ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହେଉଛି।

# ଆଦିବାସୀଙ୍କୁ ରୋଜଗାର ଦେଉଛି ବାଉଁଶ ସାମଗ୍ରୀ



**ଫୁଲବାଣୀ,୨।୫ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଏକ ଆଦିବାସୀ ବହୁଳ ବ୍ଲକ ଭାବେ ପରିଚିତ।ଏଠାରେ ପ୍ରାୟ ୯୦ ପ୍ରତିଶତ ଆଦିବାସୀ ଲୋକ ବସବାସ କରନ୍ତି।ପ୍ରାୟ ଆଦିବାସୀ ପରିବାର ରୋଜଗାର ପାଇଁ ଜଙ୍ଗଲ ଜାତୀୟ ଦ୍ରବ୍ୟ ଉପରେ ନିର୍ଭର କରୁଥିବା ବେଳେ କିଛି ଆଦିବାସୀ ପରିବାର ଲୋକଙ୍କ ଆବଶ୍ୟକତାକୁ ନେଇ ବିଭିନ୍ନ ପନ୍ଥା ଅବଲମ୍ବନ କରି ରୋଜଗାର କରୁଛନ୍ତି।ସେଥିମଧ୍ୟରୁ ବାଉଁଶ ସାମଗ୍ରୀ ନିର୍ମାଣ କରି ରୋଜଗାର କରିବା ଅନ୍ୟତମ।ଏଠାକାର ଆଦିବାସୀ ମାନେ ପ୍ରଥମେ ଗ୍ରାମରେ ଥିବା କିମ୍ବା ଆଖପାଖରେ ଥିବା ବାଉଁଶ ଗଛକୁ କ୍ରୟ କରି ଘରକୁ ନେଇ ଆସନ୍ତି।ପରେ ପରିବାର ଲୋକ ସମସ୍ତେ ମିଶି ବାଉଁଶ ଗଛକୁ ଛୋଟ ଛୋଟ ଆକାରରେ କାଟି ଦିଅନ୍ତି।ପରେ କୌଶଳ କ୍ରମେ ଛୋଟ ବଡ଼ କଟା ବାଉଁଶରେ ବିଭିନ୍ନ ପ୍ରକାର ସାମଗ୍ରୀ ନିର୍ମାଣ କରିଥାନ୍ତି।ପରେ ନିକଟସ୍ଥ ବଜାରରେ ବିକ୍ରି କରି ରୋଜଗାର କରିଥାନ୍ତି।ବିଶେଷ କରି ବର୍ଷକର ଧାନ ସୁରକ୍ଷିତ ରଖିବା ପାଇଁ ବାଉଁଶରେ ତିଆରି ପାଲ, କୃଷି ଜାତୀୟ ଦ୍ରବ୍ୟ ସାଇତି ରଖିବା ପାଇଁ ଟପଲି, ଟୁକୁନା, କୁଲା ଭଳି ବାଉଁଶ ସାମଗ୍ରୀ ତିଆରି କରିଥାନ୍ତି।ସେହିପରି ମାଛ ଧରିବା ପାଇଁ ବିସର, ଦାନ୍ଦର, ଥାପା ଏବଂ ଘରେ ବ୍ୟବହାର ପାଇଁ ଝାଡୁ, ଛପା ଓ ଛେଟଣା ଭଳି ସାମଗ୍ରୀ ବଜାରରେ ବିକ୍ରି କରି ରୋଜଗାର କରୁଛନ୍ତି। କୁହାଯାଏ ଆଗକାଳରେ ମା ଗର୍ଭରୁ ଛୁଆ ଜନ୍ମ ହେବା ପରେ ନାଭି କାଟିବା ପାଇଁ ବୈଦ୍ୟମାନେ ଧାରୁଆ ବାଉଁଶ ବ୍ୟବହାର କରୁଥିଲେ।ବିଶ୍ୱାସ ଥିଲା ଧାରୁଆ ବାଉଁଶରେ ନାଭି କାଟିଲେ ସଂକ୍ରମଣ ହେବ ନାହିଁ ବୋଲି।ସେହି ପରି ନୂତନ ଘରର କାନ୍ଥ ନିର୍ମାଣ ଠାରୁ ଆରମ୍ଭ କରି କବାଟ ଝରକା ବାଉଁଶରେ ନିର୍ମାଣ ହେଉଥିଲା।ସେହିପରି ବାଉଁଶରେ ପାଚେରୀ ନିର୍ମାଣ ହେଉଥିଲା।ବର୍ତ୍ତମାନ ଆଧୁନିକ ଯୁଗରେ ବାଉଁଶ ସାମଗ୍ରୀର ଚାହିଦା ଧୀରେ ଧୀରେ କମି ଯାଉଥିବା ବେଳେ ଅଳ୍ପ କିଛି ପରିବାର ଏହି କୌଳିକ ବୃତ୍ତିକୁ ଜୀବିତ ରଖିଛନ୍ତି।

● ସାଂସଦ ପ୍ରତାପଙ୍କ କଥା ରଖିଲେ ମୋହନ ସରକାର

## ସହରାଞ୍ଚଳ ଚାଷୀଙ୍କୁ ମିଳିଲା ସି.ଏମ କିଷାନ ଟଙ୍କା

**ନୀଳଗିରି,୨।୫(ସଂଚାର ବ୍ୟୁରୋ):** ସହରାଞ୍ଚଳ ଚାଷୀଙ୍କ ଦୁଃଖ ବୁଝିଲେ ବିଜେପିର ମୋହନ ସରକାର। ପୂର୍ବରୁ ବିଜେଡି ସରକାର ଦ୍ୱାରା ଅଣଦେଖାର ଶିକାର ହୋଇଥିଲେ ସହରାଞ୍ଚଳର ଚାଷୀ। ରାଜ୍ୟରେ ବିଜେପି ସରକାର ଆସିବାପରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଓଡ଼ିଶାର ସହରାଞ୍ଚଳ ଚାଷୀଙ୍କ ଦୁଃଖ ବୁଝି କୃଷିମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ କେ.ଭି ସିଂହଦେଓଙ୍କୁ ସି.ଏମ କିଷାନ ସହାୟତା ରାଶି ଯୋଗାଇଦେବା ପାଇଁ ଦାବୀ କରିଥିଲେ। ଚିଠିର ଗୁରୁତ୍ୱକୁ ବୁଝିବା ସହିତ ସମଗ୍ର ଓଡ଼ିଶାର ସହରାଞ୍ଚଳ ଚାଷୀଙ୍କ ଦୁଃଖକୁ ବୁଝି ବୁଧବାର ଅକ୍ଷୟତୃତୀୟା ଅବସରରେ ଚାଷୀଙ୍କ ଏକାଉଣ୍ଟଙ୍କୁ ସିଏମ୍ କିଷାନ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି ଅବସରରେ ନୀଳଗିରି ସହରାଞ୍ଚଳର ଅଧିକାଂଶ ସିଏମ କିଷାନ ସହାୟତା ରାଶି ପାଇଥିବାରୁ ସାଂସଦ ପ୍ରତାପ ଷଡଙ୍ଗୀ, କୃଷିମନ୍ତ୍ରୀ କେଭି ସିଂହଦେଓ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ନିଜ ଘରେ ରହିବାର ମଜା ଟିକେ ନିଆରା: ଅମର

**ବିଞ୍ଝାରପୁର,୨।୫(ସଂଚାର ବ୍ୟୁରୋ):** ରାଜ୍ୟର ବହୁ ପୁରାତନ ଚଣ୍ଡିଖୋଲ ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟଟି ବେସରକାରୀ ଘରେ ଓ ସରକାରୀ ଜାଗାରେ ଚାଲିଆସୁଥିଲା। ମାତ୍ର ଏବେ ଉକ୍ତ ଗୃହ ଦେଇ ରାସ୍ତା ଯାଉଥିବାରୁ ମାଲିକ ମାନେ ବୈଠକ କରି ନିଜସ୍ୱ ଜାଗାରେ କରିବା ପାଇଁ ମନୋସ୍ଥ କରି ଚଣ୍ଡିଖୋଲ ଡୁବୁରୀ ବାଇପାସ ରାସ୍ତା କଡରେ ସଂଘ କାର୍ଯ୍ୟାଳୟ ନାମରେ ଏକ ନିଜସ୍ୱ ଜାଗା କ୍ରୟ କରିଛନ୍ତି। ଗୁରୁବାର ଶୁଭ ବାରଦେଖି ନିଜସ୍ୱ ଜାଗାରେ ପଣ୍ଡିତ ବିଜୟ କୁମାର ପଣ୍ଡିତ ଙ୍କ ଦ୍ୱାରା କାର୍ଯ୍ୟାଳୟ ଗୃହ ନିର୍ମାଣ କରିବାପାଇଁ ଶୁଭ ଭିତି ପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ଯୋଗଦେଇ ଆନୁଷ୍ଠାନିକ ଭାବେ ସଂଘ କାର୍ଯ୍ୟାଳୟ ଗୃହ ର ଶୁଭ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟଅତିଥି ବିଧାୟକ ଅମର କୁମାର ନାୟକ, ମୁଖ୍ୟବକ୍ତା ଚଣ୍ଡିଖୋଲ ଆଞ୍ଚଳିକ ପରିବହନ ଅଧିକାରୀ ଇଂ ସମ୍ବିତ କୁମାର, ସମ୍ମାନୀତ ଅତିଥି ଭାବେ ସୁଙ୍ଗୁଡା




ସରପଞ୍ଚ ଅଞ୍ଜୁଲତା ସ୍ୱାଇଁ ପ୍ରମୁଖ ଯୋଗଦେଇ ମାଲିକ ସଂଘର ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ। ସଂଘର ସଭାପତି ପୁଷ୍ପରାଜ ନାୟକଙ୍କ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ କୀର୍ତ୍ତିରାଜ ସ୍ୱାଇଁ ସଭା ପରିଚାଳନା କରିଥିଲେ। ଏଥିରେ ସଂଘର ସମସ୍ତ ଟ୍ରକ ସଦସ୍ୟ କର୍ମକର୍ତ୍ତା ବରିଷ୍ଠ ସଦସ୍ୟଙ୍କୁ ଉତରୀୟ ଦେଇ ସମ୍ମାନୀତ କରାଯାଇଥିଲା। ଏଥିରେ ବହୁ ମାଲିକ ଉପସ୍ଥିତ ରହିବା ସହ ବେଶ ଆନନ୍ଦ ପ୍ରକାଶ କରିଥିଲେ। ଶେଷରେ ବରିଷ୍ଠ ଉପଦେଷ୍ଟା ଚନ୍ଦନ କୁମାର ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଗ୍ରାମରେ ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ



**କଳିଙ୍ଗନଗର,୨।୫(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ଦାନଗଦୀ ବ୍ଲକ ଅନ୍ତର୍ଗତ ଧୂଳିଗଡ଼ ପଂଚାୟତର ବେଙ୍ଗପାଟିଆ ଗ୍ରାମରେ ପବିତ୍ର ବୈଶାଖ ମାସରେ ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞ ଦୁଇ ଦିନ ଧରି ହୋଇଅଛି।ଉକ୍ତ ବିଶ୍ୱଶାନ୍ତି ମହାଯଜ୍ଞ ଅଞ୍ଚଳରେ ମଙ୍ଗଳ କାମନା ନିମନ୍ତେ ପ୍ରତିବର୍ଷ ହୋଇଥାଏ, ଓ ଗ୍ରାମରେ ଶାନ୍ତି ବାତାବରଣ ସୃଷ୍ଟି ହୋଇଥାଏ। ଅଖିଳ ବିଶ୍ୱ ଗାୟତ୍ରୀ ଶାନ୍ତିକୁଞ୍ଜ ହରିଦ୍ୱାର ଙ୍କ ତତ୍ୱାବଧାନ ରେ ପ୍ରଥମ ଦିବସ ରେ ସମାଜସେବୀ ମଦନ ମୋହନ ସାହୁ ତାଙ୍କ ଧର୍ମପତ୍ନୀ ସନ୍ଧ୍ୟାରାଣୀ ସାହୁଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ, ଧର୍ମଧ୍ୱଜା ଉତ୍ତୋଳନ ହୋଇଥିଲା, ପରେ ଯଜ୍ଞ କର୍ତ୍ତା ଦୀପଙ୍କର ମଣ୍ଡଳ ଓ ତାଙ୍କ ଧର୍ମପତ୍ନୀ ସୁନିତା ମଣ୍ଡଳ ଙ୍କ ସହ ଗ୍ରାମର ମହିଳା ମାନେ ୧୦୮ କଳସ ଧରି ସଂକୀର୍ତ୍ତନ ସହ ଗ୍ରାମ ପରିକ୍ରମା କରି ଯଜ୍ଞ ସ୍ଥଳରେ ପହଞ୍ଚିଥିଲେ, ଶୁଭ ମଙ୍ଗଳ କଳସ ଯାତ୍ରା ପରେ ଗାୟତ୍ରୀମନ୍ତ୍ର ପାଠ ସହ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା, ପ୍ରଜ୍ଞା ପୁରାଣ କଥା, ନାରୀଜାଗରଣ, ଦୀପ ଦାନ, ସତସଙ୍ଗ ସେହିପରି ଦ୍ୱିତୀୟ ଦିବସ ରେ ଅଖଣ୍ଡ ଜପ, ପଞ୍ଚ କୁଣ୍ଡିୟ ଗାୟତ୍ରୀ ନାମ ଯଜ୍ଞ, ସଂସ୍କାର କାର୍ଯ୍ୟକ୍ରମ ଓ ପୂର୍ଣ୍ଣାହୁତି ହୋଇଥିଲା, ଶେଷରେ ଶହ ଶହ ଭକ୍ତ ପ୍ରସାଦ ସେବନ କରିଥିଲେ।

## ରାକ୍ସିରେ ସିଲାଇ ପ୍ରଶିକ୍ଷଣ କେନ୍ଦ୍ର ଉଦ୍ଘାଟିତ

**ନର୍ଲା,୨।୫(ସଂଚାର ବ୍ୟୁରୋ):** ନର୍ଲା ବ୍ଲକର ରାକ୍ସି ଠାରେ 'ଏକଲ ଗ୍ରାମୋଥାନ ଫାଉଣ୍ଡେସନ' ତରଫରୁ ମହିଳା ସଶକ୍ତିକରଣ ଓ ସିଲାଇ କେନ୍ଦ୍ରର ଶୁଭ ଉଦ୍ଘାଟନ ଅନୁଷ୍ଠିତ ହୋଇଯାଇଅଛି। ଏକଲ ସମିତି ଭବାନୀପାଟଣାର ସମ୍ପାଦକ ରାଜ କୁମାର ଖେତାନିଙ୍କ ଅଧକ୍ଷତାର ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରାକ୍ସି ସରପଞ୍ଚ ଯେମନ୍ତ ପୋଢ଼, ସମ୍ମାନୀତ ଅତିଥି ଭାବରେ ସରିଆଁ ସରପଞ୍ଚ ଓମ ପ୍ରକାଶ ଛତ୍ରିଆ, ରାକ୍ସି ସମିତି ସଦସ୍ୟ ଚୁମନ ଭୋଇ, ନର୍ଲା ଏକଲ ସମିତିର ଉପସଭାପତି ସାରଥୀ ନାୟକ, ଏକଲ ସମିତି ସମ୍ପାଦକ ବିଷ୍ଣୁ ଚରଣ ବଡପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଛତିଶଗଡ଼ ଓ ଓଡ଼ିଶା ରାଜ୍ୟ ସଂଯୋଜକ ପଙ୍କଜ ଦାସ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧରେ କେନ୍ଦ୍ର ଅଧିକାରୀ ଲାଲମନ ମହନ୍ତ, ରାଜ୍ୟ ଅଧିକାରୀ ରଞ୍ଜିତ ମହନ୍ତ, ରାକ୍ସି ମହିଳା ସମିତିର ପ୍ରମିଳା ବାଗ, ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ନର୍ଲା ଏକଲ ବିଦ୍ୟାଳୟର ସମସ୍ତ ୪୦ ଜଣ ଆଚାର୍ଯ୍ୟ ଓ ଆଚାର୍ଯ୍ୟା ଏବଂ ସିଲାଇ ତାଲିମ ନେବାପାଇଁ କେନ୍ଦ୍ରରେ ନାମାଙ୍କନ କରିଥିବା ବିଦ୍ୟାର୍ଥୀ ମାନେ ଉପସ୍ଥିତ ଥିଲେ।

## କମ୍ୟୁନିଷ୍ଟ ପାର୍ଟି କାର୍ଯ୍ୟାଳୟଠାରେ ବିଶ୍ୱ ଶ୍ରମିକ ଦିବସ ପାଳିତ




**ଦଶରଥପୁର,୨।୫ (ସଂଚାର ବ୍ୟୁରୋ):** ଗୁରୁବାର ସାରା ବିଶ୍ୱରେ ଶ୍ରମିକ ଦିବସ ପାଳିତ ହୋଇଯାଇଥିବା ବେଳେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ମଙ୍ଗଳପୁର ଜୋନାଲ କମିଟି ତରଫରୁ ମଙ୍ଗଳପୁରସ୍ଥ କମ୍ୟୁନିଷ୍ଟ ପାର୍ଟି ଅଫିସ ଠାରେ ଗୁରୁବାର ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏହି ପ୍ରରିପ୍ରେକ୍ଷୀରେ କମ୍ରେଡ ଦୁର୍ଯ୍ୟୋଧନ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଛତ୍ରପୁରର ପୂର୍ବତନ ବିଧାୟକ କମ୍ରେଡ ନାରାୟଣ ରେଡ୍ଡୀ, ସଂମ୍ମାନିତ ଅତିଥି ରୂପେ କମ୍ୟୁନିଷ୍ଟ ପାର୍ଟି ରାଜ୍ୟ ପରିଷଦ ସଭ୍ୟ ମଳୟ କୁମାର ପଣ୍ଡା, ଯାଜପୁର କମ୍ୟୁନିଷ୍ଟ ପାର୍ଟି ଜିଲ୍ଲାପରିଷଦ ସଭ୍ୟ ବିଜୟ ନାୟକ, କନିକାପଡା ସମିତି ସଭ୍ୟା ସୁନିତା ଦାସ, କମ୍ରେଡ ଅଭୟ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।ସିପିଆଇ ରାଜ୍ୟ ସମ୍ପାଦକ ଦିବାକର ନାୟକ ଓ ପହଲଗାମରେ ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇଥିବା ଭାରତୀୟଙ୍କ ଉଦ୍ଦେଶ୍ୟରେ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିବାବେଳେ ଅତିଥି ମାନଙ୍କ ଉଦ୍ଦେଶ୍ୟରେ ଗୋପବନ୍ଧୁ କଳା ପରିଷଦ ଦ୍ୱାରା ବୈପ୍ଳବିକ ସଂଗୀତ ଗାନ କରାଯାଇଥିଲା। ୧୮୮୬ମସିହାରେ ଆମେରିକାର ଚିକାଗୋ ସହରରେ ପୁଞ୍ଜିପତି ମାନେ କେମିତି ଶ୍ରମିକ ମାନଙ୍କ ସ୍ୱରକୁ ଚାପିଦେବା ପାଇଁ ଗୁଳି ଚଳାଇ ହଜାର ହଜାର ନିରୀହ ଶ୍ରମିକ ମାନଙ୍କୁ ମାରିଥିଲେ ଓ ସହିଦ ଶ୍ରମିକ ମାନଙ୍କ ଜୀବନ ପରିବର୍ତ୍ତେ ଶ୍ରମିକ ମାନେ ନିଜ ନ୍ୟାର୍ଯ୍ୟ ଦାବି ହାସଲ କରିଥିଲେ ଓ ସେହି ବର୍ଷ ଠାରୁ ମେଁ ପହିଲାକୁ ଶ୍ରମିକଙ୍କ ବିଜୟ ଦିବସ ରୂପେ ଆଜିଯାଏ ପାଳନ କରା ଯାଇ ଆସୁଛି ବୋଲି ବରିଷ୍ଠ କମ୍ୟୁନିଷ୍ଟ ନେତା ତଥା ପୂର୍ବତନ ବିଧାୟକ ନାରାୟାଣ ରେଡ୍ଡୀ ନିଜ ବକ୍ତବ୍ୟରେ କହିଥିଲେ।

## ପ୍ରତ୍ୟେକ ଶ୍ରମଜୀବୀ ସଂଗଠିତ ହେବା ଜରୁରୀ

● ଆନ୍ତର୍ଜାତିକ ଶ୍ରମିକ ଦିବସ ଅବକାଶରେ ଆହ୍ୱାନ




**ଭୁବନେଶ୍ୱର,୨।୫ (ସଂଚାର ବ୍ୟୁରୋ):** ଶ୍ରମିକଙ୍କ ସଂଘର୍ଷମୟ ଇତିହାସର ସ୍ମରଣୀୟ ଦିବସ ହେଉଛି ମଇ ପହିଲା। ୯୭% ଶ୍ରମିକ ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବେଳେ ମାତ୍ର ୩% ଶ୍ରମିକ ସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ଶ୍ରମିକଙ୍କ ସାମାଜିକ ନିରାପତ୍ତା ଓ ସଶକ୍ତି କରଣ ନିମନ୍ତେ ପ୍ରତ୍ୟେକ ଶ୍ରମିକ ସଂଗଠିତ ଓ ସଚେତନ ହେବା ଜରୁରୀ ବୋଲି ଆନ୍ତର୍ଜାତିକ ଶ୍ରମିକ ଦିବସ ଅବକାଶରେ ସିସିଡବ୍ଲୁଡ଼ି ଓ ଆକ୍ସନଏଡ୍ ଆସୋସିଏସନଙ୍କ ମିଳିତ ଆନୁକୂଲ୍ୟରେ ଅତିଥି ମାନେ ମତ ପ୍ରକାଶ କରିଛନ୍ତି। ଅତିଥିଭାବେ ବରିଷ୍ଠ ପତ୍ରକାର ସୁରେନ୍ଦ୍ର ପାତ୍ର, ଆକ୍ସନଏଡ୍ ଆସୋସିଏସନର ସହଯୋଗୀ ନିର୍ଦ୍ଦେଶକ ଦେବବ୍ରତ ପାତ୍ର, ସିନିୟର ଲିଡ୍ ପ୍ରୋଗ୍ରାମ ଶୁଭେନ୍ଦୁ କୁମାର ରାୟ, ଅଣସଂଗଠିତ ଶ୍ରମିକ ମଞ୍ଚର ଫୁଲମଣୀ ପାତ୍ର, ପ୍ରକାଶ ସାମଲ, ଅଭୟ ପତି ଓ ସିସିଡବ୍ଲୁଡ଼ିର ସମ୍ପାଦକ ସଦାଶିବ ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ଭାସ୍କର ଚନ୍ଦ୍ର ପ୍ରଧାନ ପ୍ରଦାନ କରିଥିବା ବେଳେ ସୁଚରିତା ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରମ ବିଭାଗ ପକ୍ଷରୁ ସାଂସ୍କୃତିକ ଭବନରେ ଶ୍ରମିକ ଦିବସ ପାଳିତ



**ଯାଜପୁର ରୋଡ଼,୨।୫ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର ବ୍ୟାସନଗର ସ୍ଥିତ ସଂସ୍କୃତିଭବନ ପରିସରରେ ଶ୍ରମିକ ମାନଙ୍କ ଉଦେଶ୍ୟରେ ଜିଲ୍ଲା ସ୍ତରୀୟ ଶ୍ରମିକ ଦିବସ ପାଳନ ହୋଇଯାଇଅଛି। ଜିଲ୍ଲା ସହକାରୀ ଶ୍ରମ ଅଧିକାରୀ ସଞ୍ଜିତ କୁମାର ଦେଓ'ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଯାଜପୁର ସାଂସଦ ଡ଼ଃ ରବୀନ୍ଦ୍ର ନାରାୟଣ ବେହେରା, ସମ୍ମାନୀତ ଅତିଥି ଭାବେ ବଡ଼ଚଣା ବିଧାୟକ ଅମର ନାୟକ, କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ ଓ ଯାଜପୁର ରେଞ୍ଜ ଯୁଗ୍ମ ଶ୍ରମ ଆୟୁକ୍ତ ଶିବ ଶଙ୍କର ମିଶ୍ର, ପ୍ରମୁଖ ଯୋଗଦେଇ ସରକାରଙ୍କ ତରଫରୁ ଶ୍ରମିକ ମାନଙ୍କ ପାଇଁ ପ୍ରଣୟନ ହୋଇଥିବା ଜନହିତକାରୀ ଯୋଜନା ଗୁଡିକ ବିଷୟରେ ଆଲୋକପାତ କରାଇବା ସହିତ ଶ୍ରମିକ ମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଦେଶ ତଥା ରାଜ୍ୟର ଉନ୍ନତି ନିମନ୍ତେ ଉଭୟ ସଂଗଠିତ ଓ ଅଣ ସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକ ଭାଇ ଓ ଭଉଣୀ ମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ ଅଟେ। ସେମାନଙ୍କର ସାମାଜିକ ଓ ଅର୍ଥନୈତିକ ବିକାଶ ନିମନ୍ତେ ରାଜ୍ୟ ସରକାର ଗୁରୁତ୍ୱ ପ୍ରଦାନ କରି ବିଭିନ୍ନ କଲ୍ୟାଣକାରୀ ଯୋଜନା ହାତକୁ ନେଇଛନ୍ତି। ଏ ସବୁ ଯୋଜନା ସେମାନଙ୍କ ଜୀବନର ମାନ ବୃଦ୍ଧିରେ ନିଶ୍ଚିତ ରୂପେ ସହାୟକ ହୋଇପାରିବ ବୋଲି ମୁଖ୍ୟ ଅତିଥିମାନେ ନିଜ ଅଭିଭାଷଣରେ ବକ୍ତବ୍ୟ ରଖିଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ସୁଧୀର କୁମାର ସାହୁ ଜିଲ୍ଲାରେ କାର୍ଯ୍ୟ କରୁଥିବା ଦୁଇ ବୋର୍ଡ ତରଫରୁ ଶ୍ରମିକ ମାନଙ୍କୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସହାୟତା ବିଷୟରେ ସୂଚନା ଦେଇଥିଲେ।

## ଛଉନୃତ୍ୟର ପୁନରୁଦ୍ଧାର ପାଇଁ ପ୍ରାଧାନ୍ୟ ଦେବି:ଜଗଦୀଶ



**ନୀଳଗିରି,୨।୫ (ସଂଚାର ବ୍ୟୁରୋ):** ସଂଯୁକ୍ତା ଏବଂ ରଘୁନାଥ ପାଣିଗ୍ରାହୀ କଲ୍ଚରାଲ ହେରିଟେଜ୍ ଫାଉଣ୍ଡେସନର ନବନିଯୁକ୍ତ ସଭାପତି ଜଗଦୀଶ ମର୍ଦ୍ଦରାଜ ନୀଳଗିରିରେ ହଜିଯାଇଥିବା ଓଡ଼ିଶୀ ନୃତ୍ୟ ଓ ଗୀତର ପୁନରୁଦ୍ଧାର ପାଇଁ ଅଗ୍ରାଧିକାର ଦେବେ ବୋଲି ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ରାଜପରିବାର ସଦସ୍ୟ ତଥା ଓଡ଼ିଶାର ମହାନ ନୃତ୍ୟାଙ୍ଗନା ସଂଯୁକ୍ତା ପାଣିଗ୍ରାହୀ ଓ ତାଙ୍କର ସ୍ୱାମୀ ବିଶିଷ୍ଟ ଓଡ଼ିଶୀ ଓ ପାରମ୍ପରିକ ଗାୟକ ପଣ୍ଡିତ ରଘୁନାଥ ପାଣିଗ୍ରାହୀଙ୍କ ସ୍ମୃତିରେ ପ୍ରତିଷ୍ଠିତ ସଂଯୁକ୍ତା ଓ ରଘୁନାଥ ପାଣିଗ୍ରାହୀ କଲ୍ଚରାଲ୍ ହେରିଟେଜ ଫାଉଣ୍ଡେସନର ପୂର୍ବତନ ଉପସଭାପତି ତଥା ଗତ ଅପ୍ରେଲରେ ନବନିଯୁକ୍ତ ସଭାପତି ଜଗଦୀଶ ମର୍ଦ୍ଦରାଜ ହରିଚନ୍ଦନ ଏକ ପ୍ରେସବିଜ୍ଞପ୍ତି ଜାରିକରି ଓଡ଼ିଶାର ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତର ପୁନରୁଦ୍ଧାର ପାଇଁ ପ୍ରାଧାନ୍ୟ ଦେବେବୋଲି ସୂଚନା ଦେଇଛନ୍ତି। ମୁଖ୍ୟତଃ ନୀଳଗିରି ରାଜପରିବାର ଦ୍ୱାରା ପ୍ରୋତ୍ସାହିତ ଛଉନୃତ୍ୟକୁ କିପରି ନୀଳଗିରି ମାଟିର ଶିଳ୍ପୀମାନେ ଛଉନୃତ୍ୟ ପ୍ରତି ପୁନଃ ଆକୃଷ୍ଟ ହେବେ ସେଥିପ୍ରତି ଦୃଷ୍ଟି ଦେବେ ବୋଲି ସୂଚନା ଦେଇଛନ୍ତି।

## ଆଦର୍ଶ ପ୍ରଧାନଶିକ୍ଷକଙ୍କ ପରଲୋକ

**ବାଲିପାଟଣା,୨।୫(ସଂଚାର ବ୍ୟୁରୋ):** ବାଲିପାଟଣା ବ୍ଲକ ଅନ୍ତର୍ଗତ ତୁରିନ୍ତିରା, ବାଞ୍ଛାନିଧି ମ.ଇ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅମୂଲ୍ୟ ମୋହନ ଦାଶ(୮୩) ଗତ ଏପ୍ରିଲ ୯୯ ତାରିଖ ମଙ୍ଗଳବାର ଇହଲୀଳା ସମ୍ବରଣ କରିଛନ୍ତି। ଦୀର୍ଘ ୩୫ବର୍ଷ ଧରି ସେ ତୁରିନ୍ତିରା ବାଞ୍ଛାନିଧି ମ.ଇ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ରୂପେ ଦାୟିତ୍ୱ ତୁଲାଇବା ପରେ ଗତ ୨୦୦୦ ମସିହାରେ ଅବସର ଗ୍ରହଣ କରିଥିଲେ। ଶିକ୍ଷକ ଜୀବନରେ ସଦା ସର୍ବଦା ଛାତ୍ରଛାତ୍ରୀଙ୍କ ଭିତରେ ଥିବା ସୁପ୍ତ ପ୍ରତିଭାର ବିକାଶ ପାଇଁ ପ୍ରୟାସ କରୁଥିଲେ । ସମୟାନୁବର୍ତ୍ତିତା, କର୍ତ୍ତବ୍ୟ ପରାୟଣ ବ୍ୟକ୍ତି ହୋଇଥିବାରୁ ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁବେଳକୁ ତାଙ୍କ ନିକଟରେ ଦୁଇ ପୁତ୍ର, ପୁତ୍ରବଧୂ, କନ୍ୟା, ଦୁଇ ନାତି ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

## ଅସ୍ତରଙ୍ଗରେ ଦିବ୍ୟାଶ୍ରୀ ଓ କାକଟପୁରରେ ଆଦ୍ୟାଆହୁତି, ଅଂଶୁମାନ ବ୍ଲକ ଟପ୍ପର



**କାକଟପୁର/ଅସ୍ତରଙ୍ଗ,୨।୫ (ସଂଚାର ବ୍ୟୁରୋ):** ମାଧ୍ୟମିକ ଶିକ୍ଷା ପରିଷଦ ବୋର୍ଡ ଦାରା ପରିଚାଳିତ ଦଶମ ମାଟ୍ରିକ ପରୀକ୍ଷା ଫଳାଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥିରେ ପୁଅଙ୍କ ଅପେକ୍ଷା ଝିଅଙ୍କ ପାସ୍ ହାର ଅଧିକ ରହିଥିବା ଦେଖିବାକୁ ମିଳିଛି । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ୫ ଟି ପରୀକ୍ଷା କେନ୍ଦ୍ରରେ ୯୨୦ଜଣ ଓ କାକଟପୁର ବ୍ଲକର ୬ ଟି ପରୀକ୍ଷା କେନ୍ଦ୍ରରେ ୧୪୬୦ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିଲେ। ଅସ୍ତରଙ୍ଗ ବ୍ଲକର ୨୨ଟି ଉଚ୍ଚ ବିଦ୍ୟାଳୟ ମଧ୍ୟରୁ ମହାବୀର ବିଦ୍ୟାପୀଠ ଖଣ୍ଡାସାହି ଛାତ୍ରୀ ଦିବ୍ୟାଶ୍ରୀ ଦାସ ୫୬୧ନମ୍ବର ରଖି ବ୍ଲକ ଟପ୍ପର ହୋଇଥିବା ବେଳେ କାକଟପୁର ବ୍ଲକ ରେ ପିଏମ୍ ଶ୍ରୀ କାକଟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଆଦ୍ୟା ଆହୁତି ନାୟକ ୫୬୦ ନମ୍ବର ରଖିଥିବା ବେଳେ ସରସ୍ୱତୀ ଶିଶୁମନ୍ଦିର ଛାତ୍ର ଅଂଶୁମାନ ରାଉତ ୫୬୦ନମ୍ବର ରଖି କାକଟପୁର ବ୍ଲକ ଟପ୍ପର ହୋଇଛନ୍ତି। ତାଙ୍କର ଏହି ସଫଳତା ପଛରେ ବିଦ୍ୟାଳୟ ଗୁରୁଜୀ, ଗୁରୁମା ତଥା ମାତାପିତାଙ୍କୁ ଶ୍ରେୟ ମଣିଛନ୍ତି । ଏ ନେଇ ବିଭିନ୍ନ ମହଲ ରୁ ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ କୃତଜ୍ଞତା ସହ ଶୁଭେଚ୍ଛା ସୁଅ ଛୁଟୁଛି।

## ଯୁବତୀଙ୍କୁ ଘରେ ପଶି ହତ୍ୟା ଉଦ୍ୟମ ; ଯୁବକ ଗିରଫ



**ବ୍ରହ୍ମପୁର,୨।୫(ସଂଚାର ବ୍ୟୁରୋ):** ସହରରେ ଦିନକୁ ଦିନ ଅପରାଧୀକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଆଜି ପୁଣି ଜଣେ ଯୁବତୀଙ୍କ ଘରେ ପଶି ଯୁବକ ଛୁରାମାଡ କରିବା ଖବର ବ୍ରହ୍ମପୁରରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଗୁରୁତର ଅବସ୍ଥାରେ ଯୁବତୀଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଯାଇଛି। ନିମଖଣ୍ଡି ଥାନା ଅନ୍ତର୍ଗତ ବ୍ୟାଙ୍କ କଲୋନୀ ଅଞ୍ଚଳରେ ଏହି ଘଟଣା ଘଟିଛି। ସୂଚନା ମୁତାବକ ଯୁବକ ଜଣକ ଯୁବତୀଙ୍କୁ ଭଲ ପାଉଥିଲେ। ଏ ସଂପର୍କରେ ଯୁବତୀଙ୍କ ପରିବାର ଲୋକ ଥାନାରେ ଅଭିଯୋଗ କରିବା ପରେ ଘଟଣାର ସମାଧାନ ହୋଇଥିଲା। ତେବେ ଭିତରେ ଭିତରେ ରାଗରେ ଜଳୁଥିବା ସଂପୃକ୍ତ ଯୁବକ ପ୍ରତିଶୋଧ ନେବାକୁ ସୁଯୋଗ ଖୋଜୁଥିଲା। ଶୁକ୍ରବାର ଯୁବତୀ ଜଣକ ଏକୁଟିଆ ଥିବାର ସୁଯୋଗ ପାଇ ଘରେ ପଶି ଯୁବତୀଙ୍କୁ ଛୁରିରେ ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ଯୁବତୀଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଛି। ଆକ୍ରମଣକାରୀ ଯୁବକଙ୍କୁ ଅଟକ ରଖି ପୋଲିସ୍ ପଚରାଉଚରା କରିବା ପରେ ଗିରଫ କରିଛି। ଏପଟେ ପରିବାର ଲୋକେ ଝିଅକୁ ହତ୍ୟା ଉଦ୍ୟମ କରିଥିବା ଯୁବକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଘଟଣାର ତଦନ୍ତ ଜାରି ରହିଛି।

## କାର୍ଯ୍ୟ ଆରମ୍ଭ ନହେଉଣୁ ସ୍ଥାୟୀତ୍ୱ ପ୍ରତି ପ୍ରଶ୍ନବାଚୀ

# ନିମ୍ନ ମାନର କାର୍ଯ୍ୟକୁ କନିଷ୍ଠ ଯନ୍ତ୍ରୀଙ୍କ ଅଣଦେଖା ଅଭିଯୋଗ



**ବିଞ୍ଝାରପୁର,୨।୫(ସଂଚାର ବ୍ୟୁରୋ):** ୨୫ ଖର୍ଚ୍ଚ କରି ୫୦ ଲାଭ କରିବା ଲୋଭରେ ବଦନାମ୍ ହେବାକୁ ବସିଲାଣି ବ୍ଲକ୍ ପ୍ରଶାସନ। ଫଳକର ନା ଗନ୍ଧ ନାହିଁ। ଏଭଳି କିଛି ଅଭିଯୋଗ ଆସିଛି ବିଞ୍ଝାରପୁର ଅଞ୍ଚଳରେ ହୋଇଥିବା ଏକ ରାସ୍ତା କାମ ରୁ। ଅଭିଯୋଗ ଅନୁଯାୟୀ ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକ ଅଧିନସ୍ଥ ଘଣ୍ଟିଆଳି ଗ୍ରାମ ପଞ୍ଚାୟତ ଅଧିନରେ ଏକ ଢଳାଇ ରାସ୍ତାର କାର୍ଯ୍ୟ ଚାଲିଛି ଏବଂ ସେହି ରାସ୍ତାଟି ଅରେଇ- ଗୁହାଳି ମୁଖ୍ୟ ରାସ୍ତାରୁ ଅରେଇ ଗ୍ରାମର ସାମଲ ସାହି ଦେଇ ଅରେଇ ଛକକୁ ସଂଯୋଗ କରୁଛି। ଅରେଇ ଏବଂ ଘଣ୍ଟିଆଳି ପଞ୍ଚାୟତକୁ କୁଶଭଦ୍ରା ନଦୀ ଦୁଇଭାଗ କରୁଥିବା ବେଳେ ଏକ ପୋଲ ଦୁଇ ପଞ୍ଚାୟତ କୁ ସଂଯୋଗ କରିଛି। ପୋଲର ଗୋଟିଏ ପାର୍ଶ୍ୱର ରାସ୍ତା ଘଣ୍ଟିଆଳି ପଞ୍ଚାୟତ ଅଧିନରେ ଆସୁଥିବା ବେଳେ ଆର ପର୍ଶ୍ୱର ରାସ୍ତାଟି ଅରେଇ ପଞ୍ଚାୟତ ଅଧିନରେ ଆସୁଛି। ତେବେ ଏହି ୮-୧୦ ଦିନ ହେବ ବିନା ଫଳକରେ ଘଣ୍ଟିଆଳି ପଞ୍ଚାୟତ ଅଧିନରେ ଆସୁଥିବା ରାସ୍ତାଟିରେ ଢଳେଇ କାମ ହୋଇଥିବା ବେଳେ ରାସ୍ତାକାମ ଅତି ନିମ୍ନମାନର ହୋଇଥିବା ଦେଖିବାକୁ ମିଳିଛି। ଏପରିକି ରାସ୍ତାଟି ମଧ୍ୟ ଫଟିବା ଆରମ୍ଭ କଲାଣି। ତାହା ସହ ମଧ୍ୟ ରାସ୍ତାରୁ ବହୁ ମାତ୍ରାରେ ବାଲି ଉଠୁଛି। ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ଶହ ଶହ ଯାତ୍ରୀ ଯିବା ଆସିବା କରନ୍ତି। ରାସ୍ତାର ଏପରି କାମକୁ ନେଇ ଅଞ୍ଚଳବାସୀ ବିରକ୍ତି ପ୍ରକାଶ କରିଛନ୍ତି। ତେବେ ଏ ବାବଦରେ ଘଣ୍ଟିଆଳି ପଞ୍ଚାୟତର ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ଧଳ ଏବଂ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରିବା ପରେ ଗତ ଦୁଇଦିନ ତଳେ ନୂତନ ରାସ୍ତାକୁ ବଜୁରି ଦେଇ ରିପେୟାର କରି ବିଲ କରିଦେବାକୁ ଚେଷ୍ଟା କରା ଯାଉଥିବା ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହେଉଛି।ତେବେ ଏଭଳି କାର୍ଯ୍ୟକୁ କନିଷ୍ଠ ଯନ୍ତ୍ରୀ ପ୍ରଶୟ ଦେଉଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା।ଖାଲି ସେତିକି ନୁହଁ ଫଳକ ନଥିବାରୁ ରାସ୍ତା କାମଟି କେତେ ଟଙ୍କାର ବୋଲି ସାଧାରଣ ଲୋକ ପ୍ରଶ୍ନ କରିବା ସହ ଏଭଳି କାମ ଦ୍ୱାରା ସରକାର ବଦନାମ ହେଉଛନ୍ତି ବୋଲି ମତ ପ୍ରକାଶ କରିଛନ୍ତି। ତେବେ ଏଭଳି ଅତି ନିମ୍ନ ମାନର କାମ କରି ସଲସୁତୁରାରେ ବିଲ ପାସ କରିଦିଆଯାଇନାହିଁତ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଉକ୍ତ କାର୍ଯ୍ୟକୁ ନେଇ ବିଞ୍ଝାରପୁର ବ୍ଲକ ଓ ଘଣ୍ଟିଆଳି ପଞ୍ଚାୟତ କେତେ ସ୍ୱଚ୍ଛ ତାହା ଏବେ ପ୍ରଶ୍ନବାଚୀ ଛିଡା କରିଛି।





# ବିଶ୍ୱରେ ହେବ ଅକ୍ଟୋପସ୍ ରାଜୁତି!

ଯଦି କେବେ ଯୁଦ୍ଧ କିଂବା ଜଳବାୟୁ ପରିବର୍ତ୍ତନ ଭଳି ମହାସଂକଟର ସମ୍ମୁଖୀନ ହୋଇ ମାନବ ପ୍ରଜାତି ଲୋପ ପାଇଯାଏ, ତେବେ ପୃଥିବୀରେ ଅକ୍ଟୋପସ୍‌ମାନେ ରାଜୁତି କରିବେ ବୋଲି କେତେକ ଅଗ୍ରଣୀ ବୈଜ୍ଞାନିକ କହୁଛନ୍ତି। ସେମାନଙ୍କର ଧୀଶକ୍ତି, ଦକ୍ଷତା ଓ ନୂତନ ପରିବେଶରେ ଖାପ ଖାଇ ଚଳିବା ଭଳି ଗୁଣ ହିଁ ସେମାନଙ୍କୁ ଉନ୍ନତ ସଭ୍ୟତା ବିକାଶକାରୀ ପ୍ରାଣୀରେ ପରିଣତ କରିଥାଏ। ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଜୀବବିଜ୍ଞାନୀ ପ୍ରଫେସର୍ ଟିମ୍ କୋଲ୍‌ଜନ୍‌ଙ୍କ ମତରେ, ଉପଯୁକ୍ତ ପାରିବେଶିକ ପରିସ୍ଥିତି ଆସିଲେ ମାନବ ଭଳି ଅକ୍ଟୋପସ୍‌ମାନେ ବି ଯନ୍ତ୍ରପାତି ଓ ପ୍ରଯୁକ୍ତିର ବିକାଶ କରି ଜଳତଳ ନଗରୀ ନିର୍ମାଣ କରିପାରିବେ।

'ଡେଲି ମେଲ୍' ସମ୍ବାଦପତ୍ରରେ ପ୍ରକାଶିତ ରିପୋର୍ଟ ଅନୁସାରେ, କେତେକ ବିଶେଷ ଗୁଣ ଯୋଗୁଁ ଅକ୍ଟୋପସ୍‌ମାନେ ଅନ୍ୟ ଜୀବଙ୍କଠାରୁ ନିଆରା। ସମସ୍ୟା ସମାଧାନ ସାମର୍ଥ୍ୟ, ବିକେନ୍ଦ୍ରିତ ସ୍ନାୟୁଚକ୍ର ଓ କୌଣସି ଜିନିଷକୁ ଆଂଶିକ ପରିବର୍ତ୍ତନ କରିପାରୁଥିବାର ଦକ୍ଷତା ସୂଚାଉଛି ଯେ, ସେମାନେ ଅପ୍ରୀତିକର ପରିବେଶରେ ତିଷ୍ଠି ରହିପାରିବେ। କଙ୍କାଳ ନ ଥିବାରୁ ସେମାନେ ଭୂଇଁରେ ଯାଇ ବସବାସ କରିପାରିବେ ନାହିଁ ସତ, କିନ୍ତୁ କିଛି ସମୟ ପାଣିରୁ ବାହାରି ଚଳପ୍ରଚଳ କରିପାରିବେ। ଏଥିପାଇଁ ସେମାନେ ଅବଶ୍ୟ ଉନ୍ନତଧରଣର ଶ୍ୱାସକ୍ରିୟା ସମ୍ପାଦନ ଉପକରଣ ବିକଶିତ କରିବାର ଉପାୟ ବାହାର କରିବେ। କାରଣ, ସମୁଦ୍ର ଭିତରେ ଏବେ ମଧ ସେମାନେ ବିଭିନ୍ନ ଉପକରଣ ବ୍ୟବହାର କରିପାରୁଛନ୍ତି। ଏହାଛଡ଼ା, ପ୍ରତିକୂଳ ଓ ଜଟିଳ ପରିସ୍ଥିତିରେ ବି ସେମାନେ ଗଭୀର ସମୁଦ୍ରଠାରୁ ଆରମ୍ଭ କରି ଉପକୂଳବର୍ତ୍ତୀ ଜଳରାଶିରେ ତିଷ୍ଠି ରହିପାରୁଛନ୍ତି।

**ମାନବ ଅନୁପସ୍ଥିତିରେ ଉନ୍ନତ ସଭ୍ୟତା ବିକଶିତ କରିବା ନିମନ୍ତେ ଅକ୍ଟୋପସ୍‌ମାନଙ୍କର ଯଥେଷ୍ଟ ଦକ୍ଷତା ଅଛି। ସମସ୍ୟା ସମାଧାନ ସାମର୍ଥ୍ୟ, ବିକେନ୍ଦ୍ରିତ ସ୍ନାୟୁଚକ୍ର ଓ କୌଣସି ଜିନିଷକୁ ଆଂଶିକ ପରିବର୍ତ୍ତନ କରିବାର ଦକ୍ଷତା ଯୋଗୁଁ ସେମାନେ ଅପ୍ରୀତିକର ପରିବେଶରେ ତିଷ୍ଠି ରହିପାରିବେ।**

ମାନବ ପ୍ରଜାତି ବିଲୁପ୍ତ ହୋଇଗଲେ ବାନର ତାଙ୍କ ସ୍ଥାନ ଦଖଲ କରିବ ବୋଲି ପୂର୍ବରୁ ବୈଜ୍ଞାନିକମାନେ ଯାହା ଆକଳନ କରିଥିଲେ ତାହା ସମ୍ଭବ ନୁହେଁ ବୋଲି ଗବେଷକମାନେ ଯୁକ୍ତି ବାଢୁଛନ୍ତି। ସେମାନେ କହୁଛନ୍ତି କି, ସେଭଳି ପରିସ୍ଥିତିରେ ମାନବ ପରି ବାନର ମଧ ବିଲୁପ୍ତ ହୋଇଯିବାର ଆଶଙ୍କା ଅଛି। ବଞ୍ଚି ରହିଲେ ବି ବାନରମାନଙ୍କର ପ୍ରଜନନ ହାର ହ୍ରାସ ପାଇବ, ଅନ୍ୟ ଜନ୍ତୁମାନେ ସେମାନଙ୍କୁ ଶିକାର କରିବେ ଏବଂ ସର୍ବୋପରି ପରିବର୍ତ୍ତିତ ପରିବେଶରେ ସେମାନଙ୍କର ତିଷ୍ଠି ରହିବା ଆଶା ମଧ କ୍ଷୀଣ। ତିଷ୍ଠି ରହିବା କ୍ଷମତା ଥିବା କିଛି ପକ୍ଷୀ ଓ କୀଟପତଙ୍ଗ ଅଛନ୍ତି। କିନ୍ତୁ, ଉପକରଣ ନିର୍ମାଣ ଅଥବା ହାତ ସାହାଯ୍ୟରେ ମଣିଷ ଯେଉଁଭଳି ତା'ର ପାରିପାର୍ଶ୍ୱିକ ଅବସ୍ଥା ପୁନର୍ବିନ୍ୟାସ କରେ, ସେଭଳି ଦକ୍ଷତା ସେମାନଙ୍କର ନାହିଁ।

ପ୍ରଫେସର୍ କୋଲ୍‌ଜନ୍ କହିଛନ୍ତି, ପ୍ରାଧାନ୍ୟ ବିସ୍ତାରକାରୀ ପ୍ରଜାତି ଭାବେ ଅକ୍ଟୋପସ୍‌ର ଉତ୍‌ଥାନ ହୋଇପାରେ ବୋଲି ଯାହା କୁହାଯାଇଛି, ତାହା କଳ୍ପନା ମାତ୍ର। ଅଗଣିତ ଛୋଟବଡ଼ ପରିବର୍ତ୍ତନ, ଆକସ୍ମିକ ଗୁଣସୂତ୍ର ରୂପାନ୍ତରଣ ଓ ବିଲୁପ୍ତୀକରଣ କାରଣରୁ ବିବର୍ତ୍ତନ ସବୁବେଳେ ଅନିଶ୍ଚିତ। କିନ୍ତୁ, ମାନବ ପ୍ରଭାବ ଅନୁପସ୍ଥିତିରେ ଉନ୍ନତ ସଭ୍ୟତା ବିକଶିତ କରିବା ନିମନ୍ତେ ଅକ୍ଟୋପସ୍‌ମାନଙ୍କର ଯଥେଷ୍ଟ ଦକ୍ଷତା ଅଛି।

# ଘର ପାଇଁ ସ୍ମାର୍ଟ ଏଆର୍ ପ୍ୟୁରିଫାୟର୍

ଦିଲ୍ଲୀରେ ବାୟୁ ପ୍ରଦୂଷଣ 'ଚରମ' ସ୍ତରରେ ରହିଥିବା ବେଳେ ଓଡ଼ିଶାର ବିଭିନ୍ନ ସ୍ଥାନରେ ବାୟୁ ମାନ ସୂଚକାଙ୍କ ବା 'ଏକ୍ୟୁଆଇ'ର ସ୍ତର 'ମଧ୍ୟମ' ରହିଛି। 'ମଧ୍ୟମ' ସ୍ତରରେ ମଧ ବାୟୁ ପ୍ରଦୂଷଣ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇଥାଏ। ପୁଣି ଘର ଭିତରେ ବାୟୁ ପ୍ରଦୂଷଣର ମାତ୍ରା ଅଧିକ ରହୁଥିବାରୁ 'ଏଆର୍ ପ୍ୟୁରିଫାୟର୍' ବା ବାୟୁ ବିଶୁଦ୍ଧୀକରଣ ଯନ୍ତ୍ରର ବ୍ୟବହାର ଏକପ୍ରକାର ଅପରିହାର୍ଯ୍ୟ ହୋଇଯାଇଛି। 'ଜାଓମି ୪ ଲାଇଟ୍ ସ୍ମାର୍ଟ ଏଆର୍ ପ୍ୟୁରିଫାୟର୍' ହେଉଛି ଘରକୁ ପ୍ରଦୂଷଣମୁକ୍ତ ରଖିବାର ଏକ ପ୍ରଭାବଶାଳୀ ଉପକରଣ। ଛୋଟରୁ ମଧ୍ୟମ ଆକାରର କୋଠରି ପାଇଁ ଏହା ଉପଯୁକ୍ତ। ଏଥିରେ ଲାଗିଥିବା ତିନି ପ୍ରସ୍ତ ବିଶିଷ୍ଟ ଫିଲ୍‌ଟର୍ ବାୟୁରୁ ୯୯.୯୯% ୦.୧ ମାଇକ୍ରୋନ୍ କଣିକା ଛାଣିବାର ସାମର୍ଥ୍ୟ ରଖିଥିବାର ଦାବି କରେ। 'ଟ୍ରୁ ହେପା ଫିଲ୍‌ଟର୍' ରୋଗ ସୃଷ୍ଟିକାରୀ ଜୀବାଣୁରୁ ସୁରକ୍ଷା ଦେଇଥାଏ। ଏହି ଉପକରଣଟି ୪୫୦ ବର୍ଗଫୁଟ୍ ଅଞ୍ଚଳକୁ ଶୁଦ୍ଧ ବାୟୁ ଯୋଗାଇବାରେ ସକ୍ଷମ। ୨୪x୨୪x୫୩୩ ମିଲିମିଟର୍ ଆୟତନ ବିଶିଷ୍ଟ ଏହି ପ୍ୟୁରିଫାୟର୍ ଓଜନ ୪.୮ କିଲୋଗ୍ରାମ୍। ଏହା ସର୍ବାଧିକ ୩୩ ୱାଟ୍ ବିଦ୍ୟୁତ୍ ଶକ୍ତି ବ୍ୟବହାର କରିଥାଏ। ଏଥିରେ ଘର ଭିତରର 'ଏକ୍ୟୁଆଇ', ତାପମାତ୍ରା ଓ ଆର୍ଦ୍ରତା ମାପିବା ପାଇଁ ତିନିଟି ସେନ୍‌ସର୍ ଲାଗିଛି। ୱାଇଫାଇ ସାହାଯ୍ୟରେ ସଂଯୋଗ କରି 'ଜାଓମି ହୋମ୍ ଆପ୍' ଦ୍ୱାରା ଏହାକୁ ନିୟନ୍ତ୍ରଣ କରିବା ସମ୍ଭବ। ଏହା ଚାଲିବା ସମୟରେ ୨୦-୪୫ ଡେସିବଲ୍ ଶବ୍ଦ ସୃଷ୍ଟି କରିଥାଏ। ବର୍ତ୍ତମାନ ବିଭିନ୍ନ ଇ-କମର୍ସ ୱେବ୍‌ସାଇଟ୍‌ରେ 'ଜାଓମି ୪ ଲାଇଟ୍ ସ୍ମାର୍ଟ ଏଆର୍ ପ୍ୟୁରିଫାୟର୍'ର ଦର ରହିଛି ୯,୯୯୯ ଟଙ୍କା।





# ସ୍କାମର୍ କବଳରୁ ବର୍ତ୍ତିବେ କେମିତି ?

ଗୋଟିଏ ଅଜଣା ନମ୍ବରରୁ କଲ୍ ଆସିବ। ନିଜକୁ ଜଣେ ପୁଲିସ କିମ୍ବା ବରିଷ୍ଠ ଅଧିକାରୀର ପରିଚୟ ଦେଇ ଆପଣ କୌଣସି ଅପରାଧରେ ସଂପୃକ୍ତ ବୋଲି ସେ ଭୟ ଦେଖାଇବ। ପରେ ଲକ୍ଷାଧିକ ଟଙ୍କା ଦାବି କରିବ। ଆପଣ ଭୟରେ ଟଙ୍କା ଦେଇଦେବେ। ପରେ ଜଣାପଡ଼ିବ କି  ଅନ୍‌ଲାଇନ୍ ଲୁଟେରା ଆପଣଙ୍କୁ ଠିକିଛି। କିନ୍ତୁ ଏହି ଲୁଟେରାମାନେ ନିଜ ବ୍ୟାଙ୍କ୍ ଆକାଉଣ୍ଟକୁ କେବେ ବ୍ୟବହାର କରନ୍ତି ନାହିଁ। ଧରା ନପଡ଼ିବା ଲାଗି ତଞ୍ଚକତାପୂର୍ବକ ଅନ୍ୟ ଜଣଙ୍କର ଆକାଉଣ୍ଟ ବ୍ୟବହାର କରନ୍ତି। ଏପରି କାର୍ଯ୍ୟକଳାପକୁ 'ମନି ମ୍ୟୁଲିଙ୍ଗ୍' କୁହାଯାଉଥିବା ବେଳେ ଠକେଇ ଲାଗି ବ୍ୟବହୃତ ବ୍ୟାଙ୍କ୍ ଆକାଉଣ୍ଟକୁ 'ମ୍ୟୁଲ୍ ଆକାଉଣ୍ଟ' କୁହାଯାଏ। ବେଆଇନ ଭାବେ ସଂଗୃହୀତ ଅର୍ଥକୁ ଅପରାଧୀ ମ୍ୟୁଲ୍ ଆକାଉଣ୍ଟରେ କାରବାର କରେ।

**● ସ୍କାମର୍‌ଙ୍କ ଠାରୁ ସତର୍କ ରହନ୍ତୁ**

ଯଦି ଠକମାନେ ନିଜର ଆକାଉଣ୍ଟକୁ ବ୍ୟବହାର କରନ୍ତି ତେବେ କେୱାଇସି ନିୟମ ଆଧାରରେ ସେମାନେ ସହଜରେ ଧରା ପଡ଼ିଯିବାର ଭୟ ରହିଛି। ଏହାକୁ ଏଡ଼ାଇବା ଲାଗି ଅପରାଧୀ ବା ସ୍କାମର୍‌ମାନେ ଜଣେ ତୃତୀୟ ବ୍ୟକ୍ତିର ଆକାଉଣ୍ଟକୁ ବ୍ୟବହାର କରନ୍ତି। ଉକ୍ତ ତୃତୀୟ ବ୍ୟକ୍ତି ହୁଏତ ନିଜେ ଜାଣି ନଥିବେ ଯେ ତାଙ୍କ ଆକାଉଣ୍ଟ ଅପରାଧ କାମରେ ଲାଗୁଛି। ଆଉ ଏହି କାମ ଲାଗି ସ୍କାମର୍ ଏପରି ଲୋକଙ୍କୁ ବାଛିଥାନ୍ତି, ଯେଉଁମାନଙ୍କର ବ୍ୟାଙ୍କ୍ କାରବାର ବିଷୟରେ ଅଧିକ ଜ୍ଞାନ ନଥିବ। ପୁଣି ସ୍କାମର୍‌ମାନେ ଆପଣଙ୍କ ଆକାଉଣ୍ଟ, କ୍ରେଡିଟ୍ ଓ ଡେବିଟ୍ କାର୍ଡ ବ୍ଲକ୍ ହୋଇଯାଇଛି, ଆପଣ ଆଉ କାରବାର କରିପାରିବେ ନାହିଁ, ବ୍ୟାଙ୍କ୍ ଖାତା ନମ୍ବର, ଆଧାର ଓ ପ୍ୟାନ୍ ନମ୍ବର ଦିଅନ୍ତୁ ବୋଲି ଫୋନ୍ କି ମେସେଜ୍ କରନ୍ତି। ତାଙ୍କ କଥାରେ ଫସି ତଥ୍ୟ ଦେଲାପରେ ସ୍କାମର୍ ଆପଣଙ୍କ ନାମରେ ଆକାଉଣ୍ଟ ଖୋଲି ନିଜେ କାରବାର କରିଥାଏ। ସାଧାରଣତଃ ମନି ଲଣ୍ଡରିଂ କିମ୍ବା ଫିସିଂ ସ୍କାମ୍‌ରେ ହିଁ ମ୍ୟୁଲ୍ ଆକାଉଣ୍ଟ ବ୍ୟବହାର ହୋଇଥାଏ। ଅପରାଧୀମାନେ ଉକ୍ତ ଆକାଉଣ୍ଟକୁ ସାଧାରଣ କାରବାର ମାଧ୍ୟମରେ ସକ୍ରିୟ  ରଖିଥା'ନ୍ତି, ଯାହାକୁ ବ୍ୟାଙ୍କ୍ ମଧ ଠଉରେଇ ପାରେନାହିଁ।

**● କେମିତି ବର୍ତ୍ତିବେ ?**

ଏପରି ଠକେଇରୁ ବର୍ତ୍ତିବା ପାଇଁ ଆପଣଙ୍କ ବ୍ୟାଙ୍କ୍ ଖାତାକୁ କୌଣସି ଅଜ୍ଞାତ ବ୍ୟକ୍ତି ଯେମିତି କରାୟତ୍ତ କରିନାହାନ୍ତି ତାହା ନିୟମିତ ବ୍ୟବଧାନରେ ପରଖିବା ଉଚିତ। ଯେକୌଣସି ଅଜଣା ଲୋକ ବ୍ୟାଙ୍କ୍ କାରବାର କିମ୍ବା ବ୍ୟକ୍ତିଗତ ତଥ୍ୟ ଦେବାକୁ କହିଲେ ଅଥବା ତାଙ୍କ ଆକାଉଣ୍ଟକୁ ଟଙ୍କା ଟ୍ରାନ୍‌ସଫର୍ କରିବାକୁ କହିଲେ ଆପଣ ମନା କରନ୍ତୁ ଏବଂ ସତର୍କ ହୋଇଯାନ୍ତୁ। କାହାକୁ ନିଜର ଆଧାର ଓ ପ୍ୟାନ୍ ନମ୍ବର୍ ଦିଅନ୍ତୁ ନାହିଁ। ଯଦି ଭୁଲ୍‌ରେ ତାହା କରିଦେଇଛନ୍ତି ତେବେ ବ୍ୟାଙ୍କ୍ ସହ ଯୋଗାଯୋଗ କରି ଆପଣଙ୍କ ଆକାଉଣ୍ଟକୁ ଫ୍ରିଜ୍ କରିବା ସହିତ ଡେବିଟ୍ ଓ କ୍ରେଡିଟ୍ କାର୍ଡକୁ ବ୍ଲକ୍ କରାନ୍ତୁ। ପୁଲିସ୍ ଓ ସାଇବର୍ ଥାନାରେ ଅଭିଯୋଗ କରନ୍ତୁ।

**● ମ୍ୟୁଲ୍ ଆକାଉଣ୍ଟ୍ ପାଇଁ ସଫ୍ଟୱେୟାର୍**

ଭାରତୀୟ ରିଜର୍ଭ ବ୍ୟାଙ୍କ୍‌ର ଏକ ସହଯୋଗୀ ସଂସ୍ଥା ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଇନୋଭେସନ୍ ହବ୍ (ଆର୍‌ବିଆଇଏଚ୍) ଏକ କୃତ୍ରିମ ବୁଦ୍ଧିମତ୍ତା ଓ ମେସିନ୍ ଲର୍ଣ୍ଣିଂ ମଡେଲ୍ ବିକଶିତ କରିଛି, ଯାହା ବ୍ୟାଙ୍କ୍ ଓ ବିଭିନ୍ନ ଆର୍ଥିକ ପ୍ରତିଷ୍ଠାନଙ୍କୁ ମ୍ୟୁଲ୍ ଆକାଉଣ୍ଟ୍‌କୁ ଚିହ୍ନଟ ପାଇଁ ସାହାଯ୍ୟ କରିଥାଏ। ଏହାବାଦ୍ ଜେନେରେଟିଭ୍ ଏଆଇ, କ୍ୱାଣ୍ଟମ୍ ସେନ୍‌ସର୍ କମ୍ପ୍ୟୁଟିଂ ମଧ ମ୍ୟୁଲ୍ ଆକାଉଣ୍ଟ୍‌କୁ ଧରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି।

# ମହିନ୍ଦ୍ରାର ବିଇ ୬ଇ ଓ ଏକ୍ସଇଭି ୯ଇ

ମହିନ୍ଦ୍ରାର ଇଲେକ୍ଟ୍ରିକ୍ ଏସ୍‌ୟୁଭି ସେଗ୍‌ମେଣ୍ଟରେ ସାମିଲ ହେବାକୁ ଯାଉଛି ବିଇ ୬ଇ ଓ ଏକ୍ସଇଭି ୯ଇ। ଲଞ୍ଚ୍ ପୂର୍ବରୁ କମ୍ପାନି ଏହି ଦୁଇ ଗାଡ଼ିର ଟିଜର୍ ଜାରି କରିଛି। ଏଗୁଡ଼ିକର ପ୍ରାରମ୍ଭିକ ମୂଲ୍ୟ ୧୭ରୁ ୨୧ ଲକ୍ଷ ଟଙ୍କା ରହିବ ବୋଲି ଆକଳନ କରାଯାଉଛି। କାର୍ ଦୁଇଟିରେ ଅତ୍ୟାଧୁନିକ ଏଲ୍‌ଇଡି ଲାଇଟ୍ ଷ୍ଟ୍ରାଇପ୍‌ସ ଏହାକୁ ପ୍ରିମିୟମ୍ ଲୁକ୍ ଦେଉଛି। ଯଦିଓ କମ୍ପାନି ପକ୍ଷରୁ ସଂପୂର୍ଣ୍ଣ ତଥ୍ୟ ପ୍ରକାଶ କରାଯାଇନାହିଁ ତଥାପି ଏଥିରେ ୬୦ରୁ ୮୦ କିଲୋୱାଟ୍‌ର ଶକ୍ତିଶାଳୀ ବ୍ୟାଟେରି ରହିବ ଏବଂ ଏହାକୁ ଥରେ ଚାର୍ଜ କଲେ ୫୦୦ କିଲୋମିଟର ପର୍ଯ୍ୟନ୍ତ ଯାଇପାରିବ ବୋଲି କୁହାଯାଉଛି। ଏଥିରେ ଡୁଆଲ୍ ସ୍କ୍ରିନ୍ ଡିସ୍‌ପ୍ଲେ, ସ୍ପ୍ଲିଟ୍ ସେଣ୍ଟର୍ କନ୍‌ସୋଲ୍, ସିଙ୍ଗଲ୍ ମୋଟର୍ ରିଅର୍ ହ୍ୱିଲ୍ ଡ୍ରାଇଭ୍ ଓ ଡୁଆଲ୍ ମୋଟର୍ ଅଲ୍ ହ୍ୱିଲ୍ ଡ୍ରାଇଭ୍ ବିକଳ୍ପ ଆଦି ଉପଲବ୍ଧ ହେବ ବୋଲି ଆକଳନ କରାଯାଉଛି। ଏହାସହିତ ଏଥିରେ ୧୭୫ କିଲୋୱାଟ୍‌ର ଡିସି ଚାର୍ଜର୍ ମିଳିବ, ଯାହାକି ଅଧଘଣ୍ଟା ଭିତରେ ପାଖାପାଖି ୮୦ ପ୍ରତିଶତ ବ୍ୟାଟେରି ଚାର୍ଜ କରିପାରିବ। କାର୍ ଦୁଇଟି ନଭେମ୍ବର ୨୬ ତାରିଖ ଦିନ ଉନ୍ମୋଚିତ ହେବ ବୋଲି କମ୍ପାନି ପକ୍ଷରୁ କୁହାଯାଇଛି।




# ସ୍ୱୀକୃତି, ମୁକ୍ତ ପରିବେଶ ଚାହାନ୍ତି କର୍ମଚାରୀ

ଆମ ଦେଶର କର୍ମଚାରୀମାନେ ନିଜ ସଂସ୍ଥା ଓ ଉପରିସ୍ଥ କର୍ମଚାରୀଙ୍କ ଠାରୁ କ'ଣ ଆଶା କରନ୍ତି ଜାଣିବା ପାଇଁ ନିକଟରେ 'ଇନ୍‌ଡିଡ୍' ନିଯୁକ୍ତି ୱେବ୍‌ସାଇଟ୍ ପକ୍ଷରୁ ଏକ ସର୍ବେକ୍ଷଣ କରାଯାଇଥିଲା। ଏହା ଅନୁଯାୟୀ,୬୩% କର୍ମଚାରୀ ଉପରିସ୍ଥ ଅଧିକାରୀଙ୍କ ଠାରୁ ସ୍ୱୀକୃତି ଓ ପ୍ରଶଂସା ଆଶା କରନ୍ତି। ଏଥିରେ ୬୨% କର୍ମଚାରୀ ପ୍ରକାଶ କରିଛନ୍ତି ଯେ ଟିମ୍ ଦ୍ୱାରା ତାଙ୍କ ଉଦ୍ୟମକୁ ପ୍ରଶଂସା କରାଗଲେ ସେମାନଙ୍କୁ ଖୁସି ଲାଗିଥାଏ ଏବଂ ୫୮% କର୍ମଚାରୀଙ୍କ ଅନୁସାରେ ସହକର୍ମୀମାନେ ସେମାନଙ୍କ ମତ ଓ ବିଚାରକୁ ସ୍ୱାଗତ କରିବା ସେମାନଙ୍କ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ।

୬୪% କର୍ମଚାରୀଙ୍କ ଅନୁସାରେ ସେମାନଙ୍କ କମ୍ପାନି ସୃଜନଶୀଳ ଚିନ୍ତନକୁ ପ୍ରୋତ୍ସାହିତ କରିଥାଏ, ଯାହା ସଂସ୍ଥା ସହିତ ସେମାନଙ୍କ ବନ୍ଧନକୁ ଶକ୍ତିଶାଳୀ କରେ। ସେହିପରି ୬୧% କର୍ମଚାରୀ କହିଛନ୍ତି ଯେ ସେମାନଙ୍କୁ ଖୋଲାଖୋଲି ବିଚାର ପ୍ରକାଶ କରିବାର ସ୍ୱାଧୀନତା ମିଳିଥାଏ। ଏଥିରୁ ସ୍ପଷ୍ଟ ଯେ ମୁକ୍ତ ପରିବେଶ ଓ ସୃଜନଶୀଳତାକୁ ଗୁରୁତ୍ୱ ମିଳୁଥିବା କାର୍ଯ୍ୟସ୍ଥଳୀରେ କର୍ମଚାରୀଙ୍କ ଆତ୍ମସନ୍ତୋଷ ବୃଦ୍ଧି ପାଏ ଏବଂ ଚାପ ପରିଚାଳନାରେ ସହାୟକ ହୋଇଥାଏ। ସାରା ଦେଶର ବିଭିନ୍ନ ସଂସ୍ଥାରେ କାମ କରୁଥିବା ୩,୦୦୫ ଜଣଙ୍କ ସାକ୍ଷାତ୍‌କାର ଭିତ୍ତିରେ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଏଥିରେ ଉପର ସ୍ତରର ଅଧିକାରୀଙ୍କ ଭାଗ ୩୦% ହୋଇଥିବା ବେଳେ ୭୦% ହେଉଛନ୍ତି କର୍ମଚାରୀ। 'ଇନ୍‌ଡିଡ୍ ଇଣ୍ଡିଆ'ର ସେଲ୍‌ସ ମୁଖ୍ୟ ଶଶି କୁମାରଙ୍କ ଅନୁସାରେ, 'ସ୍ୱୀକୃତି ଓ ସୁରକ୍ଷିତ ତଥା ମୁକ୍ତ ପରିବେଶ ଏକ ସମୃଦ୍ଧିଶାଳୀ ସଂସ୍ଥାର କେନ୍ଦ୍ରରେ ରହିଥାଏ। କର୍ମଚାରୀମାନେ ଚାହାନ୍ତି ଯେ ସେମାନଙ୍କ କଥା ଶୁଣାଯାଉ ଏବଂ ସେମାନଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ବୋଲି ବିଚାର କରାଯାଉ। ଯେଉଁ କମ୍ପାନି ସ୍ୱୀକୃତି ଓ ଅନ୍ତର୍ଭୁକ୍ତୀକରଣକୁ ନିଜ କାର୍ଯ୍ୟ ସଂସ୍କୃତିରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦିଅନ୍ତି ସେଗୁଡ଼ିକ ଉତ୍ସର୍ଗୀକୃତ ମାନବ ସମ୍ବଳକୁ ଆକର୍ଷିତ, ଧାରଣ ଓ ଉତ୍ସାହିତ କରିବାରେ ଅଧିକ ସକ୍ଷମ ହୁଅନ୍ତି। ଏସବୁକୁ ଗୁରୁତ୍ୱ ଦେବା କେବଳ କର୍ମଚାରୀଙ୍କ ସୁସ୍ଥିତି ପାଇଁ ଲାଭଦାୟକ ନୁହେଁ, ବ୍ୟବସାୟ ଦୃଷ୍ଟିରୁ ମଧ ଲାଭଦାୟକ।'



# ପ୍ରବାସୀଙ୍କ ପାଇଁ ବିନା ଦେୟରେ ୟୁପିଆଇ ସୁବିଧା

ପ୍ରବାସୀ ଭାରତୀୟମାନେ ବାହାରେ ଥାଇ ଘରଲୋକଙ୍କ ପାଖକୁ ଟଙ୍କା ପଠାଇବା ଲାଗି ଆଉ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ। ୟୁଏସ୍, ୟୁକେ, ୟୁଏଇ, ସିଙ୍ଗାପୁର, ଅଷ୍ଟ୍ରେଲିଆ ପରି ଦେଶରେ ରହୁଥିବା ପ୍ରବାସୀମାନେ ଭାରତରେ ସହଜରେ ୟୁପିଆଇ ଜରିଆରେ କାରବାର କରିପାରିବେ।

'ମିଣ୍ଟ'ରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ବର୍ତ୍ତମାନ ଯେଉଁମାନଙ୍କ ପାଖରେ ନନ୍-ରେସିଡେଣ୍ଟ୍ ଏକ୍ସଟର୍ନାଲ୍ (ଏନ୍‌ଆର୍‌ଇ) କିମ୍ବା ନନ୍-ରେସିଡେଣ୍ଟ୍ ଅର୍ଡିନାରି (ଏନ୍‌ଆରଓ) ଆକାଉଣ୍ଟ ଅଛି, ନ୍ୟାସ୍‌ନାଲ୍ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ ସେହି ପ୍ରବାସୀମାନଙ୍କୁ ୟୁପିଆଇ ସୁବିଧା ପ୍ରଦାନ କରିଛି, ଯାହାଦ୍ୱାରା ସେମାନେ ନିଜ ଅନ୍ତର୍ଜାତୀୟ ମୋବାଇଲ୍ ନମ୍ବର ବ୍ୟବହାର କରି ନିଜ ସ୍ମାର୍ଟଫୋନ୍‌ରୁ ୟୁପିଆଇରେ କାରବାର କରିପାରିବେ। ଅର୍ଥାତ୍, ଆଗରୁ ପ୍ରଚଳିତ ଆର୍‌ଟିଜିଏସ୍ କାରବାର ବଦଳରେ ପ୍ରବାସୀମାନେ ନିଜ ପରିବାରକୁ ଟଙ୍କା ପଠାଇବା କିମ୍ବା ଭାରତରେ କୌଣସି ଦେୟ ପୈଠ କରିବା ପାଇଁ ୟୁପିଆଇ ବ୍ୟବହାର କରିପାରିବେ। ଏହା ସମ୍ପୂର୍ଣ୍ଣ ମାଗଣା ଏବଂ ଭାରତ କିମ୍ବା ଅନ୍ୟ ଦେଶ ଭ୍ରମଣ ସମୟରେ ମଧ ଏହାକୁ ବିନା ଦେୟରେ ବ୍ୟବହାର କରିହେବ। ତେବେ ପ୍ରବାସୀମାନେ ନିର୍ଦ୍ଦିଷ୍ଟ ବ୍ୟାଙ୍କ୍ ମାଧ୍ୟମରେ ୟୁପିଆଇ କାରବାର କରିପାରିବେ। ସେହି ବ୍ୟାଙ୍କ୍‌ଗୁଡ଼ିକ ମଧ୍ୟରେ ଅଛନ୍ତି: ଏୟୁ ସ୍ମଲ୍ ଫାଇନାନ୍‌ସ ବ୍ୟାଙ୍କ୍, ଏକ୍ସିସ୍ ବ୍ୟାଙ୍କ୍, କାନାରା ବ୍ୟାଙ୍କ୍, ସିଟି ୟୁନିୟନ୍ ବ୍ୟାଙ୍କ୍, ଡିବିଏସ୍ ବ୍ୟାଙ୍କ୍, ଇକ୍ୱିଟାସ୍ ସ୍ମଲ୍ ଫାଇନାନ୍‌ସ ବ୍ୟାଙ୍କ୍, ଫେଡେରାଲ୍ ବ୍ୟାଙ୍କ୍, ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍, ଆଇସିଆଇସିଆଇ ବ୍ୟାଙ୍କ୍, ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ୍, ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ୍, ପଞ୍ଜାବ ନାସ୍‌ନାଲ୍ ବ୍ୟାଙ୍କ୍ ଓ ସାଉଥ୍ ଇଣ୍ଡିଆନ୍ ବ୍ୟାଙ୍କ୍। ସେମାନେ BHIM AU, FedMobile, iMobile, BHIM ଇଣ୍ଡସ୍ ପେ, SIB ମିରର୍+ ଓ ଫୋନ୍ ପେ ଭଳି ଆପ୍ ବ୍ୟବହାର କରି ଏହି କାରବାର କରିପାରିବେ। ସେମାନେ ଦିନକୁ ସର୍ବାଧିକ ୧ ଲକ୍ଷ ଟଙ୍କା କାରବାର କରିପାରିବେ। ନୂଆ ଆଇଡି ଖୋଲିବାର ପ୍ରଥମ ୨୪ ଘଣ୍ଟାରେ କେବଳ ୫୦୦୦ ଟଙ୍କା କାରବାର କରିପାରିବେ। ପ୍ରବାସୀମାନେ ଏନ୍‌ଆର୍‌ଇ, ଏନ୍‌ଆର୍‌ଓ ଖାତା ଓ ଭାରତୀୟ ରେସିଡେଣ୍ଟ୍ ଆକାଉଣ୍ଟ୍ ସହିତ କାରବାର କରିପାରିବେ। ଏକାଧିକ ବ୍ୟାଙ୍କ୍ ଖାତା ଧାରକଙ୍କ ପାଇଁ ପ୍ରତ୍ୟେକ ଆକାଉଣ୍ଟରେ ଏକ ସ୍ୱତନ୍ତ୍ର ୟୁପିଆଇ ଆଇଡି ରହିବା ଜରୁରି ଏବଂ ସଂଯୁକ୍ତ ଖାତାଧାରକଙ୍କ ପାଇଁ ୟୁପିଆଇ ପ୍ରାଥମିକ ଆକାଉଣ୍ଟଧାରୀଙ୍କ ମଧ୍ୟରେ ସୀମିତ ରହିଥାଏ। ୟୁପିଆଇରେ ପଞ୍ଜୀକୃତ ହୋଇ ନଥିଲେ ମଧ ପ୍ରବାସୀମାନେ ୟୁପିଆଇ ଆପ୍‌ରେ ଥିବା 'ସେଣ୍ଡ୍ ଟୁ ଆକାଉଣ୍ଟ୍' ବିକଳ୍ପ ମାଧ୍ୟମରେ ଟଙ୍କା ପାଇପାରିବେ।




## ୟୁପିଆଇ ସେଟ୍ କରିବେ କିପରି?

ଏଥିଲାଗି ପ୍ରବାସୀମାନଙ୍କୁ ସେମାନଙ୍କର ଅନ୍ତର୍ଜାତୀୟ ମୋବାଇଲ୍ ନମ୍ବର୍‌କୁ ସେମାନଙ୍କର ଏନ୍‌ଆର୍‌ଇ କିମ୍ବା ଏନ୍‌ଆର୍‌ଓ ବ୍ୟାଙ୍କ୍ ଆକାଉଣ୍ଟ୍ ସହିତ ଲିଙ୍କ୍ କରିବାକୁ ପଡ଼ିବ। ଆଇମୋବାଇଲ୍ କିମ୍ବା ଫୋନ୍‌ପେ ପରି ଅନ୍ତର୍ଜାତୀୟ ମୋବାଇଲ୍ ନମ୍ବର ସହିତ ସୁସଙ୍ଗତ ଏକ ୟୁପିଆଇ ଆପ୍ଲିକେସନ୍‌କୁ ପ୍ରଥମେ ଡାଉନ୍‌ଲୋଡ୍ କରିବାକୁ ପଡ଼ିବ। ମୋବାଇଲ୍ ନମ୍ବର୍ ଯାଞ୍ଚ ସହିତ ଅନ୍‌ବୋର୍ଡିଂ ପ୍ରୋସେସ୍ କରିବାକୁ ଏକ ୟୁନିକ୍ ୟୁପିଆଇ ଆଇଡି କିମ୍ବା ଭର୍ଚୁଆଲ୍ ପେମେଣ୍ଟ୍ ଆଡ୍ରେସ୍ (ଭିପିଏ) ସୃଷ୍ଟି କରିବାକୁ ପଡ଼ିବ। ବ୍ୟାଙ୍କ୍ ଆକାଉଣ୍ଟ ଚୟନ କରି ୟୁପିଆଇ ପ୍ରୋଫାଇଲ୍ ସକ୍ରିୟ କରିବାକୁ ସବିଶେଷ ତଥ୍ୟ ଦାଖଲ କରିବାକୁ ପଡ଼ିବ।

# ବାଘପାଲିରେ ଡବଲ ମର୍ଡର



**ଭେଡେନ,୨।୫(ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ଭେଡେନ ଥାନା ବାଘପାଲି ଗ୍ରାମର ମଘା ଭୁଏ(୫୫)ଙ୍କ ଘର ଭିତରେ ମଘା ଓ ତାଙ୍କ ଗ୍ରାମର ତରଣୀ ବାଗ(୩୫)ଙ୍କ କ୍ଷତାକ୍ତ ମୃତଦେହ କୁ ଭେଡେନ ପୋଲିସ ଉଦ୍ଧାର କରିଛି। ଉଭୟଙ୍କ ମୃତ୍ୟୁ କେମିତି ହେଲା ତାହା ସନ୍ଦେହ ଘେରରେ ଅଛି। ଆକ୍ରମଣ ଓ ପ୍ରତି ଆକ୍ରମଣରୁ ଉଭୟଙ୍କ ମୃତ୍ୟୁ ହୋଇଥିବା କିଛି ଲୋକ କହୁଥିବା ବେଳେ ତରଣୀ ମଘା ଘରକୁ ଆସି ମଘାକୁ ହତ୍ୟା କରିବା ପରେ ଏହାଶୁଣି ମଘା ପରିବାର ଲୋକେ ତରଣୀକୁ ହତ୍ୟା କରିଥିବା ନେଇ ମଧ୍ୟ ଚର୍ଚ୍ଚା ଲାଗିରହିଛି। ପୁଲିସ ଉଭୟ ଦିଗରେ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି। ତରଣୀ ଜଣେ ପେସାଦାର ଅପରାଧୀ ତା ନାଁରେ ଥାନାରେ ମାମଲା ଅଛି। ସେ ଦୀର୍ଘ ଦିନରୁ ଫେରାର ଥିଲା। ଗୁରୁବାର ମଧ୍ୟାନ୍ନ ରେ ଗାଁରେ ମଦ ବେପାର କରୁଥିବା ମଘା ଘରକୁ ମଦ ପିଇବାକୁ ଯାଇଥିଲା। ସେଠାରେ ଉଭୟଙ୍କ ମଧ୍ୟରେ କୌଣସି ଘଟଣାକୁ କେନ୍ଦ୍ର କରି ଏପରି ଘଟଣା ଘଟିଥିବା ଲୋକେ କହୁଛନ୍ତି। ଆକ୍ରମଣ ଓ ପ୍ରତି ଆକ୍ରମଣରୁ ଉଭୟଙ୍କ ମୃତ୍ୟୁ ହୋଇଥିବା କିଛି ଲୋକ କହୁଥିବା ବେଳେ ତରଣୀ ମଘା ଘରକୁ ଆସି ମଘାକୁ ହତ୍ୟା କରିବା ପରେ ଏହାଶୁଣି ମଘା ପରିବାର ଲୋକେ ତରଣୀକୁ ହତ୍ୟା କରିଥିବା ନେଇ ମଧ୍ୟ ଚର୍ଚ୍ଚା ଲାଗିରହିଛି। ପୁଲିସ ଉଭୟ ଦିଗରେ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ତରଣୀ ଜଣେ ପେସାଦାର ଅପରାଧୀ ତା ନାଁରେ ଥାନାରେ ମାମଲା ଅଛି। ସେ ଦୀର୍ଘ ଦିନରୁ ଫେରାର ଥିଲା। ଆଜି ଗାଁରେ ମଦ ବେପାର କରୁଥିବା ମଘା ଘରକୁ ମଦ ପିଇବାକୁ ଯାଇଥିଲା। ସେଠାରେ ଉଭୟଙ୍କ ମଧ୍ୟରେ କୌଣସି ଘଟଣାକୁ କେନ୍ଦ୍ର କରି ଏପରି ଘଟଣା ଘଟିଥିବା ଲୋକେ କହୁଛନ୍ତି। ଏହି ଘଟଣା କୁ ନେଇ ଗାଁ ରେ ବ୍ୟାପକ ପୋଲିସ ମୁତୟନ ହୋଇଛି। ଭେଡେନ ପୋଲିସ ଘଟଣା ର ତଦନ୍ତ ଜାରି ରଖିଛି ।

## ଶ୍ରମିକ ଦିବସରେ ଶ୍ରମିକ ନେତାଙ୍କ ଆହ୍ୱାନ

**ନୀଳଗିରି,୨।୫ (ସଂଚାର ବ୍ୟୁରୋ):** ସିଟୁ ତଥା ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ସମଗ୍ର ବିଶ୍ୱ ରେ ଶ୍ରମିକ ଦିବସ କୁ ପାଳନ କରାଯାଉଥିବା ବେଳେ, ନୀଳଗିରି ରେ ମଧ୍ୟ ତାର ଝଲକ ଦେଖିବାକୁ ମିଳିଛି। ସବୁ କ୍ଷେତ୍ର ରେ ପ୍ରଥମେ ଶ୍ରମିକ ଙ୍କ କଥା ଚିନ୍ତା କରିବା କଥା।କିନ୍ତୁ ଅଦ୍ୟାବଧି ଶ୍ରମିକ ସବୁ କ୍ଷେତ୍ର ରେ ଅବହେଳିତ। ଉକ୍ତ ଦିବସ ପାଳନ ଅବସର ରେ, ସିଟୁ ଜିଲ୍ଲା ସମ୍ପାଦକ ବିଜୟ କୁମାର ପାତ୍ର ଙ୍କ ନେତୃତ୍ୱ ରେ ନୀଳଗିରି ଜଗନ୍ନାଥ ମନ୍ଦିର ଠାରୁ ଏକ ଶୋଭା ଯାତ୍ରା ରେ ଶ୍ରମିକ ନେତା ଓ ଶ୍ରମିକ ମାନେ ବିଭିନ୍ନ ସ୍ଲୋଗାନ ଦେଇ ବସ ଷ୍ଟାଣ୍ଡ ପର୍ଯ୍ୟନ୍ତ ଆସି, ସେଠାରେ ଏକ ସଭା କରିଥିଲେ। ଉକ୍ତ ସଭା ରେ ସିଟୁ ର ଜିଲ୍ଲା ସମ୍ପାଦକ ବିଜୟ କୁମାର ପାତ୍ର ସଭା ପତିତ୍ୱ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ, ଖେତ ମଜଦୁର ସଂଘ ର ରାଜ୍ୟ ସମ୍ପାଦକ ନିର୍ମଳ ନାୟକ, ରାଜ୍ୟ ପାଚିକା ସଂଘ ସମ୍ପାଦିକା ଇଶାନି ଷଡ଼ଙ୍ଗୀ, ମୃତ୍ୟୁଞ୍ଜୟ ରାଉତ, ପାଚିକା ସଂଘ ଜିଲ୍ଲା ସଭାପତି, ଜ୍ୟୋତିରମୟ ରାଉତ, ସିପିଆଇ (ଏମ), ନୀଳଗିରି ଆଞ୍ଚଳିକ କମିଟି ସମ୍ପାଦକ ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ବକ୍ତବ୍ୟ ରଖିଥିଲେ। କେନ୍ଦ୍ର ସରକାରଙ୍କ ବିଭିନ୍ନ ଅବହେଳା ଓ ଶ୍ରମିକ ମାରଣ ନୀତି ର ପ୍ରତିବାଦରେ, ଆଗାମୀ ମେ ମାସ ୨୦ ତାରିଖ ରେ ସମସ୍ତେ ଏକଜୁଟ ହୋଇ ସାଧାରଣ ଧର୍ମଘଟ ରେ ସାମିଲ ହେବାକୁ ଉପସ୍ଥିତ ନେତା ମାନେ ସମସ୍ତ ଶ୍ରମିକ ସାଥୀ ମାନଙ୍କୁ ଆହ୍ୱାନ ଦେଇଥିଲେ।

### ସରକାର ଶୁଦ୍ଧ ଜଳ ଯୋଜନା ଗୁଡ଼ିକ ସମ୍ପୂର୍ଣ୍ଣ ଫେଲ ମାରୁଥିବା ଅଭିଯୋଗ

# ଚାନ୍ଦା ଆଦାୟ କରି କୂଅ ଖୋଳିଲେ ସାହି ବାସିନ୍ଦା

**ଫୁଲବାଣୀ,୨।୫(ସଂଚାର ବ୍ୟୁରୋ):** ସରକାର ଘରେ ଘରେ ଶୁଦ୍ଧ ପିଇବା ପାଣି ଯୋଗେଇ ଦେବା ପାଇଁ ଯାହାସବୁ ଯୋଜନା କରୁଛନ୍ତି, ଗ୍ରାମାଞ୍ଚଳରେ ସରକାରଙ୍କ ଏହି ଯୋଜନା ସମ୍ପୂର୍ଣ୍ଣ ଫେଲ ମାରୁଥିବା ଅଭିଯୋଗ ହେଉଛି। ଆବଶ୍ୟକ ମୁତାବକ ପାଣି ଛଡା ଯାଉନଥିବାରୁ ଲୋକେ ପାଣିପାଇଁ ହାହାକାର ହେଉଛନ୍ତି। କେବେକେବେ ଅନେକ ସମୟରେ ବିଦ୍ୟୁତ ରହୁନି ତ ପୁଣି କେବେ କେବେ ମଟର ଖରାପ ହେବା ଯୋଗୁଁ ଦିନ ଦିନ ଧରି ପାଣି ଛାଡିବା ବନ୍ଦ ରହୁଛି। ଏସବୁ ସମସ୍ୟା ଦେଇ ଦୀର୍ଘଦିନ ଗତି କରିବା ପରେ ନିଜେ ନିଜେ ଚାନ୍ଦା ଆଦାୟ କରି ପ୍ରତ୍ୟେକ ପରିବାର ଲୋକ ଶ୍ରମଦାନ କରି କୂଅ ଖୋଳିଛନ୍ତି ଓ ଜଳକଷ୍ଟରୁ ରକ୍ଷା ପାଇବାର ଉପାୟ ବାହାର କରିଛନ୍ତି। ଏଭଳି ଏକ ଦୃଶ୍ୟ ସାମ୍ନାକୁ ଆସିଛି କନ୍ଧମାଳ ଜିଲ୍ଲା ଫୁଲବାଣୀ ବ୍ଲକ କେରେଡ଼ି ପଂଚାୟତ ଅନ୍ତର୍ଗତ ୧୩ ନମ୍ବର ୱାର୍ଡ କାମ୍ପୁଗୁଡ଼ା ଗ୍ରାମର ପଣସଖୋଲ ଓ ଉଖା ବାଡି ସାହିରେ। ଉଭୟ ସାହିର ପରିବାର ସଂଖ୍ୟା ମିଶି ୪୫ ରୁ ଊର୍ଦ୍ଧ୍ୱ ରହିଥିବା ବେଳେ ଦୁଇଟି ସାହିର ନଳକୂପ ସଂଖ୍ୟା ୩ ଓ କୂଅ ସଂଖ୍ୟା ୪। କୂଅ ପାଣି ସବୁ ବର୍ଷା ନ ସରୁଣୁ ଶୁଖିଯାଉଥିବା ବେଳେ ଘରର ଯାବତୀୟ କାର୍ଯ୍ୟ ପାଇଁ ନଳକୂପ ପାଣି ହିଁ ଏକମାତ୍ର



ଭରସା। ଫଳରେ ସାହି ବାସିନ୍ଦାମାନେ ନାହିଁ ନଥିବା କଷ୍ଟ ପାଉଥିବା ଅଭିଯୋଗ ହୋଇଛି।କୁସୁମେଲୀ ସାହିରେ ଦୁଇଟା ନଳକୂପ ଥିବା ବେଳେ ଗୋଟିଏ ନଳକୂପରୁ ଗୋଳିଆ ପାଣି ବାହାରୁଛି ଓ ଜମ କମ ପାଣି ବାହାରୁଛି। ଆଉ ଯେଉଁ ନଳକୂପ ଠିକ ରହିଛି ତାହା ଗ୍ରାମର ରାସ୍ତା କଡ଼ରେ ରହିଥିବା ଯୋଗୁଁ ମହିଳା ମାନଙ୍କୁ ଗାଧୋଇବାରେ ବଡ଼ ସମସ୍ୟା ଦେଖା ଦେଉଛି। ଠିକ ସେହିପରି ଗ୍ରାମରେ ଥିବା ଦୁଇଟି ମାଟିକୂଅ ମଧ୍ୟରୁ ଗୋଟିଏ କୂଅ ଗ୍ରୀଷ୍ମ ପ୍ରାରମ୍ଭରେ ହିଁ ଶୁଖି ଯାଇଥିବା ବେଳେ ଅନ୍ୟଏକ କୂଅରେ ମାତ୍ର ଅଣ୍ଠୁଏ ପାଣି ରହୁଛି।ଫଳରେ ବାଲ୍ଟି ବୁଡେଇ ପାଣି କାଢିଲା ବେଳକୁ ପାଣି ଗୋଳିଆ ହୋଇଯାଉଛି। ପଣସଖୋଲ ସାହିର ମଧ୍ୟ ଠିକ ସମାନ ଅବସ୍ଥା। ପାଣି ବ୍ୟବସ୍ଥା ଉଭୟ ସାହି ବାସିନ୍ଦା ପଂଚାୟତ ପ୍ରଶାସନ ଠାରୁ ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ବାରମ୍ବାର ଅଭିଯୋଗ କରି ଆସିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନଥିବା ଉଭୟ ସାହି ବାସିନ୍ଦା ଅଭିଯୋଗ କରିଛନ୍ତି। ଶେଷରେ ପ୍ରଶାସନ ଉପରେ ନିର୍ଭର ନକରି ନିଜ ପାଇ ନିଜେ ହିଁ ଜଳ ବ୍ୟବସ୍ଥା କରିବିବା ଦେଖିବାକୁ ମିଳିଛି। ଉଭୟ ସାହିରେ ରହୁଥିବା ସମସ୍ତ ପରିବାର ଖଟିଖିଆ ଓ ଦିନ ମଜୁରିଆ ହୋଇଥିବା ଅଟନ୍ତି, ତଥାପି ସମସ୍ତେ ଚାନ୍ଦା ଆଦାୟ କରି ନେସିବି ଆଣି କୂଅ ଖୋଳୁଥିବା ଦେଖିବାକୁ ମିଳିଛି। ଶ୍ରମିକ ଲଗେଇ କାମ କରେଇବା ପାଇଁ ଅର୍ଥ ଅଭାବ ହେଉଥିବାରୁ ପ୍ରତି ପରିବାର ସଦସ୍ୟମାନେ କୂଅ ପାଇଁ ଶ୍ରମଦାନ କରୁଥିବା ଉଭୟ ସାହିର ସାହି ବାସିନ୍ଦା କହିଛନ୍ତି। ଏ ସମ୍ପର୍କରେ ବିଡ଼ିଓଙ୍କୁ ପଚାରିବାରୁ ସେ ଏ ବିଷୟରେ ଅବଗତ ନଥିବା ନିଜ ପ୍ରତିକ୍ରିୟାରେ କହିବା ସହିତ ପ୍ରଥମ ଥର ମୁଁ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ଠାରୁ ଶୁଣିବାକୁ ପାଉଛି ବୋଲି କହିଛନ୍ତି। ତତ ସହିତ ଯଥାଶୀଘ୍ର ସେ ଉଭୟ ଗ୍ରାମର ପାଣି ସମସ୍ୟା ଦୂର କରିବେ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ବର୍ତ୍ତମାନ ଦେଖିବାକୁ ବାକି ରହିଲା କି, ବିଡ଼ିଓ ମହାଶୟ କେବେ ଏହି ସାହି ବାସିନ୍ଦା ମାନଙ୍କ ଜଳକଷ୍ଟ ଦୂର କରୁଛନ୍ତି?

# ମା'ଶାରଳାଙ୍କ ପୀଠରେ ଚନ୍ଦନ ଯାତ୍ରା ଆରମ୍ଭ



**ଜଗତସିଂହପୁର,୨।୫ (ସଂଚାର ବ୍ୟୁରୋ):** ପ୍ରସିଦ୍ଧ ଓ ପ୍ରାଚୀନ ଶକ୍ତିପୀଠ ଝଙ୍କଡ଼ ବାସିନୀ ମା ଶାରଳା ଙ୍କ ପବିତ୍ର ଚନ୍ଦନ ଯାତ୍ରା ଆରମ୍ଭ ହୋଇଥାଏ। ଏହି ପବିତ୍ର ଅକ୍ଷୟ ତୃତୀୟା ରେ ମା'ଶାରଳା ଜଗନ୍ନାଥ ଙ୍କ ବେଶ ସହ ଦୃଗାମାଧବକ ବେଶ ମଧ୍ୟ ହୋଇଥାନ୍ତି। ମା'ଙ୍କୁ ଚନ୍ଦନ ଲାଗି ପରେ ସୁସଜ୍ଜିତ ବିମାନରେ ଘଣ୍ଟ, ଘଣ୍ଟା ରେ ମା'ଙ୍କୁ ସେବାୟତ ମାନେ ଚନ୍ଦନ ପୁଷ୍କରଣୀକୁ ନେଇଯାଇ ସେଠାରେ ନୈକା ମାଧ୍ୟମରେ ସେବାୟତ ମାନେ ଗୀତ ବୋଲି ମା'ଙ୍କୁ ଚାପ ଖେଳାଇ ଥାଆନ୍ତି।ଏହାପରେ ଚନ୍ଦନ ପୁଷ୍କରଣୀ ଭିତରେ ଥିବା ମନ୍ଦିରରେ ମା'ବିଶ୍ରାମ କରନ୍ତି। ଏହା ପରେ ସଂଧ୍ୟାରେ ଚାପ ଖେଳ ସରିବା ପରେ ମା' ପୁନର୍ବାର ସୋ ପୀଠ କୁ ବତ୍ୟାବର୍ତ୍ତନ କରିଥାଆନ୍ତି।ଆଜି ଠାରୁ ମା ଶାରଳା ଙ୍କ ସ୍ୱତନ୍ତ୍ର ପୂଜାବିଧି ସହ ଦୀର୍ଘ ଏକୋଇଶି ଦିନ ଧରି ଲଟା ଭଉଁରୀ ଚାପ ଖେଳାଯାଏ ଯାହା ଅନ୍ୟ କୌଣସି ଠାରେ ଦେଖିବାକୁ ମିଳିନଥାଏ। ଗତବର୍ଷ ବାଣ ଅଘଟଣ କୁ ଆଡେଇବା ପାଇଁ ଚଳିତବର୍ଷ ମନ୍ଦିର ପ୍ରଶାସନ ପକ୍ଷରୁ ବାଣ ଫୁଟା ବନ୍ଦ କରାଯାଇଛି। ପ୍ରତ୍ୟେକ ଦିନ ମା'ଙ୍କୁ ଚନ୍ଦନଲାଗି କରାଯାଇ ଚାପଖେଳ ଅନୁଷ୍ଠିତ ହେବାର ପରମ୍ପରା ରହିଛି। ଶ୍ରଦ୍ଧାଳୁ ମାନଙ୍କ ଦର୍ଶନ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି।

## ବ୍ଲକରେ ବିଶ୍ୱ ଶ୍ରମିକ ଦିବସ ପାଳିତ




**କନ୍ଧମାଳ,୨।୫ (ସଂଚାର ବ୍ୟୁରୋ):** ମେ ୧ ତାରିଖ କୁ ସାରା ବିଶ୍ୱ ଶ୍ରମିକ ଦିବସ ରୂପେ ପାଳନ କରୁଅଛି କିନ୍ତୁ ନିଜେ ଶ୍ରମିକ ମାନଙ୍କୁ ବି ଜଣା ନଥାଏ କିନ୍ତୁ ତୁମୁଡିବନ୍ଧ ବ୍ଲକ ରାଜ ମିସ୍ତ୍ରୀ ସଂଘ ତରଫରୁ ବିଶ୍ୱ ଶ୍ରମିକ ଦିବସ ପାଳନ କରାଯାଇଛି ବିଜୁ ପଟ୍ଟନାୟକ ଷ୍ଟାଡିୟମ ରୁ ବାହାରି ବସ ଷ୍ଟାଣ୍ଡ ପ୍ରଯ୍ୟନ୍ତ ନାରାବାଜି ମାଧ୍ୟମରେ ଶୋଭାଯାତ୍ରା କରିବା ସହିତ ପୁଣି ଷ୍ଟାଡିୟମ କୁ ଯାଇଥିଲେ କିନ୍ତୁ ପ୍ରଶାସନ ତରଫରୁ ଶ୍ରମିକ ମାନଙ୍କ ନିମନ୍ତେ କୌଣସି ପ୍ରକାର ସାହାଯ୍ୟ ମିଳିନଥିବା ଦେଖିବାକୁ ମିଳିଛି ଯାହା କି ସୂଚନା ଅନୁଯାୟୀ ଶ୍ରମିକ ମାନଙ୍କୁ ବିଶ୍ୱକର୍ମା ଯୋଜନାରେ ସାମିଲ ହୋଇପାରିନାହାନ୍ତି, ତଥ୍ ସହିତ ଶ୍ରମିକ ମାନଙ୍କ ନିମନ୍ତେ ଘୋଷ୍ଠି ଗୃହ ନଥିବା ହେତୁ ଶ୍ରମିକ ସମୂହ କୌଣସି ଏକ ଗଛ ମୂଳେ ଟିକେ ଥକା ମେଣ୍ଟାଇବା ପାଇଁ ବିଶ୍ରାମ ନିହନ୍ତି କିନ୍ତୁ କୌଣସି ଏକ ସ୍ଥାୟୀ ଗୃହ ଥିଲେ ଶ୍ରମିକ ସମୂହ ବିଶ୍ରାମ ନେବା ସହିତ ଅସହାୟ ଲୋକଙ୍କୁ ସାହାଯ୍ୟ ର ହାତ ବଢ଼ାଇବେ ବୋଲି ପ୍ରତିକ୍ରିୟା ରଖିଥିବା ଦେଖିବାକୁ ମିଳିଛି।

## ଟ୍ୱିଟରରେ ଆସୁଥିବା ଅଭିଯୋଗର ସମାଧାନ କରୁନାହାନ୍ତି ଗ୍ରାମ୍ୟ ଜଳଯୋଗାଣର ମୁଖ୍ୟଯନ୍ତ୍ରୀ

● ସରକାରଙ୍କ ନିୟମକୁ ମାନୁନାହାନ୍ତି ଅଫିସର

**ସୋନପୁର,୨।୫(ସଂଚାର ବ୍ୟୁରୋ):** ଆଜିକାର ଦୁନିଆଁ କୁ ଡିଜିଟାଲ ଯୁଗ ବୋଲି କୁହାଯାଏ। ଆମ ଭାରତର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀ ଡିଜିଟାଲ ଇଣ୍ଡିଆର ନାରା ଦେଉଛନ୍ତି। ହେଲେ ସୁବର୍ଣ୍ଣପୁର ଜିଲ୍ଲାରେ ଏହାର ବ୍ୟତିକ୍ରମ ହେଉଥିବା ଅଭିଯୋଗ ହେଉଛି। ରାଜ୍ୟ ସରକାର ସବୁ ବିଭାଗ ଟ୍ୱିଟର ଏକାଉଣ୍ଟ ଖୋଲି ଟ୍ୱିଟ ମାଧ୍ୟମରେ ଲୋକଙ୍କ ସମସ୍ୟାର ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି କିନ୍ତୁ ଏକ୍ସ ( ଟୁଇଟର) ରେ ସୋନପୁର ଜିଲ୍ଲା ଗ୍ରାମ୍ୟ ଜଳଯୋଗାଣ ବିଭାଗ ନିକଟକୁ ଅନେକ ଅଭିଯୋଗ ଆସୁଛି କିନ୍ତୁ ଗୋଟିଏ ବି ସମସ୍ୟାର ସମାଧାନ କରୁ ନାହାନ୍ତି। ହେଲେ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ତାଙ୍କ ଏକ୍ସ ଆକାଉଣ୍ଟରେ ଦୀର୍ଘ ଦିନ ହେଲା ଯେକୌଣସି ଅଭିଯୋଗ ର ଉତ୍ତର ସଠିକ୍ ଭାବେ ଦେଉନଥିବା ଅଭିଯୋଗ ହେଉଛି। ସୁବର୍ଣ୍ଣପୁର ଜିଲ୍ଲାର ଟୁଇଟର ବଏ ଭାବେ ପରିଚିତ ସାମାଜିକ କର୍ମୀ ଶ୍ରୀ ସର୍ଜନ କୁମାର ପାଣ୍ଡେ ଅଭିଯୋଗ କରିଛନ୍ତି। ଏବେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସୁଥିବା ବିଭିନ୍ନ ଅଭିଯୋଗ ଓ ସମାଧାନ ସମ୍ପର୍କରେ ଗ୍ରାମ୍ୟ ଜଳଯୋଗାଣ ବିଭାଗର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଏକ୍ସରେ ଉତ୍ତର ରଖିବା କୁ ଶ୍ରୀ ପାଣ୍ଡେ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ସୋଆ କୃଷି ମହାବିଦ୍ୟାଳୟରେ ଅଖିମୁଠି ଅନୁକୂଳ



**ଭୁବନେଶ୍ୱର,୨।୫ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ୍) ପକ୍ଷରୁ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଅଖି ମୁଠି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୃଷକମାନେ କୃଷି କାର୍ଯ୍ୟର ଶୁଭାରମ୍ଭ ନିମନ୍ତେ ଅକ୍ଷୟ ତୃତୀୟାକୁ ଶୁଭମୁହୂର୍ତ୍ତ ଭାବେ ବିବେଚନା କରିଥାନ୍ତି। ଏହି ପରିପ୍ରେକ୍ଷୀରେ ସୋଆ କୃଷି ମହାବିଦ୍ୟାଳୟରେ ଅଧ୍ୟୟନରତ ଓ ଗବେଷଣାରତ ଛାତ୍ରଛାତ୍ରୀମାନଙ୍କର ଅଧ୍ୟୟନ ନିମନ୍ତେ ଅଖିମୁଠି ଅନୁକୂଳ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଭୁବନେଶ୍ୱର ଉପକଣ୍ଠ ବିଂଝଗିରି ଅଞ୍ଚଳରେ ଥିବା ସୋଆ କୃଷି ଗବେଷଣା କେନ୍ଦ୍ର (ଏ.ଆର.ଏସ୍)ରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅଖି ମୁଠି ଅନୁକୂଳ କରିଥିଲେ। ଗବେଷଣାରତ ଛାତ୍ରଛାତ୍ରୀଙ୍କ ପାଇଁ ଏହା ଉପଯୋଗୀ ବୋଲି ପ୍ରଫେସର ନନ୍ଦ କହିଥିଲେ। ସୋଆର କୃଷି ବିଭାଗ ଛାତ୍ରଛାତ୍ରୀ ଓ ଚାଷୀଙ୍କ ଶିକ୍ଷା ତଥା ଗବେଷଣା ପାଇଁ ଏହି ଫାର୍ମ ରହିଛି। ଏହି ଫାର୍ମରେ ଧାନ ଚାଷ, ଡାଲି ଜାତୀୟ ଉତ୍ପାଦ, ପନିପରିବା, ଫୁଲ, ଫଳ ଇତ୍ୟାଦି ଚାଷ କରାଯାଉଛି। ଛାତ୍ରଛାତ୍ରୀମାନେ ନିଜେ ଚାଷ କରିବା ସହ ଏଠାରେ ଗବେଷଣା କରୁଛନ୍ତି। ଏହି ଗବେଷଣା ଚାଷୀଙ୍କ ପାଇଁ ଲାଭ ଦାୟକ ହେଉଥିବା ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ସୂଚନା ଦେଇଥିଲେ। ଅନୁକୂଳ ହେବା ପରେ ଧାନ ଚାଷ କରାଯିବା ସହ କିଛି ଡାଲି ଜାତୀୟ ଶସ୍ୟ ମଧ୍ୟ ଆରମ୍ଭ ହୋଇଛି। କେବଳ ଏକ ପ୍ରକାର ଚାଷ ନୁହେଁ ବହୁମୁଖି ଚାଷ ଉପରେ ଏଠାରେ ଗବେଷଣା କରାଯାଉଛି। ଏଠାରେ ଏକ ଆମ୍ବ ତୋଟା ରହିଥିବା ବେଳେ ବିଭିନ୍ନ ପ୍ରକାରର ପନିପରିବା ସହ ଫଳ ଓ ଫୁଲ ଗଛ ଲଗାଯାଇଛି। ଏହି ଫାର୍ମରେ ମକା, ମାଣ୍ଡିଆ, ଓଟ୍‌ସ ଓ ସପୁରି ଆଦି ଚାଷ କରାଯିବ ବୋଲି ଡିନ୍ ପ୍ରଫେସର ରାଉତ କହିଛନ୍ତି।

## ସଡକ ଦୁର୍ଘଟଣାରେ ୧ ମୃତ ଅନ୍ୟ ଜଣେ ଗୁରୁତର

**ବେତନଟୀ,୨।୫(ସଂଚାର ବ୍ୟୁରୋ):** ବେତନଟୀ ଥାନା ପୁରିନ୍ଦା ପଞ୍ଚାୟତ ଅଧୀନ ମସର୍ଦା ଛକ ନିକଟରେ ଗୁରୁବାର ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣାରେ ଜଣଙ୍କର ଶୋଚନୀୟ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣକ ହେଉଛନ୍ତି ଭୁରୁକୁଣ୍ଡି ଗ୍ରାମର ପୂର୍ଣ୍ଣଚନ୍ଦ୍ର ମହାନ୍ତ। ଘଟଣା ରୁ ପ୍ରକାଶ ପକ୍କାମିସ୍ତ୍ରୀ ଭାବରେ କାମ କରୁଥିବା ପୂର୍ଣ୍ଣଚନ୍ଦ୍ର ଓଡି -୧୧ପି -୫୦୪୦ ନମ୍ବର ବିଶିଷ୍ଟ ସ୍କୁଟି ଯୋଗେ ଆସୁଥିବା ବେଳେ ଓଡି -୧୧ଏକ୍ସ -୭୬୦୧ ନମ୍ବର ବିଶିଷ୍ଟ ମୋଟର ସାଇକେଲ ଯୋଗେ ଆସୁଥିବା ମୋରଡା ବ୍ଲକ ଜୁଆଳିଭଙ୍ଗା ପଞ୍ଚାୟତ ଅଧୀନ ଅଙ୍ଗାରିଆ ଗ୍ରାମର ଦେବାଶିଷ ମହାନ୍ତଙ୍କ ସହିତ ଧକ୍କା ହୋଇଥିଲା। ଦୁର୍ଘଟଣାରେ ଦେବାଶିଷ ଗୁରୁତର ଆହତ ହୋଇଥିବା ବେଳେ ପୂର୍ଣ୍ଣଚନ୍ଦ୍ରଙ୍କର ଘଟଣାସ୍ଥଳରେ ହିଁ ଶୋଚନୀୟ ମୃତ୍ୟୁ ଘଟିଥିଲା। ଖବରପାଇ ବେତନଟୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ମୋଟର ସାଇକେଲ ଜବତ କରିବା ସହିତ ମୃତଦେହ ଜବତକରି ଡାକ୍ତରଖାନାକୁ ଆଣି ଆଜି ତାର ଶବ ବ୍ୟବଚ୍ଛେଦ ହୋଇଛି। ଏପଟେ ଗୁରୁତର ଦେବାଶିଷଙ୍କୁ ପ୍ରଥମେ ବେତନଟୀ ଡାକ୍ତରଖାନା ପରେ ଅଧିକ ଗୁରୁତର ହେବାରୁ ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି ।

## ଆତଙ୍କବାଦୀ ଆକ୍ରମଣକୁ ପୁରୁଣା ପେନସନ ଅଭିଯାନ ଓଡିଶାର ନିନ୍ଦା

**ଭୁବନେଶ୍ୱର,୨।୫ (ସଂଚାର ବ୍ୟୁରୋ):** ପେହେଲଗାମ୍ ଆକ୍ରମଣରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ରାଜ୍ୟ ମୁଖ୍ୟ ଦପ୍ତର ନାଟାଲା ଠାରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ କ୍ୟାଣ୍ଡଲ ଶୋଭାଯାତ୍ରା ଓ ଦୀପ ଦାନ କରି ଜାମ୍ମୁକାଶ୍ମୀର ଆକ୍ରମଣକୁ ତୀବ୍ର ନିନ୍ଦା ସହ ସବୁ କର୍ମଚାରୀ ସରକାରଙ୍କ ସହ ଅଛନ୍ତି ବୋଲି ପ୍ରକାଶ କରିଥିଲେ। ଦିଲ୍ଲୀରେ ୧୦ ଲକ୍ଷରୁ ଉର୍ଦ୍ଧ୍ୱ କର୍ମଚାରୀ ପୁରୁଣା ପେନସନ ଆନ୍ଦୋଳନରେ ଯୋଗ ଦେଇଥାନ୍ତେ କିନ୍ତୁ ଆତଙ୍କବାଦୀଙ୍କ ଆକ୍ରମଣ ପରେ ଆନ୍ଦୋଳନକୁ ସ୍ଥଗିତ ରଖି ଦେଶର ସବୁ ରାଜ୍ୟର ଜିଲ୍ଲାରେ କ୍ୟାଣ୍ଡେଲ ମାର୍ଚ୍ଚ,ଦୀପ ଦାନ କରିବା ଲାଗି ନିଷ୍ପତ୍ତି ହୋଇଥିଲା ଶୋଭାଯାତ୍ରାରେ ପୁରୁଣା ପେନସନ ଅଭିଯାନ ମହାସଂଘର ରାଜ୍ୟ ସଭାପତି ବିଜୟ ମଲ୍ଲ, ସାଧାରଣ ସମ୍ପାଦକ ପ୍ରଜ୍ୟୋତ୍ନ ବରାଳ, ଉପଦେଷ୍ଟା ପ୍ରଭାତ ମହାନ୍ତି, ଉପସ୍ଥିତ ରହି ଏପରି ଘଟଣାକୁ ଦୃଢ ନିନ୍ଦା କରିଥିଲେ।




## ଏ୧ରେ ୧୦ ଛାତ୍ରଛାତ୍ରୀ, ବାଳିକା ହାଇସ୍କୁଲରୁ ସର୍ବାଧିକ ୪ ଜଣ



**ବେତନଟୀ,୨।୫(ସଂଚାର ବ୍ୟୁରୋ):** ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ବେତନଟୀ ବ୍ଲକ ଅନ୍ତର୍ଗତ ୩୬ ଟି ହାଇସ୍କୁଲ ଓ ଗୋଟିଏ ସଂସ୍କୃତ ଟୋଲ୍ ରୁ ମୋଟ ୧୦ ଜଣ ପିଲା ଏ୧ ଗ୍ରେଡ ପାଇଥିବା ଜଣାପଡ଼ିଛି। ବେତନଟୀ ବ୍ଲକ ଅଧୀନ ବାଳିକା ହାଇସ୍କୁଲ ର ୪ ଜଣ, ରାଇକମା ସ୍ଥିତ ରଘୁନାଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ୩ ଜଣ, ବେତନଟୀ ଏମପିସି ହାଇସ୍କୁଲ ର ୨ ଜଣ, ଜନତା ସନ୍ତରା ହାଇସ୍କୁଲ ର ଜଣେ ଏ ୧ ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ବାଳିକା ହାଇସ୍କୁଲ ର ଛାତ୍ରୀ ପ୍ରିୟଙ୍କା ମହାପାତ୍ର ସର୍ବୋଚ୍ଚ ୫୬୫ ନମ୍ବର ରଖି ବ୍ଲକ୍ ଟପ୍ପର ହୋଇଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ବାଳିକା ହାଇସ୍କୁଲ ର ସ୍ରିୟମ ସାହୁ ୫୬୦, ଏମ୍ ପି ସି ହାଇସ୍କୁଲ ର ଛାତ୍ର ଅଲିଭା ରାଉତ ୫୫୮, ବାଳିକା ର ଲିପ୍ସିତା ପରିଡ଼ା ୫୫୭, ରଘୁନାଥ ଉଚ୍ଚ ବିଦ୍ୟାଳୟ ରାଇକମା ର ଲଲାଟେନ୍ଦୁ ମହାନ୍ତ ୫୫୬, ଓମ୍ ପ୍ରକାଶ ପୃଷ୍ଟି ୫୫୨, କ୍ରିସ ଗୁପ୍ତା ୫୪୯, ବାଳିକା ର ଅଙ୍କିତ ମିଶ୍ର ୫୪୮, ଜନତା ହାଇସ୍କୁଲ ସନ୍ତରା ର ଛାତ୍ର ସୁଭମ ଓଝା ଓ ଏମ୍ ପି ସି ହାଇସ୍କୁଲ ର ଛାତ୍ର ଧନଞ୍ଜୟ ରାଉତ ୫୪୧ ନମ୍ବର ରଖି ବ୍ଲକ ରେ ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି।

● ଗ୍ରାମ୍ୟ କୃଷି ବିକାଶ ପରିଷଦ ପକ୍ଷରୁ

## ମୁଠି ଅନୁକୂଳ ଓ କୃଷକ ଦିବସ ପାଳନ



**କଣାସ,୨।୫(ସଂଚାର ବ୍ୟୁରୋ):** ଗ୍ରାମ୍ୟ କୃଷି ବିକାଶ ପରିଷଦ ପୁରୀ ପକ୍ଷରୁ ଗତ ଅକ୍ଷୟ ତୃତୀୟା ଦିନ କଣାସ ବ୍ଲକ ବେଣାଗାଁ ଗ୍ରାମରେ ମୁଠି ଅନୁକୂଳ ଓ କୃଷକ ଦିବସ ପାଳନ କରିଥିଲେ। ପୂର୍ବତନ ଦୁର୍ଗପତି ବିଷ୍ଣୁପଦ ଦାସ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସମ୍ପାଦକ ପ୍ରତାପ ପାହାନ୍ତାସିଂହ ସାଂପଦକୀୟ ବିବରଣୀ ପାଠ କରିଥିଲେ। ବ୍ରହ୍ମଗିରୀ ଆଇନଜୀବ ଭାସ୍କର ଜେନା କୃଷି ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡକ୍ଟର ଭୁବନାନନ୍ଦ ସ୍ୱାଇଁ, ଗୋପୀନାଥ ପଣ୍ଡା, ଶିକ୍ଷାବିତ ରମେଶ ଚନ୍ଦ୍ର ଉତରକବାଟ ଅତିଥୀ ଭାବେ ଯୋଗଦେଇ କୃଷକ ଦ୍ୱିବସ ଓ ମୁଠି ଅନୁକୂଳ ସମ୍ପର୍କରେ ଅନେକ ସୂଚନା ଦେଇଥିଲେ। ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ମହିଳା ଏବଂ ପୁରୁଷ ଉପସ୍ଥିତ ରହିଥିଲେ। ଶେଷରେ ଅଙ୍ଗନବାଡି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ସଂଯୁକ୍ତା ପାହାନ୍ତାସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ଫଟୋ ଇ ମେଲରେ ପଠାଗଲା

## ବ୍ଲକରେ ଏ୧ ଗ୍ରେଡରେ ୫ ଜଣ ଉତ୍ତୀର୍ଣ୍ଣ

**କଣାସ,୨।୫(ସଂଚାର ବ୍ୟୁରୋ):** ଆଜି ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଛି। କଣାସ ବ୍ଲକରୁ ୫ ଜଣ ଛାତ୍ରଛାତ୍ରୀ ଏ୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ନୀଳକଣ୍ଠଦେବ ବିଦ୍ୟାପୀଠ ତେନ୍ତୁଳିମୂଳର ସମିକ୍ଷା ମିଶ୍ର ୫୬୦ ନମ୍ବର ରଖିଥିବାବେଳେ ଶ୍ରୀ ଚନ୍ଦନେଶ୍ୱର ଉଚ୍ଚ ବିଦ୍ୟାଳୟ ଗଡ଼ଖାରଦର ଅନନ୍ୟା ସାହୁ ୫୫୫ ନମ୍ବର ରଖିଛନ୍ତି ସେହିପରି କୂଳମଣି ନୋଡାଲ ବିଦ୍ୟାପୀଠ ଅଡାଲ ବଡାଲର ଗଙ୍ଗୋତ୍ରୀ ବଳିୟାରସିଂହ ୫୫୧ ନମ୍ବର ରଖିଥିବାବେଳେ ସରକାରୀ ଉଚ୍ଚ ବିଦ୍ୟାଳୟ କଣାସର ଶୁଭମଜ୍ୟୋତି ସ୍ୱାଇଁ ୫୪୯ ନମ୍ବର ରଖିଛନ୍ତି। ନୀଳକଣ୍ଠ ଦେବ ବିଦ୍ୟାପୀଠ ତେନ୍ତୁଳିମୂଳର ଦେବଶ୍ରୀତା ମିଶ୍ର ୫୪୫ ନମ୍ବର ରଖି ଏ୧ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି।

# ଶାନ୍ତ ପଡ଼ିଲା ଫୁଡ଼ ଫାର୍ମିଂ ସଂକ୍ରାନ୍ତ ବିବାଦ

**ବୈଶିଙ୍ଗା,୨।୫ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ପୁରୁଣିଆ ପଞ୍ଚାୟତର ଅଙ୍ଗାରୁଆ ମୌଜାରେ ୪୦ ଏକର ଜମି ପରିମିତ ଅଞ୍ଚଳରେ ଏକ ପ୍ରସ୍ତାବିତ ଫୁଡ଼ ଫାର୍ମିଂ କରାଯିବାର ଯୋଜନା କୁ ନେଇ ଗତ ୨୮ ତାରିଖରେ ଉପୁଜିଥିବା ଏକ ଘଟଣାର ଆଜି ଗୁରୁବାର ବୈଠକରେ ଶାନ୍ତ ପଡ଼ିଥିବା ଜଣାଯାଇଛି। ଖବରରୁ ପ୍ରକାଶ ମୟୂରଭଞ୍ଜ ଜିଲ୍ଲା ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ଆନୁକୂଲ୍ୟରେ ଏହି ୪୦ ଏକର ଜମିରେ ଏକ ଫୁଡ଼ ଫାର୍ମିଂ କରିବା ପାଇଁ ବିଧାୟକଙ୍କ ପ୍ରସ୍ତାବ ଅନୁଯାଇ ସୋମବାର ସକାଳେ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପ୍ରକଳ୍ପ ପ୍ରଶାସକ ପ୍ରଣୟ ରଞ୍ଜନ ବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ ଗଙ୍ଗାଧର ପ୍ରଧାନ, ବେତନଟୀ ବିଡିଓ ଶୁଶାନ୍ତ କୁମାର ସୁତାର, ଅଧିକ୍ଷଣ ଯନ୍ତ୍ରୀ ସୌମ୍ୟାଶ୍ରୀ ଭୋଇ, ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସ ପୋଲିସ ଫୋର୍ସ ସହିତ ପହଞ୍ଚିଥିଲେ। ବିଧାୟକ ସନାତନ ବିଜୁଳି ମଧ୍ୟ ଉପସ୍ଥିତ ହୋଇଥିଲେ। କଣ କାର୍ଯ୍ୟ ହେବ, କେତେ ଟଙ୍କାର ପ୍ରକଳ୍ପ, କିଏ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏ ସବୁର କୌଣସି ଫଳକ କରାନଯାଇ କାର୍ଯ୍ୟ ଆରମ୍ଭ କରିବାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା ସଙ୍ଗେ ସଙ୍ଗେ ଖବର ପାଇ ଶତାଧିକ ଗ୍ରାମବାସୀ ରୁଣ୍ଡ ହୋଇଥିବାର ଦେଖିବାକୁ ମିଳିଥିଲା। ପୂର୍ବତନ ସରପଞ୍ଚ ବିଜୟ କୁମାର ପଣ୍ଡା ଏହି ଜମି ଉପରେ ଟ୍ରାକ୍ଟର ଲଗାଇ ହଳ କରୁଥିବା କୁ ଲୋକେ ବାରଣ କରିଥିଲେ। ଏହାର କାରଣ ଅଶୀ ଦଶକରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଶାସନ କାଳରେ ସେ ନିଜେ ଏହି ଜାଗାରେ ପହଞ୍ଚି ୪୦ ଏକର ଜମିକୁ ୨୫ ଜଣ ଚାଷୀମାନଙ୍କୁ ଚାଷ କରିବା ପାଇଁ ଲିଜ୍ ଦେବା ସହିତ ତାଙ୍କ ପାଇଁ ଘର ଏବଂ ଜଳସେଚନ ପାଇଁ ବ୍ୟବସ୍ଥା କରାଇଥିଲେ। ପର୍ଯ୍ୟାୟକ୍ରମେ ଚାଷ ବାସ ଆଉ ହେଲା ନାହିଁ। ଫଳରେ ଜମି ପଡ଼ିଆ ପଡ଼ିଥିଲେ ମଧ୍ୟ ଘର କରି ଦିଆଯାଇଥିବା ଚାଷୀ ମାନେ ଅଦ୍ୟାବଧି ରହିଛନ୍ତି। ହଠାତ୍ ଏପରି ଏକ ଘଟଣା କୁ ଦେଖି ସେମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ତେବେ ଆଜି କାହିଁକି ଏଭଳି ଉତ୍ତେଜନା ସୃଷ୍ଟି ହେଲା, ଏହା ପଛରେ କି ରାଜନୈତିକ ଶକ୍ତି କାମ କରୁଛି, ଏଥିପାଇଁ ଦାୟୀ କିଏ ବୋଲି ପ୍ରଶ୍ନ ଉଠିଥିଲା। ସେ ଦିନର ସିଦ୍ଧାନ୍ତ ଅନୁଯାଇ ଅଙ୍ଗାରୁଆ ପ୍ରାଥମିକ ବିଦ୍ୟାଳୟ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା, ଏହି ବୈଠକରେ ସୋମବାର ଉପସ୍ଥିତ ଥିବା ସମସ୍ତ ଅଧିକାରୀଙ୍କ ସମେତ ଆଜି ଏସଡିପିଓ ମିନତୀ ବିଶ୍ୱାଳ, ଅତିରିକ୍ତ ତହସିଲଦାର ଈଶ୍ୱର ଚନ୍ଦ୍ର ରଣା ଆଜି ଯୋଗ ଦେଇଥିଲେ।. ସରପଞ୍ଚ ସୁନ୍ଦର ମୋହନ ସିଂ, ସମିତି ସଭ୍ୟ ତଥା ବ୍ଲକ ଉପାଧ୍ୟକ୍ଷ ଦେବଦତ୍ତ ତିଆଡି ତଥା ପୂର୍ବରୁ ଏହି ଜମିର ଲିଜ୍ ଧାରୀ ଥିବା ଚାଷୀ ମାନେ ମଧ୍ୟ ଉପସ୍ଥିତ ହୋଇଥିଲେ।୪୦ ଏକର ବଦଳରେ ପ୍ରଥମେ ୧୮ ଏକର ଜମିରେ ଏହି ଫାର୍ମିଂ ହେବା ସହିତ ଏହାର ମାଲିକାନା ଗ୍ରାମପଞ୍ଚାୟତ ହାତରେ ରହିବ ବୋଲି ସିଦ୍ଧାନ୍ତ ନିଆଯାଇଥିଲା।



## ସିପକଟାକ୍ରୋ ଖେଳାଳୀଙ୍କ ପାଟଣା ଯାତ୍ରା

**ସୁନ୍ଦରଗଡ଼,୨।୫(ସଂଚାର ବ୍ୟୁରୋ):** ଓଡ଼ିଶା ସିପକଟାକ୍ରୋ ଦଳ ଗୁରୁବାର ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ କୁ ପହଞ୍ଚିଛନ୍ତି। ସେଠାରୁ କ୍ରୀଡ଼ା ଓ ଯୁବ ସେବା ବିଭାଗ ଓଡ଼ିଶା ସରକାରଙ୍କ ତରଫରୁ ଶନିବାର ସକାଳ ୭ ଟାରେ ଫ୍ଲାଇଟ ଯୋଗେ ବିହାର ରାଜ୍ୟର ପାଟଣା କୁ ଯାତ୍ରା କରିବେ। ଓଡ଼ିଶା ସିପକଟାକ୍ରୋ ଦଳରେ ସୁନ୍ଦରଗଡ଼ ଜିଲ୍ଲାର ମଧୁସ୍ମିତା ଭିତ୍ରୀଆ, ଶ୍ରୀୟା ଓରାମ, ଆଦର୍ଶ ମିଞ୍ଜ, ସୌମ୍ୟ ଓରାମ ଓ ଦେବ ମହାନନ୍ଦ ଚୟନ ହୋଇ ଯାଇଛନ୍ତି। ସମସ୍ତ ଖେଳାଳି କଟକ ବାରବାଟୀ ଷ୍ଟାଡିୟମ ସିପକଟାକ୍ରୋ ଖେଳ ପଡ଼ିଆରେ ଗତ ୧୯ ତାରିଖ ରୁ କ୍ୟାମ୍ପରେ ରହି ଅଭ୍ୟାସ କରୁଥିଲେ। ଦଳରେ କୋଚ୍, ମ୍ୟାନେଜର ଭାବରେ ଲକ୍ଷ୍ମୀ ପ୍ରିୟା ନାଏକ ଓ ବିକାଶ କୁମାର ରେଡ୍ଡୀ ଯାଇଛନ୍ତି। ସୁନ୍ଦରଗଡ଼ର ସମସ୍ତ ଖେଳାଳୀଙ୍କୁ କୋଚ୍ ଲିପ୍ସା ଷଡଙ୍ଗୀ ଉତ୍ତମ ତାଲିମ ପ୍ରଦାନ କରି ରାଜ୍ୟ ସ୍ତରକୁ ପଠାଇଥିଲେ।